# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ର ସମ୍ପାଦନ ସମୀକ୍ଷା
# ମାର୍ଚ୍ଚ 2021 ରେ ସମାପ୍ତ ବର୍ଷ ପାଇଁ

लोकहितार्थ सत्यनिष्ठा
Dedicated to Truth in Public Interest

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 6 ବର୍ଷ 2022*

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

ସମୀକ୍ଷା ପ୍ରତିବେଦନ

ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ର ସମ୍ପାଦନ ସମୀକ୍ଷା

ମାର୍ଚ୍ଚ **2021** ରେ ସମାପ୍ତ ବର୍ଷ ପାଇଁ

ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା* ***6*** *ବର୍ଷ* ***2022***

## ସୂଚୀପତ୍ର


| ଅନୁଚ୍ଛେଦ | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| | ମୁଖବନ୍ଧ | v |
| | କାର୍ଯ୍ୟନିର୍ବାହୀ ସାରାଂଶ | vii-ix |
| **ଅଧ୍ୟାୟ I** | **ଉପକ୍ରମ ଏବଂ ସମୀକ୍ଷା ର ଢାଞ୍ଚା** | |
| 1.1 | ପରିଚୟ | 01 |
| 1.2 | ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟା | 03 |
| 1.3 | ସାଙ୍ଗଠନିକ ସଂରଚନା | 03 |
| 1.4 | ସମୀକ୍ଷାର ଉଦ୍ଦେଶ୍ୟ | 04 |
| 1.5 | ସମୀକ୍ଷା ମାନଦଣ୍ଡ | 04 |
| 1.6 | ସମୀକ୍ଷା ପରିସର ଓ ପଦ୍ଧତି | 05 |
| 1.7 | ଅଧ୍ୟାୟଗୁଡିକର ବ୍ୟବସ୍ଥା | 05 |
| **ଅଧ୍ୟାୟ II** | **ଆର୍ଥିକ ପରିଚାଳନା** | |
| 2.1 | ପାଣ୍ଠିର ଆବଶ୍ୟକତାର ନିର୍ଦ୍ଧାରଣ | 07 |
| 2.2 | ପ୍ରାପ୍ତି ଓ ବ୍ୟୟ | 07 |
| 2.3 | କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ ର ଲାଗୁ ଏବଂ ସଂଗ୍ରହ | 08 |
| 2.4 | କେନ୍ଦ୍ରୀୟ ସହାୟତା ହରାଇବା | 10 |
| **ଅଧ୍ୟାୟ III** | **କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯୋଜନା ଏବଂ ରଣନୀତି** | |
| 3.1 | ଯୋଜନା | 11 |
| 3.2 | ସମନ୍ୱିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ନୀତି ଏବଂ ରଣନୀତି | 11 |
| 3.3 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା | 12 |
| 3.4 | ଯୋଜନା ରେ ସମସ୍ତ ହିତାଧିକାରୀ ଜଡିତ ନହେବା | 13 |
| 3.5 | କଠିନ ବର୍ଜ୍ୟବସ୍ତୁ ର ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ର ଅଣ ପ୍ରସ୍ତୁତି | 13 |
| 3.6 | ସେବାସ୍ତର ର ମାନଦଣ୍ଡ | 14 |
| 3.7 | ଦକ୍ଷତା ବିକାଶ | 15 |
| 3.8 | ବର୍ଜ୍ୟବସ୍ତୁର ଉତ୍ପାଦନ ଓ ନିର୍ଦ୍ଧାରଣ | 17 |
| 3.9 | ବର୍ଜ୍ୟବସ୍ତୁ ଉତ୍ପାଦକ ଗୁଡିକର ଅସଂପୂର୍ଣ୍ଣ ନିରୀକ୍ଷା | 18 |
| 3.10 | ଏମସିସିର ଡିଜାଇନ କ୍ଷମତାର ଭୁଲ ମୂଲ୍ୟାଙ୍କନ | 18 |
| 3.11 | ବର୍ଜ୍ୟବସ୍ତୁ କମ୍ କରିବା ପାଇଁ ପ୍ରୟାସର ଅଭାବ | 19 |
| **ଅଧ୍ୟାୟ IV** | **କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ , ସଂଗ୍ରହ ଏବଂ ପରିବହନ** | |
| 4.1 | କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ | 21 |
| 4.2 | କଠିନ ବର୍ଜ୍ୟବସ୍ତୁ ଗୁଡିକର ସଂଗ୍ରହ | 23 |
| 4.3 | କଠିନ ବର୍ଜ୍ୟବସ୍ତୁ ଗୁଡିକର ପରିବହନ | 28 |
| ଅଧ୍ୟାୟ **V** | **ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ** | |
| 5.1 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ | 33 |
| 5.2 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ନିଷ୍କାସନ | 40 |

| ଅନୁଚ୍ଛେଦ | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| **ଅଧ୍ୟାୟ VI** | **ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା** | |
| 6.1 | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା | 45 |
| 6.2 | ଇ-ବର୍ଜ୍ୟବସ୍ତୁ ପରିଚାଳନା | 48 |
| 6.3 | ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା | 50 |
| 6.4 | ଓଡିଶାରେ ସେପ୍‌ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ | 57 |
| 6.5 | କଂସେଇଖାନା ଗୁଡିକର ପରିଚାଳନା | 59 |
| 6.6 | ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା | 60 |
| **ଅଧ୍ୟାୟ VII** | **ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା** | |
| 7.1 | ସ୍ମାର୍ଟ ସିଟି ର ଉଦ୍ଦେଶ୍ୟ | 65 |
| 7.2 | ସ୍ମାର୍ଟ ସିଟି ପାଇଁ ଆନୁଷ୍ଠାନିକ କାର୍ଯ୍ୟାନ୍ୱୟନ | 65 |
| 7.3 | ରଣନୀତିକ କାର୍ଯ୍ୟ ଯୋଜନା | 65 |
| 7.4 | ଆର୍ଥିକ କାର୍ଯ୍ୟ ଯୋଜନା | 66 |
| 7.5 | ନାଗରିକ ଚାଳିତ କାର୍ଯ୍ୟ ଯୋଜନା | 66 |
| 7.6 | ବର୍ଜ୍ୟବସ୍ତୁ ପରିଚାଳନା ଉପାଦାନର କାର୍ଯ୍ୟାନ୍ୱୟନ | 66 |
| 7.7 | ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ର୍‍ୟାଙ୍କିଙ୍ଗ୍ ରେ ଅସ୍ଥିରତା | 68 |
| **ଅଧ୍ୟାୟ VIII** | **ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ** | |
| 8.1 | ବର୍ଜ୍ୟବସ୍ତୁ ପରିଚାଳନା ର ତଦାରଖ କରିବା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା | 71 |
| **ଅଧ୍ୟାୟ IX** | **ଉପସଂହାର ଏବଂ ସୁପାରିଶ** | |
| **9.1** | ଉପସଂହାର | 77 |
| **9.2** | ସୁପାରିଶ | 78 |

| ପରିଶିଷ୍ଟ | | |
|---|---|---|
| ପରିଶିଷ୍ଟ I | ସହରାଞ୍ଚଳ ରେ ବର୍ଜ୍ୟବସ୍ତୁ ର ପରିଚାଳନା ନିମନ୍ତେ ରାଜ୍ୟରେ ଥିବା ୟୁଏଲବି ଗୁଡିକର ସାଙ୍ଗଠନିକ ସଂରଚନା | 81 |
| ପରିଶିଷ୍ଟ II | ବିଭିନ୍ନ ପ୍ରକାରର ଆବର୍ଜନାର ପରିଚାଳନାକୁ ନିୟନ୍ତ୍ରଣ କରିବା ଲାଗି ରୁପରେଖା | 82 |
| ପରିଶିଷ୍ଟ III | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ 2015-16 ଠାରୁ 2019-20 ପର୍ଯ୍ୟନ୍ତ ପାଣ୍ଠିବିନିଯୋଗର ବିସ୍ତୃତ ବିବରଣୀ | 83 |
| ପରିଶିଷ୍ଟ IV | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ ର ବ୍ୟବହାର ଶୁଳ୍କ ବସାଇବା ଓ ଆଦାୟ ର ସ୍ଥିତି (2017-18 ଠାରୁ 2020-21) | 86 |
| ପରିଶିଷ୍ଟ V | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ସମ୍ପଦ- ଖର୍ଚ୍ଚ ମଧ୍ୟରେ ବ୍ୟବଧାନ ବୃଦ୍ଧି (2015-16 ଠାରୁ 2019-20) | 87 |
| ପରିଶିଷ୍ଟ VI | ଅଡିଟ୍ ଦ୍ୱାରା 2019-20 ପାଇଁ ହିସାବ କରାଯାଇଥିବା ଏବଂ ୟୁଏଲବି ଗୁଡିକ ଦ୍ୱାରା ଦର୍ଶାଯାଇଥିବା ମୁଣ୍ଡପିଛା ଆକଳନ ର ବିବିଧତା | 90 |
| ପରିଶିଷ୍ଟ VII | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏମସିସି ପାଇଁ ଆବଶ୍ୟକ ଥିବା ଓ ଯୋଗାଣ ପରିମାଣ ର କ୍ଷମତା | 91 |
| ପରିଶିଷ୍ଟ VIII | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଦୈନିକ ଝାଡୁ ହେଉଥିବା ରାସ୍ତାର କଭରେଜ୍ | 93 |
| ପରିଶିଷ୍ଟ IX | ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଘର କୁ ଘର ଆବର୍ଜନା ସଂଗ୍ରହ ପାଇଁ ଉପଲବ୍ଧ ବିଓଭି/ଏଲସିଭି ଗୁଡିକର ବିସ୍ତୃତ ବିବରଣୀ | 94 |
| ପରିଶିଷ୍ଟ X | 3 ଆର ପଦ୍ଧତି ଅନୁସରଣ ନ କରିବା ଯୋଗୁଁ ଡ୍ୟାମ୍ପଫିଲ୍ ମଧ୍ୟକୁ ପରିବହନ ହୋଇଥିବା ଅଧିକ ପରିମାଣ ଆବର୍ଜନା ଯୋଗୁଁ ଅତିରିକ୍ତ ଖର୍ଚ୍ଚ | 95 |
| ପରିଶିଷ୍ଟ XI | ଏସଡବ୍ଲୁଏମ ର ପ୍ରଚଳନ ର ତଦାରଖ ଲାଗି ନିର୍ଦ୍ଧାରିତ କମିଟିମାନଙ୍କର ସ୍ଥିତି | 96 |
| ପରିଶିଷ୍ଟ XII | ମାର୍ଚ୍ଚ 2020 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ କାର୍ଯ୍ୟକଳାପ ଲାଗି କର୍ମଚାରୀ ସଂଖ୍ୟା (ରୀତି ଅନୁଯାୟୀ ଅନୁମୋଦିତ ସଂଖ୍ୟା, ପ୍ରକୃତ ସଂଖ୍ୟା ଏବଂ ଖାଲିଥିବା ସଂଖ୍ୟା ) | 97 |
| ସଂକ୍ଷେପଣ ଗୁଡିକର ପରିଭାଷା | | 99-100 |

# ମୁଖବନ୍ଧ

ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ର ପରିଚାଳନା (ଏସଡବ୍ଲୁଏମ୍) ଆଜି ଆମ ଦେଶ ସମ୍ମୁଖିନ ହେଉଥିବା ସବୁଠୁ ବଡ ଆହ୍ୱାନମାନଙ୍କ ମଧ୍ୟରେ ଏକ ଭାବରେ ଉଭା ହୋଇଛି । ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଫଳାଫଳ ଦୃଷ୍ଟିରୁ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ରହିଛି । କଠିନ ବର୍ଜ୍ୟବସ୍ତୁର ପରିଚାଳନା ,କଠିନ ବର୍ଜ୍ୟବସ୍ତୁନିୟମ ଦ୍ୱାରା ପରିଚାଳିତ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯଥା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ, ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ, ଇ-ବର୍ଜ୍ୟବସ୍ତୁ , କଠିନ ବର୍ଜ୍ୟବସ୍ତୁ ନିୟମ ଦ୍ୱାରା ପରିଚାଳିତ ଏବଂ ନିର୍ଦ୍ଦିଷ୍ଟ ନିୟମ ଦ୍ୱାରା ଅନୁପୁରିତ ।

ରାଜ୍ୟରେ ଏସଡବ୍ଲୁଏମ ନିୟମ 2016 ର କାର୍ଯ୍ୟାନ୍ୱୟନ ପାଇଁ 114 ଟି ୟୁଏଲବି ଉତ୍ତରଦାୟୀ । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ବର୍ଜ୍ୟବସ୍ତୁ ର ଆନୁମାନିକ ଉତ୍ପାଦନ 2,208.60 ଟନ୍ ଦୈନିକ (ଟିପିଡି) ଥିଲା । ଉପରୋକ୍ତ ମଧ୍ୟରୁ 2,123.30 ଟିପିଡି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା ଏବଂ ସେ ମଧ୍ୟରୁ 202.40 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା ।

ଏହି ରିପୋର୍ଟରେ ଓଡିଶାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାର ଏକ ସମ୍ପାଦନ ସମୀକ୍ଷା ଫଳାଫଳ ରହିଛି ଯାହା ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରଭାବଶାଳୀ, ଦକ୍ଷ ଓ ମିତବ୍ୟୟୀ କି ନୁହେଁ ତାହା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟ ରେ କରାଯାଇଥିଲା ଏବଂ ସଚେତନାତା ସୃଷ୍ଟିର ପର୍ଯ୍ୟାପ୍ତତା, ଆଚରଣଗତ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ନାଗରିକଙ୍କ ଯୋଗଦାନ, ଅଭିଯୋଗ, ନାଗରିକ ଙ୍କ ପାଇଁ ପ୍ରତିକାର ପ୍ରଣାଳୀ, ପରିବେଶ ପ୍ରଭାବର ମୂଲ୍ୟାଙ୍କନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ପର୍ଯ୍ୟବେକ୍ଷଣ ପ୍ରଣାଳୀ ପର୍ଯ୍ୟାପ୍ତ ଓ ପ୍ରଭାବଶାଳୀ ଥିଲା କି ନୁହଁ ସେଗୁଡିକ ନିର୍ଦ୍ଧାରଣ କରାଯାଇଥିଲା ।

ଉପରୋକ୍ତ ସମୀକ୍ଷା ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ଏହି ସଂପାଦନ ସମୀକ୍ଷା ପାଇଁ ଚୟନରେ ରେ 21 ଟି ୟୁଏଲବି,21 ଟି ଜିଲ୍ଲା ସ୍ୱାସ୍ଥ୍ୟ ଯତ୍ନ ୟୁନିଟ୍, ରାଜ୍ୟ ଜଳଯୋଗାଣ ଏବଂ ସେ୍ୱରେଜ୍ ବୋର୍ଡ, ଓଡିଶା ଜଳ ନିଗମ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅର୍ନ୍ତଭୁକ୍ତ ଥିଲା ।

ଭାରତ ସମ୍ବିଧାନର ଧାରା 151 ଏବଂ ସିଏଜିଙ୍କ ଡିପିସି ନିୟମ 1971 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ଓଡିଶା ରାଜ୍ୟପାଳଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇଅଛି । ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା ସଂମ୍ପନ୍ନ କରାଯାଇଛି ।
ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# କାର୍ଯ୍ୟନିର୍ବାହୀ ସାରାଂଶ

## ପରିଚୟ ଏବଂ ସମୀକ୍ଷା କାର୍ଯ୍ୟ ଢାଞ୍ଚା

- ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ(ଏସଡବ୍ଲୁଏମ୍) ର ପରିଚାଳନା ଆଜି ଆମ ମ୍ୟୁନିସିପାଲିଟି ସାମନା କରୁଥିବା ସବୁଠୁ ବଡ ଆହ୍ୱାନମାନଙ୍କ ମଧ୍ୟରେ ଏକ ଭାବରେ ଉଭା ହୋଇଛି । ରାଜ୍ୟରେ ଏସଡବ୍ଲୁଏମ ନିୟମ,(ଏସଡବ୍ଲୁଏମ) 2016 ର କାର୍ଯ୍ୟାନ୍ୱୟନ ପାଇଁ 114 ଟି ସହରୀ ସ୍ଥାନୀୟ ସଂସ୍ଥା ଉତ୍ତରଦାୟୀ । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ବର୍ଜ୍ୟବସ୍ତୁ ର ଆନୁମାନିକ ଦୈନିକ ଉତ୍ପାଦନ 2,208.60 ଟନ୍ (ଟିପିଡି)ଥିଲା, ଯେତେବେଳେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ 45,339.40 ଟନ୍ ବାର୍ଷିକ (ଟିପିଏ), ନିର୍ମାଣ ଏବଂ ନିର୍ମାଣ ଭଗ୍ନାବଶେଷ ବର୍ଜ୍ୟ 1,646 ଟିପିଡି, ଇ-ବର୍ଜ୍ୟ ମାସିକ 396.77 ଟନ୍ ଏବଂ ବିଏମଡବ୍ଲୁ 179.93 ଟିପିଡି ହିସାବ କରାଯାଇଥିଲା ।

*(ଅନୁଚ୍ଛେଦ 1.1)*

- ବର୍ଜ୍ୟ ପରିଚାଳନା ବୈଜ୍ଞାନିକ ଉପାୟରେ ଦକ୍ଷତାର ସହ ପ୍ରଭାବଶାଳୀ, ମିତବ୍ୟୟୀ ଭାବେ ହେଉଅଛି କି ନାହିଁ ନିଶ୍ଚିତ କରିବାଲାଗି, ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ର ପରିଚାଳନା ଉପରେ ଏକ ସଂମ୍ପାଦନ ସମୀକ୍ଷା ଏପ୍ରିଲ୍ 2015 ଠାରୁ ମାର୍ଚ୍ଚ 2020 ମଧ୍ୟରେ କରାଯାଇଥିଲା । ସଂପାଦନ ସମୀକ୍ଷା ରୁ ଜଣାପଡିଲା ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା,କାର୍ଯ୍ୟାନ୍ୱୟନ ଏବଂ ପର୍ଯ୍ୟବେକ୍ଷଣରେ ଅନେକ ତୃଟି ରହିଛି ।
- ଅଡିଟ୍ ନିମନ୍ତେ 114 ଟି ୟୁଏଲବି ମଧ୍ୟରୁ , 5ଟି କର୍ପୋରେସନ, 10 ଟି ମ୍ୟୁନିସିପାଲିଟି ଏବଂ 6ଟି ବିଜ୍ଞାପିତ ଅଞ୍ଚଳ ପରିଷଦ କୁ ନେଇ ଗଠିତ 21 ଟି ୟୁଏଲବି ଏବଂ ଏହା ସହିତ ଦୁଇଟି ସ୍ମାର୍ଟ ସିଟି ଭୁବନେଶ୍ୱର ଏବଂ ରାଉରକେଲା ଚୟନ କରାଯାଇଥିଲା ।

*(ଅନୁଚ୍ଛେଦ 1.4 ଏବଂ 1.6)*

## ଆର୍ଥିକ ପରିଚାଳନା

- ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ଆର୍ଥିକ ବିବରଣୀ ଯାଞ୍ଚରୁ ଜଣାପଡିଲା ଯେ, ସେମାନେ ସରକାରଙ୍କ ଅନୁଦାନ ଉପରେ ନିର୍ଭରଶୀଳ । ୟୁଏଲବି ଗୁଡିକରେ ଏସଡବ୍ଲୁଏମ ଲାଗି ଖର୍ଚ୍ଚ ସେମାନଙ୍କ ମୋଟ ଖର୍ଚ୍ଚର 11 ଏବଂ 16 ପ୍ରତିଶତ ମଧ୍ୟରେ ଥିଲା ।

*(ଅନୁଚ୍ଛେଦ 2.2)*

- କଠିନ ବର୍ଜ୍ୟବସ୍ତୁ ର ସଂଗ୍ରହ, ପରିବହନ ଏବଂ ନିଷ୍କାସନ ଲାଗି ବ୍ୟବହାରିକ ଶୁଳ୍କ ଲାଗୁହେବାର ଥିଲା । ବର୍ଜ୍ୟ ପରିଚାଳନାର ବାଇ-ଲ ଘର ମାନଙ୍କରୁ ସଂଗ୍ରହ ହେବାକୁ ଥିବା ବ୍ୟବହାରିକ ଶୁଳ୍କ ର ଦର ପ୍ରଦାନ କରେ । ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା 21 ଟି ୟୁଏଲବି ମଧ୍ୟରୁ କେବଳ ସାତଟି ୟୁଏଲବି 2017-21 ମଧ୍ୟରେ ବ୍ୟବହାରିକ ଶୁଳ୍କ ସଂଗ୍ରହ କରିଥିଲେ ।

*(ଅନୁଚ୍ଛେଦ 2.3)*

- ଛଅଟି ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ରେ ଭାରତୀୟ ରେଲୱେ ର ନିୟନ୍ତ୍ରଣ ରେ ଥିବା ଅଞ୍ଚଳ ମ୍ୟୁନିସିପାଲିଟି ସହର ପରିସର ମଧ୍ୟରେ ଥିଲା । ରେଲୱେ ପରିସରରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟ ମ୍ୟୁନିସିପାଲିଟି ଗୁଡିକୁ ହସ୍ତାନ୍ତର କରାଯାଉଥିଲା । ତଥାପି, କୌଣସି ବି ୟୁଏଲବି ଭାରତୀୟ ରେଲୱେ ପରିସର ରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟ ନିମନ୍ତେ ବ୍ୟବହାରିକ ଶୁଳ୍କ ସଂଗ୍ରହ କରୁନଥିଲେ ।

*(ଅନୁଚ୍ଛେଦ 2.3.1)*

- ବର୍ଜ୍ୟ ପରିଚାଳନା ର ବାଇ-ଲ ମଧ୍ୟ କଠିନ ବର୍ଜ୍ୟବସ୍ତୁକୁ ରାସ୍ତାରେ ପକାଇବା ଯୋଗୁଁ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ ପାଇଁ ଦର୍ଶାଏ । ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁଏଲବି ମଧ୍ୟରୁ କୌଣସି ୟୁଏଲବି ବ୍ୟକ୍ତିଗତ ଘର,ସମ୍ପ୍ରଦାୟ ଭିତ୍ତିକ ସଂଗଠନ (ସିବିଓସ), ମାର୍କେଟ୍ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଇତ୍ୟାଦି ଠାରୁ ରାସ୍ତାରେ ମଇଳା ପକାଇବା ଯୋଗୁଁ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ କରିନାହାନ୍ତି ।

*(ଅନୁଚ୍ଛେଦ 2.3.2)*

- ଏଫ୍‌ଏଫ୍‌ସି ର ସର୍ତ୍ତ ଅନୁଯାୟୀ, ସେବା ସ୍ତରୀୟ ବେଞ୍ଚମାର୍କ ହାସଲ ନହେବା ଏବଂ ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତ ନହେବା ଯୋଗୁଁ ୟୁଏଲବି ଗୁଡିକ 333.58 କୋଟି କେନ୍ଦ୍ରୀୟ ସହାୟତା ପାଇଲେ ନାହିଁ ।

*(ଅନୁଚ୍ଛେଦ 2.4)*

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଯୋଜନା ଏବଂ ରଣନୀତି

- ଏସଡବ୍ଲୁଏମ ନିୟମ 2016 ( 8ଏପ୍ରିଲ 2016 ରେ ଅଧିସୂଚିତ) ନିର୍ଦ୍ଧାରିତ କରେ ଯେ ରାଜ୍ୟ ସରକାର ଏହି ନିୟମ ଅଧିସୂଚିତ ହେବାର ଏକ ବର୍ଷ ମଧ୍ୟରେ ଏସଡବ୍ଲୁଏମ ନିମନ୍ତେ ଏକ ରାଜ୍ୟ ଯୋଜନା ଏବଂ ରଣନୀତି ପ୍ରସ୍ତୁତ କରିବେ । ତଥାପି, ଫେବୃଆରୀ 2022 ସୁଦ୍ଧା, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏକିକୃତ ଏସଡବ୍ଲୁଏମ ଲାଗି ରାଜ୍ୟ ଯୋଜନା ଅଧିସୂଚିତ କରିନଥିଲେ ।

*(ଅନୁଚ୍ଛେଦ 3.2)*

- ଯେହେତୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁଏଲବି ଗୁଡିକ ସ୍ୱଳ୍ପ ମିଆଦି କିମ୍ବା ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ, ୟୁଏଲବି ଗୁଡିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଭିତ୍ତିକ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦ୍ୱାରା ପରିଚାଳିତ ହୋଇଥିଲା ।

*(ଅନୁଚ୍ଛେଦ 3.3.1)*

- କୌଣସି ବି ୟୁଏଲବି ଗୃପ ହାଉସିଂ ସୋସାଇଟି କିମ୍ବା ମାର୍କେଟ୍ କଂପ୍ଲେକ୍ସ ର ନିର୍ମାଣ ପ୍ଲାନିଂରେ କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା ବ୍ୟବସ୍ଥା ଲାଗୁ କରିବା ସୁନିଶ୍ଚିତ କରିନଥିଲେ । ତେଣୁ, ବର୍ଜ୍ୟ ପରିଚାଳନା ରେ ସଂପ୍ରଦାୟ ର ଯୋଗଦାନ ସୁନିଶ୍ଚିତ ହେଲାନାହିଁ ।

*(ଅନୁଚ୍ଛେଦ 3.3.2)*

- ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି ଏସଡବ୍ଲୁଏମ ଲାଗି ଡିପିଆର ପ୍ରସ୍ତୁତ କରିନଥିଲେ । ଡିପିଆର ର ଅନୁପସ୍ଥିତିରେ ନିର୍ଦ୍ଧାରିତ ମୁଣ୍ଡପିଛା ଉତ୍ପନ୍ନ ବର୍ଜ୍ୟର ପରିମାଣ, ବର୍ଜ୍ୟ ପ୍ରକ୍ରିୟାକରଣର ଆକଳିତ କ୍ଷମତା ହାସଲ, ଆକସ୍ମିକ ପରିସ୍ଥିତି ପାଇଁ ବର୍ଜ୍ୟ ପରିଚାଳନା ଯୋଜନା, 3ଆର ପଦ୍ଧତି ପ୍ରଣୟନ ପାଇଁ ରଣନୀତି, ହିତାଧିକାରୀଙ୍କୁ ଯୋଜନା ପ୍ରସ୍ତୁତିରେ ଏବଂ ଆବର୍ଜନା ଉଠାଳି ମାନଙ୍କୁ ବର୍ଜ୍ୟ ପରିଚାଳନାରେ ସାମିଲ କରିବା ଅଡିଟ୍ ରେ ନିର୍ଦ୍ଧାରିତ ହୋଇପାରିଲା ନାହିଁ ।

*(ଅନୁଚ୍ଛେଦ 3.5)*

- ମାର୍ଚ୍ଚ 2021 ସୁଦ୍ଧା ଓଡିଶା ସରକାର ବର୍ଜ୍ୟର ନିବାରଣ, ହ୍ରାସ, ପୁନଃବ୍ୟବହାର ଏବଂ ପୁନରାବର୍ତ୍ତନ ନିମନ୍ତେ କୌଣସି ରଣନୀତି/ଯୋଜନା କରିବା ଲାଗି ପଦକ୍ଷେପ ନେଇନାହାନ୍ତି ଫଳରେ 90 ପ୍ରତିଶତ ବର୍ଜ୍ୟ ବିନା ପ୍ରକ୍ରିୟା କରଣ ହୋଇ ଲ୍ୟାଣ୍ଡଫିଲ/ଡମ୍ପିଂୟାର୍ଡରେ ଜମାହୋଇ ରହୁଥିଲା ।

*(ଅନୁଚ୍ଛେଦ 3.11)*

## କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ, ସଂଗ୍ରହ ଏବଂ ପରିବହନ

- ଏହା ଦେଖାଗଲା ଯେ ଉତ୍ସରେ ପୃଥକ୍‌କରଣତା ଯାଞ୍ଚ ହୋଇଥିବା 21 ଟି ୟୁଏଲବି ଗୁଡିକ ମଧ୍ୟରେ ସୀମିତ ଥିଲା । ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ମଧ୍ୟ ଅଧିସୂଚିତ ନହେବା ଯୋଗୁଁ ଲ୍ୟାଣ୍ଡଫିଲରେ ପକାଯାଉଥିଲା ।

*(ଅନୁଚ୍ଛେଦ 4.1.2)*

- 3ଆର ପଦ୍ଧତି ଅନୁସରଣ ନହେବା ଯୋଗୁଁ ମୁଣ୍ଡ ପିଛା ବର୍ଜ୍ୟ ଉତ୍ପାଦନ ସିପିସିବି ରୀତି ଅନୁଯାୟୀ 413 ଗ୍ରାମ୍/ଦୈନିକ ସ୍ଥଳେ 2017-18 ରେ 423 ଗ୍ରାମ୍ /ଦୈନିକ ରୁ 2019-20 ରେ 580 ଗ୍ରାମ୍ / ଦୈନିକ କୁ ବୃଦ୍ଧି ହୋଇଥିଲା ।

*(ଅନୁଚ୍ଛେଦ 4.3.2.4)*

## ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ର ପ୍ରକ୍ରିୟାକରଣ ଏବଂ ନିଷ୍କାସନ

- ପରୀକ୍ଷାଯାଞ୍ଚ ହୋଇଥିବା 11ଟି ୟୁଏଲବି ଗୁଡିକରେ ଲ୍ୟାଣ୍ଡଫିଲ୍ ଠାରୁ 200 ମିଟର ମଧ୍ୟରେ ଏବଂ ଚାରୋଟି ୟୁଏଲବିରେ ବଫରଜୋନ ଠାରୁ 500 ମିଟର ମଧ୍ୟରେ ଜନବସତି ଗଢିଉଠିଥିଲା ଯାହା ସମ୍ଭାବ୍ୟ ସ୍ୱାସ୍ଥ୍ୟପ୍ରତି

ବିପଦ ସୃଷ୍ଟି କରୁଥିଲା । ପାଞ୍ଚଟି ୟୁଏଲବିରେ ଲ୍ୟାଣ୍ଡଫିଲ୍ ଗୁଡିକ ବିମାନ ବନ୍ଦର/ବିମାନ ଆଡ୍ଡା ଠାରୁ 20 କି.ମି ମଧ୍ୟରେ ଥିଲା ।

***(ଅନୁଚ୍ଛେଦ 5.1.2.2)***

**ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ଗୃହ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା**

- ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନକୁ ଛାଡି ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି ପିଏମଡବ୍ଲୁ ନିୟମ ର ବ୍ୟବସ୍ଥା କୁ ମିଶାଇ ବାଇ-ଲ ପ୍ରସ୍ତୁତ କରିନାହାନ୍ତି । ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନର ବାଇ-ଲ ମାର୍ଚ୍ଚ 2021 ସୁଦ୍ଧା ଅନୁମୋଦିତ ହୋଇନାହିଁ ।

***(ଅନୁଚ୍ଛେଦ 6.1.1)***

- ପ୍ଲାଷ୍ଟିକ୍ ବର୍ଜ୍ୟ ପିଡବ୍ଲୁଡିକୁ ହସ୍ତାନ୍ତର କରାଯାଇନଥିଲା, ଯିଏ ତାକୁ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥାନ୍ତେ ।

***(ଅନୁଚ୍ଛେଦ 6.1.3)***

- ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ପାଇଁ ୟୁଏଲବି ଗୁଡିକର ବାଇ-ଲ ରେ ଦର୍ଶାଯାଇଥିବା ଅନୁଯାୟୀ ସମସ୍ତ ବର୍ଜ୍ୟ ଉତ୍ପନ୍ନକାରୀ ବ୍ୟବହାର ଶୁଳ୍କ ଦେବା ଉଚିତ୍ । କୌଣସି ବି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଲାଗି ବାଇ-ଲ ପ୍ରସ୍ତୁତ କରିନଥିଲେ କିମ୍ବା ପ୍ଲାଷ୍ଟିକ୍ ବର୍ଜ୍ୟ ଲାଗି ବ୍ୟବହାର ଶୁଳ୍କ ସଂଗ୍ରହ କରିନଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଲାଗି ବାଇ-ଲ ଗଠନ /ପ୍ରଣୟନ ନ କରିବା ଯୋଗୁଁ ୟୁଏଲବି ଗୁଡିକର ରାଜସ୍ୱହାନି ହୋଇଥିଲା ।

***(ଅନୁଚ୍ଛେଦ 6.1.5)***

**ସ୍ମାର୍ଟସିଟି ଗୁଡିକରେ କଠିନ ବର୍ଜ୍ୟବସ୍ତୁର ପରିଚାଳନା**

- ଅଡିଟ୍ ନିରୀକ୍ଷଣ କଲା ଯେ 2015-20 ମଧ୍ୟରେ 2,956 ଟିପିଡି କଠିନ ବର୍ଜ୍ୟବସ୍ତୁ ଏବଂ 35,057 ଟିପିଏ ପ୍ଲାଷ୍ଟିକ୍ ବର୍ଜ୍ୟ ବିନା ପ୍ରକ୍ରିୟାକରଣ ରେ ଲ୍ୟାଣ୍ଡଫିଲ୍ ରେ ଜମା କରାଯାଇଥିଲା । ସେହିପରି, 2018-20 ମଧ୍ୟରେ ସ୍ମାର୍ଟ ସିଟି ଗୁଡିକରେ ସଂଗୃହିତ ହୋଇଥିବା 134 ଟିପିଏ ସି ଏବଂ ଡି ବର୍ଜ୍ୟ ବିନା ପ୍ରକ୍ରିୟାକରଣ ରେ ଲ୍ୟାଣ୍ଡଫିଲ୍ କୁ ଛଡାଯାଇଥିଲା ।

***(ଅନୁଚ୍ଛେଦ 7.6)***

- ଭୁବନେଶ୍ୱର ଏବଂ ରାଉରକେଲା ସ୍ମାର୍ଟ ସିଟିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟବହାର ଶୁଳ୍କ ଆଦାୟ କରାଯାଇନଥିଲା । ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ ମଧ୍ୟ ମାର୍ଚ୍ଚ 2021 ସୁଦ୍ଧା ବ୍ୟବହାର ଶୁଳ୍କ ସଂଗ୍ରହ କରିନଥିଲେ , ପରନ୍ତୁ , ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ ମଇ 2020 ଠାରୁ ବ୍ୟବହାର ଶୁଳ୍କ ଆଦାୟ ଆରମ୍ଭ କରିଛି ।

***(ଅନୁଚ୍ଛେଦ 7.6.2)***

**ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ର ମୂଲ୍ୟାୟନ ଏବଂ ପର୍ଯ୍ୟବେକ୍ଷଣ**

- ଏସଏଲଏବି ଦ୍ୱାରା ଏସଡବ୍ଲୁଏମ ପ୍ରକଳ୍ପ ଗୁଡିକର ନିର୍ବାହ ଏବଂ ଏସଡବ୍ଲୁଏମ ନିୟମର ଉନ୍ନତି ଲାଗି ନିଆଯାଇଥିବା ପଦକ୍ଷେପ ଗୁଡିକର ପରୀକ୍ଷା ଲାଗି 2017-20 ମଧ୍ୟରେ ନଗର ଉନ୍ନୟନ ବିଭାଗ ଦ୍ୱାରା କୌଣସି ବୈଠକର ଆୟୋଜନ ହୋଇନଥିଲା ଯାହା ରାଜ୍ୟସ୍ତରୀୟ ସଂସ୍ଥା ଗୁଡିକ ଦ୍ୱାରା ଦୁର୍ବଳ ତଦାରଖ କୁ ଦର୍ଶାଉଥିଲା ।

***(ଅନୁଚ୍ଛେଦ 8.1.1)***

# ଅଧ୍ୟାୟ - I

# ଉପକ୍ରମ ଏବଂ ସମୀକ୍ଷା ର ଢାଞ୍ଚା

# ଅଧ୍ୟାୟ I

## ଉପକ୍ରମ ଏବଂ ସମୀକ୍ଷା ର ଢାଞ୍ଚା

### 1.1 ଉପକ୍ରମ

ବର୍ଜ୍ୟବସ୍ତୁ ହେଉଛି ସାମଗ୍ରୀ ଯାହାକି ଉତ୍ପାଦନ,ରୂପାନ୍ତର କିମ୍ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରିହେବ ନାହିଁ ଏବଂ ଏହାକୁ ନିଷ୍କାସିତ କରିବା ଦରକାର । ବର୍ଜ୍ୟବସ୍ତୁ ସାଧାରଣତଃ ସେମାନଙ୍କ ଗୁଣ ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ , ହସପିଟାଲ-ଜୈବ ବର୍ଜ୍ୟବସ୍ତୁ , ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ , ଇ-ବର୍ଜ୍ୟବସ୍ତୁ , ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, କ୍ଷତିକାରକ ବର୍ଜ୍ୟବସ୍ତୁ ଇତ୍ୟାଦି ରେ ବିଭକ୍ତ । ସେମାନଙ୍କ ଲକ୍ଷଣ କୁ ଆଧାର କରି ସେଗୁଡିକୁ ମଧ୍ୟ ବାୟୋଡିଗ୍ରେଡେବଲ, ଅଣ-ବାୟୋଡିଗ୍ରେଡେବଲ, ଦହନୀୟ, ଶୁଖିଲା ଏବଂ ନିଷ୍କ୍ରିୟ ଭାବେ ଶ୍ରେଣୀଭୁକ୍ତ କରାଯାଏ ।

ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଆଜି ଆମ ମ୍ୟୁନିସିପାଲିଟି ସାମ୍ନା କରୁଥିବା ସବୁଠୁ ବଡ ଆହ୍ୱାନ ଭାବରେ ଉଭା ହୋଇଛି । ଦ୍ରୁତ ସହରୀକରଣ ଦ୍ୱାରା ପରିସ୍ଥିତି ଆହୁରି ତିବ୍ର ହୋଇଛି । ଡମ୍ପିଂକୁ ହଟାଇବା ଏବଂ ବିପଦଜନକ ରାସାୟନିକ ପଦାର୍ଥ ଏବଂ ସାମଗ୍ରୀ ନିର୍ଗତ କୁ କମାଇବା , ବିଶୋଧିତ ବର୍ଜ୍ୟଜଳର ଅନୁପାତକୁ ଅଧା କରିବା ଏବଂ ବିଶ୍ୱବ୍ୟାପୀ ପୁନଃ ବ୍ୟବହାର ଏବଂ ନିରାପଦ ପୁନଃ ବ୍ୟବହାରକୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ । ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଫଳାଫଳ ଦୃଷ୍ଟିରୁ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ରହିଛି । ଏହା ବ୍ୟତିତ ଆଖପାଖର ସୌନ୍ଦର୍ଯ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଥାଏ ।

ରାଜ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର କାର୍ଯ୍ୟକାରିତା ପାଇଁ 114 ଟି ୟୁଏଲବି ଉତ୍ତରଦାୟୀ ଅଟନ୍ତି । ଏହି ୟୁଏଲବି ଗୁଡିକରେ 2019-20 ମଧ୍ୟରେ ଆନୁମାନିକ ଦୈନିକ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ହେଉଛି 2,208.60 ଟନ୍(ଟିପିଡି) । ଉପରୋକ୍ତ ମଧ୍ୟରୁ 2,123.30 ଟିପିଡି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା, ଏବଂ 202.40 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା । **ରାଜ୍ୟରେ କୌଣସି ସାନିଟାରୀ ଲ୍ୟାଣ୍ଡଫିଲ ନଥିଲା ଏବଂ ଖୋଲା ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ପକାଯାଉଛି ।**

ବାର୍ଷିକ 45,339.40 ଟନ୍ (ଟିପିଏ) ପ୍ଲାଷ୍ଟିକ୍ ମଧ୍ୟରୁ ଏବଂ ନିର୍ମାଣ ଓ ଭଙ୍ଗା ବର୍ଜ୍ୟବସ୍ତୁର 1,646 ଟିପିଡି ମଧ୍ୟରୁ , ପ୍ଲାଷ୍ଟିକ୍ ର 45,055 ଟିପିଏ ପ୍ଲାଷ୍ଟିକ୍ ଏବଂ 1,646 ଟିପିଡି ନିର୍ମାଣ ଓ ଭଙ୍ଗା ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ରେ ପକାଯାଉଥିଲା । **ଯେହେତୁ ରାଜ୍ୟରେ କୌଣସି ସୀକୃତିପ୍ରାପ୍ତ ରିସାଇକ୍ଲର କିମ୍ବା ପୁନଃ ନିର୍ମାଣକାରୀ ନଥିବାରୁ ମାସିକ 396.77 ଟନ୍ ମଧ୍ୟରୁ ପୁନଃ ବ୍ୟବହାର କରାଯାଉଥିବା ଇ-ଆବର୍ଜନା ସମ୍ବନ୍ଧୀୟ ସୂଚନା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ଉପଲବ୍ଧ ନଥିଲା ।**

2019-2020 ମଧ୍ୟରେ ଉତ୍ପନ୍ନ ହୋଇଥିବା 179.93 ଟିପିଡି ବିଏମଡବ୍ଲୁ ମଧ୍ୟରୁ 174.06 ଟିପିଡି ପ୍ରକ୍ରିୟାକରଣ କରାଯାଇଥିଲା ଏବଂ 5.87 ଟିପିଡି ପ୍ରକ୍ରିୟାକରଣ ହୋଇନଥିଲା ।

ପରିବେଶ ସୁରକ୍ଷା ଅଧିନିୟମ, 1986, ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ପାଇଁ ଏକ ଆଇନଗତ ଢାଞ୍ଚା ପ୍ରଦାନ କରେ । ବୈଜ୍ଞାନିକ ପଦ୍ଧତିରେ[1] ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ବ୍ୟବହାର କରି ପ୍ରଦୂଷଣ ର ପ୍ରତିରୋଧ, ନିୟନ୍ତ୍ରଣ କିମ୍ବା ହ୍ରାସ ପାଇଁ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟ ରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଇଏଫସିସି) ସେପ୍ଟେମ୍ବର 2000 ରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ନିୟନ୍ତ୍ରଣ) (ଏମଏସଡବ୍ଲୁ) ନିୟମ 2000 ବିଜ୍ଞପ୍ତି ପ୍ରକାଶ କଲା । କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଏମଏସଡବ୍ଲୁ ନିୟମ 2000 ସ୍ଥାନ ଅଧିକାର କଲା । ଓଡିଶା ମ୍ୟୁନିସିପାଲିଟି ଅଧିନିୟମ 1950 ର ଧାରା 221 ଏବଂ ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଅଧିନିୟମ , 2003 ର ଧାରା 339 ରୁ 345 ୟୁଏଲବି ର ଏକ ବାଧ୍ୟତା ମୂଳକ କାର୍ଯ୍ୟ ଭାବରେ କଠିନ ବର୍ଜ୍ୟବସ୍ତୁ କୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛି । ଭାରତ ସରକାର ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (ଏସଏଫସି)

[1] ବୈଜ୍ଞାନିକ ପଦ୍ଧତିରେ କଠିନ ବର୍ଜ୍ୟବସ୍ତୁ ର ନିଷ୍କାସନ କରିବା ନିମନ୍ତେ ପ୍ରଥମେ ବର୍ଜ୍ୟବସ୍ତୁ କୁ ଦୁଇଭାଗ ରେ ( ଜୈବ-ପଚନଶୀଳ ଏବଂ ଅପଚନୀୟ ପଦାର୍ଥ) ବିଭକ୍ତ କରିବା ଦରକାର । ପରିମଳ କର୍ମଚାରୀ ମାନଙ୍କୁ ପ୍ରଥମେ ଉତ୍ସରୁ ବର୍ଜ୍ୟ ପଦାର୍ଥ ଗୁଡିକର ପୃଥକିକରଣ ଲାଗି ପ୍ରଶିକ୍ଷଣ ଦେବା ଦରକାର । ଜୈବ-ପଚନଶୀଳ ପଦାର୍ଥ ଗୁଡିକୁ ଏମସିସି/ଭର୍ମି କମ୍ପୋଷ୍ଟ ପ୍ଲାଣ୍ଟ ଦ୍ୱାରା ଖତ / ସାର କୁ ପରିବର୍ତ୍ତୀତ କରାଯାଏ । ଜୈବ - ପଚନଶୀଳ ହେଉନଥିବା ପଦାର୍ଥ ଗୁଡିକୁ ପରିମଳ ଲ୍ୟାଣ୍ଡଫିଲ କୁ ପଠାଇ ଏକ ପତଳା ମାଟିର ସ୍ତର ଦିଆଯାଏ । ଜିଓଓ ଜୁଲାଇ 2019 ରୁ ଉପରୋକ୍ତ ପ୍ରକ୍ରିୟାର ଜନାଦେଶ ଜାରୀ କରିଛି ।

ମଧ୍ୟ ଜଳ ଯୋଗାଣ, ସେରେଜ୍ ଏବଂ ବର୍ଷା ପ୍ଲାବିତ ଜଳ ନିଷ୍କାସନ ବ୍ୟତୀତ ସହରୀ ସେକ୍ଟରରେ ନାଗରିକ ସେବାର ଅନ୍ୟତମ ମୂଳକ୍ଷେତ୍ର ଭାବରେ କଠିନ ବର୍ଜ୍ୟବସ୍ତୁକୁ ଚିହ୍ନଟ କରିଛି । ମ୍ୟୁନିସିପାଲଟି କଠିନ ବର୍ଜ୍ୟବସ୍ତୁ ନିୟମ 2000 ଧାର୍ଯ୍ୟକରେ ଯେ ପ୍ରତ୍ୟେକ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକିକରଣ , ସଂରକ୍ଷଣ, ପରିବହନ,ପ୍ରକ୍ରିୟାକରଣ ଏବଂ ବିସର୍ଜନ ପାଇଁ ଦାୟୀ ରହିବେ । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରହଣ କରାଯିବାକୁ ଥିବା ମୌଳିକ ନୀତି ହେଉଛି 3 ଆର[2] ଯାହା ହ୍ରାସ, ପୁନଃ ବ୍ୟବହାର ଏବଂ ପୁନଃପ୍ରକ୍ରିୟାକରଣ ଅଟେ ।

ଏହି ସଂପାଦନ ସମୀକ୍ଷା ଉପରୋକ୍ତ ନୀତି ଗୁଡିକ ପାଳନର ନିଶ୍ଚିତତା କୁ ପାଇବାକୁ ଚେଷ୍ଟାକରିବ । ଅଳିଆ ଆବର୍ଜନା ସଂଗ୍ରହ ସେବା ଜନସାସ୍ଥ୍ୟ ଏବଂ ସହରର ସୌନ୍ଦର୍ଯ୍ୟକରଣ ଉପରେ ପ୍ରଭାବ ପକାଉଥିବାରୁ କଠିନ ବର୍ଜ୍ୟବସ୍ତୁ ଏକ ଆହ୍ୱାନପୂର୍ଣ୍ଣ ବିଷୟ । ସମୟ ସହିତ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ବୃଦ୍ଧି ଯୋଗୁଁ, ପୁନଃ ବ୍ୟବହାରକୁ ସ୍ୱୀକୃତି ଦିଆଯିବା ଏବଂ ଉପଯୁକ୍ତ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ବହୁଳ ଭାବରେ ଗ୍ରହଣୀୟ ବର୍ଜ୍ୟବସ୍ତୁ ପରିଚାଳନା କ୍ରମକୁ ନିମ୍ନରେ ଚିତ୍ରଣ କରାଯାଇଛି :




[2] 3 ଆର: କମେଇବା - ଅନାବଶ୍ୟକ ବର୍ଜ୍ୟ ଉତ୍ପନ୍ନରୁ ଦୂରେଇବା, ପୁନଃବ୍ୟବହାର - ପୁଣି ବ୍ୟବହାର କରିବା ଏବଂ ପୁନଃ ପ୍ରକ୍ରିୟାକରଣ – ଅଦରକାରୀ ଜିନିଷକୁ ଆବଶ୍ୟକୀୟ ଏବଂ ବିକ୍ରୀଯୋଗ୍ୟ ଉତ୍ପାଦ ରେ ରୁପାନ୍ତର କରିବା

## 1.2 ବର୍ଜ୍ୟବସ୍ତୁ ପରିଚାଳନା ର ପ୍ରକ୍ରିୟା

ବର୍ଜ୍ୟବସ୍ତୁ ପରିଚାଳନାର ପ୍ରକ୍ରିୟା ନିମ୍ନରେ ଚିତ୍ରିତ ହୋଇଛି:




କଠିନ ବର୍ଜ୍ୟବସ୍ତୁ ର ସଠିକ୍ ପରିଚାଳନା ପାଇଁ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୃଥକିକରଣ, ସଂରକ୍ଷଣ, ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଏବଂ ବିସର୍ଜନ ପାଇଁ ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ ବ୍ୟବସ୍ଥା କରେ ।

ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ଉତ୍ସରେ ପୃଥକ ଏବଂ ସଂଗ୍ରହ କରାଯିବା ଉଚିତ୍ । ତାପରେ, ଏହାକୁ 3ଆର ର ନୀତି ଅନୁଯାୟୀ ପରିବହନ ଏବଂ ପ୍ରକ୍ରିୟାକରଣ କରାଯିବା ଉଚିତ । ପ୍ରକ୍ରିୟାକରଣ ପରେ ଅବଶିଷ୍ଟ ନିଷ୍କ୍ରିୟ ପଦାର୍ଥକୁ ସୁରକ୍ଷିତ ଭାବରେ ନିଷ୍କାସନ କରିବାକୁ ପଡିବ । ପୃଥକିକରଣ ପ୍ରକ୍ରିୟା ଠାରୁ ବର୍ଜ୍ୟବସ୍ତୁ ପରିଚାଳନାକୁ ନିର୍ବାହ କରିବା ହେଉଛି ୟୁଏଲବି ଗୁଡିକର ଦାୟିତ୍ୱ ।

## 1.3 ସାଂଗଠନିକ ସଂରଚନା

ଗୃହ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟ ସଚିବ ରାଜ୍ୟରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ନିୟମ ଲାଗୁ କରିବା ପାଇଁ ଉତ୍ତରଦାୟୀ । ଏମଏସଡବ୍ଲୁ ନିୟମ ଅନୁଯାୟୀ ନିର୍ଦ୍ଧାରିତ ମାନଦଣ୍ଡର ଅନୁପାଳନ ତଦାରଖ କରିବାକୁ ଅତିରିକ୍ତ ମୁଖ୍ୟ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦାୟୀ ଯାହାଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଏବଂ ରାଜ୍ୟର 12 ଟି ଆଞ୍ଚଳିକ କାର୍ଯ୍ୟାଳୟ[3] ସହାୟତା କରିଥାନ୍ତି । ଓଡିଶାରେ 114 ୟୁଏଲବିରେ ( 5 ମ୍ୟୁନିସିପାଲିଟି କର୍ପୋରେସନ, 45 ମ୍ୟୁନିସିପାଲିଟି ଏବଂ 64 ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପ୍ରାଧିକରଣ ପ୍ରଦାନ ଏବଂ

[3] ଅନୁଗୁଳ,ବାଲେଶ୍ୱର,ବ୍ରହ୍ମପୁର,ଭୁବନେଶ୍ୱର,କଟକ,ଝାରସୁଗୁଡା,କଳିଙ୍ଗନଗର (ଯାଜପୁର କଳିଙ୍ଗନଗର ରୋଡ୍), କେନ୍ଦୁଝର,ପାରାଦ୍ୱୀପ,ରାୟଗଡା,ରାଉରକେଲା ଏବଂ ସମ୍ବଲପୁର

ନିୟମର କାର୍ଯ୍ୟକାରୀତାକୁ ତଦାରଖ କରିବା ପାଇଁ ଏସପିସିବି ହେଉଛି ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ । ରାଜ୍ୟରେ ୟୁଏଲବି ଗୁଡିକର କାର୍ଯ୍ୟକଳାପ ସହିତ ସାଂଗଠନିକ ସଂରଚନା ***(ପରିଶିଷ୍ଟ -I)***ରେ ଦିଆଯାଇଛି ।

## 1.4 ସମୀକ୍ଷାର ଉଦ୍ଦେଶ୍ୟ

ସଂପାଦନ ସମୀକ୍ଷା ଦ୍ୱାରା ଏହା ନିର୍ଦ୍ଧାରଣ କରାଯିବାକୁ ଥିଲା ଯେ

- ୟୁଏଲବି ଗୁଡିକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରଣନୀତି ଏବଂ ଯୋଜନା, ଉତ୍ପନ୍ନ ବର୍ଜ୍ୟବସ୍ତୁର ଅନୁରୁପ ଏବଂ ବିଦ୍ୟମାନ ଆଇନଗତ କାର୍ଯ୍ୟ ଢାଞ୍ଚା ସହ ସମାନ ;
- ମ୍ୟୁନିସିପାଲିଟି କାର୍ଯ୍ୟଗୁଡିକ କଠିନ ବର୍ଜ୍ୟବସ୍ତୁ ର ପ୍ରଭାବଶାଳୀ, ଦକ୍ଷ ଓ ମିତବ୍ୟୟୀ ପରିଚାଳନା ସହ ସଂଗ୍ରହ, ପୃଥକିକରଣ, ସଂରକ୍ଷଣ, ପରିବହନ, ନିଷ୍କାସନ ଏବଂ ଅନୌପଚାରିକ ବର୍ଜ୍ୟବସ୍ତୁ ଶ୍ରମିକଙ୍କୁ ସାମାଜିକ ସ୍ତରରେ ସାମିଲ କରିବା ରେ ଜଡିତ ଥିଲା ;
- ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ଯୋଜନା, ନିର୍ମାଣ, ସ୍ଥାପନ, କାର୍ଯ୍ୟକାରୀତା ଏବଂ ରକ୍ଷଣାବେକ୍ଷଣ ପ୍ରଭାବଶାଳୀ, ଦକ୍ଷ, ଏବଂ ଆର୍ଥିକ ସ୍ଥାୟୀ ଥିଲା , ଏବଂ
- ସଚେତନତା ସୃଷ୍ଟିର ପର୍ଯ୍ୟାପ୍ତତା, ଆଚରଣଗତ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ନାଗରିକଙ୍କ ଯୋଗଦାନ, ଅଭିଯୋଗ, ନାଗରିକଙ୍କ ପାଇଁ ପ୍ରତିକାର. ପରିବେଶ ପ୍ରଭାବର ମୂଲ୍ୟାଙ୍କନ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ତଦାରଖ କୌଶଳ ର କାର୍ଯ୍ୟକାରୀତା ସହିତ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ମନିଟରିଂ ଏବଂ ମୂଲ୍ୟାଙ୍କନ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା ।

## 1.5 ସମୀକ୍ଷାର ମାନଦଣ୍ଡ

ନିମ୍ନୋକ୍ତ ଗୁଡିକ ସମୀକ୍ଷାର ମାନଦଣ୍ଡ ଥିଲା :

- ଓଡିଶା ମ୍ୟୁନିସିପାଲିଟି ଆକ୍ଟ, 1950
- ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003
- ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଓ ନିୟନ୍ତ୍ରଣ) ମାନୁଆଲ, 2000 ଏବଂ 2016 ଏବଂ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ନିୟନ୍ତ୍ରଣ)ନିୟମ, 2000 ଏବଂ 2016;
- ଇ-ଆବର୍ଜନା (ପରିଚାଳନା) ନିୟମ, 2016;
- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016;
- ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016;
- ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନ ନିୟମ,2016;
- ପରିବେଶ (ସୁରକ୍ଷା) ଅଧିନିୟମ ଏବଂ ନିୟମ 1986;
- ଜଳ(ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974;
- ଓଡିଶା ସାନିଟାରୀ ପଲିସି,2017;
- ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ୍ (ଏନଜିଟି);
- ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶାବଳୀ;
- ସମୟାନୁକ୍ରମେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି),ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି), ଏବଂ ଜିଓଆଇ/ଜିଓଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ, ମାର୍ଗଦର୍ଶୀକା, ନୀତିଗୁଡିକ ।

ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ପରିଚାଳନାକୁ ନିୟନ୍ତ୍ରଣ କରୁଥିବା ନିୟାମକ ଢାଞ୍ଚା ***(ପରିଶିଷ୍ଟ - II)*** ରେ ସୂଚିତ କରାଯାଇଛି ।

## 1.6 ସମୀକ୍ଷାର ପରିସର ଏବଂ ପଦ୍ଧତି

ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଂପାଦନ ସମୀକ୍ଷା ଡିସେମ୍ବର 2020 ରୁ ମାର୍ଚ୍ଚ2021 ମଧ୍ୟରେ ଏବଂ ଜୁଲାଇ 2021 ରୁ ସେପ୍ଟେମ୍ବର 2021 ମଧ୍ୟରେ ମହାମାରୀ ପରିସ୍ଥିତି ଯୋଗୁଁ କରାଯାଇଥିଲା । ସମୀକ୍ଷା ପରିସର ଅବଧି 2015-16 ରୁ 2019-20 ପର୍ଯ୍ୟନ୍ତ ଥିଲା । ଏଥିରେ କଠିନ ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ , ଇ-ଆବର୍ଜନା , ବାୟୋ ମେଡିକାଲ୍ ଆବର୍ଜନା ଏବଂ ନିର୍ମାଣର ଭଗ୍ନାବଶେଷ ଆବର୍ଜନା ସମ୍ବନ୍ଧୀୟ ରେକର୍ଡଗୁଡିକର ପରୀକ୍ଷଣ ଅନ୍ତର୍ଭୁକ୍ତ । 2011 ଜନଗଣନା ଉପରେ ଆଧାର କରି ଷ୍ଟ୍ରାଟିଫାଏଡ୍ ରାଣ୍ଡମ୍ ସାମ୍ପଲିଂ ସଂଗ୍ରହ ପ୍ରଣାଳୀ ବ୍ୟବହାର କରି 114 ୟୁଏଲବି ମଧ୍ୟରୁ 21 ୟୁଏଲବି ଚୟନ କରାଯାଇଥିଲା । ଅଡିଟ୍ ପରୀକ୍ଷଣରେ 21 ୟୁଏଲବି (ପାଞ୍ଚଟି କର୍ପୋରେସନ[4], ଦଶଟି ମ୍ୟୁନିସିପାଲିଟି[5] ଏବଂ ଛଅଟି ଏନଏସି[6]) ଏବଂ ଦୁଇଟି ସ୍ମାର୍ଟ ସିଟି (ଭୁବନେଶ୍ୱର ଏବଂ ରାଉରକେଲା) ଜିଓଓ ର ମୁଖ୍ୟସଚିବଙ୍କ କାର୍ଯ୍ୟାଳୟ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ର ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଏସପିସିବି ର ସଚିବ ଅନ୍ତର୍ଭୁକ୍ତ । ଅଡିଟ୍ ମଧ୍ୟ ଅନ୍ୟାନ୍ୟ ସର୍ବୋଚ୍ଚ ୟୁନିଟ୍ ଯଥା ଅତିରିକ୍ତ ମୁଖ୍ୟ ସଚିବ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣଙ୍କ କାର୍ଯ୍ୟାଳୟ, ଶିଳ୍ପ ବିଭାଗ, ସଦସ୍ୟ ସଚିବ, ଓଡିଶା ଜଳ ଯୋଗାଣ,ସ୍ୱେରେଜ୍ ବୋର୍ଡ (ଓଡବ୍ଲୁଏସଏସବି) ଏବଂ ଓଡିଶା ଜଳ ନିଗମ (ୱାଟ୍କୋ) ସେମାନଙ୍କର ବିଏମଡବ୍ଲୁ, ଇ-ଆବର୍ଜନା ଏବଂ ଜଳିୟ ଆବର୍ଜନା ପରିଚାଳନା ରେ ଅନ୍ତର୍ଭୁକ୍ତ ପାଇଁ ରେକର୍ଡଯାଞ୍ଚ କରିଥିଲା । ଉପରୋକ୍ତ ବ୍ୟତିତ ମନୋନୀତ ୟୁଏଲବି ଗୁଡିକର ଅଧିନରେ ଥିବା 21 ଟି ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ[7] ର ରେକର୍ଡ ମଧ୍ୟ ଅଡିଟ୍ ଅବଧି ମଧ୍ୟରେ ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯାଞ୍ଚ କରାଯାଇଥିଲା ।

ଅଡିଟ୍ ସାଇଟଗୁଡିକର ଶାରୀରିକ ଯାଞ୍ଚ ଏବଂ ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ଏବଂ ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍ (ଜିପିଏସ୍) ବ୍ୟବହାର କରି ଲ୍ୟାଣ୍ଡଫିଲ୍ ଗୁଡିକର ଉପଯୋଗିତାକୁ ମଧ୍ୟ ବିଶ୍ଳେଷଣ କରିଥିଲା ।

ମୁଖ୍ୟ ସଚିବ, ଗୃହ ଏବଂ ସହରୀ ବିକାଶ ବିଭାଗ ସହ ଏକ ପ୍ରବେଶ ସମ୍ମିଳନୀ 17 ଫେବୃଆରୀ 2021 ରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଏସପିସିବି/ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଶିଳ୍ପ ବିଭାଗର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସମୀକ୍ଷା ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା ।

ସରକାରଙ୍କୁ ଏହି ସମ୍ପାଦନ ସମୀକ୍ଷାର ଡ୍ରାଫ୍ଟ ରିପୋର୍ଟ ଟି 17 ଜାନୁଆରୀ 2022 ରେ ଜାରି କରାଯାଇଥିଲା । ଏକ ପ୍ରସ୍ଥାନ ସମ୍ମିଳନୀ 18 ଏପ୍ରିଲ୍ 2022 ରେ ଅନୁଷ୍ଠିତ ହୋଇଥିଲା ଏବଂ ବିଭାଗ ଏହି ସମ୍ପାଦନ ସମୀକ୍ଷା ରେଖାଚିତ୍ର ର ଉତ୍ତର 23 ମଇ 2022 ରେ ପ୍ରଦାନ କରିଥିଲେ । ସରକାରଙ୍କ ଉତ୍ତର ଗୁଡିକ ଏହି ପ୍ରତିବେଦନରେ ଉପଯୁକ୍ତ ଭାବରେ ଅର୍ନ୍ତଭୁକ୍ତ କରାଯାଇଛି ।

ସମ୍ପାଦନ ସମୀକ୍ଷା ପରିଚାଳନାରେ ରାଜ୍ୟ ସରକାର , ସମସ୍ତ ୟୁଏଲବି, ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ଏବଂ ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ଏବଂ ସହାୟତାକୁ ଅଡିଟ୍ ସ୍ୱୀକାର କରେ ।

## 1.7 ଅଧ୍ୟାୟ ଗୁଡିକର ବିନ୍ୟାସ

ସମୀକ୍ଷା ଆର୍ଥିକ ପରିଚାଳନା , ଯୋଜନା ଏବଂ ଗ୍ରହଣ କରାଯାଇଥିବା ରଣନୀତି, ପ୍ରକ୍ରିୟାକରଣ, ନିଷ୍କାସନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିରୀକ୍ଷଣ ପାଇଁ ନିଆଯାଇଥିବା ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲା ସେହି ଅନୁଯାୟୀ , ନିମ୍ନଲିଖିତ ଅଧ୍ୟାୟରେ ରିପୋର୍ଟର ବ୍ୟବସ୍ଥା କରାଯାଇଛି ।

---

4 ମ୍ୟୁନିସିପାଲିଟି କର୍ପୋରେସନ :ଭୁବନେଶ୍ୱର,ବ୍ରହ୍ମପୁର,କଟକ,ରାଉରକେଲା ଏବଂ ସମ୍ବଲପୁର

5 ମ୍ୟୁନିସିପାଲିଟି : ବଲାଙ୍ଗୀର,ବରଗଡ,ବାରିପଦା,ଭଦ୍ରକ,ଚୌଦ୍ୱାର,ଜୟପୁର,ଝାରସୁଗୁଡା,ପୁରୀ,ରାୟଗଡା ଏବଂ ସୁନ୍ଦରଗଡ

6 ଏନଏସି : ଚାନ୍ଦବାଲି, ଛତ୍ରପୁର,ଗୁଣପୁର,ହିଞ୍ଜିଳୀକଟ୍, ନୁଆପଡା ଏବଂ ରଣପୁର

7 ଏକୋଇଶି ଟି ଏଚସିଇ ଗୁଡିକର ରେକର୍ଡ:(i)13 ଟି ଜିଲ୍ଲା ମୁଖ୍ୟାଳୟ ହସପିଟାଲ(ଡିଏଚଏଚ) ଯଥା, ପୁରୀ, ଜୟପୁର, ସୁନ୍ଦରଗଡ, ନୁଆପଡା, ସମ୍ବଲପୁର, ଗଞ୍ଜାମ(ବ୍ରହ୍ମପୁର), ଝାରସୁଗୁଡା, ବରଗଡ, ଭଦ୍ରକ, କଟକ, ରାୟଗଡା, ରାଉରକେଲା, ସରକାରୀ ହସପିଟାଲ ଏବଂ କ୍ୟାପିଟାଲ ହସପିଟାଲ,ଭୁବନେଶ୍ୱର (ii) ଚାରୋଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଯଥା, ଚାନ୍ଦବାଲି, ରଣପୁର, ହିଞ୍ଜିଳିକଟ୍ ଏବଂ କପିଳେଶ୍ୱର, ସହରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚସି),ଚୌଦ୍ୱାର (iii) ଦୁଇଟି ଉପ-ଜିଲ୍ଲା ହସପିଟାଲ (ଏସଡିଏଚ) :ଗୁଣପୁର ଏବଂ ଛତ୍ରପୁର, ଏବଂ (iv) ଦୁଇଟି ମେଡିକାଲ କଲେଜ ଯଥା, ଭୀମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗିର ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ, ବାରିପଦା

ଅଧ୍ୟାୟ – II : ଆର୍ଥିକ ପରିଚାଳନା
ଅଧ୍ୟାୟ – III : କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ରଣନୀତି
ଅଧ୍ୟାୟ – IV : କଠିନ ବର୍ଜ୍ୟବସ୍ତୁର ସଂଗ୍ରହ, ପୃଥକିକରଣ ଏବଂ ପରିବହନ
ଅଧ୍ୟାୟ – V : କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ
ଅଧ୍ୟାୟ – VI : ବିଶେଷ ବର୍ଜ୍ୟ ବସ୍ତୁ ଏବଂ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ପରିଚାଳନା
ଅଧ୍ୟାୟ – VII : ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା
ଅଧ୍ୟାୟ – VIII : ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ନିରୀକ୍ଷଣ ଏବଂ ମୂଲ୍ୟାୟନ ଏବଂ
ଅଧ୍ୟାୟ – IX : ଉପସଂହାର ଏବଂ ସୁପାରିଶ

# ଅଧ୍ୟାୟ - II

# ଆର୍ଥିକ ପରିଚାଳନା

# ଅଧ୍ୟାୟ II

# ଆର୍ଥିକ ପରିଚାଳନା

## 2.1 ପାଣ୍ଠି ର ଆବଶ୍ୟକତାର ନିର୍ଦ୍ଧାରଣ

ଏସଡବ୍ଲୁଏମ 2016 ର ମାନୁଆଲ୍ ର ବିଭାଗ 1.4.5.6.2 ଅନୁଯାୟୀ, ଏସଡବ୍ଲୁଏମ ସେବାଗୁଡିକ ସ୍ଥାୟୀ ଅଟେ ଯଦି ସେମାନେ ଏକାକୀ ଭିତ୍ତିରେ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ ଅଟନ୍ତି । ତେଣୁ, ଏସଡବ୍ଲୁଏମ ବ୍ୟବସ୍ଥାର ଯୋଜନା କରିବାରେ ଆର୍ଥିକ କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । 2015-20 ବର୍ଷ ପାଇଁ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ଆର୍ଥିକ ବିବରଣୀ ର ଯାଞ୍ଚରୁ ଜଣାପଡିଲା ଯେ ୟୁଏଲବି ଗୁଡିକ ମୁଖ୍ୟତଃ ଏସଡବ୍ଲୁଏମ ପାଇଁ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ । ତଥାପି, ଯାଞ୍ଚ କରାଯାଇଥିବା ୟୁଏଲବି ଗୁଡିକ ମଧ୍ୟରୁ କୌଣସିଟି ୟୁଏଲବି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିନଥିଲା । ଡିପିଆର ର ଅନୁପସ୍ଥିତିରେ, ଏସଡବ୍ଲୁଏମ କାର୍ଯ୍ୟକଳାପ ପାଇଁ ମୂଳଧନ ଏବଂ ରାଜସ୍ୱ ପାଣ୍ଠିର ଆବଶ୍ୟକତା ର ନିର୍ଦ୍ଧାରଣ ବାସ୍ତବିକ ହେବନାହିଁ ।

## 2.2 ପ୍ରାପ୍ତି ଓ ବ୍ୟୟ

ଏସଡବ୍ଲୁଏମ ନିୟମ 2016 ର ଧାରା 15 (x ) ଅନୁଯାୟୀ, ୟୁଏଲବି ଗୁଡିକ ପୁଞ୍ଜି ବିନିଯୋଗ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ପ୍ରଦାନ କରିବା ସହିତ ଏସଡବ୍ଲୁଏମ ସେବା ଗୁଡିକର ପରିଚାଳନା ଏବଂ ରକ୍ଷଣା ବେକ୍ଷଣ ପାଇଁ ବାର୍ଷିକ ବଜେଟରେ ଏସଡବ୍ଲୁଏମ ଏବଂ ଅନ୍ୟାନ୍ୟ ବାଧ୍ୟତାମୂଳକ କାର୍ଯ୍ୟଗୁଡିକ ପାଇଁ ଆବଶ୍ୟକ ପାଣ୍ଠିର ଆବଶ୍ୟକତା ପୂରଣ ହେଲାପରେ ଇଚ୍ଛାମୂଳକ କାର୍ଯ୍ୟ ପାଇଁ ପାଣ୍ଠି ଆବଣ୍ଟିତକୁ ସୁନିଶ୍ଚିତ କରିବା ପରେ, ବ୍ୟବସ୍ଥା କରିବା ଉଚିତ୍ ।

ତ୍ରୟୋଦଶ ଅର୍ଥ ଆୟୋଗ (ଟିଏଫସି)(2010-15)/ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍ସି)(2015-20), ଚାରୋଟି[8] ସେବା କ୍ଷେତ୍ର କୁ (ଏସଡବ୍ଲୁଏମ ଅନ୍ତର୍ଭୁକ୍ତ କରି ) ୟୁଏଲବି ମାନଙ୍କ ଦ୍ୱାରା ଯୋଗାଇଦେବାକୁ ଥିବା ସେବା ରେ ଅର୍ନ୍ତଭୁକ୍ତ କରିଥିଲେ । ଟିଏଫସି / ଏଫ୍ଏଫ୍ସି, ୟୁଏଲବି ମାନଙ୍କୁ ଦିଆଯାଉଥିବା ଅନୁଦାନ କୁ ଦୁଇ ଭାଗରେ ପ୍ରଦାନ କରିଥିଲେ – ଏକ ସାଧାରଣ ମୌଳିକ ଅନୁଦାନ ଏବଂ କାର୍ଯ୍ୟଦକ୍ଷତା ଅନୁଦାନ । 2015-20 ପାଇଁ ପରୀକ୍ଷା ହୋଇଥିବା ୟୁଏଲବି ର ପ୍ରାପ୍ତି ଏବଂ ଖର୍ଚ୍ଚର ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି :

**ସାରଣୀ - 2.1: ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ପ୍ରାପ୍ତି ଏବଂ ଖର୍ଚ୍ଚର ବିସ୍ତୃତ ବିବରଣୀ**

(₹କୋଟିରେ)

| ବର୍ଷ | ପୂର୍ବ ବର୍ଷର ବଳକା (ଓବି) | ରାଜସ୍ୱ ପ୍ରାପ୍ତି | ପୁଞ୍ଜି ପ୍ରାପ୍ତି | ମୋଟ ପାଣ୍ଠି | ରାଜସ୍ୱ ବ୍ୟୟ | ପୁଞ୍ଜି ବ୍ୟୟ | ସମୁଦାୟ ବ୍ୟୟ | ଏସଡବ୍ଲୁଏମ ବ୍ୟୟ (ଶତକଡା) | ବଳକା ପାଣ୍ଠି |
|---|---|---|---|---|---|---|---|---|---|
| 2015-16 | 103.90 | 146.12 | 253.06 | 503.08 | 112.26 (42.12) | 154.29 (57.88) | 266.55 | 81.57 (16.21) | 236.53 |
| 2016-17 | 236.53 | 190.61 | 336.28 | 763.42 | 163.22 (43.77) | 209.69 (56.23) | 372.91 | 118.03 (15.46) | 390.51 |
| 2017-18 | 390.51 | 209.56 | 352.88 | 952.95 | 184.96 (36.77) | 318.03 (63.23) | 502.99 | 133.33 (13.99) | 449.96 |
| 2018-19 | 449.96 | 316.40 | 328.07 | 1,094.43 | 233.97 (45.21) | 283.53 (54.79) | 517.50 | 146.76 (13.41) | 576.93 |
| 2019-20 | 576.93 | 242.51 | 650.95 | 1470.39 | 204.53 (40.46) | 301.03 (59.54) | 505.56 | 168.74 (11.48) | 964.83 |
| ମୋଟ | | 1,105.20 | 1,921.24 | | 898.94 | 1,266.57 | 2,165.51 | 648.43 | |

(ଉତ୍ସ : ୟୁଏଲବି ଦ୍ୱାରା ପ୍ରଦତ୍ତ ସୂଚନା)

ବି.ଦ୍ର : ପୂର୍ବ ବର୍ଷର ଅବ୍ୟବହୃତ ପରିମାଣ ବଳକା ଭାବେ ଦର୍ଶାଯାଇଛି

ଏହା ଦେଖାଗଲା ଯେ, ପାରାଗ୍ରାଫ୍ 3.6 ରେ ଆଲୋଚନା ହୋଇଥିବା ଏସଡବ୍ଲୁଏମ କାର୍ଯ୍ୟଦକ୍ଷତା ପାଇଁ ସେବା ସ୍ତରର ବେଞ୍ଚମାର୍କ ର (ଏସଏଲବି) ନିର୍ଦ୍ଧାରିତ ଶତକଡା 80 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ହାସଲ ନହେବା ସତ୍ତ୍ୱେ ଏସଡବ୍ଲୁଏମ

---

[8] ଚାଲୁ ହେବାକୁ ଥିବା ଅତ୍ୟାବଶ୍ୟକ ସେବା : ଜଳଯୋଗାଣ ସେବା, ସେରେଜ୍ ପରିଚାଳନା,କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବାତ୍ୟା ଜଳର ନିଷ୍କାସନ

ଉପରେ ଖର୍ଚ୍ଚ ୟୁଏଲବି ରେ ଉପଲବ୍ଧ ପାଣ୍ଠିର 11 ରୁ 16 ପ୍ରତିଶତ ଥିଲା ଫଳରେ ମାର୍ଚ୍ଚ 2020 ଶେଷସୁଦ୍ଧା ₹964.83 କୋଟି[9] ର ବାଲାନ୍ସ ଜମା ହୋଇଛି ଯାହା ***(ପରିଶିଷ୍ଟ-III)*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଉପରୋକ୍ତ ଅନୁଦାନ ମଧ୍ୟରୁ 2015-20 ମଧ୍ୟରେ ଏସଡବ୍ଲୁଏମ ରେ ପୃଥକିକରଣ , ସଂଗ୍ରହ ଏବଂ ପରିବହନ ପରି ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ₹648.43 କୋଟି ର ବ୍ୟୟ କରାଯାଇଥିଲା । ଏହି କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ୟୁଏଲବି ଦ୍ୱାରା କର୍ମଚାରୀମାନେ ନିୟୋଜିତ ହୋଇଥିଲେ ମଧ୍ୟ, 2015-20 ମଧ୍ୟରେ ସହର ଏବଂ ସହର ଗୁଡିକରେ ଏସଡବ୍ଲୁଏମ ର ପରିସ୍ଥିତି ସନ୍ତୋଷଜନକ ଠାରୁ ବହୁଦୁରରେ ଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି । ଏସଡବ୍ଲୁଏମ ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟ ସରକାର ମଧ୍ୟ ପର୍ଯ୍ୟାପ୍ତ ରଣନୀତି ପ୍ରସ୍ତୁତ କରିନାହାନ୍ତି । ସମ୍ପତ୍ତି ସୃଷ୍ଟିରେ ଅଭାବ ଥିବା ତୃଟିଗୁଡିକ ଅନୁଚ୍ଛେଦ 5.1.1 ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଫଳସ୍ୱରୁପ, କଠିନ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପ୍ରସଙ୍ଗ କୁ ଉପଯୁକ୍ତ ଧ୍ୟାନ ଦିଆଯାଇନଥିଲା ଏବଂ ପାଣ୍ଠିର ଉପଲବ୍ଧ ଥିବା ସତ୍ତ୍ୱେ ଏସଡବ୍ଲୁଏମ କାର୍ଯ୍ୟକଳାପର ସମ୍ପତ୍ତି ସୃଷ୍ଟି କରି ପ୍ରକ୍ରିୟା କରଣ /ପୁନଃ ବ୍ୟବହାର ପାଇଁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ୟୁଏଲବି ଗୁଡିକ ପାଣ୍ଠିର ବ୍ୟବହାର କରିନଥିଲେ । ବର୍ଜ୍ୟବସ୍ତୁ ପରିଚାଳନା ର ବିକେନ୍ଦ୍ରୀକରଣ ପାଇଁ ମାନକ ଅପରେଟିଂ ପଦ୍ଧତି (ଏସଓପି) ଜୁଲାଇ 2019 ର ପ୍ରକାଶନ ପରେ, ଜିଓଓ ପ୍ରକ୍ରିୟା/ ପୁନଃ ବ୍ୟବହାର କରିବାକୁ ଏମସିସି/ଏମଆରଏଫ୍ ନିର୍ମାଣ ପାଇଁ ୟୁଏଲବି କୁ ରାଜ୍ୟ ଅନୁଦାନ (ଏସଡବ୍ଲୁଏମ) ପ୍ରଦାନ କଲେ । ପରନ୍ତୁ, ସମ୍ପତ୍ତି ସୃଷ୍ଟି କରି କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ / ପୁନଃ ବ୍ୟବହାର ପାଇଁ ୟୁଏଲବି ଗୁଡିକ ଏହି ପାଣ୍ଠି ବ୍ୟବହାର କରିନଥିଲେ ।

ଏଫସିସିଙ୍କର ମଞ୍ଜୁରୀ ଆଦେଶ ଅନୁଯାୟୀ, ଜିଓଆଇ ରୁ ପ୍ରାପ୍ତ ହେବାର 15 ଦିନ ମଧ୍ୟରେ ବିଭାଗ ସଂପୃକ୍ତ ୟୁଏଲବିକୁ ପାଣ୍ଠି ପ୍ରଦାନ କରିବାର ଥିଲା । ଯଦି ୟୁଏଲବି ଗୁଡିକୁ କିସ୍ତି ଦେବାରେ ବିଳମ୍ବ ହୁଏ, ତେବେ ବିଭାଗକୁ କିସ୍ତି ସହିତ ବିଳମ୍ବିତ ଦିନ ପାଇଁ ବ୍ୟାଙ୍କ ହାରରେ ସୁଧ ଦେବାକୁ ପଡିବାର ଥିଲା । ଅଡିଟ୍ ନୀରିକ୍ଷଣ କଲା ଯେ 2019-20 ମଧ୍ୟରେ ୟୁଏଲବିକୁ ₹425.39 କୋଟି ରିଲିଜ୍ ହେବାରେ ବିଳମ୍ବ ହେତୁ ବିଭାଗ ୟୁଏଲବି ଗୁଡିକୁ ₹99.13 ଲକ୍ଷ ସୁଧ ଦେଲା ।

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି, ସରକାର କହିଲେ(ମଇ 2022) ଯେ, ଏସଓପି (2019) ଜାରି ହେଲାପରେ, ଏମଏସଡବ୍ଲୁ ପ୍ରକ୍ରିୟାକରଣ ଲାଗି ୟୁଏଲବି ଗୁଡିକ ବିକେନ୍ଦ୍ରୀକୃତ ପ୍ରକ୍ରିୟାକରଣ/ନିଷ୍କାସନ ସୁବିଧା (ଏମସିସି/ଏମଆରଏଫ୍) ସ୍ଥାପନ ନିମନ୍ତେ ପଦକ୍ଷେପ ନେଲେ । କୋଭିଡ୍-19 ମହାମାରୀ ଯୋଗୁଁ ୟୁଏଲବି ଗୁଡିକ ଦରକାର ଥିବା ଭିତ୍ତିଭୂମି ସୃଷ୍ଟି କରିପାରିନଥିଲେ । ତଥ୍ୟ ଏହା ଥିଲା ଯେ, ମାର୍ଚ୍ଚ 2020 ସୁଦ୍ଧା ୟୁଏଲବି ଗୁଡିକ ଏମଏସଡବ୍ଲୁ ପ୍ରକ୍ରିୟାକରଣ ପାଇଁ ସୃଷ୍ଟି ହେବାକୁଥିବା ଭିତ୍ତିଭୂମି ଲାଗି ଉପଲବ୍ଧ ଥିବା ପାଣ୍ଠିକୁ ବ୍ୟବହାର କରିନଥିଲେ ।

## 2.3 କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ ର ଲାଗୁ ଏବଂ ସଂଗ୍ରହ

ଓଡିଶା ମ୍ୟୁନିସିପାଲିଟି (ଓଏମ୍) ଅଧିନିୟମର ଧାରା 131 ଏବଂ 132 ଏବଂ ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ (ଓଏମସି) ଆକ୍ଟ 2003 ର ଧାରା 193 ଏବଂ ଏସଡବ୍ଲୁଏମ ନିୟମ, 2016 ର ଧାରା 15 (ଏଫ୍) କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ ଏବଂ ବିସର୍ଜନ ଉଦ୍ଦେଶ୍ୟରେ ଏସଡବ୍ଲୁଏମ ଉପଭୋକ୍ତା ଦେୟ ଆଦାୟ ପାଇଁ ଦର୍ଶାଇ ଥାଏ । ବର୍ଜ୍ୟବସ୍ତୁ ପରିଚାଳନାର ଉପବିଧି ନିୟମ (କାର୍ଯ୍ୟସୂଚୀ-2) ମଧ୍ୟ ଘରମାନଙ୍କରୁ ଉପଭୋକ୍ତା ଦେୟ ର ଦର ଆଦାୟ ପାଇଁ ସୂଚାଉଥାଏ । ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା 21 ୟୁଏଲବି ମଧ୍ୟରୁ କେବଳ ସାତଟି[10] ୟୁଏଲବି 2017-21 ମଧ୍ୟରେ ଏସଡବ୍ଲୁଏମ ପାଇଁ ଉପଭୋକ୍ତା ଫି ସଂଗ୍ରହ କରିଥିଲେ । ଉପଭୋକ୍ତା ଫି ଲାଗୁ ଏବଂ ସଂଗ୍ରହ ପାଇଁ ନିୟମାବଳୀ ବଳବତ୍ତର ନହେବା ଯୋଗୁଁ, ₹161.41 କୋଟିର ଚାହିଦା ବିରୁଦ୍ଧରେ, ମାର୍ଚ୍ଚ 2021 ସୁଦ୍ଧା କେବଳ ₹0.70 କୋଟି ସଂଗ୍ରହ କରାଯାଇଥିଲା ଏବଂ ₹160.71 କୋଟି ରାଜସ୍ୱ ହାନି ହୋଇଯାଇଥିଲା ଯାହା ***(ପରିଶିଷ୍ଟ – IV)*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଅଡିଟ୍ ରୁ ଆହୁରି ମଧ୍ୟ ଜଣାଗଲା ଯେ ୟୁଏଲବି ଗୁଡିକ ଶତପ୍ରତିଶତ ମୌଳିକ ସୁବିଧା ଯେପରିକି ଉତ୍ସରୁ ବର୍ଜ୍ୟବସ୍ତୁ କୁ ପୃଥକିକରଣ କରିବା ଅଭ୍ୟାସ ନିମନ୍ତେ ପ୍ରତି ଘରେ

---

[9] ୟୁଏଲବି: ବଲାଙ୍ଗିର)₹14.18 କୋଟି(,ଭୁବନେଶ୍ୱର (₹88.81 କୋଟି),ବରଗଡ )₹31.23 କୋଟି(,ବାରିପଦା )₹25.29 କୋଟି(, ବ୍ରହ୍ମପୁର )₹85.95 କୋଟି), ଭଦ୍ରକ )₹145.38 କୋଟି(, ଚାନ୍ଦବାଲି )₹22.44 କୋଟି( , ଛତ୍ରପୁର )₹3.74 କୋଟି),ଚୌଦ୍ୱାର)₹13.00 କୋଟି(, କଟକ )₹104.33 କୋଟି(,ଗୁଣୁପୁର )₹10.59 କୋଟି(, ହିଞ୍ଜିଳୀକଟ୍ )₹3.10 କୋଟି(,ଜୟପୁର )₹42.15 କୋଟି(, ଝାରସୁଗୁଡା)₹43.75 କୋଟି(,ନୁଆପଡା )₹10.09 କୋଟି(,ପୁରୀ )₹ 90.98 କୋଟି(, ରଣପୁର)₹4.52 କୋଟି(, ରାୟଗଡା)₹18.35 କୋଟି(, ରାଉରକେଲା )₹78.96 କୋଟି(,ସମ୍ବଲପୁର (₹119.03 କୋଟି) ଏବଂ ସୁନ୍ଦରଗଡ (₹8.96 କୋଟି)

[10] ଭଦ୍ରକ (ଅଗଷ୍ଟ 2020 ଠାରୁ ),ରାୟଗଡା (ଅଗଷ୍ଟ 2020 ଠାରୁ),ବରଗଡ (ଏପ୍ରିଲ 2017ଠାରୁ),ଚାନ୍ଦବାଲି(ଜାନୁଆରୀ 2021 ଠାରୁ), ଗୁଣପୁର (ଏପ୍ରିଲ 2021 ଠାରୁ) ଏବଂ ରାଉରକେଲା (ମେ 2020 ଠାରୁ)

ଡଷ୍ଟବିନ ଯୋଗାଇବା, କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ଦୈନନ୍ଦିନ ୟୁଏଲବିର ୱାର୍ଡର ରାସ୍ତା / ସଡକ ସଫା କରିବା ଏବଂ ଜନସଚେତନତା ସୃଷ୍ଟି କରିବା ପାଇଁ ବିଫଳ ହୋଇଥିଲେ ।

ସ୍ୱଳ୍ପ ରାଜସ୍ୱ ସଂଗ୍ରହ ହେତୁ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ 2015-20 ମଧ୍ୟରେ ଏସଡବ୍ଲୁଏମ କାର୍ଯ୍ୟକଳାପ ସହିତ ନିଜସ୍ୱ ସମ୍ବଳ ଉତ୍ପାଦନ ଏବଂ ରାଜସ୍ୱ ବ୍ୟୟ ମଧ୍ୟରେ ବ୍ୟବଧାନର ବୃଦ୍ଧି ହୋଇଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ସମ୍ବଳ-ବ୍ୟୟ ମଧ୍ୟରେ ବ୍ୟବଧାନ ₹81.33 କୋଟି (2015-16) ରୁ ₹168.73 କୋଟି କୁ (2019-20) ବୃଦ୍ଧି ହୋଇଥିଲା ***(ପରିଶିଷ୍ଟ – V)***

ସରକାର କହିଲେ(ମେଇ 2022) ଯେ, ସମସ୍ତ ବର୍ଜ୍ୟ ଉତ୍ପାଦନକାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ ନିମନ୍ତେ ଆଇସି କାର୍ଯ୍ୟକଳାପ ମାଧ୍ୟମରେ ଜନଜାଗରଣ ସୃଷ୍ଟି ଲାଗି ସମସ୍ତ ୟୁଏଲବି ଗୁଡିକୁ ଉପଦେଶ ଦିଆଯାଇଛି । ପରନ୍ତୁ, ତଥ୍ୟ ଏହା ଯେ, ନିର୍ଦ୍ଦେଶ ଗୁଡିକ ପ୍ରଭାବଶାଳୀ ନଥିଲା ଯେହେତୁ ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବ୍ୟବହାର ଶୁଳ୍କର ସଂଗ୍ରହ ନଗଣ୍ୟ ଥିଲା ।

## 2.3.1 ରେଳ କର୍ତ୍ତୃପକ୍ଷ / ଅନ୍ୟାନ୍ୟ ପ୍ରତିଷ୍ଠାନରୁ ଉପଭୋକ୍ତା ଦେୟ ସଂଗ୍ରହ ନ କରିବା

ଏସଡବ୍ଲୁଏମ ମାନୁଆଲର ଧାରା 2.2.1.5 ଅନୁସାରେ, ଏସଡବ୍ଲୁଏମ ନିୟମ, 2016 ଶିଳ୍ପ ସହରାଞ୍ଚଳ, ଭାରତୀୟ ରେଳବାଇ, ବିମାନବନ୍ଦର, ଏଆରବେସ୍, ବନ୍ଦର, ପ୍ରତିରକ୍ଷା ପ୍ରତିଷ୍ଠାନ,ସତନ୍ତ୍ର ଅର୍ଥନୈତିକ ଜୋନ୍ ଇତ୍ୟାଦି ଶିଳ୍ପାଞ୍ଚଳ ପାଇଁ ମଧ୍ୟ ପ୍ରଯୁଜ୍ୟ । ଏହିପରି, ଉପଭେକ୍ତା ଦେୟ ସେହି କର୍ତ୍ତୃପକ୍ଷ ବା ଅଧିକାରୀଙ୍କଠାରୁ ସଂଗ୍ରହ କରାଯିବା ଉଚିତ୍ ।

ଛଅଟି[11] ପରୀକ୍ଷଣ - ଯାଞ୍ଚ ହୋଇଥିବା ୟୁଏଲବି ରେ, ଭାରତୀୟ ରେଳ ନିୟନ୍ତ୍ରଣରେ ଥିବା ଅଞ୍ଚଳଗୁଡିକ ମ୍ୟୁନିସିପାଲିଟି ସହର ସୀମା ମଧ୍ୟରେ ଥିଲା । ରେଳ ପରିସର ମଧ୍ୟରେ ସୃଷ୍ଟି ହୋଇଥିବା ବର୍ଜ୍ୟବସ୍ତୁ ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ତଥାପି, କୌଣସିଟି ୟୁଏଲବି ଭାରତୀୟ ରେଳବାଇ ଠାରୁ ବର୍ଜ୍ୟବସ୍ତୁ ଉତ୍ପାଦନ ପାଇଁ ଉପଭୋକ୍ତା ଶୁଳ୍କ ସଂଗ୍ରହ କରିନଥିଲେ ।

ସରକାର କହିଲେ(ମେଇ 2022) ଯେ, ରେଲୱେ ଟ୍ରାକ୍ ଏବଂ ପ୍ଲାଟଫର୍ମ ରେ ଏସଡବ୍ଲୁଏମ ନିୟମ 2016 ଲାଗୁ କରିବା ଲାଗି ରେଲୱେ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ।ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ , ଏସଡବ୍ଲୁଏମ ନିୟମ 2016 ଅନୁଯାୟୀ ୟୁଏଲବି ଗୁଡିକ ଭାରତୀୟ ରେଲୱେ ଅଧିନରେ ଥିବା ଅଞ୍ଚଳ ଗୁଡିକରୁ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଉତ୍ତରଦାୟୀ ।

## 2.3.2 ଯାଞ୍ଚସ୍ଥଳରୁ ଜୋରିମାନା ସଂଗ୍ରହ ନ କରିବା

ଏସଡବ୍ଲୁଏମ ନିୟମର ଧାରା 15 )zf) ରେ ଦର୍ଶାଯାଇଛି ଯେ ୟୁଏଲବି ଗୁଡିକ ଉପବିଧି ଗଠନ କରିବା ଉଚିତ ଏବଂ ଏହି ଉପବିଧି ନିୟମଗୁଡିକର ନିୟମାବଳୀକୁ ପାଳନ କରିବାରେ ବିଫଳ ହୋଇଥିବା କିମ୍ବା ରାସ୍ତାରେ ଆବର୍ଜନା ପକାଉଥିବା ବ୍ୟକ୍ତିଙ୍କ ପାଇଁ ଯାଞ୍ଚସ୍ଥଳରେ ଜୋରିମାନା ଆଦାୟ ପାଇଁ ମାନଦଣ୍ଡ ନିର୍ଦ୍ଦେଶ ଦେବା ଉଚିତ ଏବଂ ଯାଞ୍ଚସ୍ଥଳରୁ ଜୋରିମାନା ଆଦାୟ ନିମନ୍ତେ ଅଧିକାରୀ କିମ୍ବା ସ୍ଥାନୀୟ ସଂସ୍ଥାକୁ କ୍ଷମତା ପ୍ରଦାନ କରିବା ଉଚିତ୍ । ବର୍ଜ୍ୟବସ୍ତୁ ପରିଚାଳନାର ଉପବିଧି ନିୟମ (କାର୍ଯ୍ୟସୂଚୀ-2) ମଧ୍ୟ କଠିନ ବର୍ଜ୍ୟବସ୍ତୁ ରାସ୍ତାରେ ପକାଇବା ପାଇଁ ଯାଞ୍ଚସ୍ଥଳରୁ ଜୋରିମାନା ସଂଗ୍ରହ ପାଇଁ ଅନୁମତି ପ୍ରଦାନ କରିଥିଲା ।

ଅଡିଟ୍ ନୀରିକ୍ଷଣ କଲା ଯେ ପରୀକ୍ଷା କରାଯାଇଥିବା ୟୁଏଲବି ମଧ୍ୟରୁ କୌଣସି ୟୁଏଲବି ପରିବାର,ସମ୍ପ୍ରଦାୟ ଭିତ୍ତିକ ସଂଗଠନ (ସିବିଓସ), ମାର୍କେଟ୍ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ ଇତ୍ୟାଦି ରେ ଏସଡବ୍ଲୁଏମ ନିୟମ ଖିଲାପକାରୀଙ୍କ ଠାରୁ ମାର୍ଚ୍ଚ 2021 ସୁଧା ଯାଞ୍ଚସ୍ଥଳରେ ଆବର୍ଜନା ପକାଇବା ପାଇଁ ଜୋରିମାନା ଆଦାୟ କରିନାହାନ୍ତି ।

ସରକାର କହିଲେ(ମେଇ 2022) ଯେ, ଏସଡବ୍ଲୁଏମ ବାଇ-ଲ ଗୁଡିକ ରାଜ୍ୟର ସମସ୍ତ ୟୁଏଲବି ମାନଙ୍କଦ୍ୱାରା ଅଧିସୂଚିତ କରାଯାଇଛି । ନିୟମ ଗୁଡିକ କଡାକଡି ଭାବେ ପାଳନଲାଗି ପ୍ରତ୍ୟେକ ୟୁଏଲବି ଗୁଡିକରେ ସ୍କ୍ୱାଡ ଗଠିତ ହୋଇଛି । ସ୍କ୍ୱାଡ ସ୍ପଟ୍ ଫାଇନ୍ ଲାଗୁ କରିବା ସହ ଉଲଘଂନକାରୀଙ୍କ ଠାରୁ ଦେୟ ଆଦାୟ କରନ୍ତି । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ କୌଣସି ୟୁଏଲବି ଏସଡବ୍ଲୁଏମ ନିୟମ ଉଲଘଂନ ଲାଗି ସ୍ପଟ୍ ଫାଇନ ଲାଗୁ କରିବା ଏବଂ ଦେୟ ଆଦାୟର ଦସ୍ତାବିଜ ସାକ୍ଷ୍ୟ ଦେଇନଥିଲେ ।

[11] ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ,କଟକ ମ୍ୟୁନିସିପାଲ କର୍ପୋରେସନ,ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ,ଭଦ୍ରକ ମ୍ୟୁନିସିପାଲିଟି, ଝାରସୁଗୁଡା ମ୍ୟୁନିସିପାଲିଟି ଏବଂ ରାୟଗଡା ମ୍ୟୁନିସିପାଲିଟି

## 2.4 କେନ୍ଦ୍ରୀୟ ଅନୁଦାନ ହରାଇବା

ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍ସି) ସୁପାରିଶ ର ଅନୁଚ୍ଛେଦ 9.70 ଏବଂ 9.71 ଅନୁଯାୟୀ , ଜିଓଆଇ ୟୁଏଲବି ପାଇଁ ମୌଳିକ ଅନୁଦାନ (ବିଜି) ଏବଂ କାର୍ଯ୍ୟଦକ୍ଷତା ଅନୁଦାନ (ପିଜି) ବଣ୍ଟନ କରେ । ବିଜି ୟୁଏଲବି ଗୁଡିକୁ ଦିଆଯାଇଥିବା ମୌଳିକ କାର୍ଯ୍ୟଗୁଡିକ ସଂପାଦନ କରିବା ପାଇଁ ସର୍ତ୍ତବିହୀନ ସହାୟତା ଅଟେ । ପିଜି ନିମନ୍ତେ ଯୋଗ୍ୟ ହେବା ପାଇଁ , ୟୁଏଲବି ଗୁଡିକୁ ଅଡିଟ୍ ହୋଇଥିବା ବାର୍ଷିକ ଆକାଉଣ୍ଟସ୍ ଦାଖଲ କରିବାକୁ ପଡିବ ଯାହା ଏକ ବର୍ଷ ସହିତ ଜଡିତ ଅଟେ ତାହା ଦାବି କରାଯାଇଥିବା ବର୍ଷର ଦୁଇବର୍ଷ ପୂର୍ବରୁ ହୋଇନଥିବ । ଏହା ମଧ୍ୟ ପୂର୍ବ ବର୍ଷ ତୁଳନାରେ ନିଜସ୍ୱ ରାଜସ୍ୱର ବୃଦ୍ଧି ଦେଖାଇବାକୁ ପଡିବ, ଯେପରି ଅଡିଟ୍ ହୋଇଥିବା ଆକାଉଣ୍ଟରେ ପ୍ରତିଫଳିତ ହୋଇଥିବ । ଏହା ସହିତ, ୟୁଏଲବି ଗୁଡିକୁ ଅତ୍ୟାବଶ୍ୟକ ସେବା ପାଇଁ ଏସଏଲବି ର ହିସାବ ଏବଂ ପ୍ରକାଶନ କରିବାକୁ ପଡିବ । 2015-20 ମଧ୍ୟରେ ଜିଓଆଇ ରୁ ପ୍ରାପ୍ତ ବିଜି ଏବଂ ପିଜିର ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ - 2.2 : 2015-20 ଅବଧି ମଧ୍ୟରେ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍ସି) ଅନୁଦାନର ସୁପାରିଶ ଏବଂ ଅଭାବ**

(₹କୋଟିରେ)

| ବର୍ଷ | ଏଫ୍ଏଫ୍ସି ଅନୁଦାନ ସୁପାରିଶ କରାଯାଇଛି | | | ଏଫ୍ଏଫ୍ସି ଅନୁଦାନ ପ୍ରାପ୍ତ | | | ଅନୁଦାନର ଅଭାବ | | |
|---|---|---|---|---|---|---|---|---|---|
| | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ | ମୌଳିକ ଅନୁଦାନ | କାର୍ଯ୍ୟଦକ୍ଷତା ଅନୁଦାନ | ସମୁଦାୟ |
| 2015-16 | 170.10 | 0.00 | 170.10 | 162.44 | 0.00 | 162.44 | 7.66 | 0.00 | 7.66 |
| 2016-17 | 235.54 | 69.52 | 305.06 | 231.26 | 68.26 | 299.52 | 4.28 | 1.26 | 5.54 |
| 2017-18 | 272.14 | 78.67 | 350.81 | 258.84 | 0.00 | 258.84 | 13.30 | 78.67 | 91.97 |
| 2018-19 | 314.82 | 89.34 | 404.16 | 292.73 | 0.00 | 292.73 | 22.09 | 89.34 | 111.43 |
| 2019-20 | 425.39 | 116.98 | 542.37 | 425.39 | 0.00 | 425.39 | 0.00 | 116.98 | 116.98 |
| ମୋଟ | 1417.99 | 354.51 | 1772.50 | 1370.66 | 68.26 | 1438.92 | 47.33 | 286.25 | 333.58 |

*(ଉତ୍ସ : ଡିଏମଏ ଦ୍ୱାରା ଏହି ସୂଚନା ପ୍ରଦାନ କରାଯାଇଛି)*

ଉପର ସାରଣୀରୁ, ଏହା ଦେଖାଯାଇପାରେ ଯେ ₹333.58 କୋଟି (ପିଜି ₹286.25 କୋଟି + ବିଜି ₹47.33 କୋଟି) ର କେନ୍ଦ୍ରୀୟ ସାହାଯ୍ୟ ଯାହା ୟୁଏଲବି ଗୁଡିକରେ ଚାରୋଟି ମୌଳିକ ସେବା ରେ ଏସଏଲବି ହାସଲ ନ କରିବା ହେତୁ ସ୍ୱଚ୍ଛ ରାଜସ୍ୱ ବୃଦ୍ଧି, ନିର୍ବାଚନ ନକରିବା ଏବଂ ବାର୍ଷିକ ସମୀକ୍ଷା ଆକାଉଣ୍ଟସ୍ ପ୍ରସ୍ତୁତି ହୋଇନଥିବାରୁ କ୍ଷତି ଘଟିଛି ।

ପ୍ରସ୍ଥାନ ସମ୍ମିଳନୀ (ଏପ୍ରିଲ୍ 2022) ରେ ଡିଏମଏ ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରିଥିଲେ ।

# ଅଧ୍ୟାୟ - III

# କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ରଣନୀତି

# ଅଧ୍ୟାୟ III

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ର ଯୋଜନା ଏବଂ ରଣନୀତି

## 3.1 ଯୋଜନା

ଭାରତରେ କଠିନ ବର୍ଜ୍ୟବସ୍ତୁ ର ପ୍ରଶାସନ ଏବଂ ପରିଚାଳନା ର ରୂପରେଖକୁ ବ୍ୟାପକ ଭାବରେ ତିନି ସ୍ତରରେ ବିଭକ୍ତ କରାଯାଇଛି ଯଥା କେନ୍ଦ୍ରୀୟ, ରାଜ୍ୟ ଏବଂ ସ୍ଥାନୀୟ ସଂସ୍ଥା । ଅନ୍ୟାନ୍ୟ ହିତାଧିକାରୀ ଯେଉଁମାନେ ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ସେମାନେ ହେଲେ ପରିବାର, ବ୍ୟବସାୟ, ଶିଳ୍ପ, ଅନୌପଚାରିକ କ୍ଷେତ୍ର, ଅଣ-ସରକାରୀ ସଂଗଠନ (ଏନ.ଜି.ଓ), ଗୋଷ୍ଠୀ ଭିତ୍ତିକ ସଂଗଠନ (ସି.ବି.ଓ), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ.ଜି), ଇତ୍ୟାଦି । କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଅନେକ ପର୍ଯ୍ୟାୟରେ ଏହି ସମସ୍ତ ହିତାଧିକାରୀଙ୍କ ଯୋଗଦାନ ଆବଶ୍ୟକ । ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ହିତାଧିକାରୀଙ୍କ ଭୂମିକା ଏବଂ ଦାୟିତ୍ୱ ନିମ୍ନ ସାରଣୀ- 3.1 ରେ ଦିଆଯାଇଛି ।

**ସାରଣୀ – 3.1: କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ଜଡ଼ିତ ହିତାଧିକାରୀଙ୍କ ଦାୟିତ୍ୱ**

| ଅନୁଷ୍ଠାନ/ ହିତାଧିକାରୀ | କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଭୂମିକା ଏବଂ ଦାୟିତ୍ୱ |
|---|---|
| କେନ୍ଦ୍ର ସରକାର (ଏମ.ଓ.ଇ.ଏଫ୍.ସି.ସି, ଏମ.ଓ.ୟୁ.ଡ଼ି ଏବଂ ସି.ପି.ସି.ବି) | ନିୟମ ଗଠନ କରିବା, ନୀତି ଏବଂ ଆଦର୍ଶ, ନିର୍ଦ୍ଦେଶାବଳୀ, ମାନୁଆଲଗୁଡ଼ିକ ଏବଂ ବୈଷୟିକ ସହାୟତା, ଆର୍ଥିକ ସହାୟତା, ନିୟମ ଏବଂ ନିୟମର କାର୍ଯ୍ୟ କାରୀତା ଉପରେ ନଜର ରଖିବା । |
| ରାଜ୍ୟ ସରକାର (ଏଚ. ଏବଂ ୟୁ .ଡ଼ି.ଡ଼ି ମୁଖ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ ଏବଂ ଏସ୍.ପି.ସି.ବି ସଦସ୍ୟ ସଚିବଙ୍କ ଦ୍ୱାରା ପରିଚାଳିତ । | ନୀତି ଗଠନ କରିବା ଏବଂ ମହାନଗର ଗୁଡ଼ିକରେ ଆଇନ ଏବଂ ନିୟମର କାର୍ଯ୍ୟକାରୀତା ଉପରେ ନଜର ରଖିବା, ରାଜ୍ୟ ନୀତି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ରଣନୀତି,ନିର୍ଦ୍ଦେଶାବଳୀ, ମାନୁଆଲ ଏବଂ ବୈଷୟିକ ସହାୟତା, ଆର୍ଥିକ ସହାୟତା, ସେବା ସ୍ତରର ମାନଦଣ୍ଡ (ଏସ.ଏଲ.ବି) ଗୁଡ଼ିକୁ ଏମ.ଓ.ୟୁ.ଡ଼ି କୁ ରିପୋର୍ଟ କରିବା, ୟୁଏଲବି ଗୁଡିକର କ୍ଷମତା ବୃଦ୍ଧି, ଚିକିତ୍ସା ଏବଂ ନିଷ୍କାସନ କାର୍ଯ୍ୟକଳାପ ସ୍ଥାପନ କରିବାକୁ ସମ୍ମତି ପ୍ରଦାନ । |
| ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରୀ ବିକାଶ ଏଜେନ୍ସୀ (ଡ଼ି.ୟୁ.ଡ଼ି.ଏ) ଙ୍କ ସହାୟତାରେ ଜିଲ୍ଲା କଲେକ୍ଟର କିମ୍ବା ଡେପୁଟୀ କମିଶନର (ଡ଼ି.ସି) | ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟାରେ ସହରୀ ସ୍ଥାନୀୟ ସଂସ୍ଥାର କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିବା, କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧାକୁ ସହଜ କରିବା ପାଇଁ ଉପଯୁକ୍ତ ଜମିର ଚିହ୍ନଟ ଏବଂ ବଣ୍ଟନ କରିବା । |
| ସହରୀ ସ୍ଥାନୀୟ ସଂସ୍ଥା (କମିଶନରଙ୍କ ମ୍ୟୁନିସିପାଲିଟି କମିଶନର କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ) | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ନିୟମର କାର୍ଯ୍ୟକାରିତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ଯୋଗାଇବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତି, ବିଧିୟ-ନିୟମ ଗଠନ, ଶୁଳ୍କ ଏବଂ ଦେୟ ସଂଗ୍ରହ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅର୍ଥ ପ୍ରଦାନ, ଜନ ସଚେତନତା ସୃଷ୍ଟି କରିବା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଅନୌପଚାରିକ କ୍ଷେତ୍ରର ଯୋଗଦାନ । |
| ଅନୌପଚାରିକ କ୍ଷେତ୍ର (ବର୍ଜ୍ୟବସ୍ତୁ ପୁନଃ ବ୍ୟବହାରକାରୀ, ଏନ.ଜି.ଓ, ସି.ବି.ଓ ଏବଂ ବେସରକାରୀ ଅଂଶୀଦାର) | ବିଭିନ୍ନ ପର୍ଯ୍ୟାୟରେ ଉତ୍ସ ପୁନରୁଦ୍ଧାର ଏବଂ ପୁନରାବର୍ତ୍ତନ, ସ୍ଥାନୀୟ ପୁନରାବର୍ତ୍ତନକାରୀ ଶିଳ୍ପକୁ ସହାୟତା ପ୍ରଦାନ, ସଂପ୍ରଦାୟର ସଂପୃକ୍ତି, ସଚେତନତା ସୃଷ୍ଟି କରିବା, ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିବହନ, ଏବଂ ଟେକ୍ନୋଲୋଜି ପ୍ରଦାନ କାରୀ । |

(ଉତ୍ସ: କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ୍ 2016 ଅନୁଯାୟୀ)

## 3.2 ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ନୀତି ଏବଂ ରଣନୀତି

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ମାନୁଆଲ 2000 (ବିଭାଗ 25.2) କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 11 (କ) (ଖ) ପଠନ ସହିତ (08 ଏପ୍ରିଲ୍ 2016 ରେ ସୂଚିତ) ନିୟମ ଦର୍ଶାଏ ଯେ ବିଜ୍ଞପ୍ତିର ଏକ ବର୍ଷ

ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରାଜ୍ୟ ସରକାର ଏକ ରାଜ୍ୟନୀତି ଏବଂ ରଣନୀତି ପ୍ରସ୍ତୁତ କରିବା ଉଚିତ୍ ।

ଅଡ଼ିଟ୍ ଦେଖିଲେ ଯେ ଏଚଏବଂ ୟୁଡ଼ି ବିଭାଗ ଫେବୃଆରୀ 2022 ସୁଦ୍ଧା ଏକ ଏକୀକୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟନୀତି ସୂଚୀତ କରି ନଥିଲା । ରାଜ୍ୟ ନୀତି ଅନୁପସ୍ଥିତିରେ, ଦୀର୍ଘ ସ୍ଥାୟୀ ଏବଂ ସ୍ୱଳ୍ପ ମିଆଦି ପରିଚାଳନା ରଣନୀତି ଏବଂ କାର୍ଯ୍ୟଯୋଜନା ବିକଶିତ ହେଲାନାହିଁ । ଏହିପରି, ଉତ୍ପାଦିତ ବର୍ଜ୍ୟବସ୍ତୁ ଗୁଡିକ ମାର୍ଚ୍ଚ 2020 ସୁଦ୍ଧା ୟୁଲବି ମାନଙ୍କ ଦ୍ୱାରା ପ୍ରକ୍ରିୟାକରଣ ନ କରି ଲ୍ୟାଣ୍ଡ ଫିଲ୍ ଅଞ୍ଚଳ ଗୁଡ଼ିକରେ ପକାଯାଇଥିଲା ।

ରାଜ୍ୟରେ ଏସ.ଡ଼ବଲ୍ୟୁ.ଏମ. ବ୍ୟବସ୍ଥାର ବିକେନ୍ଦ୍ରୀକରଣ ପାଇଁ ଓଡ଼ିଶା ସରକାର (ଜୁଲାଇ 2019) ଏକ ଷ୍ଟାଣ୍ଡାର୍ଡ଼ ଅପରେଟିଂ ପ୍ରଣାଳୀ ( ଏସଓପି)(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ.ସି.ସି) ଏବଂ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ.ଆର.ଏଫ୍.) ଜାରି କରିଥିଲେ ଏବଂ ଡ଼ିସେମ୍ବର 2020 ରେ ଏମ.ସି.ସି ଏବଂ ଏମ.ଆର.ଏଫ କେନ୍ଦ୍ରଗୁଡ଼ିକର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ପାଇଁ ଅନ୍ୟ ଏକ ଏସ.ଓ.ପି ଜାରି କରିଥିଲେ । ଉପରୋକ୍ତ ଦୁଇଟି ଏସ.ଓ.ପି ର ପରିଚୟ ପରେ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଏମ.ସି.ସି ଏବଂ ଏମ.ଆର.ଏଫ ର ଭିତ୍ତିଭୂମି ସୃଷ୍ଟି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । 114 ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ନିର୍ମାଣ ହେବାକୁ ଥିବା 271 ଏମ.ସି.ସି ଏବଂ 173 ଏମ.ଆର.ଏଫ ମଧ୍ୟରୁ, ମାର୍ଚ୍ଚ 2021 ସୁଦ୍ଧା 165 ଏମ.ସି.ସି ଏବଂ 140 ଏମ.ଆର.ଏଫ କେନ୍ଦ୍ର ସମାପ୍ତ ହୋଇଛି । ପରୀକ୍ଷିତ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ, 123 ଏମ.ସି.ସି ମଧ୍ୟରୁ 55 ଏବଂ 51 ଟି ଏମ.ଆର.ଏଫ କେନ୍ଦ୍ର ମଧ୍ୟରୁ 38 ଟି ସମାପ୍ତ ହୋଇଛି ।

ଏହାର ଉତ୍ତରରେ ବିଭାଗ କହିଲା (ଏପ୍ରିଲ୍ 2022) ଯେ, ଓଡିଶା ସହରୀ ସାନିଟେସନ ଯୋଜନା ଏବଂ ଓଡିଶା ସହରୀ ସାନିଟେସନ କୌଶଳ 2017 ରେ ଅଧିସୂଚିତ ହୋଇଥିଲା ଯେଉଁଥିରେ ଏସଡବ୍ଲୁଏମ ଅର୍ନ୍ତଭୂକ୍ତ । ପରନ୍ତୁ ତଥ୍ୟ ଏହା ଯେ ଏସଡବ୍ଲୁଏମ ନିମନ୍ତେ କୌଣସି ଏକିକୃତ / ସତନ୍ତ୍ର ରାଜ୍ୟ ଯୋଜନା ଏବଂ ରଣନୀତି ପ୍ରସ୍ତୁତ ହୋଇନଥିଲା ।

## 3.3 ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା

### 3.3.1. ସ୍ୱଳ୍ପ ମିଆଦି ଏବଂ ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ମାନୁଆଲ୍, 2000 (ବିଭାଗ 26.1 ଏବଂ 26.2) ଏବଂ ମାନୁଆଲ୍ 2016 (ବିଭାଗ 1.4.5, 1.4.6 ଏବଂ 5.4) ଗୁରୁତ୍ୱାରୋପ କରିଛି ଯେ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ସମ୍ଭାବ୍ୟ ପରିସ୍ଥିତି ଯୋଜନା ଗୁଡିକ ସହ ସ୍ୱଳ୍ପ ମିଆଦି (ପାଞ୍ଚ ବର୍ଷ) ଏବଂ ଦୀର୍ଘ ମିଆଦି (20-25 ବର୍ଷ) କାର୍ଯ୍ୟ ଯୋଜନା ସହିତ ବିସ୍ତୃତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ହେବ । ସ୍ୱଳ୍ପ ମିଆଦି ଯୋଜନା ଦୀର୍ଘ ମିଆଦି ଯୋଜନା ହାସଲ ଆଡ଼କୁ ଅଗ୍ରସର କରିବା ଉଚିତ୍ । ସ୍ଥାନୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଉଚିତ୍ ଯେ ସ୍ୱଳ୍ପ ମିଆଦି ଯୋଜନା ଗୁଡ଼ିକ ଦୀର୍ଘ ମିଆଦି ଯୋଜନା ଏବଂ କାର୍ଯ୍ୟକାରିତା ସହିତ ସମତୁଲ ଅଟେ । ସମ୍ଭାବ୍ୟ ପରିସ୍ଥିତି ଯୋଜନା ଗୁଡ଼ିକ ବର୍ଜ୍ୟବସ୍ତୁର ଉପଯୁକ୍ତ ସଂରକ୍ଷଣ ପାଇଁ ପ୍ରସ୍ତୁତି ଏବଂ ପ୍ରକ୍ରିୟାକରଣ/ ଚିକିତ୍ସା/ ନିଷ୍କାସନ ସୁବିଧା ଗୁଡ଼ିକ କାର୍ଯ୍ୟନକରିବା ପରିସ୍ଥିତିରୁ ଉଧୁରିବା ପାଇଁ ଥିଲା ।

ଅଡ଼ିଟ୍ ନିରୀକ୍ଷଣ କରିଲା ଯେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ବ୍ୟବସ୍ଥିତ ପଦ୍ଧତି ଗ୍ରହଣ କରିବା ପାଇଁ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସ୍ୱଳ୍ପ ମିଆଦି/ ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା କିମ୍ବା ସମ୍ଭାବ୍ୟ ପରିସ୍ଥିତି ଯୋଜନା ପ୍ରସ୍ତୁତ 2015-20 ମଧ୍ୟରେ କରିନାହାନ୍ତି । ଏହି ଯୋଜନାଗୁଡ଼ିକର ଅନୁପସ୍ଥିତିରେ, ସହର ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦ୍ୱାରା ପରିଚାଳିତ ହେଉଥିଲା ।

ସରକାର କହିଲେ(ମେଇ 2022) ଯେ, ରାଜ୍ୟ ସ୍ତରରେ ଏସଡବ୍ଲୁଏମ୍ ବିକେନ୍ଦ୍ରିକରଣ ପାଇଁ ଗୃହ ଏବଂ ସହର ଉନ୍ନୟନ ବିଭାଗ 2019 ରେ ଏସଓପି ଜାରୀ କରିଛନ୍ତି । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ୟୁଏଲବି ସ୍ତରରେ ସ୍ୱଳ୍ପ ମିଆଦି ଏବଂ ଦୀର୍ଘ ମିଆଦି କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ ପାଇଁ ଏମଏସଡବ୍ଲୁ ମାନୁଆଲ ଦର୍ଶାଏ ।

### 3.3.2. କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିନା ବ୍ୟବସ୍ଥାରେ ନିର୍ମାଣ ଯୋଜନା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 15 (ze) ଅନୁଯାୟୀ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ ଗୋଷ୍ଠୀ ବର୍ଗର ସୋସାଇଟି କିମ୍ବା ବଜାରର କମ୍ପ୍ଲେକ୍ସ ନିର୍ମାଣ ଯୋଜନା ଗୁଡ଼ିକର ଅନୁମୋଦନ

ପ୍ରଦାନ କରିବା ବେଳେ ପୃଥକ୍ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକିକରଣ ଏବଂ ସଂରକ୍ଷଣ ପାଇଁ କେନ୍ଦ୍ର ସ୍ଥାପନର ବ୍ୟବସ୍ଥା ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ।

ଅଡ଼ିଟ୍ ନିରୀକ୍ଷଣ କରଛି ଯେ ମାର୍ଚ୍ଚ 2021 ସୁଦ୍ଧା କୌଣସି ବି ୟୁଏଲବି ଗ୍ରୁପ ହାଉସିଂ ସୋସାଇଟି କିମ୍ବା ମାର୍କେଟ୍ କଂପ୍ଲେକ୍ସ ର ନିର୍ମାଣ ପ୍ଲାନିଂରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଲାଗୁ କରିବା ସୁନିଶ୍ଚିତ କରିନଥିଲେ । ଫଳରେ, ବର୍ଜ୍ୟ ପରିଚାଳନା ରେ ସଂପ୍ରଦାୟ ର ଯୋଗଦାନ ସୁନିଶ୍ଚିତ ହେଲାନାହିଁ । କାର୍ଯ୍ୟନିର୍ବାହୀ ଅଧିକାରୀ ବଲାଙ୍ଗୀର ଏବଂ ବରଗଡ଼ ଅଡ଼ିଟ୍ ମନ୍ତବ୍ୟ ଗୁଡ଼ିକୁ ଭବିଷ୍ୟତ ମାର୍ଗଦର୍ଶନ ପାଇଁ ଉଲ୍ଲେଖ କରିଛନ୍ତି ।

## 3.4 ଯୋଜନାରେ ସମସ୍ତ ହିତାଧିକାରୀ ଜଡ଼ିତ ନ ହେବା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ବିକାଶ ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ସହିତ ଜଡ଼ିତ ବିଭାଗଗୁଡ଼ିକୁ[12] ଅନ୍ତର୍ଭୁକ୍ତ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ଏବଂ କାର୍ଯ୍ୟକାରୀତା କାର୍ଯ୍ୟାନ୍ୱୟନରେ ସଂପ୍ରଦାୟର ସଂପୃକ୍ତି (ଘର, ଅନୌପଚାରିକ କ୍ଷେତ୍ର, ଏନ.ଜି.ଓ., ସି.ବି.ଓ., ଏସ.ଏଚ.ଜି. ମହିଳା ଗୋଷ୍ଠୀ, ମାଧ୍ୟମିକ ବିଦ୍ୟାଳୟ ଏବଂ କଲେଜ ଛାତ୍ର ଇତ୍ୟାଦି) ପାଇଁ ଏକ ମୂଳ ଦଳ କିମ୍ବା ପରାମର୍ଶଦାତା ଦଳ (ଆଭ୍ୟନ୍ତରୀଣ ଅଂଶୀଦାର) ଗଠନ ପାଇଁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ୍, 2016 (ଅଂଶ 1.4.4.1) ରେ ପ୍ରଦାନ କରାଯାଇଛି ।

ଅଡ଼ିଟ୍ ଲକ୍ଷ୍ୟ କରିଛି ଯେ 2015-20 ମଧ୍ୟରେ ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଆଭ୍ୟନ୍ତରୀଣ/ ବାହ୍ୟ ହିତାଧିକାରୀ ସହିତ ଜଡ଼ିତ କୌଣସି ମୂଳ ଦଳ କିମ୍ବା ପରାମର୍ଶଦାତା ଦଳ ଗଠନ କରାଯାଇ ନାହିଁ । ଏସ.ଓ.ପି. ର ପରିଚୟ ପରେ, 1,381 ସ୍ୱଚ୍ଛ ସାଥି ଏବଂ 345 ସ୍ୱଚ୍ଛ ସୁପରଭାଇଜରଙ୍କ ଆବଶ୍ୟକତା ରହିଥିବା ସ୍ଥଳେ, ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ 1,083 ସ୍ୱଚ୍ଛ ସାଥି (78 ପ୍ରତିଶତ) ଏସ.ଏଚ.ଜି. ଗୋଷ୍ଠୀରୁ ଏବଂ 173 ସ୍ୱଚ୍ଛ ସୁପରଭାଇଜର (50 ପ୍ରତିଶତ) ନିୟୋଜିତ କରିଥିଲେ ।

ସରକାର କହିଲେ(ମେଇ 2022) ଯେ, ୟୁଏଲବି ଗୁଡିକର ପ୍ରତ୍ୟେକ ୱାର୍ଡ ରେ ୱାଟସନ କମିଟି[13] ଗଠିତ ହୋଇଛି ଯାହା ତୃଣମୂଳ ସ୍ତରରେ ୟୁଏଲବି ଗୁଡିକର ଏସଡବ୍ଲୁଏମ ପ୍ରକ୍ରିୟାକରଣରେ ସକ୍ରିୟ ଭାବେ ଯୋଗଦାନ କରୁଛନ୍ତି । ପରନ୍ତୁ, ତଥ୍ୟ ଏହା ଯେ ସରକାର ଆଭ୍ୟନ୍ତରୀଣ/ ବାହ୍ୟ ହିତାଧିକାରୀ ଙ୍କୁ ସଂପୃକ୍ତ କରି କୌଣସି ମୂଳ/ପରାମର୍ଶଦାତା ଦଳ ଗଠିତ କରିବାରେ ବିଫଳ ହୋଇଥିଲେ ।

## 3.5 କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟର ଅଣ ପ୍ରସ୍ତୁତି

ଅକ୍ଟୋବର 2014 ରେ ଭାରତ ସରକାର ଏହାର ଫ୍ଲାଗସିପ୍ ସ୍କିମ୍ ସ୍ୱଚ୍ଛ ଭାରତ ମିଶନ୍-ସହରୀ (ଏସ.ବି.ଏମ.) ଆରମ୍ଭ କରିଥିଲେ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏହାର ଛଅଟି ଉପାଦାନ ମଧ୍ୟରୁ ଗୋଟିଏ ଥିଲା । ସ୍ୱଚ୍ଛ ଭାରତ ମିଶନ ଗାଇଡ଼ଲାଇନର ଅନୁଚ୍ଛେଦ 7.2 ଏବଂ 7.3 ଅନୁଯାୟୀ, ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ସେମାନଙ୍କ ସହରର କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର.) ପ୍ରସ୍ତୁତ କରିବେ । ଏହା ମଧ୍ୟ ଧାର୍ଯ୍ୟ ହୋଇଛି ଯେ ବେସରକାରୀ କିମ୍ବା ସରକାରୀ ଏଜେନ୍ସୀ ଗୁଡ଼ିକୁ ସର୍ଟ ଲିଷ୍ଟ/ ଚିହ୍ନଟ କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଶୀଘ୍ର ପ୍ରସ୍ତୁତ କରିବାରେ ରାଜ୍ୟ ସରକାର ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ସହଯୋଗ କରିପାରିବେ ।

ଅଡ଼ିଟ୍ ଦେଖିଲେ ଯେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ପରୀକ୍ଷା ଯାଞ୍ଚ ସହରୀ ସ୍ଥାନୀୟ ସଂସ୍ଥା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିନାହାନ୍ତି । ବିସ୍ତୃତ ପ୍ରକଳ୍ପ ରିପୋର୍ଟର ଅନୁପସ୍ଥିତିରେ, ମୁଣ୍ଡ ପିଛା ବର୍ଜ୍ୟବସ୍ତୁ ଉତ୍ପାଦନର ପରିମାଣ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଡିଜାଇନ୍ କ୍ଷମତାର କଭରେଜ୍, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କଣ୍ଟିଜେନ୍ସୀ ଯୋଜନା, 3 ଆର. ଅଭିମୁଖ୍ୟ କାର୍ଯ୍ୟକାରୀ କରିବା ପାଇଁ ରଣନୀତି, ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଯୋଜନାରେ ଜଡ଼ିତ ହେବା ଏବଂ ଆବର୍ଜନା ପରିଚାଳନାରେ ଜଡ଼ିତ ହେବା ଅଡ଼ିଟ୍‌ରେ ମୂଲ୍ୟାଙ୍କନ କରାଯାଇ ପାରିଲା ନାହିଁ ।

---

[12] (i) ୟୁ.ଏଲ.ବି.ର କମିଶନର କିମ୍ବା ମୁଖ୍ୟ କାର୍ଯ୍ୟ ନିର୍ବାହୀ, (ii) ଏସ.ଡ଼ବଲ୍ୟୁ.ଏମ. ବିଭାଗର ମୁଖ୍ୟ, (iii) ଏସ.ଡ଼ବଲ୍ୟୁ.ଏମ. ବିଭାଗର ପରିବେଶ ଯନ୍ତ୍ରୀ, (iv) ନଗର ଯୋଜନା ବିଭାଗର ମୁଖ୍ୟ, (v) ଜଳ ଯୋଗାଣ, ଜନ ସ୍ୱାସ୍ଥ୍ୟ କିମ୍ବା ପରିମଳ ଏବଂ ସେରେଜ୍ ବିଭାଗର ମୁଖ୍ୟ, (vi) ଆକାଉଣ୍ଟସ୍ ବିଭାଗର ମୁଖ୍ୟ , ଏବଂ (vii) ଏସ.ଡ଼ବଲ୍ୟୁ.ଏମ. ୱାର୍ଡ଼ ସ୍ତରୀୟ ଅଧିକାରୀ

[13] ୱାଟସନ୍ କମିଟି: ଏହା ଏକ ସହରାଞ୍ଚଳର ୱାର୍ଡ ସ୍ତରୀୟ ଜଳ ଏବଂ ପରିମଳ ବ୍ୟବହାର ପରିଚାଳନା କମିଟି

ସରକାର କହିଲେ (ମଇ 2022) ଯେ, କ୍ଷୁଦ୍ର ପ୍ରକ୍ରିୟା କରଣ କେନ୍ଦ୍ର ସ୍ଥାପନ ଲାଗି ଡିପିଆର ର ଆବଶ୍ୟକତା ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ମାର୍ଗଦର୍ଶୀକା ଦର୍ଶାଉଥିଲା ଯେ ଏସଡବ୍ଲୁଏମ ନିମନ୍ତେ ୟୁଏଲବି ଗୁଡିକ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଡିପିଆର ପ୍ରସ୍ତୁତ କରିବା ଦରକାର ।

## 3.6 ସେବା ସ୍ତରର ମାନଦଣ୍ଡ (ଏସ.ଏଲ.ବି.)

ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଚାରୋଟି ପ୍ରମୁଖ କ୍ଷେତ୍ରରେ - ଜଳ ଯୋଗାଣ, ସେରେଜ୍, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବର୍ଷା ଜଳ ପରିଚାଳନା ସେବା ଯୋଗାଇବା ପାଇଁ ଜାତୀୟ ସ୍ତରରେ ସେବାର ମାନଦଣ୍ଡ ଏସ.ଏଲ.ବି. ସ୍ଥିର କରିଛି। କାର୍ଯ୍ୟ ଦକ୍ଷତା ଏବଂ ଉନ୍ନତି ଉପରେ ନଜର ରଖିବା ସେବା ସ୍ତରର ମାନଦଣ୍ଡର ଲକ୍ଷ୍ୟ ଭାବରେ ଧାର୍ଯ୍ୟ କରାଯାଇଛି । ଉଦ୍ଦେଶିତ କାର୍ଯ୍ୟର ଦକ୍ଷତା ବିଶ୍ଳେଷଣ କରିବା ପାଇଁ ଏବଂ ସେମାନଙ୍କର କାର୍ଯ୍ୟକଳାପରେ ଉନ୍ନତି ଆଣିବା ପାଇଁ ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ମାନଦଣ୍ଡ ଏକ ଉପକରଣ ଭାବରେ ବ୍ୟବହୃତ ହେବା ଉଚିତ୍ । ସେବାଗୁଡ଼ିକର ମାନଦଣ୍ଡ ରାଜ୍ୟ ସ୍ତରୀୟ ଏଜେନ୍ସୀ ଏବଂ ସ୍ଥାନୀୟ ସ୍ତରୀୟ ସେବା ପ୍ରଦାନକାରୀଙ୍କୁ ସହମତ ଲକ୍ଷ୍ୟ ଗୁଡ଼ିକ ଉପରେ କାର୍ଯ୍ୟ ଦକ୍ଷତା ତଦାରଖ ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ କରିବାକୁ ସକ୍ଷମ କରିଥାଏ । ଚତୁର୍ଦ୍ଦଶ ଅର୍ଥ କମିଶନ (ଏଫ.ଏଫ.ସି.) ମଧ ମାନଦଣ୍ଡର ନୀତିକୁ ସମର୍ଥନ କରିଛନ୍ତି ଏବଂ ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ କାର୍ଯ୍ୟ ଦକ୍ଷତା ଭିତ୍ତିକ ଅନୁଦାନ ବଣ୍ଟନ ପାଇଁ ସେବା ସ୍ତରର ମାନଦଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି । କାର୍ଯ୍ୟ ଦକ୍ଷତା ସୂଚକାଙ୍କ ଉପରେ ନଜର ରଖିବା ଏବଂ ରିପୋର୍ଟ କରିବା ପାଇଁ ଏମ.ଓ.ୟୁ.ଡ଼ି. ଏକ ସାଧାରଣ ସର୍ବନିମ୍ନ ଢାଞ୍ଚାକୁ ବ୍ୟାଖ୍ୟା କରିଛି, ଯେଉଁଥିରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଆଠଟି କାର୍ଯ୍ୟ ଦକ୍ଷତା ସୂଚକ ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ - 3.2: କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ସେବା ସ୍ତରର ମାନଦଣ୍ଡ ଏବଂ କାର୍ଯ୍ୟ ଦକ୍ଷତା**

| କ୍ରମିକ ସଂଖ୍ୟା | କାର୍ଯ୍ୟ ଦକ୍ଷତା ସୂଚକ | ଶତକଡ଼ା ୟୁନିଟ୍‌ରେ | ମାନଦଣ୍ଡ (ପ୍ରତିଶତରେ) |
|---|---|---|---|
| 1 | ଗୃହ ସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ଗୁଡ଼ିକର କଭରେଜ | ଦ୍ୱାର ସଂଗ୍ରହ ପ୍ରଣାଳୀ ଦ୍ୱାରା ପ୍ରତିଦିନ ଗୃହ ଏବଂ ପ୍ରତିଷ୍ଠାନଗୁଡ଼ିକରୁ ସଂଗ୍ରହ | 100 |
| 2 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ସଂଗ୍ରହର ଦକ୍ଷତା | ପ୍ରକଳ୍ପ କ୍ଷେତ୍ରରେ ଉତ୍ପାଦିତ ବର୍ଜ୍ୟବସ୍ତୁ ମଧ୍ୟରୁ ସଂଗୃହୀତ ସମୁଦାୟ ବର୍ଜ୍ୟବସ୍ତୁ | 100 |
| 3 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୃଥକତାର ପରିମାଣ | ଗୃହ ଏବଂ ପ୍ରତିଷ୍ଠାନ ଯେଉଁମାନେ ସେମାନଙ୍କର ଆବର୍ଜନାକୁ ପୃଥକ୍ କରନ୍ତି | 100 |
| 4 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପୁନରୁଦ୍ଧାର ପରିମାଣ | ସଂଗୃହୀତ ବର୍ଜ୍ୟବସ୍ତୁର ପରିମାଣ, ଯାହା ପୁନରାବର୍ତ୍ତନ କିମ୍ବା ପ୍ରକ୍ରିୟାକରଣ ହୋଇଥିଲା | 80 |
| 5 | ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ନିଷ୍କାସନର ପରିମାଣ | ଲ୍ୟାଣ୍ଡ ଫିଲ୍ ଏବଂ ଡମ୍ପ ଅଞ୍ଚଳରେ ପକାଯାଇଥିବା ସମୁଦାୟ ପରିମାଣର ବର୍ଜ୍ୟବସ୍ତୁ ମଧ୍ୟରୁ ସାନିଟାରୀ ଲ୍ୟାଣ୍ଡ ଫିଲରେ ପକାଯାଇଥିବା ଆବର୍ଜନାର ତୁଳନା | 100 |
| 6 | କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବାରେ ମୂଲ୍ୟ ପୁନରୁଦ୍ଧାରର ପରିମାଣ | କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ସହିତ ଜଡ଼ିତ ସମସ୍ତ ପରିଚାଳନା ଖର୍ଚ୍ଚର ପୁନରୁଦ୍ଧାର ଯାହା ୟୁ.ଏଲ.ବି. କେବଳ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସହିତ ଜଡ଼ିତ ଉତ୍ସଗୁଡ଼ିକର ପରିଚାଳନା ରାଜସ୍ୱରୁ ପୂରଣ କରିବାକୁ ସକ୍ଷମ ଅଟେ | 100 |
| 7 | ଗ୍ରାହକଙ୍କ ଅଭିଯୋଗ ପ୍ରତିକାରର ଦକ୍ଷତା | 24 ଘଣ୍ଟା ମଧ୍ୟରେ ଗ୍ରହଣ କରାଯାଇଥିବା ସମୁଦାୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯୋଗ ବିରୁଦ୍ଧରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ | 80 |
| 8 | କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବହାରକାରୀ ଦେୟ ସଂଗ୍ରହରେ ଦକ୍ଷତା | ସଂପୃକ୍ତ ବର୍ଷର ମୋଟ ପରିଚାଳନା ରାଜସ୍ୱ ବିରୁଦ୍ଧରେ ସାଂପ୍ରତିକ ବର୍ଷର ରାଜସ୍ୱ ଆଦାୟ | 90 |

(ଉତ୍ସ: ଏମ.ଏସ.ଡବଲ୍ୟୁ. ମାନୁଆଲ୍ 2016 )

## 3.6.1 ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଲକ୍ଷ୍ୟ ଏବଂ ସଫଳତା

ଏହି କାର୍ଯ୍ୟ ଦକ୍ଷତା ସୂଚକାଙ୍କ ଉପରେ 21ଟି ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ସେବା ସ୍ତରର ମାନଦଣ୍ଡ ଘୋଷଣାର ବିଶ୍ଳେଷଣ (2019-20) ଗ୍ରାହକ ଅଭିଯୋଗର ପ୍ରତିକାର ଦକ୍ଷତା ବ୍ୟତିତ ଦର୍ଶାଇଲା ଯେ ପୃଥକତା ର ପରିମାଣ, କଠିନ ବର୍ଜ୍ୟବସ୍ତୁ ପୁନରୁଦ୍ଧାର, ବୈଜ୍ଞାନିକ ନିଷ୍କାସନ ଏବଂ କଠିନ ବର୍ଜ୍ୟବସ୍ତୁର ମୂଲ୍ୟ ପୁନରୁଦ୍ଧାର ଅଧିକାଂଶ ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ମାନଦଣ୍ଡରୁ ଯଥେଷ୍ଟ ତଳେ ଥିଲା ଯାହା ନିମ୍ନ ସାରଣୀରେ ଦେଖା ଯାଇଛି ।

**ସାରଣୀ - ସଂଖ୍ୟା 3.3: ପରୀକ୍ଷା ଯାଞ୍ଚ ହୋଇଥିବା 21 ଟି ୟୁ.ଏଲ.ବି. ଗୁଡ଼ିକ ଦ୍ୱାରା ସେବା ସ୍ତର ମାନଦଣ୍ଡର ସଫଳତା**

| ପରୀକ୍ଷଣ ଯାଞ୍ଚ ୟୁଏଲବି ଗୁଡିକରେ ଘୋଷଣା ହୋଇଥିବା ସେବା ସ୍ତରୀୟ ମାନଦଣ୍ଡର ତଥ୍ୟ | ୟୁଏଲବି ଗୁଡିକର ସଂଖ୍ୟା (ଶତକଡ଼ା ପରିସର) | | | |
|---|---|---|---|---|
| | ଶୁନ ରୁ 20 | 20 ରୁ 50 | 50 ରୁ 80 | 80 ରୁ 100 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନା ପୃଥକତାର ପରିମାଣ | 12 | 03 | 02 | 04 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନାର ପୁନରୁଦ୍ଧାରର ପରିମାଣ | 13 | 03 | 05 | 0 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବୈଜ୍ଞାନିକ ନିଷ୍କାସନର ପରିମାଣ | 19 | 01 | 01 | 0 |
| ଗୃହ ସ୍ତରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବା ପ୍ରଦାନ ର ପରିମାଣ | 06 | 0 | 06 | 09 |
| କଠିନ ବର୍ଜ୍ୟବସ୍ତୁ ପରିଚାଳନା ମୂଲ୍ୟ ପୁନରୁଦ୍ଧାରର ପରିମାଣ | 17 | 02 | 02 | 0 |
| କଠିନ ବର୍ଜ୍ୟବସ୍ତୁ ସଂଗ୍ରହର ଦକ୍ଷତା | 06 | 0 | 05 | 10 |
| କଠିନ ବର୍ଜ୍ୟବସ୍ତୁ ସେବା ପାଇଁ ଉପଭୋକ୍ତା ଦେୟ ସଂଗ୍ରହର ଦକ୍ଷତା | 16 | 04 | 01 | 0 |

(ଉତ୍ସ: ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁ.ଏଲ.ବି. ଗୁଡ଼ିକ ଦ୍ୱାରା ପ୍ରଦାନ ସୂଚନା ଅନୁଯାୟୀ )

ଉପରୋକ୍ତ ସାରଣୀରୁ ଏହା ଦେଖାଯାଏ ଯେ, 19 ଟି ୟୁଏଲବି ଗୁଡ଼ିକରେ କଠିନ ବର୍ଜ୍ୟବସ୍ତୁର ବୈଜ୍ଞାନିକ ନିଷ୍କାସନ ଶୂନରୁ 20 ପ୍ରତିଶତ ମଧ୍ୟରେ ଥିଲା ।

ୟୁଏଲବି ଗୁଡିକ ଦ୍ୱାରା ଘୋଷିତ ହୋଇଥିବା ସଫଳତାର ସଠିକତା ଯାଞ୍ଚ ହୋଇପାରିଲା ନାହିଁ କାରଣ ୟୁଏଲବି ଗୁଡ଼ିକ ସେମାନଙ୍କର ଦାବୀକୁ ସମର୍ଥନ କରି କୌଣସି ଦସ୍ତାବିଜ ସାକ୍ଷ୍ୟ ଦେଇନାହାନ୍ତି । ୟୁଏଲବି ଗୁଡ଼ିକ ନିର୍ଭରଯୋଗ୍ୟତାର ସର୍ବୋଚ୍ଚ/ ପସନ୍ଦିତ ସ୍ତରକୁ ଯିବାକୁ ଚେଷ୍ଟା କରିବା ଉଚିତ୍ । ଫଳସ୍ୱରୂପ, ଏଫ.ଏଫ.ସି. ରୁ ₹333.58 କୋଟି କାର୍ଯ୍ୟ ଦକ୍ଷତା ଅନୁଦାନ ପାଇବାରୁ ୟୁଏଲବି ଗୁଡ଼ିକ ବଞ୍ଚିତ ହୋଇଥିଲେ ।

ରାୟଗଡ଼ା, ଜୟପୁର, କଟକ, ଭଦ୍ରକ, ସମ୍ବଲପୁର, ପୁରୀ ଏବଂ ଛତ୍ରପୁର ୟୁଏଲବି କାର୍ଯ୍ୟ ନିର୍ବାହୀ ଅଧିକାରୀ ସେବା ସ୍ତରର ମାନଦଣ୍ଡ ହାସଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦର୍ଶାଇଛନ୍ତି (ଜାନୁଆରୀ/ ଏପ୍ରିଲ୍ 2021) । ଯାହାହେଉ, ତଥ୍ୟ ଏହା ଯେ, ସର୍ଭିସ ଲେବେଲ ବେଞ୍ଚମାର୍କ ହାସଲ ନହେବା ଯୋଗୁଁ ସରକାର କାର୍ଯ୍ୟ ଦକ୍ଷତା ସହାୟତା ହରାଇଲେ ।

## 3.7 ଦକ୍ଷତାର ବିକାଶ

ଏମ.ଏସ.ଡ଼ବଲ୍ୟୁ. ମାନୁଆଲ୍ 2000 (ଅନୁଭାଗ 19.1) ରେ ଧାର୍ଯ୍ୟ କରାଯାଇଛି ଯେ ଆନୁଷ୍ଠାନିକ ଦୃଢ଼ତା ଏବଂ ଆଭ୍ୟନ୍ତରୀଣ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ଯାହା ଦ୍ୱାରା ପ୍ରୟାସ ଏକ ସମୟ ମଧ୍ୟରେ ସ୍ଥିର ହୋଇପାରିବ ଏବଂ ସ୍ଥାପିତ ବ୍ୟବସ୍ଥା ଭଲ ଭାବରେ ପରିଚାଳିତ ହୋଇପାରିବ । କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର ଧାରା 11 (କେ) ଏବଂ 15 (ଜେଡ଼ ସି), ଅନୁଯାୟୀ ଏଚ ଏବଂ ୟୁ.ଡ଼ି.ଡ଼ି./ ୟୁ.ଏଲ.ବି ପୃଥକିକରଣ ଏବଂ

ପରିବହନ କିମ୍ବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣରେ କର୍ମଚାରୀଙ୍କ ମାନଙ୍କର ଦକ୍ଷତା ବୃଦ୍ଧି (ଚୁକ୍ତି ଭିତ୍ତିକ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରି) ବ୍ୟବସ୍ଥା କରିବା ଆବଶ୍ୟକ।

ଅଡିଟ୍ ଦେଖିଲେ ଯେ ବିଭାଗ 2015-19 ମଧ୍ୟରେ ପରିମଳ କର୍ମଚାରୀଙ୍କ ପାଇଁ କୌଣସି ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରି ନାହିଁ । ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ ବିଭାଗ 2019-20 ମଧ୍ୟରେ ପରିମଳ କର୍ମଚାରୀଙ୍କ ପାଇଁ ଦୁଇଟି ତାଲିମ୍ କାର୍ଯ୍ୟକ୍ରମ ଏବଂ ଏକ ଏକ୍ସପୋଜର ପରିଦର୍ଶନ ଆୟୋଜନ କରିଥିଲା । ଏହିପରି, 2015-19 ମଧ୍ୟରେ ଆନୁଷ୍ଠାନିକ ଦୃଢତା ପାଇଁ ଦକ୍ଷତା ବିକାଶର ଅଭାବ ଥିଲା ।

## 3.7.1 ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ

ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ମାନୁଆଲ 2000 ର ଧାରା 25.4.2.12 ଅନୁଯାୟୀ, ରାଜ୍ୟ ସରକାର ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇ.ଇ.ସି.) ସାମଗ୍ରୀର ବିକାଶ କରିପାରିବେ ଏବଂ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଗ୍ରହଣ କରିବେ ଏବଂ ସହରୀ ସ୍ଥାନୀୟ ସଂସ୍ଥା ମାନଙ୍କୁ ସେମାନଙ୍କ ସହର ଏବଂ ସହରରେ ଜନ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବେ ଏବଂ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ "ହ୍ରାସ, ପୁନଃ ବ୍ୟବହାର ଏବଂ ପୁନଃ ବ୍ୟବହାର ସାପେକ୍ଷ" ନୀତି କୁ ପ୍ରୋତ୍ସାହିତ କରିବେ।

ଘର, ଦୋକାନ ଏବଂ ବାଣିଜ୍ୟିକ ଏବଂ ଅନୁଷ୍ଠାନ ପରିସର ତଥା ଅନ୍ୟାନ୍ୟ ହିତାଧିକାରୀ ଯେପରିକି ପୌରପାଳିକା ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବିଦ୍ୟାଳୟ, ଏନ.ଜି.ଓ., ଅନୌପଚାରିକ କ୍ଷେତ୍ର, ଗଣ ମାଧ୍ୟମ ଇତ୍ୟାଦି ମାନଙ୍କର ବର୍ଜ୍ୟବସ୍ତୁ ପରିଚାଳନାରେ ଅଂଶଗ୍ରହଣ ଏବଂ ସେମାନଙ୍କର ଭୂମିକା ଫଳପ୍ରଦ ଭାବରେ ନିଶ୍ଚିତ କରିବାକୁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଆଇଇସି[14] ଅଭିଯାନ ଟାର୍ଗେଟ୍ କରିବା ଉଚିତ୍ ।

ଅଡ଼ିଟ୍ ନିରୀକ୍ଷଣ କଲା ଯେ ନାଗରିକ, ବହୁଳ ବର୍ଜ୍ୟବସ୍ତୁ ଜେନେରେଟର ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଜଡ଼ିତ ଏଜେନ୍ସି ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପ ପାଇଁ ରାଜ୍ୟ ସରକାର ଏକ ରଣନୀତି ମଡ୍ୟୁଲ୍/ ଡକୁମେଣ୍ଟ ବିକାଶ କରିନାହାନ୍ତି । ୟୁଏଲବି ଗୁଡ଼ିକ ଟାର୍ଗେଟ୍ ଗ୍ରୁପ୍- ଜନ ସାଧାରଣଙ୍କ ଠାରୁ ମ୍ୟୁନିସିପାଲିଟି କର୍ମଚାରୀ ଙ୍କ ସହ ବିଭିନ୍ନ ଆସୋସିଏସନ୍ର ଅଧିକାରୀଙ୍କୁ 2015-20 ଠାରୁ ପ୍ରଦାନ ବିଭିନ୍ନ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକଳାପର ପ୍ରମାଣ ଦେଇ ନ ଥିଲେ । ସେମାନେ ଦାବୀ କରିଛନ୍ତି ଯେ ଆଇ.ଇ.ସି କାର୍ଯ୍ୟକଳାପ ଗୁଡିକ ସଚ୍ଛ ସାଥି ମାଧ୍ୟମରେ କରାଯାଇ, ବ୍ୟାନର, ଷ୍ଟିକର, କାନ୍ଥରେ ଚିତ୍ର ଇତ୍ୟାଦି ମାଧ୍ୟମରେ ସଚେତନତା ସୃଷ୍ଟି କରି ବର୍ଜ୍ୟଉତ୍ପନ୍ନକାରୀ ମାନଙ୍କୁ ବର୍ଜ୍ୟ ଓଦା ଏବଂ ଶୁଖିଲା ଭାବେ ପୃଥକ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା । ୟୁଏଲବି ଗୁଡିକରେ ବ୍ୟବହୃତ ବିଭିନ୍ନ ଯୋଗାଯୋଗ ମାଧ୍ୟମର ସ୍ଥିତି ନିମ୍ନରେ ଦିଆଯାଇଛି ।

**ସାରଣୀ - 3.4: 2015-20 ମଧ୍ୟରେ 21 ଟି ପରୀକ୍ଷିତ ୟୁଏଲବିରେ ବ୍ୟବହୃତ ଯୋଗାଯୋଗର ମାଧ୍ୟମ**

| କ୍ରମିକ ସଂଖ୍ୟା | ବ୍ୟବହୃତ ଯୋଗାଯୋଗର ମାଧ୍ୟମ | ହଁ | ନା |
|---|---|---|---|
| 1 | ଅଡ଼ିଓ | 16 | 05 |
| 2 | ଭିଡ଼ିଓ | 9 | 12 |
| 3 | ଗଣ ଯୋଗାଯୋଗ | 8 | 13 |
| 4 | ପ୍ରାଚୀର ଚିତ୍ରଣ | 17 | 4 |
| 5 | ବିଦ୍ୟାଳୟ | 10 | 11 |
| 6 | ହୋର୍ଡ଼ିଂ | 17 | 04 |
| 7 | ପଥପ୍ରାନ୍ତ ନାଟକ | 07 | 14 |
| 8 | ପାମ୍ପଲେଟ୍ | 14 | 07 |

*(ଉତ୍ସ: ପରୀକ୍ଷା ଯାଞ୍ଚ ହୋଇଥିବା ୟୁ.ଏଲ.ବି. ମାନଙ୍କର ରେକର୍ଡ଼)*

ଏହା ମଧ ଦେଖାଗଲା ଯେ, ଆଇ.ଇ.ସି ସମ୍ବନ୍ଧୀୟ ନିମ୍ନଲିଖିତ ପ୍ରସଙ୍ଗ ଗୁଡ଼ିକ ସମ୍ବୋଧିତ କରାଯାଇ ନ ଥିଲା ।

[14] ଆଇଇସି କାର୍ଯ୍ୟକଳାପ ଏସଡବ୍ଲୁଏମ ନିୟମ 2016 ର ପାରା 15(zg) ଅନୁଯାୟୀ (i) ଆବର୍ଜନା ଏଠି ସେଠି ପକାଇବା ମନା (ii) ବର୍ଜ୍ୟ ଉତ୍ପନ୍ନକୁ କମାଇବା (iii) ସଂଭବତା ଅନୁଯାୟୀ ବର୍ଜ୍ୟର ପୁନଃ ବ୍ୟବହାର (iv)ବର୍ଜ୍ୟକୁ ଜୈବ-ପଚନଶୀଳ/ଅପଚନଶୀଳ/ସାନୀଟାରୀ ବର୍ଜ୍ୟ/ଘର ର ବିପଜ୍ଜନକ ବର୍ଜ୍ୟବସ୍ତୁ ଭାବେ ପୃଥକ କରିବା ଅଭ୍ୟାସ (v) ଘରେ ଖତ ଉତ୍ପାଦନ / ଭର୍ମି ଖତ ଉତ୍ପାଦନର ଅଭ୍ୟାସ ଏବଂ ଜୈବ ଗ୍ୟାସ୍ ଉତ୍ପନ୍ନ କିମ୍ବା ଗୋଷ୍ଠୀ ଅଂଶଗ୍ରହଣ (vi)ସାନିଟାରୀ ବର୍ଜ୍ୟକୁ ସୁରକ୍ଷିତ ଭାବରେ ବାନ୍ଧିବା (vii) ପୃଥକ ହୋଇଥିବା ବର୍ଜ୍ୟବସ୍ତୁ କୁ ଅଲଗା ଡଷ୍ଟବିନ୍ ରେ ରଖିବା (viii)ବର୍ଜ୍ୟ ସଂଗ୍ରହକାରୀଙ୍କୁ ପୃଥକ ହୋଇଥିବା ବର୍ଜ୍ୟ ହସ୍ତାନ୍ତର କରିବା ଏବଂ (ix)ମାସିକ ବ୍ୟବହାରକାରୀ ଦେୟ ବର୍ଜ୍ୟସଂଗ୍ରହକାରୀଙ୍କୁ କିମ୍ବା ୟୁଏଲବିକୁ ଏସଡବ୍ଲୁଏମ ବାବଦରେ ଦେବା

- ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁରେ ଉଭୟ ବିଷାକ୍ତ ଏବଂ ବାୟୋ-ମେଡ଼ିକାଲ୍ ବର୍ଜ୍ୟବସ୍ତୁ ଅନ୍ତର୍ଭୁକ୍ତ । ତଥାପି, ରାଜ୍ୟ ସ୍ତରୀୟ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା/ ୟୁଏଲବି ସ୍ତରୀୟ କର୍ତ୍ତୃପକ୍ଷ ଘରୋଇ ବିପଜ୍ଜନକ ବସ୍ତୁର ତାଲିକାକୁ ପ୍ରକାଶନ କରିନାହାନ୍ତି ।
- ଇ-ଆବର୍ଜନା ବିଭିନ୍ନ ଉପାଦାନକୁ ନେଇ ଗଠିତ ଯାହା ଉଭୟ ବିପଜ୍ଜନକ ଏବଂ ବିପଜ୍ଜନକ ନୁହେଁ । ତେଣୁ, ଇ-ଆବର୍ଜନାକୁ ଉତ୍ସରେ ପୃଥକ୍ କରାଯିବା ଉଚିତ୍ ଏବଂ କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରାଯିବା ଉଚିତ୍ ନୁହେଁ । ତଥାପି, କୌଣସି ନିର୍ଦ୍ଦିଷ୍ଟ ଆଇଇସି କାର୍ଯ୍ୟକଳାପ ରେ ଇ-ଆବର୍ଜନା ପୃଥକିକରଣ ଉପରେ ଧ୍ୟାନ ଦିଆଯାଇ ନ ଥିଲା ।
- କୌଣସି ପରୀକ୍ଷା-ଯାଞ୍ଚ ହୋଇଥିବା ୟୁଏଲବି ଗୁଡ଼ିକ ଆବର୍ଜନା ଏଠି ସେଠି ପକାଇବା, ବିଭିନ୍ନ ବର୍ଜ୍ୟବସ୍ତୁକୁ ପୃଥକ୍ ନ କରିବା ଇତ୍ୟାଦି ପାଇଁ ଜୋରିମାନା ଲାଗୁ ନିମନ୍ତେ ସଚେତନତା ସୃଷ୍ଟି କରିନଥିଲେ ।
- ପରୀକ୍ଷା-ଯାଞ୍ଚ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ପରିଚାଳିତ ଆଇଇସି କାର୍ଯ୍ୟ କଳାପ ଗୁଡ଼ିକ ଜଳି ନ ଯିବା, କବର ନ ଦେବା ଏବଂ ବର୍ଜ୍ୟବସ୍ତୁକୁ ଏଠି ସେଠି ନ ପକାଇବା ଉପରେ ଗୁରୁତ୍ୱ ଦେଇ ନ ଥିଲେ ଏବଂ 3ଆର୍ ମାଧ୍ୟମରେ ବର୍ଜ୍ୟବସ୍ତୁକୁ କମାଇବା ପାଇଁ ପ୍ରଚାର କରିନଥିଲେ ।
- କୌଣସି ପରୀକ୍ଷା-ଯାଞ୍ଚ ହୋଇଥିବା ୟୁଏଲବି ଗୁଡ଼ିକ ସଂପ୍ରଦାୟର ଅଂଶ ଗ୍ରହଣକୁ ଯଥେଷ୍ଟ ଉତ୍ସାହିତ କରି ନ ଥିଲେ ।
- ୟୁଏଲବି ଗୁଡ଼ିକ ପ୍ରତିରକ୍ଷା ଉପକରଣର ବ୍ୟବହାର ପାଇଁ କାର୍ଯ୍ୟଶକ୍ତି ମଧ୍ୟରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରି ନ ଥିଲେ ।

ସରକାର କହିଲେ(ମେଇ 2022) ଯେ, ବିଭାଗ ଦ୍ୱାରା ୟୁଏଲବି ଗୁଡିକୁ ଆଇସି କାର୍ଯ୍ୟକଳାପ କରିବା ନିମନ୍ତେ ସମୟ ସମୟରେ ନିର୍ଦ୍ଦେଶ ଏବଂ ଆଦିରୁପ ଜାରି କରାଯାଇଛି । ସରକାର ପୁଣି କହିଲେ ଯେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ୱାର୍ଡ ସ୍ତରରେ ମିଟିଙ୍ଗ୍ ର ଆୟୋଜନ କରାଯାଉଛି । ପରନ୍ତୁ, ତଥ୍ୟ ଏହା ଯେ ପ୍ରଭାବଶାଳୀ ଭାବେ ଏସଡବ୍ଲୁଏମ ଲକ୍ଷ୍ୟ ହାସଲରେ ଆଇସି କାର୍ଯ୍ୟକଳାପ ଗୁଡିକର ଅଭାବ ଥିଲା । ପୁଣି, ସରକାର ୱାର୍ଡ ସ୍ତରୀୟ ମିଟିଙ୍ଗ୍ ଗୁଡିକର କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ ।

## 3.8 ବର୍ଜ୍ୟବସ୍ତୁର ଉତ୍ପାଦନ ଏବଂ ନିର୍ଦ୍ଧାରଣ

କଠିନ ବର୍ଜ୍ୟବସ୍ତୁ ପରିଚାଳନାର ଯୋଜନା ଏବଂ ପ୍ରଭାବଶାଳୀ କାର୍ଯ୍ୟକାରୀତା ପାଇଁ ସହର ସୀମାରେ ଉତ୍ପନ୍ନ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁର ଏକ ନିର୍ଭରଯୋଗ୍ୟ ନିର୍ଦ୍ଧାରଣ ଜରୁରୀ । ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ମାନୁଆଲ, 2000 ର ଧାରା 3.3.6 ରେ ଧାର୍ଯ୍ୟ କରାଯାଇଥିଲା ଯେ ବର୍ଜ୍ୟବସ୍ତୁ ଉତ୍ପାଦନ, ଓଜନ ଏବଂ ପରିମାଣ ସମ୍ବନ୍ଧୀୟ ତଥ୍ୟ ପ୍ରତ୍ୟେକ କର୍ତ୍ତୃପକ୍ଷ ନିଜ ନିଜ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ସଂଗ୍ରହ କରିବା ଉଚିତ୍ । ଅବଶ୍ୟ, ଅଡ଼ିଟ୍ ବର୍ଜ୍ୟବସ୍ତୁ ଉତ୍ପାଦନର ନିର୍ଦ୍ଧାରଣରେ ନିମ୍ନ ଲିଖିତ ଅଭାବ ଗୁଡ଼ିକ ପାଇଲା ।

### 3.8.1 ଉତ୍ପାଦିତ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ଆକଳନ

କଠିନ ବର୍ଜ୍ୟବସ୍ତୁ ପରିଚାଳନା, 2016 ର ମାନୁଆଲର ଧାରା 1.4.3.3.1 ଧାର୍ଯ୍ୟ କରିଛି ଯେ ଦୀର୍ଘ କାଳୀନ ଯୋଜନା ପାଇଁ, ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ବର୍ଜ୍ୟବସ୍ତୁ ଉତ୍ପାଦନକାରୀଙ୍କ ଦ୍ୱାରା ନିଷ୍କାସନ ହେଉଥିବା ବର୍ଜ୍ୟବସ୍ତୁର ହାରାହାରି ପରିମାଣ କେବଳ ଅନେକ ନମୁନାର ହାରାହାରି ତଥ୍ୟରୁ ଆକଳନ କରାଯାଇପାରେ । ଏହି ନମୁନାଗୁଡ଼ିକ ପ୍ରତ୍ୟେକ ତିନୋଟି ମୁଖ୍ୟ ଋତୁରେ ଯଥା ଗ୍ରୀଷ୍ମ, ଶୀତ ଏବଂ ବର୍ଷା, ୟୁଏଲବି ଗୁଡିକ ଅଧୀନରେ ଥିବା ଏବଂ ୟୁଏଲବିକୁ ପ୍ରତିନିଧିତ୍ୱ କରୁଥିବା ଏକାଧିକ ସ୍ଥାନରେ ସାତ ଦିନର ଅବଧି ପାଇଁ କ୍ରମାଗତ ଭାବରେ ସଂଗ୍ରହ କରାଯିବା ଉଚିତ । ବର୍ଜ୍ୟବସ୍ତୁକୁ ସାତ ଦିନ ମଧ୍ୟରେ ଏକତ୍ର କରାଯାଇ ଓଜନ ଏବଂ ହାରାହାରି ଏକତ୍ର କରାଯିବା ଉଚିତ । ଏହି ପରିମାଣ ଗୁଡ଼ିକ ତାପରେ ସମଗ୍ର ୟୁଏଲବି ଗୁଡିକ ପାଇଁ ମୁଣ୍ଡପିଛା ଉତ୍ପାଦନର ନିର୍ଦ୍ଧାରଣ କରାଯାଇପାରେ । ପ୍ରକଳ୍ପ ଚିହ୍ନଟ ଉଦ୍ଦେଶ୍ୟ ପାଇଁ ଏସଡବ୍ଲୁଏମ ମାନୁଆଲ 2000 ର ଅନୁଭାଗ 3.3.6.2 ମ୍ୟୁନିସିପାଲିଟି ପ୍ରଭୃତିରେ ଆବର୍ଜନା ଉତ୍ପାଦନ ହାରକୁ[15] ଯେଉଁଥିରେ ସେବା ସ୍ତରର ଏକ ସୂଚକ ଆକଳନ କରାଯିବା ଆବଶ୍ୟକ ଏବଂ ପ୍ରକଳ୍ପ ପରାମର୍ଶ ପ୍ରସ୍ତୁତି ପର୍ଯ୍ୟାୟରୁ ତଥ୍ୟ ବିକାଶ କରିବାକୁ ପଡ଼ିବ ସେଥିପାଇଁ ପରାମର୍ଶ ଦେଇଛି ।

[15] ଆବାସିକ ବର୍ଜ୍ୟବସ୍ତୁ 0.3 ରୁ 0.6 କିଲୋଗ୍ରାମ୍/ କ୍ୟାପ୍/ ଦିନ, ବାଣିଜ୍ୟିକ ମନା 0.1 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ/, ଷ୍ଟ୍ରିଟ୍ ସୁଇପିଂ, 0.05 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ ଏବଂ ଆନୁଷ୍ଠାନିକ ମନା 0.05 ରୁ 0.2 କିଲୋଗ୍ରାମ୍/ କ୍ୟାପ୍/ ଦିନ

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷିତ ସହର ସ୍ଥାନୀୟ ସଂସ୍ଥା ଗୁଡ଼ିକ ନିର୍ଦ୍ଦିଷ୍ଟ ପଦ୍ଧତିକୁ ପାଳନ କରୁଥିବା କୌଣସି ସର୍ଭେ କରିନାହାନ୍ତି କିନ୍ତୁ ଉତ୍ପାଦିତ ହାରାହାରି ବର୍ଜ୍ୟବସ୍ତୁ ପହଞ୍ଚିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଛନ୍ତି । ଅଡିଟ୍ ସହରୀ ସ୍ଥାନୀୟ ସଂସ୍ଥା ଦ୍ୱାରା ରିପୋର୍ଟ କରାଯାଇଥିଲା ଏବଂ ଅଡ଼ିଟ୍ ଦ୍ୱାରା ହିସାବ ବର୍ଜ୍ୟବସ୍ତୁ ଉତ୍ପାଦନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ପାଇଲା ଯାହା 0.74 ରୁ 227.07 ଟି.ପି.ଡ଼ି. ମଧ୍ୟରେ ରହିଥିଲା ତାହା ର ପରିମାଣ ଯାହା ***(ପରିଶିଷ୍ଟ-VI)*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି । ସମାଜର ବିଭିନ୍ନ ବିଭାଗ ଦ୍ୱାରା ଉତ୍ପାଦିତ ବର୍ଜ୍ୟବସ୍ତୁ ଏବଂ ପ୍ରକାରର ବର୍ଜ୍ୟବସ୍ତୁରେ ପହଞ୍ଚିବା ପାଇଁ ସର୍ଭେ ନ କରିବା ସଠିକ୍ ଯୋଜନା ଏବଂ ରଣନୀତି ଚୟନ ଏବଂ ଏସ.ଡ଼ବଲ୍ୟୁ.ଏମ. ର ପ୍ରୟୋଗକୁ ଗମ୍ଭୀର ଭାବରେ ପ୍ରଭାବିତ କରିଛି ।

ସରକାର କହିଲେ(ମେଇ 2022) ଯେ, ଦଶଦିନ ପାଇଁ ପ୍ରତ୍ୟେକ ୱାର୍ଡର କିଛି ଘରରୁ ବର୍ଜ୍ୟକୁ ନେଇ ମୁଣ୍ଡପିଛା ବର୍ଜ୍ୟ ଉତ୍ପାଦନ ଜାଣିବା ଲାଗି ଏକ ସାମ୍ପୁଲ ସର୍ଭେ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି କିମ୍ବା ସରକାର ବର୍ଜ୍ୟ ଉତ୍ପାଦନ ଲାଗି ସାମ୍ପୁଲ ସର୍ଭେ କରିଥିବାର କୌଣସି ଦସ୍ତାବିଜ ସାକ୍ଷ୍ୟ ଅଡିଟ୍ କୁ ପ୍ରଦାନ କରିନଥିଲେ ।

## 3.9 ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ଗୁଡ଼ିକର ଅସଂପୂର୍ଣ୍ଣ ନିରୀକ୍ଷା

ଏସ.ଡ଼ବଲ୍ୟୁ.ଏମ., 2016 ରେ ମାନୁଆଲର ଧାରା 1.4.3.3.2 ଧାର୍ଯ୍ୟ କରିଛି ଯେ ବର୍ଜ୍ୟବସ୍ତୁକୁ ଦୈନିକ, ଋତୁକାଳୀନ ଏବଂ ସାମୟିକ ପରିବର୍ତ୍ତନ ଯାହା ସାଧାରଣତଃ ୟୁଏଲବି ଗୁଡିକ ମଧ୍ୟରେ ଦେଖାଯାଏ ସେଗୁଡିକ ନିର୍ଣ୍ଣୟ କରିବା ପାଇଁ ଏକାଧିକ ସ୍ଥାନରେ ଏକାଧିକ ନମୁନା ନିଆଯିବା ଆବଶ୍ୟକ । ତେଣୁ, ବର୍ଜ୍ୟବସ୍ତୁ ଉତ୍ପାଦନ ସମ୍ବନ୍ଧୀୟ ତଥ୍ୟ ସମସ୍ତ ପ୍ରକାରର ବର୍ଜ୍ୟବସ୍ତୁ ଉତ୍ପାଦନ (ସାମୟିକ ଅସ୍ଥିରତାକୁ ଅନ୍ତର୍ଭୁକ୍ତ କରି) ଏବଂ ସହରର ତଥା ଏହାର ଆଖପାଖର ଲ୍ୟାଣ୍ଡଫିଲ୍ ସ୍ଥାନଗୁଡ଼ିକରେ ପକାଯାଇଥିବା ପ୍ରକ୍ରିୟାକରଣ ହୋଇନଥିବା କଠିନ ବର୍ଜ୍ୟବସ୍ତୁକୁ ହିସାବରେ ନେବା ଉଚିତ ।

ଅଡିଟ୍ ନିରୀକ୍ଷଣ କଲା ଯେ ସର୍ବସାଧାରଣ ପୂଜାପାଠ ସ୍ଥାନ, ଶିକ୍ଷାଞ୍ଚଳ ଭବନ, ସଂପ୍ରଦାୟ କେନ୍ଦ୍ର, କଲ୍ୟାଣ ମଣ୍ଡପ ଇତ୍ୟାଦି ରୁ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ଏବଂ ସହରର ଏବଂ ଏହାର ଆଖପାଖରେ ଲ୍ୟାଣ୍ଡଫିଲ୍ ସ୍ଥାନରେ ପ୍ରକ୍ରିୟାକରଣ ନହୋଇ ଜମାହୋଇଥିବା କଠିନ ବର୍ଜ୍ୟବସ୍ତୁ ପାଇଁ କୌଣସି ୟୁଏଲବି ଡ଼ି.ପି.ଆର୍ ପ୍ରସ୍ତୁତ କରିନଥିଲେ, କିନ୍ତୁ ହାରାହାରି ଉତ୍ପାଦିତ ବର୍ଜ୍ୟବସ୍ତୁ ଜାଣିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଥିଲେ । ତେଣୁ, ବର୍ଜ୍ୟ ନିର୍ଦ୍ଧାରଣ ରେ ଏବଂ ସହରାଞ୍ଚଳ ସୀମା ମଧ୍ୟରେ ବର୍ଜ୍ୟବସ୍ତୁ ସୃଷ୍ଟିରେ ସାମୟିକ ପରିବର୍ତ୍ତନଶୀଳତା (ପର୍ବ/ସମାରୋହ ତଥା, ସାମାଜିକ , ଅର୍ଥନୈତିକ, ଧାର୍ମିକ, ରାଜନୈତିକ ଇତ୍ୟାଦି) ଅନ୍ତର୍ଭୁକ୍ତ ହୋଇନଥିଲା । ବର୍ଜ୍ୟବସ୍ତୁ ନିର୍ଦ୍ଧାରଣ ପାଇଁ ଆବଶ୍ୟକ ଡାଟା ବେସରେ ସଂପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଅଭାବ ଥିଲା ।

ସରକାର କହିଲେ(ମେଇ 2022) ଯେ, ସାମ୍ପୁଲ ସର୍ଭେ ବେଳେ ବିଭିନ୍ନ ଅନୁଷ୍ଠାନ ଗୁଡିକୁ ନିଆଯାଇ ତଦନୁସାରେ ଆକଳନ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି ଗୁଡିକ ବର୍ଜ୍ୟ ଉତ୍ପାଦନ ଲାଗି ସାମ୍ପୁଲ ସର୍ଭେ କରିନଥିଲେ ଏବଂ ଅଡିଟ୍ କୁ କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ ।

## 3.10 ଏମ.ସି.ସି. ଡ଼ିଜାଇନ୍ କ୍ଷମତାର ଭୁଲ ନିର୍ଦ୍ଧାରଣ

ଏସ.ଓ.ପି. (ଜୁଲାଇ 2019) ଧାର୍ଯ୍ୟ କରିଛି ଯେ ଏମ.ସି.ସି. ର ଡିଜାଇନ୍ କ୍ଷମତାର ନିଦ୍ଧାରଣ ପାଇଁ, ୟୁଏଲବି ଗୁଡ଼ିକ ପ୍ରତ୍ୟେକ ୱାର୍ଡ଼ରେ କିଛି ପରିବାର ଚୟନ କରି ଦଶ ଦିନ ପର୍ଯ୍ୟନ୍ତ ନମୁନା ସର୍ଭେ ମାଧ୍ୟମରେ ବର୍ଜ୍ୟବସ୍ତୁର ପରିମାଣ ଆକଳନ କରିବା ଆବଶ୍ୟକ । ବିଦ୍ୟମାନ ବ୍ୟବସ୍ଥାର ପର୍ଯ୍ୟାପ୍ତତା ପ୍ରତିଷ୍ଠା କରିବା ଏବଂ ଚିକିତ୍ସା ଏବଂ ନିଷ୍କାସନ ସୁବିଧା ବୃଦ୍ଧି ପାଇଁ ଯୋଜନା କରିବା ପାଇଁ ଏକ ସହରରେ ଉତ୍ପାଦିତ ବର୍ଜ୍ୟବସ୍ତୁର ପରିମାଣକୁ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ । ଏସ.ଓ.ପି. ଅନୁଯାୟୀ, 10,000 ଜନସଂଖ୍ୟା ଯାହାକି ପ୍ରାୟ 2,220 ପରିବାର ରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ 1.5 ଟି.ପି.ଡ଼ି. ବର୍ଜ୍ୟବସ୍ତୁ କ୍ଷମତା ବିଶିଷ୍ଟ ଏକ ଏମ.ସି.ସି. ପ୍ରତିଷ୍ଠା ହେବା ଆବଶ୍ୟକ ।

ଅଡିଟ୍ ନିରୀକ୍ଷଣ କଲା ଯେ କୌଣସି ୟୁଏଲବି ଗୁଡ଼ିକ ଏମ.ସି.ସି. ର ଆବଶ୍ୟକ ଡିଜାଇନ୍ କ୍ଷମତାକୁ ଆକଳନ କରିବା ପାଇଁ ମନୋନୀତ ପରିବାରରୁ ବର୍ଜ୍ୟବସ୍ତୁ ଉତ୍ପାଦନକୁ ଆକଳନ କରିବାକୁ ଦଶ ଦିନ ପାଇଁ ବାଧ୍ୟତାମୂଳକ ସର୍ବେକ୍ଷଣ କରି ନାହାନ୍ତି କିନ୍ତୁ ହାରାହାରି ବର୍ଜ୍ୟବସ୍ତୁରେ ପହଞ୍ଚିବା ପାଇଁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଥିଲେ ଯାହାଫଳରେ ଏମସିସିର ପରିକଳ୍ପିତ କ୍ଷମତା ର ଅଧିକ/କମ ଆକଳନ ହେଉଥିଲା ଯାହା ***(ପରିଶିଷ୍ଟ- VII)*** ରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଛି ।

ସରକାର କହିଲେ(ମେଇ 2022) ଯେ, ଦଶଦିନ ପ୍ରତ୍ୟେକ ୱାର୍ଡର ବର୍ଜ୍ୟକୁ ହିସାବକୁ ନେଇ ୟୁଏଲବି ଦ୍ୱାରା ଏକ ସାମ୍ପୁଲ ସର୍ଭେ କରାଯାଇଥିଲା । ଏମସିସି/ଏମଆରଏଫ୍ ସ୍ଥାପନ ପାଇଁ ବର୍ତ୍ତମାନର ଜନସଂଖ୍ୟା ଏବଂ ବର୍ଜ୍ୟ ଉତ୍ପାଦନ କୁ ହିସାବକୁ ନେଇ ରାଜ୍ୟ ସ୍ତରରେ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ ହୋଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, ଏମସିସି ର କ୍ଷମତା ହାରାହାରି ବର୍ଜ୍ୟ ଉତ୍ପାଦନ ଜାଣିବା ଲାଗି କୌଣସି ସାମ୍ପୁଲ ସର୍ଭେ ବିନା ଜନସଂଖ୍ୟା ଆକଳନ ଆଧାରରେ କରାଯାଉଥିଲା ଯାହାଫଳରେ ଏମସିସିର ପରିକଳ୍ପିତ କ୍ଷମତା ର ଅଧିକ/କମ୍ ଆକଳନ ହେଉଥିଲା । ପୁଣି, ୟୁଏଲବି ଗୁଡିକ ଦ୍ୱାରା ସାମ୍ପୁଲ୍ ସର୍ଭେ ହୋଇଥିବାର କୌଣସି ଦସ୍ତାବିଜ ତଥ୍ୟ ଅଡିଟ୍ କୁ ପ୍ରଦାନ କରାଯାଇନଥିଲା ।

## 3.11 ବର୍ଜ୍ୟବସ୍ତୁ କମ୍ କରିବା ପାଇଁ ପ୍ରୟାସର ଅନୁପସ୍ଥିତି

ଏମ୍.ଏସ୍.ଡ଼ବଲ୍ୟୁ. ମାନୁଆଲ, 2000 (ବିଭାଗ 2.3) ଏବଂ 2016 (ବିଭାଗ 2.1) ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନାର ବିକଳ୍ପ ଗୁଡ଼ିକ ପାଇଁ ନିବାରଣ[16] ସବୁଠାରୁ ପସନ୍ଦିତ ବିକଳ୍ପ ଏବଂ ନିଷ୍କାସନ ସବୁଠାରୁ କମ୍ ପସନ୍ଦର ବିକଳ୍ପ ଭାବେ ଗ୍ରହଣ କରି ପରିବେଶ ପ୍ରାଥମିକତା ଅନୁଯାୟୀ ଏକ ପଦକ୍ଷେପ-ପର୍ଯ୍ୟାୟ ପଦ୍ଧତି ଦର୍ଶାଏ । ଏହା 3 ଆର୍ ଆଭିମୁଖ୍ୟ ସହିତ ଘନିଷ୍ଠ ଭାବରେ ଜଡ଼ିତ, ଯାହା ବର୍ଜ୍ୟବସ୍ତୁର ପରିମାଣ କମାଇବାରେ, ଏହାର ପରିଚାଳନା ସହିତ ଜଡ଼ିତ ମୂଲ୍ୟ ଏବଂ ଏହାର ପରିବେଶ ଉପରେ ପ୍ରଭାବ ପକାଇବାରେ ସାହାଯ୍ୟ କରେ । ମାନୁଆଲରେ ଏହା ମଧ୍ୟ କୁହାଯାଇଛି ଯେ ବର୍ଜ୍ୟବସ୍ତୁ ହ୍ରାସ ରଣନୀତି ଜାତୀୟ, ରାଜ୍ୟ ତଥା ସ୍ଥାନୀୟ ସ୍ତରରେ ନୀତିଗତ ହସ୍ତକ୍ଷେପ ଆବଶ୍ୟକ କରେ । ନିୟନ୍ତ୍ରଣ ହେବାକୁ ଥିବା ବର୍ଜ୍ୟବସ୍ତୁକୁ ହ୍ରାସ କରି ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ।




ଅଡିଟ୍ ନିରୀକ୍ଷଣ କରିଛି ଯେ ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁକୁ ରୋକିବା, କମ୍ କରିବା, ପୁନଃ ବ୍ୟବହାର ଏବଂ ପୁନରାବର୍ତ୍ତନ ପାଇଁ ଜି.ଓ.ଓ. କୌଣସି ରଣନୀତି/ ନୀତି ଆରମ୍ଭ କରି ନାହିଁ ଯାହା ଦ୍ୱାରା 2015-20 ମଧ୍ୟରେ 90 ପ୍ରତିଶତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍/ ଡମ୍ପିଂ ୟାର୍ଡରେ ବିନା ପ୍ରକ୍ରିୟାକରଣ ରେ ଜମା ହୋଇଛି ।

ସରକାର କହିଲେ(ମେଇ 2022) ଯେ, ରାଜ୍ୟର ସମସ୍ତ ୟୁଏଲବି ଗୁଡିକରେ ଅତି ସାବଧାନତାର ସହ ପର୍ଯ୍ୟାପ୍ତ ପ୍ରକ୍ରିୟାକରଣ ସୁବିଧା ସ୍ଥାପନ କରାଯାଇଛି । ପରନ୍ତୁ, ତଥ୍ୟ ଏହା ଯେ, ଓଡିଶା ସରକାର 2015-20 ମଧ୍ୟରେ ବର୍ଜ୍ୟର ହ୍ରାସ, ନିବାରଣ, ପୁନଃ ବ୍ୟବହାର, ପୁନରାବର୍ତ୍ତନ ନିମନ୍ତେ କୌଣସି କୌଶଳ/ନୀତି ଆପଣେଇ ନଥିଲେ ଫଳରେ 90 ପ୍ରତିଶତ ବର୍ଜ୍ୟ ପ୍ରକ୍ରିୟାକରଣ ବିନା ଲ୍ୟାଣ୍ଡଫିଲ୍ /ଡମ୍ପିଂୟାର୍ଡରେ ଜମା କରାଯାଇଥିଲା ।

16. ଆବର୍ଜନା ରୋକିବା ଉତ୍ସ ହ୍ରାସ ଭାବରେ ଜଣାଶୁଣା ଯାହାର ଅର୍ଥ ହେଉଛି ଏକ କାର୍ଯ୍ୟ କରିବା ପାଇଁ କମ୍ ପଦାର୍ଥ ବ୍ୟବହାର କରିବା । ବର୍ଜ୍ୟବସ୍ତୁ ରୋକିବା ପଦ୍ଧତିଗୁଡ଼ିକ ପୁନଃ ବ୍ୟବହାର ପୂର୍ବରୁ କମ୍ ବର୍ଜ୍ୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରେ ।

# ଅଧ୍ୟାୟ – IV

# କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ,ସଂଗ୍ରହ ଏବଂ ପରିବହନ

# ଅଧ୍ୟାୟ – IV

## କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ,ସଂଗ୍ରହ ଏବଂ ପରିବହନ

### 4.1 ବର୍ଜ୍ୟବସ୍ତୁର ପୃଥକିକରଣ

କଠିନ ବର୍ଜ୍ୟବସ୍ତୁ ପୃଥକ କରିବା ପାଇଁ ଏମଏସଡବ୍ଲୁ ନିୟମ 2000 ପ୍ରଦାନ କରେ ଯେ ୟୁଏଲବି ଗୁଡିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ସ୍ଥାନୀୟ ବାସିନ୍ଦା କଲ୍ୟାଣ ସଙ୍ଗଠନ ଏବଂ ଏନଜିଓ ସହିତ ବୈଠକ ଆୟୋଜନ କରି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପୃଥକ କରିବା ପାଇଁ ନାଗରିକ ତଥା ସଂପ୍ରଦାୟର ଅଂଶ ଗ୍ରହଣକୁ ଉତ୍ସାହିତ କରିବା ଏବଂ ପୃଥକ ସାମଗ୍ରୀର ପୁନଃ ବ୍ୟବହାର କିମ୍ବା ପୁନରାବର୍ତ୍ତନ ପାଇଁ ପ୍ରୋତ୍ସାହିତ କରିବା ଉଚିତ୍ । ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀ, ପ୍ରକ୍ରିୟାକରଣ ପାଇଁ ଜୈବ ବର୍ଜ୍ୟବସ୍ତୁ ଏବଂ ନିଷ୍କାସନ ପାଇଁ ଅବଶିଷ୍ଟ ନିଷ୍କ୍ରିୟ ପଦାର୍ଥ କୁ ପୃଥକ କରିବା ପାଇଁ କଠିନ ବର୍ଜ୍ୟବସ୍ତୁ ଗୁଡିକର ପୃଥକିକରଣ ଆବଶ୍ୟକ ।

### 4.1.1 ଉତ୍ସ/ଘର ସ୍ତରରେ ବର୍ଜ୍ୟବସ୍ତୁ ର ପୃଥକିକରଣ

ଏମଏସଡବ୍ଲୁ ମାନୁଆଲ 2000 (ପରିଛେଦ 8.10.1 (A) ଏବଂ 2016 (ପରିଛେଦ 2.2.1) ରେ ଧାର୍ଯ୍ୟ କରାଯାଇଛି ଯେ ଉତ୍ସରେ ବର୍ଜ୍ୟବସ୍ତୁକୁ ପୃଥକ କରିବା ପାଇଁ ୟୁଏଲବି ଗୁଡିକ ନିଶ୍ଚିତ ଭାବରେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିବେ ।

ପରୀକ୍ଷଣ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଘୋଷଣା କରିଛନ୍ତି ଯେ ସେମାନେ ପୃଥକତା ପାଇଁ ଶତପ୍ରତିଶତ ପର୍ଯ୍ୟନ୍ତ ସେବାସ୍ତର ମାନଦଣ୍ଡ ହାସଲ କରିଛନ୍ତି । ମିଳିତ ଯାଞ୍ଚ ଉପରେ ଆଧାର କରି ଏହା ଦେଖାଗଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଉତ୍ସରେ ପୃଥକତା ଆଂଶିକ ଅନୁସରଣ କରାଯାଉଥିଲା ଏବଂ ବିପଜ୍ଜନକ ବର୍ଜ୍ୟବସ୍ତୁ ମଧ ଲ୍ୟାଣ୍ଡଫିଲ୍‌ରେ ପକାଯାଉଥିଲା । ଏସଓପି (ଜୁଲାଇ 2019) ଜାରିହେବା ପରେ ବ୍ୟାଟେରି ଚାଳିତ ଯାନ (ବିଓଭି)/ ହାଲୁକା ବ୍ୟବସାୟିକ ଯାନ (ଏଲସିଭି) କିଣିବା ପରେ ୟୁଏଲବି ଗୁଡିକ ଏହି ଯାନ ମାଧ୍ୟମରେ ଶୁଖିଲା ଏବଂ ଓଦା ଆବର୍ଜନା ସଂଗ୍ରହ ଉପରେ ଧ୍ୟାନ ଦେଇଥିଲେ ଏବଂ ଏମସିସି/ଏମଆରଏଫ କେନ୍ଦ୍ରରେ ପୃଥକ କରାଯାଇଥିଲା । ଯେହେତୁ ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଦ୍ୱାରରୁ ଦ୍ୱାର ସଂଗ୍ରହ ପାଇଁ ଆବଶ୍ୟକ ସଂଖ୍ୟକ ବିଓଭି /ଏଲସିଭି କ୍ରୟ କରିନଥିଲେ, ୟୁଏଲବି ଗୁଡିକ ଦ୍ୱାରା ଆଂଶିକ ପୃଥକିକରଣ ହୋଇଥିଲା ଯାହା ଅନୁଚ୍ଛେଦ 4.3.1 ରେ ଆଲୋଚନା କରାଯାଇଅଛି ।

ସରକାର କହିଲେ(ମେଇ 2022) ଯେ,ସହରାଞ୍ଚଳରେ ଏସବିଏମ୍ ପ୍ରଣୟନ ହେବା ଦିନରୁ ୟୁଏଲବି ଗୁଡିକୁ ପୃଥକିକୃତ ବର୍ଜ୍ୟ ସଂଗ୍ରହ ଲାଗି ନିର୍ଦ୍ଦେଶ ଦିଆଯାଇଅଛି । ବିଓଭି/ଏଲସିଭି ମାଧ୍ୟମରେ ପୃଥକିକୃତ ବର୍ଜ୍ୟ ସଂଗ୍ରହ କରାଯାଉଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଦ୍ୱାର ରୁ ଦ୍ୱାର ବର୍ଜ୍ୟ ସଂଗ୍ରହ ଲାଗି ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ସଂଖ୍ୟାର ବିଓଭି/ଏଲସିଭି କିଣି ନଥିଲେ ଫଳରେ ୟୁଏଲବି ଗୁଡିକ ଦ୍ୱାରା ବର୍ଜ୍ୟର ଆଂଶିକ ପୃଥକିକରଣ ହୋଇଥିଲା ।

#### 4.1.1.1 ଡଷ୍ଟବିନ୍ ଯୋଗାଣ ନହେବା

ଏସବିଏମ ନିୟମ ପାରା 7.10.7 ଅନୁଯାୟୀ, ପ୍ରତ୍ୟେକ ପରିବାର ପାଇଁ ଦୁଇଟି ରଙ୍ଗର କୋଡେଡ୍ ଡଷ୍ଟବିନ୍ ବଣ୍ଟନ କରିବାକୁ ୟୁଏଲବି ଗୁଡିକୁ ପରାମର୍ଶ ଦିଆଯାଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗ ର ଏନଜିଟି 2015 ର ଅନୁପାଳନ ରିପୋର୍ଟ ଅନୁସାରେ ୟୁଏଲବି ଗୁଡିକ ଦ୍ୱାର ରୁ ଦ୍ୱାର ସଂଗ୍ରହ ଏବଂ ଉତ୍ସରେ ଶତପ୍ରତିଶତ ପୃଥକତା କୁ ତିନିବର୍ଷ ମଧ୍ୟରେ ହାସଲ ପାଇଁ ଲକ୍ଷ୍ୟ ରଖିବା ଉଚିତ୍ ।
ଅଡିଟ୍ ନିରୀକ୍ଷଣ କଲା ଯେ ତିନୋଟି ୟୁଏଲବି[17] ଜୁଲାଇ 2017 ରୁ ସେପ୍ଟେମ୍ବର 2018 ମଧ୍ୟରେ ଉତ୍ସରୁ ପୃଥକିକରଣ ପାଇଁ ₹1.19 କୋଟି ବ୍ୟୟରେ 1,85,000 ଗୋଟି ଡଷ୍ଟବିନ୍ 92,500 ପରିବାର କୁ ବଣ୍ଟନ ନିମନ୍ତେ କ୍ରୟ କରିଥିଲା । ତାହା ମଧ୍ୟରୁ ଜୁଲାଇ 2017 ଏବଂ ସେପ୍ଟେମ୍ବର 2018 ମଧ୍ୟରେ ୟୁଏଲବି ଗୁଡିକ 43,384

[17] ବ୍ରହ୍ମପୁର (₹68.80 ଲକ୍ଷ ବ୍ୟୟରେ 80,000 ଘରେ ବାଣ୍ଟିବା ଲାଗି 1,60,000 ଡଷ୍ଟବିନ),ଜୟପୁର (₹31,60 ଲକ୍ଷ ବ୍ୟୟରେ 20,000 ଡଷ୍ଟବିନ୍ 10,000 ଗୃହରେ ବାଣ୍ଟିବା ଲାଗି) ଏବଂ ଚୌଦ୍ୱାର (₹19 ଲକ୍ଷ ବ୍ୟୟରେ 5,000 ଡଷ୍ଟବିନ 2,500 ଘରେ ବଣ୍ଟନ ଲାଗି)

ପରିବାରକୁ 87,568[18] ଟି ଡଷ୍ଟବିନ୍ ବଣ୍ଟନ କରିଥିଲେ ଏବଂ ଅବଶିଷ୍ଟ 97,432 ଟି ଡଷ୍ଟବିନ୍ ମାର୍ଚ୍ଚ 2021 ସୁଦ୍ଧା କୌଣସି ପରିବାର କୁ ପ୍ରଦାନ କରାନଯାଇ ସଂପୃକ୍ତ ୟୁଏଲବି ରେ ରଖାଯାଇଥିଲା । ମିଳିତ ଯାଞ୍ଚ (ମାର୍ଚ୍ଚ 2021) ସମୟରେ ଅଡିଟ୍ ଆହୁରି ମଧ ଦେଖିଲା ଯେ ସଚେତନତା ର ଅଭାବ ହେତୁ ପରିବାର ଗୁଡିକ ଉତ୍ସ ପୃଥକତାକୁ ଆପଣାଉ ନାହାନ୍ତି ଫଳରେ ଖର୍ଚ୍ଚହୋଇଥିବା ଟଙ୍କା ଅଫଳପ୍ରସୁ ରହିଲା । ଅନ୍ୟ 18 ଟି ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ର ଉତ୍ସରେ ପୃଥକିକରଣକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ପରିବାର କୁ ଡଷ୍ଟବିନ୍ ଦାନ କରିନଥିଲେ । ବିଓଭି କିଣିବା ପରେ (ଏସଓପି ଜୁଲାଇ 2019 ପରେ), ୟୁଏଲବିମାନେ ପ୍ରତ୍ୟେକ ଘରୁ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏମସିସି/ଏମଆରଏଫ୍ ସ୍ତରରେ ତାହାର ପୃଥକିକରଣ ନିମନ୍ତେ ପ୍ରଚେଷ୍ଟା ମାର୍ଚ୍ଚ 2021 ଠାରୁ ଆରମ୍ଭ କଲେଣି । ସରକାର କହିଲେ (ମଇ 2022) ଯେ, ବିନ୍ ବଣ୍ଟନ ବ୍ୟବସ୍ଥା ଲାଗି ଏସଡବ୍ଲୁଏମ ନିୟମ 2016 ବିହିତ କରିନାହିଁ । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ, କଠିନ ବର୍ଜ୍ୟ ନିମନ୍ତେ ଏସବିଏମ ମାର୍ଗଦର୍ଶୀକା ଦର୍ଶାଉଥିଲା ଯେ, ୟୁଏଲବି ମାନେ ଉତ୍ସ ପୃଥକ ଲାଗି ଘର ପ୍ରତି ଦୁଇଟି ଭିନ୍ନ ରଙ୍ଗର ବିନ୍ ବଣ୍ଟନ କରିବେ ।

### 4.1.2 ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ପୃଥକ ନକରିବା

ଏସଡବ୍ଲୁଏମ ନିୟମ 2016 ର ଧାରା 15 (i)(j) ଅନୁଯାୟୀ, ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ପାଇଁ ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ଏବଂ ଏହାର ନିରାପଦ ନିଷ୍କାସନ ପାଇଁ କେନ୍ଦ୍ରରେ ଘରୋଇ ବିପଜ୍ଜନକ[19] ବର୍ଜ୍ୟବସ୍ତୁ ଜମାକରିବାକୁ ବର୍ଜ୍ୟବସ୍ତୁ ଉତ୍ପାଦନକାରୀଙ୍କୁ ୟୁଏଲବିମାନେ ନିର୍ଦ୍ଦେଶ ଦେବା ଆବଶ୍ୟକ । ଏସଡବ୍ଲୁଏମ ମାନୁଆଲ 2016 ବିଭିନ୍ନ ପ୍ରକାରର ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ସୁଚିତ କରେ ।

ଅଡିଟ୍ ନିରୀକ୍ଷଣ କଲା ଯେ ଉଭୟ ରାଜ୍ୟ ତଥା ସ୍ଥାନୀୟ ସଂସ୍ଥା ଉତ୍ସରୁ ପୃଥକ ହେବା ପାଇଁ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ଭାବରେ ବର୍ଗୀକୃତ ଆଇଟମ ଗୁଡିକର ତାଲିକା କୁ ସୂଚିତ କରି ନଥିଲେ ଏବଂ ପ୍ରକାଶ କରି ନଥିଲେ ଫଳସ୍ୱରୁପ, ଉତ୍ପାଦିତ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁର ପରିମାଣ ଆକଳନ କରାଯାଇନଥିଲା ଏବଂ ଦୂଷିତ ମିଶ୍ରିତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ ରେ ପହଞ୍ଚି ଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମଧ ମାର୍ଚ୍ଚ 2021 ସୁଦ୍ଧା ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ପାଇଁ ପୃଥକ ବର୍ଜ୍ୟବସ୍ତୁ ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିନଥିଲେ । ବିପଜ୍ଜନକ ବର୍ଜ୍ୟବସ୍ତୁ ବିଷୟରେ ବିଜ୍ଞପ୍ତି ପ୍ରକଶ ନ କରିବା ଏବଂ ମିଶ୍ରିତ ବର୍ଜ୍ୟବସ୍ତୁକୁ ଲ୍ୟାଣ୍ଡଫିଲ ରେ ଜମା କରିବା ଦ୍ୱାରା ବିଷାକ୍ତ ବର୍ଜ୍ୟବସ୍ତୁ ର ଅବଶିଷ୍ଟାଂଶ ଭୂତଳ ଭାଗରେ ପ୍ରବେଶ କରିପାରେ ଏବଂ ବାୟୁ ଏବଂ ମୃତ୍ତିକା ପ୍ରଦୂଷଣ ବ୍ୟତୀତ ଭୂତଳ ଜଳ ଦୂଷିତ ହୋଇପାରେ । ଅଡିଟ ଏବଂ ୟୁଏଲବି ଅଧିକାରୀ ଙ୍କ ମିଳିତ ସର୍ଭେ ସମୟରେ ଲ୍ୟାଣ୍ଡଫିଲ ନିକଟରେ ରହୁଥିବା ବାସିନ୍ଦାମାନେ ରିପୋର୍ଟ କଲେ ଯେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା ।

ସରକାର କହିଲେ (ମଇ 2022) ଯେ, ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ର ପୃଥକିକରଣ ଏବଂ ସଂଗ୍ରହ ଲାଗି ୟୁଏଲବି ସ୍ତରରେ ସଚେତନତା କାର୍ଯ୍ୟକ୍ରମ ନିଆ ଯାଇଅଛି । ପରନ୍ତୁ, ଘରମାନଙ୍କରୁ ବିପଜ୍ଜନକ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପୃଥକିକରଣ ଲାଗି ହୋଇଥିବା ସଚେତନତା କାର୍ଯ୍ୟକ୍ରମର ଦସ୍ତାବିଜ ସାକ୍ଷ୍ୟ ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ପ୍ରଦାନ କରିନଥିଲେ ।

### 4.1.3 ସାନିଟାରୀ ବର୍ଜ୍ୟବସ୍ତୁ କୁ ପୃଥକ ନ କରିବା

ଏସଡବ୍ଲୁଏମ ମାନୁଆଲର ଅନୁଭାଗ 2.2.2.1 ର ଧାରା 4 ଅନୁଯାୟୀ, ପରିବାର ଦ୍ୱାରା ନିଷ୍କାସିତ ସାନିଟାରୀ ବର୍ଜ୍ୟବସ୍ତୁ[20] କୁ ନିର୍ମାତା ମାନଙ୍କଦ୍ୱାରା ପ୍ରଦାନ କରାଯାଇଥିବା ପୁରୁଣା ଖବରକାଗଜ /ଥଳିରେ ଆବୃତ କରି ଆବର୍ଜନା ସଂଗ୍ରହକାରୀଙ୍କୁ ପୃଥକ ଭାବେ ହସ୍ତାନ୍ତର କରାଯିବା କଥା ।

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ମାର୍ଚ୍ଚ 2021 ସୁଦ୍ଧା ମାନୁଆଲ ଯେପରି ଆବଶ୍ୟକ କରୁଥିଲା ସେପରି ସାନିଟାରୀ ବର୍ଜ୍ୟବସ୍ତୁ ର ପୃଥକ ଏବଂ ନିଷ୍କାସନ ଉପରେ ଗୁରୁତ୍ୱ ଦେଇନଥିଲେ ।

ସରକାର କହିଲେ (ମଇ 2022) ଯେ,, ସାନିଟାରୀ ନାପକିନ୍, ଡାଇପର ଇତ୍ୟାଦି ବିଓଭି/ଏଲସିଭି ରେ ସଂଯୁକ୍ତ ବ୍ୟାଗ୍ ରେ ରଦି କାଗଜ ଦ୍ୱାରା ଆବୃତ କରି ସଂଗ୍ରହ କରାଯାଏ ଏବଂ ଏହା ଇନସେନେରେଟର୍ ମାଧମରେ ହେ୍ୱଲଥ୍ ସେଣ୍ଟର

[18] ବ୍ରହ୍ମପୁର 32,169 ଘରକୁ 64,338 ଡଷ୍ଟବିନ୍ ,ଚୌଦ୍ୱାର1,615 ଘରକୁ 3,230 ଡଷ୍ଟବିନ୍ ଏବଂ ଜୟପୁର 20,000 ଡଷ୍ଟବିନ 10,000 ଘରକୁ

[19] ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ (ଏଇଚଏଇଚଡବ୍ଲୁ) ହେଉଛି କୌଣସି ଅବାଂଛିତ ଘରୋଇ ଉତ୍ପାଦ ଯାହାକୁ ଜ୍ୱଳନଶୀଳ,ବିଷାକ୍ତ,କ୍ଷୟକାରକ କିମ୍ବା ପ୍ରତିକ୍ରିୟାଶୀଳ ଭାବେ ପରିଗଣିତ କରାଯାଏ । ସାଧାରଣତଃ ଏରୋଶଲ, ଆଜବେଷ୍ଟସ୍ ,ସାର, ମୋଟରଗାଡି ତେଲ, ବଳକା ରଙ୍ଗ ,ଫୋଟ କେମିକାଲ, ବିଷ ଏବଂ ଦ୍ରବଣ ଇତ୍ୟାଦି ଅର୍ନ୍ତଭୁକ୍ତ

[20] ସାନିଟାରୀ ବର୍ଜ୍ୟ ହେଉଛି ବର୍ଜ୍ୟ ଡାଇପର,ସାନିଟାରୀ ଟାଓ୍ୱେଲ୍ ଏବଂ ନାପକିନ୍ସ ଏବଂ ସେପରି ଅନ୍ୟ ବର୍ଜ୍ୟବସ୍ତୁ

ରେ ପ୍ରକ୍ରିୟାକରଣ କରାଯାଏ । ପରନ୍ତୁ, ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ବିଓଭି/ଏଲସିଭି କିଣିନଥିଲେ ।

### 4.1.4 ସ୍ଥାନାନ୍ତରଣ ସ୍ଥଳୀ/ କେନ୍ଦ୍ରୀୟ ସର୍ଟିଂ ବ୍ୟବସ୍ଥା ରେ ବର୍ଜ୍ୟବସ୍ତୁକୁ ପୃଥକ ନ କରିବା

ଏସଡବ୍ଲୁଏମ ନିୟମ, 2016 ର ଧାରା 15 (ଏଇଚ୍) ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀକୁ ଅଲଗା କରିବା ପାଇଁ ସାମଗ୍ରୀ ପୁନରୁଦ୍ଧାର ବ୍ୟବସ୍ଥା କିମ୍ବା ଅନ୍ୟ ସେକେଣ୍ଡାରୀ ସଂରକ୍ଷଣ ବ୍ୟବସ୍ଥା କରିବେ । ଅଡିଟ୍ ଦେଖିଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଉତ୍ସସ୍ତରର ପୃଥକତା ର ଅନୁପସ୍ଥିତ / ଅଭାବ ଥିଲା । ତେଣୁ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ/ଲ୍ୟାଣ୍ଡଫିଲ ଅଞ୍ଚଳରେ ପହଞ୍ଚିବା ପୂର୍ବରୁ ଏହାର ପୃଥକିକରଣ ସୁନିଶ୍ଚିତ କରିବାର ଥିଲା । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ମିଶ୍ରିତ ଆକାରରେ ପ୍ରାଥମିକ ସଂରକ୍ଷଣ କେନ୍ଦ୍ରରୁ ସେକେଣ୍ଡାରୀ ସଂରକ୍ଷଣ କେନ୍ଦ୍ରକୁ ଏବଂ ସେକେଣ୍ଡାରୀ ସଂରକ୍ଷଣ କେନ୍ଦ୍ରରୁ ଲ୍ୟାଣ୍ଡଫିଲ୍ କୁ ସ୍ଥାନାନ୍ତରଣ କରାଯାଉଥିଲା । ବର୍ଜ୍ୟବସ୍ତୁକୁ ପ୍ରାଥମିକ ସଂରକ୍ଷଣ, ସେକେଣ୍ଡାରୀ ସଂରକ୍ଷଣ ଏବଂ ଶୁଖିଲା ବର୍ଜ୍ୟବସ୍ତୁ କେନ୍ଦ୍ରରେ ପୃଥକ କରିବାରେ ବିଫଳତା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀକୁ ଉଦ୍ଧାର କରିବାରେ ବିଫଳ ହେବାରେ ରୁପାନ୍ତରିତ ହୋଇଥିଲା ଫଳରେ ଏହି ପୁନଃବ୍ୟବହାର ଯୋଗ୍ୟ ଦ୍ରବ୍ୟଗୁଡିକୁ କେବଳ ଲ୍ୟାଣ୍ଡଫିଲ୍‌ରେ ଜମାକରାଯାଉଥିଲା ।




ଫଟୋଗ୍ରାଫ୍ - 1: ସିଏମସି ସେକେଣ୍ଡାରୀ ଟ୍ରାନ୍ସଫର୍ ସେଣ୍ଟର ସତୀଚଉରା

ସରକାର କହିଲେ (ମଇ 2022) ଯେ, ଡିସେମ୍ବର 2020 ରେ ଏସଓପି ଜାରି ହେଲାପରେ ସମଗ୍ର ରାଜ୍ୟରେ ଘରୁ ପୃଥକିକୃତ ବର୍ଜ୍ୟ ସଂଗ୍ରହ ର ମୂଳ ତତ୍ତ୍ୱ ଚାଲୁହୋଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଆବଶ୍ୟକ ବିଓଭି/ଏଲସିଭି କିଣିନଥିଲେ ଫଳରେ ପୃଥକିକରଣ ହୋଇନଥିବା ବର୍ଜ୍ୟ ଘରୁ ସଂଗ୍ରହ ହେଉଥିଲା ।ଅପୃଥକିକୃତ ବର୍ଜ୍ୟ ବ୍ୟବହାର ଯୋଗ୍ୟ ସାମଗ୍ରୀର ପୁନରୁଦ୍ଧାର ନ ହୋଇ ପ୍ରାଇମେରି ଏବଂ ସେକେଣ୍ଡାରୀ ଷ୍ଟୋରେଜ୍ ରୁ ସଂଗୃହୀତ ହୋଇଥିଲା ଏବଂ ଶେଷରେ ଲ୍ୟାଣ୍ଡଫିଲ୍ ରେ ନିଷ୍କାସନ ହେଉଥିଲା ।

## 4.2 ବର୍ଜ୍ୟବସ୍ତୁ ସଂଗ୍ରହ

ଏମ୍.ଏସ୍.ଡବ୍ଲୁ, 2000 ର ମାନୁଆଲ ଧାରା 10.3 ଏବଂ 10.4 ରେ ଦର୍ଶାଯାଇଛି ଯେ ୟୁଏଲବି ମାନେ ଘରୋଇ, ବାଣିଜ୍ୟିକ ଏବଂ ଅନୁଷ୍ଠାନିକ, ଖାଦ୍ୟ /ମାଟିରେ ମିଶିଯାଉଥିବା ବର୍ଜ୍ୟବସ୍ତୁ, ପୁନଃ ବ୍ୟବହାରଯୋଗ୍ୟ ବର୍ଜ୍ୟବସ୍ତୁ/ମାଟିରେ ମିଶୁନଥିବା ବର୍ଜ୍ୟବସ୍ତୁ ତାହାଛଡା ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ/ ଘରୁ କିମ୍ବା ସର୍ବସାଧାରଣ ବ୍ୟବହୃତ ଡଷ୍ଟବିନ ରୁ ବିଷାକ୍ତ ବର୍ଜ୍ୟବସ୍ତୁ ଏବଂ ବର୍ଜ୍ୟବସ୍ତୁ ଜମାକରିବା କେନ୍ଦ୍ର ଯାହା ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ନିର୍ମିତ ସେଠାରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଦରକାର । ତେଣୁ, ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା ସୁନିଶ୍ଚିତ କରିବା ଦରକାର ଯେ, ଉତ୍ସରେ ଜମା ହୋଇଥିବା ବର୍ଜ୍ୟବସ୍ତୁ ନିୟମିତ ଭାବେ ସଂଗ୍ରହ ହେଉଛି ଏବଂ ଏହା ରାସ୍ତା,ଡ୍ରେନ୍ କିମ୍ବା ଜଳଉତ୍ସ ରେ ପକାଯାଉ ନାହିଁ ।

ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଯାଞ୍ଚ କରାଯାଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡିକରେ ନିମ୍ନଲିଖିତ ତ୍ରୁଟି ଗୁଡିକ ଲକ୍ଷ୍ୟ କରାଯାଇଥିଲା ।

### 4.2.1 ଦୈନନ୍ଦିନ ରାସ୍ତା ଝାଡୁ ଏବଂ ସଫାକରିବା

ଏମଏସଡବ୍ଲୁ,2000 ନିମନ୍ତେ ମାନୁଆଲ ର ଅନୁଭାଗ 11.3.1 ଏବଂ ଏମଏସଡବ୍ଲୁଏମ ମାନୁଆଲ,2016 ର ଅନୁଭାଗ 2.4.2 ରେ ଧାର୍ଯ୍ୟ କରାଯାଇଛି ଯେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ଯନ୍ତ୍ରପାତି ସହିତ ରାସ୍ତାଘାଟ ସଫେଇ କରିବା ପାଇଁ ଏକ ସୁଚିନ୍ତିତ, ସମୟସୀମା ବିଶିଷ୍ଟ ଦୈନିକ ବ୍ୟବସ୍ଥା ରହିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସ୍ଥାନ ଗୁଡିକରେ ଡ୍ୟୁଟି ପାଇଁ ଷ୍ଟ୍ରିଟ୍ ସୁଇପରମାନଙ୍କୁ ନିର୍ଦ୍ଦେଶ ଦିଆଯିବା ଏବଂ ଏହିପରି ସ୍ଥାନଗୁଡିକରେ ଷ୍ଟ୍ରୀଟ୍ ସୁଇପିଂ ଉପକରଣ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିବା ଉଚିତ୍ ।

ଅଡିଟ୍ 21 ଟି ୟୁଏଲବି ଗୁଡିକର ଯାଞ୍ଚ କରି ଦେଖିଲା ଯେ, 5,967.16 କିମି ରାସ୍ତା ମଧ୍ୟରୁ ୟୁଏଲବି ଗୁଡିକ 1,157.55 କିମି (19.39 ପ୍ରତିଶତ) ରାସ୍ତାରେ ପ୍ରତିଦିନ ଝାଡୁ କରିନାହାନ୍ତି । ଚାରୋଟି ୟୁଏଲବିରେ ଦୈନିକ ସଫେଇ ର କମି 50 କିମ୍ବା ତାହାଠାରୁ ଅଧିକ ପ୍ରତିଶତ ଥିଲା ***(ପରିଶିଷ୍ଟ-VIII)***।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ରେ ରାସ୍ତାଝାଡୁ ନିୟମିତ ହେଉଥିଲା । ଏହି ଉତ୍ତରଟି ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଦେଇଥିବା ଉତ୍ତରର ବିରୁଦ୍ଧାଚରଣ କରୁଥିଲା ।

### 4.2.2 ବର୍ଜ୍ୟବସ୍ତୁ ପରିଚାଳନାରେ ଅନୌପଚାରିକ ବର୍ଜବସ୍ତୁ ସଂଗ୍ରହକାରୀଙ୍କର ଅଣ ଏକତ୍ରୀକରଣ

ଏସଡବ୍ଲୁଏମ ନିୟମ, 2016 ବର୍ଜ୍ୟବସ୍ତୁ ସଂଗ୍ରହକାରୀ କିମ୍ବା ଅନୌପଚାରିକ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଏସଡବ୍ଲୁଏମ ବ୍ୟବସ୍ଥା ସହିତ ଏକୀକରଣ ସମ୍ବନ୍ଧରେ ବ୍ୟାପକ ନିର୍ଦ୍ଦେଶାବଳୀ ରାଜ୍ୟ ସରକାର ପ୍ରଦାନ କରିବା ଆବଶ୍ୟକ କରେ । ଅନୌପଚାରିକ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ସଂଗଠନକୁ ଚିହ୍ନିବା ଏବଂ ଦ୍ୱାର ରୁ ଦ୍ୱାର ସଂଗ୍ରହ ସହିତ ଏସଡବ୍ଲୁଏମ ରେ ସେମାନଙ୍କର ଅଂଶଗ୍ରହଣକୁ ସୁଗମ କରିବା ପାଇଁ ବ୍ୟବସ୍ଥା ପ୍ରତିଷ୍ଠା କରିବା ୟୁଏଲବି ମାନଙ୍କର କର୍ତ୍ତବ୍ୟ ।

ଅଡିଟ୍ ନୀରିକ୍ଷଣ କଲା ଯେ 2015-20 ମଧ୍ୟରେ ବର୍ଜ୍ୟବସ୍ତୁ ସଂଗ୍ରହକାରୀ/ଅଳିଆ ଉଠାଉଥିବା ବ୍ୟକ୍ତିଙ୍କ ସମ୍ପୃକ୍ତି ପାଇଁ ରାଜ୍ୟ ସରକାର କୌଣସି ନିର୍ଦ୍ଦେଶନାମା ଜାରି କରିନାହାନ୍ତି । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ନୀତିର ଅନୁପସ୍ଥିତିରେ, ଅନୌପଚାରିକ କ୍ଷେତ୍ରର ସେବା ବ୍ୟବହାର ହୋଇପାରି ନାହିଁ । ଏସଡବ୍ଲୁଏମ ପାଇଁ ବର୍ଜ୍ୟବସ୍ତୁ ସଂଗ୍ରହକାରୀ / ଅଳିଆ ଉଠାଳି ମାନଙ୍କୁ ଏକୀକରଣ ପାଇଁ ଜିଓଓ (ଜାନୁଆରୀ 2021) ରେ ନିର୍ଦ୍ଦେଶାବଳୀ ଜାରି କରିବା ପରେ, ପରୀକ୍ଷା ହୋଇଥିବା ୟୁଏଲବି ଗୁଡିକ ୱେଲଥ କେନ୍ଦ୍ରରେ ଏସଡବ୍ଲୁଏମ କାମ ପାଇଁ 1,320 ଅଳିଆ ଉଠାଳି[21] ଚିହ୍ନଟ କରିଛନ୍ତି । ଯେହେତୁ, ପରୀକ୍ଷା ଯାଞ୍ଚ ହୋଇଥିବା ୱେଲ୍ଥ କେନ୍ଦ୍ର[22] ଏବଂ ୟୁଏଲବି ଗୁଡିକ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିଲା, ମାର୍ଚ୍ଚ 2021 ସୁଦ୍ଧା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଳିଆ ଉଠାଳି/ ବର୍ଜ୍ୟବସ୍ତୁ ସଂଗ୍ରହାକରୀଙ୍କ ସେବା ସମ୍ପୂର୍ଣ୍ଣ ଭାବରେ ବ୍ୟବହୃତ ହୋଇପାରିନଥିଲା ।

ସରକାର କହିଲେ (ମଇ 2022) ଯେ, ବର୍ତ୍ତମାନ ସୁଦ୍ଧା 3,052 ଜରିଗୋଟାଳି ଚିହ୍ନଟ ହୋଇଛନ୍ତି । ସେ ମଧ୍ୟରୁ 700 ଜରିଗୋଟାଳି 94 ଟି ୟୁଏଲବି ରେ ଥିବା ୱେଲଥ୍ କେନ୍ଦ୍ର ରେ ନିୟୋଜିତ ଅଛନ୍ତି । ପରନ୍ତୁ, ୱେଲଥ୍ କେନ୍ଦ୍ର ଗୁଡିକ ଆଂଶିକ କାର୍ଯ୍ୟକ୍ଷମ ହେବା ଯୋଗୁଁ ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅନୌପଚାରିକ ବର୍ଜ୍ୟ ସଂଗ୍ରହକାରୀଙ୍କ ଏକତ୍ରୀକରଣ ରେ କମି ଥିଲା ।

### 4.2.3 ବର୍ଜବସ୍ତୁ ସଂଗ୍ରହରେ ଅସଙ୍ଗତି

ଦ୍ୱାରରୁ ଦ୍ୱାର ଅଳିଆ ସଂଗ୍ରହ ପାଇଁ ଚୁକ୍ତିନାମାର ଧାରା (ଇ) ଅନୁଯାୟୀ, ୟୁଏଲବି ଏଜେନ୍ସି ଗୁଡିକୁ ସକାଳ 6 ଟାରୁ ମଧ୍ୟାହ୍ନ 12 ଟା ପର୍ଯ୍ୟନ୍ତ କାର୍ଯ୍ୟ ଏବଂ ସେବା ପରିସର କାର୍ଯ୍ୟକାରୀ କରିବା ପାଇଁ ଲିଖିତ ଅନୁମତି ପ୍ରଦାନ କରିବା ଉଚିତ୍ ଯେଉଁଥିରେ ୟୁଏଲବି ର ଜଣେ ଅଧିକାରୀ ତାଙ୍କର କାର୍ଯ୍ୟକଳାପକୁ ନିରୀକ୍ଷଣ କରିବେ ।

ଅଡିଟ୍ ନିରୀକ୍ଷଣ କଲା (ଡିସେମ୍ବର 2020) ଯେ, କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୀ ୟୁଏଲବି, 27ଟି ୱାର୍ଡ୍ ରେ ଦ୍ୱାର ରୁ ଦ୍ୱାର ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିଚାଳନା ପାଇଁ ଚାରୋଟି ଏଜେନ୍ସୀକୁ ଆଉଟ୍ସୋର୍ସିଂ କରିଥିଲେ (ଅପ୍ରିଲ୍ 2017) । ଗୃହ ଏବଂ ନଗର ଉନ୍ନୟନ ବିଭାଗ ସୂଚିତ କରିଥିଲେ (ଜୁନ୍ 2018) ଯେ, କୌଣସି ବି ଏଜେନ୍ସୀ ଶତପ୍ରତିଶତ ଦ୍ୱାର ରୁ ଦ୍ୱାର ବର୍ଜ୍ୟବସ୍ତୁ ସଂଗ୍ରହ କରିପାରି ନାହାନ୍ତି । ମଇ 2018 ସୁଦ୍ଧା ମୋଟ ବିଲ୍ ଦେୟ ₹4.47 କୋଟି ମଧ୍ୟରୁ ₹70.73 ଲକ୍ଷ ଏଜେନ୍ସୀ ଗୁଡିକର କାର୍ଯ୍ୟଦକ୍ଷତା ମୂଲ୍ୟାୟନ ବିନା ପ୍ରଦାନ କରାଯାଇଥିଲା । ଏଜେନ୍ସୀ ଗୁଡିକୁ ପୁନର୍ବାର ଆଉ କୌଣସି ଦେୟ ପ୍ରଦାନ କରାଯାଇନାହିଁ ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ଗୁଡିକରେ ଆଉଟସୋର୍ସିଂ ଏଜେନ୍ସୀ ଦ୍ୱାରା ଘରୁ ବର୍ଜ୍ୟ ସଂଗ୍ରହ ବନ୍ଦ ଅଛି । ପରନ୍ତୁ, କାର୍ଯ୍ୟ ସମ୍ପାଦନର ନିର୍ଦ୍ଧାରଣ ବିନା ଏଜେନ୍ସୀକୁ ଦେୟ ପ୍ରଦାନ ବିଷୟରେ ଉତ୍ତରଟି ନିରବ ଥିଲା ।

---

[21] ଅଳିଆ ଉଠାଳି : ବିଏମସି (662),ସିଏମସି(127),ପୁରୀ (98),ଭଦ୍ରକ (4),ରାୟଗଡା (0),ଜୟପୁର (6),ହିଞ୍ଜିଳିକଟ୍(16)ଛତ୍ରପୁର (10),ସୁନ୍ଦରଗଡ(10),ରାଉରକେଲା(48),ଗୁଣପୁର(4),ବାରିପଦା(5),ବ୍ରହ୍ମପୁର (186),ଚୌଦ୍ୱାର (0), ଝାରସୁଗୁଡା (0) ,ସମ୍ବଲପୁର (104),ନୂଆପଡା (30),ବଲାଙ୍ଗୀର (2),ବରଗଡ(0), ରଣପୁର(5)ଏବଂ ଚାନ୍ଦବାଲି (3)

[22] ଏମସିସି ଏବଂ ଏମଆରଏଫ୍ ଗୁଡିକୁ ୱେଲଥ୍ ସେଣ୍ଟର କୁହାଯାଏ

## 4.2.4 ପର୍ଯ୍ୟାପ୍ତ ସଂରକ୍ଷଣ ସୁବିଧା ର ଅଭାବ

ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ II ର ଧାରା 3 ରେ ଧାର୍ଯ୍ୟ କରାଯାଇଛି ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁ ପାଇଁ ଏପରି ସଂରକ୍ଷଣ ସୁବିଧା ପ୍ରତିଷ୍ଠା କରିବେ ଯେପରି ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବନାହିଁ । ଅଧିକନ୍ତୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁର ପରିମାଣ ଏବଂ ଉପଭୋକ୍ତା ମାନଙ୍କ ପାଇଁ ଉପଲବ୍ଧ ଥିବା ଅଞ୍ଚଳରେ ଜନସଂଖ୍ୟାର ଘନତ୍ୱକୁ ଧ୍ୟାନରେ ରଖି ଷ୍ଟୋରେଜ୍ ବ୍ୟବସ୍ଥା ପ୍ରତିଷ୍ଠା ହେବା ଉଚିତ୍ ; ଯେପରି ସଂରକ୍ଷିତ ବର୍ଜ୍ୟବସ୍ତୁ ଖୋଲା ହୋଇ ରହିବନାହିଁ ଏବଂ ମାଟିରେ ମିଶିଯାଉଥିବା ବର୍ଜ୍ୟବସ୍ତୁ ସବୁଜ ଡଷ୍ଟବିନ୍ ରେ, ଧଳା ଡଷ୍ଟବିନ୍ ରେ ପୁନଃ ବ୍ୟବହାର ଯୋଗ୍ୟ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ କଳା ଡଷ୍ଟବିନ୍ ରେ ସଂରକ୍ଷିତ କରାଯିବ । ଉପରୋକ୍ତ ନିୟମର କାର୍ଯ୍ୟସୂଚୀ II ର ଧାରା 4 ଅନୁଯାୟୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ବର୍ଜ୍ୟବସ୍ତୁ ସଂରକ୍ଷଣ ବ୍ୟବସ୍ଥା ପ୍ରତିଦିନ ସଫାହେବା ଦରକାର । ଡଷ୍ଟବିନ୍ ଏବଂ ଅନ୍ୟ କଣ୍ଟେନର୍ ଗୁଡିକ ଯେଉଁଠି ବି ରଖାଯାଇଛି ସେଗୁଡିକ ଭର୍ତ୍ତିହୋଇ ବର୍ଜ୍ୟବସ୍ତୁ ବାହାରକୁ ବାହାରିବା ପୂର୍ବରୁ ସଫାହେବା ଦରକାର । ଅଡିଟ୍ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ନିମ୍ନଲିଖିତ ସଂରକ୍ଷଣ ର ଅଭାବ ଦେଖିଲା ।

ଯାଞ୍ଚହୋଇଥିବା ୟୁଏଲବି ଗୁଡିକ କେବଳ ସବୁଜ ରଂଗର ଖୋଲା ଡଷ୍ଟବିନ୍ ରାସ୍ତାପାର୍ଶ୍ୱରେ ରଖିଥିଲେ । 21 ଟି ୟୁଏଲବିର ମିଳିତ କ୍ଷେତ୍ରୀୟ ଯାଞ୍ଚ ବେଳେ ଏହା ଦେଖାଯାଇଥିଲା ଯେ, କୌଣସି ବି ୟୁଏଲବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିଭିନ୍ନ ରଂଗର ଡଷ୍ଟବିନ୍ ରଖିନଥିଲେ । କୌଣସି ଦ୍ୱିତୀୟ ସଂରକ୍ଷଣ ବ୍ୟବସ୍ଥା ର ଅଭାବରୁ ଲୋକମାନେ ଅଳିଆ ରାସ୍ତା କଡରେ ପକାଉଥିଲେ । ଖୋଲା ଅସ୍ଥାୟୀ ଡଷ୍ଟବିନ୍ ଗୁଡିକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ସହ ଚାରିଆଡେ ଦୁର୍ଗନ୍ଧ ହେଉଥିଲା । ଅଧିକନ୍ତୁ, କଣ୍ଟେନର ଗୁଡିକରୁ କଠିନ ବର୍ଜ୍ୟବସ୍ତୁ ଉଛୁଳି ବାହାରୁ ଥିଲା ଯାହା ନିମ୍ନ ଫଟୋରେ ଦେଖାଯାଇଛି।



ଫଟୋଗ୍ରାଫ୍ -2: ନଦୀକୂଳ ନିକଟ ୱାର୍ଡ10 ଭଦ୍ରକଠାରେ ରାସ୍ତାରେ ଆବର୍ଜନା ଜମାହୋଇଛି



ଫଟୋଗ୍ରାଫ୍ -3: ସମ୍ବଲପୁରର ୱାର୍ଡ31 ରେ ଡଷ୍ଟବିନର ଓଭର ଫ୍ଲୋ

ଏହା ସୂଚାଉଥିଲା ଯେ ସେଠାରେ ପର୍ଯ୍ୟାପ୍ତ ପରିମାଣର କଣ୍ଟେନର୍/ଡଷ୍ଟବିନ୍ ନାହିଁ କିମ୍ବା ସେଗୁଡିକ ନିୟମିତ ସଫାହେଉନାହିଁ ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟିହେବା ସହ, ପରିବେଶର ପ୍ରଦୂଷଣ ଏବଂ ନିକଟସ୍ଥ ବାସିନ୍ଦାଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିଲା ।

ସରକାର କହିଲେ (ମଇ 2022) ଯେ, ଉତ୍ସରୁ ପ୍ରତିଦିନ ପୃଥକିକରଣ କରି ଦ୍ୱାରରୁ ଦ୍ୱାର ବର୍ଜ୍ୟ ସଂଗ୍ରହ ଲାଗି ଯେଉଁ ପ୍ରଚେଷ୍ଟା କରାଯାଇଛି ତା ଫଳରେ ୟୁଏଲବି ମାନେ ନିଜକୁ ବିନ୍ ମୁକ୍ତ (ଦ୍ୱିତୀୟ ସଂରକ୍ଷଣ ବିନ ବ୍ୟତିତ) ଘୋଷଣା କରିବାର ଦ୍ୱାରରେ ଅଛନ୍ତି । ଦ୍ୱିତୀୟ ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରିବା କୁ ନିରୁତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ୟୁଏଲବି ଗୁଡିକ ଏମଏସଡବ୍ଲୁ ନିୟମ ଅନୁଯାୟୀ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ବ୍ୟବସାୟୀକ ସ୍ଥଳରୁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାର ବର୍ଜ୍ୟର ଜମାକରିବା ନିମନ୍ତେ ବିଭିନ୍ନ ପ୍ରକାର କଣ୍ଟେନର୍ ଚିହ୍ନଟ ହୋଇଥିବା ସ୍ଥାନରେ ରଖିବାରଥିଲା । ବିଭିନ୍ନ ରଙ୍ଗର ବିନ୍ ର ଅଭାବ ଯୋଗୁଁ ବିଭିନ୍ନ ପ୍ରକାର ବର୍ଜ୍ୟକୁ ପୃଥକିକରଣ କରିବା କଷ୍ଟକର ହେଉଥିଲା । ତେଣୁ, ବର୍ଜ୍ୟ ପୁନଃ ପ୍ରକ୍ରିୟାକରଣ ଏବଂ ପୁନଃବ୍ୟବହାର ଲକ୍ଷ୍ୟ ଠିକ୍ ଭାବରେ ହାସଲ ହୋଇପାରିନଥିଲା ।

### 4.2.4.1 ଭୂତଳ ଡଷ୍ଟବିନ୍ ର ନିର୍ମାଣ ସମାପ୍ତ ନ ହେବା

ଅଡିଟ୍ ନିରୀକ୍ଷଣ କଲା ଯେ ବି.ଏମ୍.ସି ବିଭିନ୍ନ ବଜାର ଅଞ୍ଚଳ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରେ ₹6.80 କୋଟି । ବ୍ୟୟରେ 50 ଟି ଭୂତଳ ଡଷ୍ଟବିନ୍ ର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଦୁଇଟି ଚୁକ୍ତିନାମା କରିଥିଲେ ଯାହା ଜାନୁଆରୀ 2019 ସୁଦ୍ଧା ସମ୍ପୂର୍ଣ୍ଣ ନିର୍ମାଣ ହେବା କଥା ଓ ଏହାର ରକ୍ଷଣାବେକ୍ଷଣ ଅବଧି 5 ବର୍ଷ ଥିଲା । ଏଜେନ୍ସୀ

ଜାନୁଆରୀ 2021 ସୁଦ୍ଧା ₹1.55 କୋଟି ବ୍ୟୟରେ କେବଳ 34 ଟି ଡଷ୍ଟବିନ୍ ସ୍ଥାପନ କରିଥିଲେ । ବଳକା ଡଷ୍ଟବିନ୍ ଗୁଡିକ ସମାପ୍ତ ନହେବାର କାରଣ ରେକର୍ଡରେ ଦର୍ଶାଯାଇଥିଲା ।

### 4.2.4.2 ଭୂତଳ ଡଷ୍ଟବିନ୍ ପାଇଁ ଡ୍ୟାସବୋର୍ଡ ମୋଡ୍ୟୁଲ୍ ଏବଂ ରକ୍ଷଣାବେକ୍ଷଣ

ଚୁକ୍ତିନାମା ଅନୁଯାୟୀ, ଶୀଘ୍ର ଏବଂ ସହଜ ରେ ଦେଖି ବାସ୍ତବ ସମୟ ଭିତ୍ତିରେ ସାମଗ୍ରିକ ସ୍ଥିତିକୁ ଜାଣିବା ପାଇଁ ଏଜେନ୍ସୀ ଏକ ଡ୍ୟାସବୋର୍ଡ ମୋଡ୍ୟୁଲ୍ ଯୋଗାଇବା କଥା । ଡ୍ୟାସବୋର୍ଡ ମଧ୍ୟ ଯେପରିକି ଡଷ୍ଟବିନ୍ ନମ୍ବର, ଡଷ୍ଟବିନ୍ ର ପ୍ରକାର, ଡଷ୍ଟବିନ୍ ରଖାଯିବା ସ୍ଥାନ, ଡଷ୍ଟବିନ୍ ସଫାକରିବା ସମୟ, ଡଷ୍ଟବିନ୍ ରେ ବର୍ଜବସ୍ତୁ ର ସ୍ତର[23] ଏବଂ ବର୍ଜ୍ୟବସ୍ତୁ ଉଠାଇବା ଏବଂ ପରିବହନ ନିମନ୍ତେ ବ୍ୟବହୃତ ଯାନ ଗୁଡିକ ଇତ୍ୟାଦିର ସୂଚନା ପ୍ରଦାନ କରିବା କଥା । ପରିଚାଳକ ଡଷ୍ଟବିନ୍ ଗୁଡିକର ରକ୍ଷଣାବେକ୍ଷଣ ଏବଂ ସଫାକରିବା କୁ ସୁନିଶ୍ଚିତ କରିବ ଯଦ୍ୱାରା ଡଷ୍ଟବିନ୍ ର ଚାରିପାଖ ସଫା ଏବଂ ଦୁର୍ଗନ୍ଧ ମୁକ୍ତ ରହିବ ।



ଫଟୋଗ୍ରାଫ୍ 4:ମାର୍କେଟ ନଂ 1 ରେ ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ (ସେନସର କାମ କରୁନାହିଁ)

ଅଡିଟ୍ ଦେଖିଲା ଯେ, ଏଜେନ୍ସୀ ଗୁଡିକ ଚୁକ୍ତିନାମା ଅନୁଯାୟୀ ଭୂତଳ ଡଷ୍ଟବିନ୍ ନିମନ୍ତେ ଡ୍ୟାସବୋର୍ଡ ମୋଡ୍ୟୁଲ ଏବଂ ଡଷ୍ଟବିନ୍ ଭିତରେ ବର୍ଜ୍ୟବସ୍ତୁ ର ସ୍ତର ଜାଣିବା ଲାଗି ସଫ୍ଟୱେର୍ ସ୍ଥାପନ କରିନଥିଲେ । ମିଳିତ ଯାଞ୍ଚ ବେଳେ ଜଣାପଡିଲା ଯେ ଡଷ୍ଟବିନ୍ ଗୁଡିକ ସବୁବେଳେ ସଫା ହେଉନଥିଲା । ବିଏମସି ର ମାର୍କେଟ୍ ନଂ – 1 ରେ ଦେଖାଗଲା ଯେ, ଆବର୍ଜନା ଡଷ୍ଟବିନ୍ ର ବାହାରେ ଜମାହୋଇଥିଲା ଯାହା ଫଟୋଗ୍ରାଫ୍ 4 ରେ ଦର୍ଶିତ । ଡଷ୍ଟବିନ୍‌ରେ ଲଗାଯାଇଥିବା ସେନସର୍ ଗୁଡିକ ବହୁତ ଗୁଡିଏ ଯାଗା ଯଥା ମାର୍କେଟ୍ ନଂ 1 , ଓମଫେଡ୍ ଛକ(ବେସ୍ ଷ୍ଟପ୍ ନିକଟରେ) ଏବଂ କେଶରୀ ମଲ୍ ଠାରେ କାମ କରୁନଥିଲା । ଆସିଷ୍ଟାଣ୍ଟ ଇଂଜିନିୟର କହିଲେ ଯେ, ଡଷ୍ଟବିନ୍ ଗୁଡିକର ସେନସର୍ ଖୁବ୍ ଶୀଘ୍ର ପୁନଃସ୍ଥାପିତ ହେବ ଏବଂ ଡଷ୍ଟବିନ୍ ଅଞ୍ଚଳକୁ ସାସ୍ଥ୍ୟକର ରଖିବା ଓ ଏହାକୁ ପ୍ରତିଦିନ ସଫା କରିବା ପାଇଁ ଏଜେନ୍ସୀ ଗୁଡିକୁ ନିର୍ଦ୍ଦେଶ ଦିଆଯିବ । ସେନସର୍ ଗୁଡିକର ପୁନଃସ୍ଥାପନ ନହେବା ଦ୍ୱାରା ଭୂତଳ ଡଷ୍ଟବିନର ଅନ୍ ଲାଇନ୍ ପର୍ଯ୍ୟବେକ୍ଷଣ ମାର୍ଚ୍ଚ 2021 ସୁଦ୍ଧା ହାସଲ ହୋଇପାରିଲା ନାହିଁ ଫଳରେ ₹1.55 କୋଟି ର ଖର୍ଚ୍ଚ ଅଫଳପ୍ରଦ ହେଲା ।

ସରକାର କହିଲେ (ମଇ 2022) ଯେ, ସେନ୍ସର ଗୁଡିକ ଇଲେକଟ୍ରୋନିକ୍ସ ଉପକରଣ ଯାହା ବାରମ୍ବାର ଖରାପ ହୋଇପାରେ ଏବଂ ଏହି ପ୍ରକାର ପରିସ୍ଥିତି କୁ ଦୁରେଇ ହେବ ନାହିଁ । ପରନ୍ତୁ, ତଥ୍ୟ ଏହା ଯେ, ସେନ୍ସର କାମ ନକରିବା ଏବଂ ଟ୍ରାକିଂ ସଫ୍ଟୱେର ସ୍ଥାପନ ନହେବା ଯୋଗୁଁ ଭୂତଳ ଡଷ୍ଟବିନ ର ଅନ୍ ଲାଇନ୍ ତଦାରଖ ହାସଲ ହେଲାନାହିଁ ।

### 4.2.5 ଯାନ୍ତ୍ରୀକ ଝାଡୁ ମାରିବା

ମେକାନିକାଲ ସୁଇପିଂର ଚୁକ୍ତିନାମା ସର୍ତ୍ତ (ପାରାଗ୍ରାଫ୍ 7.6) ଅନୁଯାୟୀ ଅପରେଟର ପ୍ରତିଦିନ ଦିଆଯାଇଥିବା ମୋଟ ରାସ୍ତାର ସର୍ବନିମ୍ନ 80 ପ୍ରତିଶତ ଯାନ୍ତ୍ରୀକ ଝାଡୁ କରିବେ । ଯଦି ଅପରେଟର ଏହା କରିବାକୁ ବିଫଳ ହୁଏ, ତେବେ 80 ପ୍ରତିଶତ ରୁ କମ୍ ହୋଇଥିବା କାମ ପାଇଁ ଅପରେଟରଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ୟୁନିଟ୍ ଦରର 50 ପ୍ରତିଶତ ହାରରେ ଦଣ୍ଡ ଲାଗୁ ହେବ ।

ଅଡିଟ୍ ନିରୀକ୍ଷଣ କଲା ଯେ, ବିଏମସି ଅକ୍ଟୋବର 2018 ରୁ ଡିସେମ୍ବର 2018 ମଧ୍ୟରେ ଯାନ୍ତ୍ରୀକ ଝାଡୁ ମାରିବାପାଇଁ ଦୁଇଟି ଚୁକ୍ତିନାମା ( ଚୁକ୍ତିନାମା 1 – 172 କିମି ଚୁକ୍ତିନାମା 2 – 146.59 କି.ମି) ତିନିବର୍ଷ ପାଇଁ ଯଥାକ୍ରମେ ବାର୍ଷିକ ₹5.23 ଏବଂ ₹5.08 କୋଟି ହିସାବରେ କରିଥିଲେ । ଚୁକ୍ତିନାମାରେ ଅଗ୍ରୀମ ପ୍ରଦାନର କୌଣସି ଧାରାବିନା ଏଜେନ୍ସୀ ଗୁଡିକୁ (ଅକ୍ଟୋବର 2018 ଏବଂ ଅକ୍ଟୋବର 2020) ମଧ୍ୟରେ ₹13 କୋଟି ର ସୁଧବିହୀନ ଅଗ୍ରୀମ ପ୍ରଦାନ କରାଯାଇଥିଲା ଯାହା ମାର୍ଚ୍ଚ 2021 ସୁଦ୍ଧା ପରିଶୋଧ ହୋଇନଥିଲା । ଡିସି, ସାନିଟେସନ ବିଏମସି ଏଜେନ୍ସୀ ଗୁଡିକର କାମକୁ ଦୁଇମାସ ଯଥା ଅଗଷ୍ଟ ଏବଂ ସେପ୍ଟେମ୍ବର 2020 ଆକଳନ କରି ଦେଖିଲେ ଯେ 712 କି.ମି ଏବଂ 2,110 କି.ମି ଯାନ୍ତ୍ରୀକ ଝାଡୁ ମାରିବା କାର୍ଯ୍ୟକାରୀ ର ଅଭାବ/ଅସମ୍ପାଦନ ହୋଇଥିଲା ତାହାଲାଗି କୋଣସି ଦଣ୍ଡବିଧାନ ହୋଇନଥିଲା । ଅନ୍ୟମାସ ଗୁଡିକରେ ଯାନ୍ତ୍ରୀକ ଝାଡୁ ମାରିବାର କାର୍ଯ୍ୟଦକ୍ଷତା ର ମୂଲ୍ୟାୟନ ଏଜେନ୍ସୀ ଦ୍ୱାରା

[23] ଭୂତଳ ଡଷ୍ଟବିନ୍ ର ସର୍ବୋଚ୍ଚ ଧାରଣ କ୍ଷମତା

କରାଯାଇନଥିଲା । ଯନ୍ତ୍ରପାତିର କାର୍ଯ୍ୟସମୟ ଯାଣିବା ପାଇଁ ଲଗ୍ ବୁକ୍ ର ବିବରଣୀ, ଦୈନନ୍ଦିନ କାର୍ଯ୍ୟର ହିସାବ ଏବଂ ଜିପିଏସ ଟ୍ରାକିଂ ରେକର୍ଡ ଅଡିଟ୍ କୁ ସମୀକ୍ଷା ପାଇଁ ପ୍ରଦାନ କରାଯାଇନଥିଲା । ଅବଶିଷ୍ଟ ସମୟ ପାଇଁ ଏଜେନ୍ସୀ ର ସମ୍ପାଦନର ମୂଲ୍ୟାୟନ ଅଭାବରୁ ମାର୍ଚ୍ଚ 2021 ସୁଦ୍ଧା ପ୍ରଦତ୍ତ ଅଗ୍ରୀମ ₹13 କୋଟି ଅନାଦେୟ ରହିଲା । ତାହା ଛଡା ଅଗ୍ରୀମ ଉପରେ ₹1.11 କୋଟି ର ସୁଧ ଅନାଦେୟ ରହିଲା ।

ସରକାର କହିଲେ (ମଇ 2022) ଯେ,ଗୋଟିଏ ଏଜେନସୀ ଠାରୁ ₹8 କୋଟି ର ଅଗ୍ରୀମ ଦେୟ ବ୍ୟବସ୍ଥିତ ହୋଇଛି ଏବଂ ବାକିଆ ଅଗ୍ରୀମ ବ୍ୟବସ୍ଥିତ ଲାଗି ପ୍ରକ୍ରିୟା ଜାରି ଅଛି । ପରନ୍ତୁ, ଏଜେନ୍ସୀ ଉପରେ ଅଣସମ୍ପାଦନ ଏବଂ ଅଗ୍ରୀମ ଦେୟଉପରେ ସୁଧ ଅନାଦେୟ ବାବଦକୁ ଜୋରିମାନା ଲଗାଇବାଉପରେ ଉତ୍ତରଟି ନିରବ ଥିଲା ।

### 4.2.5.1 ଯାନ୍ତ୍ରୀକ ଏବଂ ମାନୁଆଲ ଝାଡୁ ମାରିବା କାମ ଏକାସହ ହେବା

ଯାନ୍ତ୍ରୀକ ଝାଡୁ ଦ୍ୱାରା ସଫାଇ କାର୍ଯ୍ୟକୁ ପିଛିଲା ଭାବେ ଅନୁମୋଦନ (ଜୁଲାଇ 2020) ଦେବା ବେଳେ ଯୁଗ୍ମ ସଚିବ ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁଠାରେ ଯାନ୍ତ୍ରୀକ ଝାଡୁ ସାହାଯ୍ୟରେ ଝାଡୁ କରାଯାଉଥିବ ସେ ଯାଗାରେ ମାନବ ସମ୍ବଳ ନିଯୁକ୍ତି କରି ମଣିଷ ଦ୍ୱାରା ଝାଡୁ କରାଇବାଠାରୁ  କଡାକଡି ଭାବେ ଏଡାଇ ରହିବା ଦରକାର । ମଣିଷ ସାହାଯ୍ୟରେ ଝାଡୁ ହେଉଥିବା ଅଞ୍ଚଳ ରେ ଏଜେନ୍ସୀ ଦ୍ୱାରା ଯାନ୍ତ୍ରୀକ ଝାଡୁ ହେବାପୂର୍ବରୁ ସେହି ଅଞ୍ଚଳ ରେ ମନୁଷ୍ୟ ଦ୍ୱାରା ଝାଡୁ କରିଯିବା ର ପରିସର କୁ ବଦଳାଇ ତା ସହିତ ଯାନ୍ତ୍ରୀକ ଝାଡୁ ବ୍ୟବହାର କରିବା ପରେ ଏହାର ଆର୍ଥିକ ପ୍ରଭାବ ପୁନଃ ବିଚାର କରାଯିବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କରିଛି ଯେ ଯାନ୍ତ୍ରୀକ ଝାଡୁ ବ୍ୟବହାର କରିବା ପୂର୍ବରୁ ସେହି ଅଞ୍ଚଳ ଗୁଡିକରେ ମଣିଷ ଦ୍ୱାରା ଝାଡୁ କରାଯାଉ ଥିଲା । ବିଏମସି ମାର୍ଚ୍ଚ 2021 ସୁଦ୍ଧା ମଣିଷ ଦ୍ୱାରା ଝାଡୁ କାମର ପରିସର ରେ କୌଣସି ପରିବର୍ତ୍ତନ କରିନଥିଲା । ଏପରିକି ଯାନ୍ତ୍ରୀକ ଝାଡୁ ବ୍ୟବହାର ପରେ ମଧ ମଣିଷ ଦ୍ୱାରା ଝାଡୁକାମର ପରିସର ରେ ପରିବର୍ତ୍ତନ ନ କରିବା ଦ୍ୱାରା ଯାନ୍ତ୍ରୀକ ଏବଂ ମାନୁଆଲ ଝାଡୁ କାମ ଏକାସହ ହେଲା ଏବଂ ବାର୍ଷିକ ₹10.32 କୋଟି ର ଅଦରକାରୀ ପରିଚାଳନା ଖର୍ଚ୍ଚ ହେଲା ।

ସରକାର କହିଲେ (ମଇ 2022) ଯେ, ଝାଡୁକାର୍ଯ୍ୟ ପାଇଁ ଏଜେନସୀକୁ ଗୋଟିଏ ଯାଗାରେ ମାନୁଆଲ ଝାଡୁ କାମ ଏବଂ ଯାନ୍ତ୍ରିକ ଝାଡୁକାମ ଏକାଠି ପ୍ରଦାନ କରାଯାଉ ନାହିଁ । ଏହି ଉତ୍ତରଟି ବିଏମସି ଦ୍ୱାରା ପ୍ରଦତ୍ତ ତଥ୍ୟର ବିରୁଦ୍ଧାଚରଣ କରୁଥିଲା ଯାହା ବିଏମସି ର ସମାନ ଯାଗାରେ ଯାନ୍ତ୍ରିକ ଝାଡୁ ହେବା ସତ୍ତ୍ୱେ ମଣିଷ ଦ୍ୱାରା ଝାଡୁ ଚାଲୁରହିବା ଦର୍ଶାଉଥିଲା ।

### 4.2.6 କଠିନ ବର୍ଜ୍ୟବସ୍ତୁ ନିମନ୍ତେ ସ୍କ୍ରିନ ଚାଲୁନହେବା ଏବଂ ଏହାର ରକ୍ଷଣାବେକ୍ଷଣ  ନହେବା

ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନଜିଟି) (ଜାନୁଆରୀ 2019) ର ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିଶ୍ଚିତ କରିବା ଦରକାର ଯେ, ସବୁ ଡ୍ରେନ୍ ଗୁଡିକରେ ଠିକ୍ ପଦକ୍ଷେପ ଅନୁଯାୟୀ (ଲୁହାଜାଲି) ବନ୍ଧାଯାଇଛି ଏବଂ କୌଣସି କଠିନ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କୁ ନଦୀ, ହ୍ରଦ, ପୋଖରୀ ଏବଂ ଜଳାଶୟ ମଧ୍ୟକୁ ପ୍ରବେଶ କରାଯାଉ ନାହିଁ । ସମସ୍ତ ସ୍କ୍ରିନବାର ଗୁଡିକ ପ୍ରତିଦିନ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା ହେବା ଦରକାର ।

ଅଡିଟ୍ ଦେଖିଲେ ଯେ, କଠିନ ବର୍ଜ୍ୟବସ୍ତୁର ଜଳାଶୟ ରେ ପ୍ରବେଶ ଏବଂ ପାଣି ଜମାହେବାକୁ ରୋକିବ ପାଇଁ 114 ଟି ୟୁଏଲବି 1,281 ଟି ସ୍କ୍ରିନବାର (355 ସ୍କ୍ରିନବାର 21 ଟି ଯାଞ୍ଚ ହୋଇଥିବା ୟୁଏଲବିରେ) ପାଇଁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ବର୍ଷାଜଳ ନିଷ୍କାସନ ଡ୍ରେନ୍ ଗୁଡିକରେ ସ୍ଥାପନ କରିଥିଲେ ।



ଫଟୋଗ୍ରାଫ୍ 5: ପଟିଆର ଶ୍ରୀ ଲେଦର୍ ଶୋ ରୁମ୍ ନିକଟ ଡ୍ରେନ୍

ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ମିଳିତ ଯାଞ୍ଚ ସମୟରେ (ଜାନୁଆରୀ 2020 ରୁ ସେପ୍ଟେମ୍ବର 2021) ଦେଖାଗଲା ଯେ, ସ୍କ୍ରିନବାର୍ ଗୁଡିକ ସଫେଇ କର୍ମଚାରୀଙ୍କ ଦ୍ୱାରା ପ୍ରତିଦିନ ସଫା ହେଉନଥିଲା ଯଦ୍ୱାରା କଠିନ ବର୍ଜ୍ୟବସ୍ତୁ ଜଳାଶୟ ମଧ୍ୟରେ ପ୍ରବେଶ କରି ପାଣି ର ପ୍ରବାହକୁ ରୋକିବା ସହ ଦୁର୍ଗନ୍ଧ ଓ ପ୍ରଦୂଷଣ ସୃଷ୍ଟି କରୁଥିଲା ।

ସରକାର କହିଲେ (ମଇ 2022) ଯେ, ସୁଇପିଂ କର୍ମଚାରୀଙ୍କ ଦ୍ୱାରା ସ୍କ୍ରୀନ୍‌ବାର୍ ସଫାକରିବା ଲାଗି (ଜୁନ୍ 2019) ରୁ ମାର୍ଗଦର୍ଶୀକା ଏବଂ ନିର୍ଦ୍ଦେଶାବଳୀ ଜାରି ହୋଇଛି । ପରନ୍ତୁ, ସେହି ନିର୍ଦ୍ଦେଶଗୁଡିକର ପାଳନ ହୋଇନଥିଲା ଏବଂ ୟୁଏଲବି ଅଧିକାରୀଙ୍କ ଦ୍ୱାରା ତଦାରଖର ଅଭାବ ମିଳିତ ଯାଞ୍ଚବେଳେ ଦେଖାଯାଇଥିଲା ।

## 4.2.7 ବ୍ୟକ୍ତିଗତ ସୁରକ୍ଷା ଉପକରଣ

ଏସଡବ୍ଲୁଏମ୍ ନିୟମ, 2016 ର ଧାରା 15 (ଜେଡ୍ ଡି) ଅନୁଯାୟୀ, ୟୁଏଲବି ଗୁଡିକ ନିଶ୍ଚିତ କରିବା ଦରକାର ଯେ, ଏକ ସୁବିଧାର ପରିଚାଳକ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ସମସ୍ତ ଶ୍ରମିକଙ୍କୁ ୟୁନିଫର୍ମ, ହ୍ୟାଣ୍ଡଗ୍ଲୋଭ୍ସ୍, ରେନକୋଟ୍, ଉପଯୁକ୍ତ ଜୋତା,ମାସ୍କ ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇବା ସହ ଶ୍ରମଜିବୀଙ୍କ ଦ୍ୱାରା ଏହାର ବ୍ୟବହାର ହେଉଛି ।



ଫଟୋଗ୍ରାଫ୍ 6: ପ୍ରତିରକ୍ଷା ଉପକରଣ ବିନା କର୍ମଚାରୀଙ୍କ ସ୍ୱିପ୍ କରିବା

ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ମିଳିତ ଯାଞ୍ଚ ହୋଇଥିବା ବେଳେ ଅଡିଟ୍ ଦେଖିଲା ଯେ, କଠିନ ବର୍ଜ୍ୟବସ୍ତୁ କୁ ସଫାକରୁଥିବା ଲୋକମାନେ ସୁରକ୍ଷା ଉପକରଣ ବିଶେଷ ଭାବେ ଜୋତା ଏବଂ ଗ୍ଲୋଭ୍ସ୍ ବ୍ୟବହାର କରୁନଥିଲେ । ପ୍ରତିରକ୍ଷା ଉପକରଣର ବ୍ୟବହାର ନହେବା ବିପଜ୍ଜନକ ଏବଂ ସ୍ୱାସ୍ଥ୍ୟପ୍ରତି ଗୁରୁତର ହୋଇପାରେ ।

ସରକାର କହିଲେ (ମଇ 2022) ଯେ, ସ୍ୱଚ୍ଛକର୍ମୀ ଏବଂ ସଫେଇ କର୍ମଚାରୀ ଙ୍କ ଦ୍ୱାରା ପିପିଇ ପିନ୍ଧିବାକୁ ସୁନିଶ୍ଚିତ କରିବା ପାଇଁ ସ୍ୱଚ୍ଛ ସାଥି ମାନଙ୍କୁ ଅଭିମୁଖୀକରଣ ପ୍ରଶିକ୍ଷଣ ଦିଆଯାଇଅଛି । ପରନ୍ତୁ, ମିଳିତ ଯାଞ୍ଚରେ ଦେଖାଗଲା ଯେ ଶ୍ରମଜିବୀଙ୍କ ଦ୍ୱାରା ପିପିଇ ର ବ୍ୟବହାର ନିଷ୍ଫଳ ହୋଇଥିଲା ।

## 4.3 ବର୍ଜ୍ୟବସ୍ତୁ ର ପରିବହନ

ଏସଡବ୍ଲୁଏମ ସେବାରେ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସ୍ଥାନୀୟ ଅବସ୍ଥା ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳ ର ଅବସ୍ଥାନ ଉପରେ ନିର୍ଭର କରି, ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପରିବହନ ପାଇଁ ବିଭିନ୍ନ ପ୍ରକାରର ଯାନ ଯଥା ଠେଲା ଗାଡି, ଅଟୋ ଟିପ୍ପର,ଟ୍ରାକ୍ଟର, ଟିପର ଟ୍ରକ. ବିଓଭି ଏବଂ ହାଲୁକା ବ୍ୟାବସାୟୀକ ଯାନ (ଏଲସିଭି) ବ୍ୟବହାର କରନ୍ତି ।

## 4.3.1 ଯାନବାହାନର ଅଭାବରୁ ଘରଗୁଡିକରୁ ବର୍ଜ୍ୟବସ୍ତୁ ର ଆଂଶିକ ସଂଗ୍ରହ

କଠିନ ବର୍ଜ୍ୟବସ୍ତୁର ଦ୍ୱାରରୁ ଦ୍ୱାର ସଂଗ୍ରହ ପାଇଁ ବିଓଭି/ଏଲସିଭି ର ବ୍ୟବହାର କୁ ଏସଓପି (ଜୁଲାଇ 2019) ଦର୍ଶାଉଥିଲା । ଗୋଟିଏ ବିଓଭି 600 ପରିବାର ଏବଂ ଗୋଟିଏ ଏଲସିଭି 1,000 ପରିବାରରୁ ଘର କୁ ଘର ଆବର୍ଜନା ସଂଗ୍ରହ କରିବା କଥା । ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଆବଶ୍ୟକ ଥିବା 1,159 ଟି ବିଓଭି/ଏଲସିଭି ସ୍ଥଳେ କେବଳ 634 ଟି ବିଓଭି/ଏଲସିଭି ଉପଲବ୍ଧ ଥିଲା । ମାର୍ଚ୍ଚ 2021 ସୁଦ୍ଧା ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ବିଓଭି ର ଉପଲବ୍ଧତାର ସ୍ଥିତି ***(ପରିଶିଷ୍ଟ – IX)*** ରେ ଦିଆଯାଇଛି ।



ଫଟୋଗ୍ରାଫ୍ 7: ପଞ୍ଜୀକରଣ ଅଭାବ ପାଇଁ ଆରଏମସି ରେ ନିଷ୍କ୍ରିୟ ବିଓଭି

ଅଡିଟ୍ ନିରୀକ୍ଷଣ କଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା 8.29 ଲକ୍ଷ ପରିବାର ମଧ୍ୟରୁ 5.14 ଲକ୍ଷ ପରିବାର (62 ପ୍ରତିଶତ ) କୁ ଘର ରୁ ର ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଅନ୍ତର୍ଭୁକ୍ତ କରିପାରିଥିଲେ ଯାହାଫଳରେ ୟୁଏଲବି ଗୁଡିକରେ ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ ବିଓଭି/ଏଲସିଭି ର ଅଭାବ ହେତୁ ପରିବାର ଗୁଡିକୁ ଆଂଶିକ ଭାବେ କଭରେଜ୍ କରାଯାଇଥିଲା । ଅପରପକ୍ଷେ, ତିନୋଟି ୟୁଏଲବି ରେ, ବୈଷୟିକ ସମସ୍ୟା ଏବଂ ପଞ୍ଜୀକରଣ[24] ନହେବା ଯୋଗୁଁ ସେପ୍ଟେମ୍ବର 2020 ରୁ ଫେବୃଆରୀ 2021 ମଧ୍ୟରେ ₹44.49 ଲକ୍ଷ ବ୍ୟୟରେ କିଣାଯାଇଥିବା 16 ଟି ବିଓଭି ବ୍ୟବହାର ନହୋଇ ରହିଥିଲା ।

[24] ବୈଷୟିକ ଭୁଲ : ରାୟଗଡା -05 ମଧ୍ୟରୁ 05,ଭଦ୍ରକ – 04 ମଧ୍ୟରୁ 02 , ରେଜିଷ୍ଟ୍ରାସନ ର ଆବଶ୍ୟକ : ରାଉରକେଲା –15 ଟି ମଧ୍ୟରୁ 09 ଟି

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକୁ ନିଜ ଆବଶ୍ୟକତା ଅନୁଯାୟୀ ବିଓଭି କିଣିବାପାଇଁ ଅଧିକୃତ କରାଯାଇଥିଲା । ଖରାପ ହୋଇଥିବା ବିଓଭି ସମ୍ବନ୍ଧରେ ଏହା ଦର୍ଶାଯାଇଥିଲା ଯେ , ବୈଷୟିକ ସହାୟତା ଦେବା ପାଇଁ, ତ୍ରୁଟି ସଜାଡିବା ଇତ୍ୟାଦି ଗୁଡିକ ପାଇଁ ୟୁଏଲବି ଗୁଡିକ ସ୍ଥାନୀୟ ବୈଷୟିକ ଟ୍ରେନିଂ ସଂସ୍ଥା ମାନଙ୍କ ସହିତ ଏମଓୟୁ ସାକ୍ଷର କରିଥିଲେ । ଉତ୍ତରଟି ମାର୍ଚ୍ଚ 2021 ସୁଦ୍ଧା ପଞ୍ଜୀକରଣ ଅଭାବରୁ ବିଓଭି ଗୁଡିକ ବ୍ୟବହାର ନହୋଇ ପଡିରହିଥିବା ଉପରେ ନିରବ ଥିଲା ।

## 4.3.2 କଠିନ ବର୍ଜ୍ୟବସ୍ତୁ ର ପରିବହନ

### 4.3.2.1 ଖୋଲା ଗାଡି ଗୁଡିକରେ କଠିନ ବର୍ଜ୍ୟବସ୍ତୁ ର ପରିବହନ

ଏମଏସଡବ୍ଲୁ ନିୟମ 2000 ର ସିଡ୍ୟୁଲ୍ II ର ଧାରା 4 ଧାର୍ଯ୍ୟକରେ ଯେ ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟବହୃତ ଯାନଗୁଡିକ ଆଚ୍ଛାଦିତ ହେବା ଦରକାର । ବର୍ଜ୍ୟବସ୍ତୁ ଜନସାଧାରଣଙ୍କୁ ଦୃଶ୍ୟମାନ ହେବା ଉଚିତ୍ ନୁହେଁ ଓ ଖୋଲା ପରିବେଶ ସଂସ୍ପର୍ଶ ରେ ନ ଆସିବା ଏବଂ ଚାରିଆଡେ ଖେଳାଇ ହୋଇ ନ ପଡିବା ଉଚିତ୍ ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଡିଟ୍ ଦେଖିଲା ଯେ କଠିନ ବର୍ଜ୍ୟବସ୍ତୁ ପରିବହନରେ ବ୍ୟବହୃତ ଯାନ ଗୁଡିକ ଆଚ୍ଛାଦିତ ହୋଇନଥିଲା । ପରିବହନ ହେଉଥିବା ବର୍ଜ୍ୟବସ୍ତୁ ଦୃଶ୍ୟମାନ ହେଉଥିଲା ଏବଂ ଖୋଲା ପରିବେଶ ସଂସ୍ପର୍ଶ ରେ ଆସୁଥିଲା (ଫୋଟଗ୍ରାଫ୍ 8) । ଏହି ଆଚ୍ଛାଦିତ ନହୋଇଥିବା ଯାନ ଗୁଡିକ ବର୍ଜ୍ୟବସ୍ତୁ ପରିବହନ କଲାବେଳେ ଦୁର୍ଗନ୍ଧ ସୃଷ୍ଟି କରିବା ସହ ଏଥିରୁ ବର୍ଜ୍ୟବସ୍ତୁ ଚାରିଆଡେ ଖେଳାଇ ହୋଇ ପଡୁଥିଲା ଫଳରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ ତାହାଛଡା କଠିନ ବର୍ଜ୍ୟବସ୍ତୁର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସାସ୍ଥ୍ୟକର ପରିବହନ ର ମୌଳିକ ଲକ୍ଷ ବ୍ୟାହତ ହୋଇଥିଲା ।



ଫଟୋଗ୍ରାଫ୍ 8: ଏସଏମସି ଦ୍ୱାରା ଆଚ୍ଛାଦିତ ନକରି ବର୍ଜ୍ୟବସ୍ତୁ ପରିବହନ ପାଇଁ ବ୍ୟବହୃତ ଖୋଲା ଯାନ

ସରକାର କହିଲେ (ମଇ 2022) ଯେ, ବିଓଭି ଗୁଡିକ ଘୋଡଣି ଥିବା ପୃଥକ ଡବାରେ ବିଭକ୍ତ ଏବଂ ଏଗୁଡିକୁ ଖୋଲା ବର୍ଜ୍ୟସଂଗ୍ରହ କୁ ଏଡାଇବା ଲାଗି ବ୍ୟବହାର କରାଯାଏ । ପରନ୍ତୁ, ତଥ୍ୟ ଏହା ଯେ କଠିନ ବର୍ଜ୍ୟ ବହନ କରିବା ଲାଗି ଖୋଲା ଯାନ ଗୁଡିକ ମଧ ବ୍ୟବହାର କରାଯାଉଥିଲା ଯାହା ଫଟୋଗ୍ରାଫ୍ 8 ରେ ଦର୍ଶାଯାଇଛି ।

### 4.3.2.2 ବିନାଅନୁମତିରେ ପରିବହନ ଯାନଗୁଡିକର ବ୍ୟବହାର

ମୋଟର ଯାନ (ଏମଭି) ଆକ୍ଟ 1988 ର ଧାରା 39,55 ଏବଂ 56 ଅନୁଯାୟୀ, ଏକ ପରିବହନ ଯାନ ଏମଭି ଆକ୍ଟ 1988 ର ଧାରା 39 ଉଦ୍ଦେଶ୍ୟ ଅନୁଯାୟୀ ବୈଧ ପଞ୍ଜୀକୃତ ବୋଲି ଧରାଯିବ ନାହିଁ ଯଦି ଯାନଟି ଯୋଗ୍ୟ ଅଧିକାରୀଙ୍କ ଠାରୁ ଫିଟନେସ୍ ବାବଦରେ ଏହି ନିୟମ ଅଧିନସ୍ଥ ସମସ୍ତ ଆବଶ୍ୟକତା ପୂରଣ କରୁଥିବା ର ସାର୍ଟିଫିକେଟ୍ ହାସଲ ନ କରିଛି ।

ଅଡିଟ ଦେଖିଲା ଯେ ଯାଞ୍ଚ ହୋଇଥିବା ଦଶଟି ୟୁଏଲବି ରେ ଏସଡବ୍ଲୁଏମ୍ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଯାନଗୁଡିକର ଫିଟନେସ୍, ପଲ୍ୟୁସନ ଏବଂ ଇନସ୍ୟୁରାନସ୍ ସାର୍ଟିଫିକେଟ୍ ନଥିଲା ଯାହା ନିମ୍ନରେ ଦର୍ଶାଯାଇଛି ।

- 242 ଟି ଯାନ[25] ମଧ୍ୟରୁ 95 ଟି (39.25 ପ୍ରତିଶତ) ର କୌଣସି ବୈଧ ଫିଟନେସ୍ ସାର୍ଟିଫିକେଟ୍ ନାହିଁ
- 25 ଟି ଯାନର[26] କୌଣସି ବୈଧ ବୀମା ନାହିଁ, ଏବଂ
- ବିଏମସିର 12 ଟି ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନାହିଁ ।

[25] ଫିଟ୍ ନେସ୍ ସାର୍ଟିଫିକେଟ୍ : ବିଏମସି 64 ଟି ମଧ୍ୟରୁ 30 ଟି ,ଜୟପୁର- 3 ଟି ମଧ୍ୟରୁ 3 ଟି, ରାୟଗଡା – 17 ମଧ୍ୟରୁ 17 ଟି, ଗୁଣପୁର- 3 ଟି ମଧ୍ୟରୁ 3 ଟି, ସିଏମସି - 48 ଟି ମଧ୍ୟରୁ 3 ଟି ,ସମ୍ବଲପୁର- 48 ଟି ମଧ୍ୟରୁ 18 ଟି, ପୁରୀ -26 ଟି ମଧ୍ୟରୁ 11 ଟି ,ଚୌଦ୍ୱାର –5 ଟି ମଧ୍ୟରୁ 3 ଟି, ଝାରସୁଗୁଡା - 40 ଟି ମଧ୍ୟରୁ 4 ଟି ଏବଂ ସୁନ୍ଦରଗଡ – 12 ଟି ମଧ୍ୟରୁ 3 ଟି

[26] ଇନସୁରାନ୍ସ : ବିଏମସି - 7 ,ଜୟପୁର -3 , ସିଏମସି -1 ,ସମ୍ବଲପୁର – 1, ପୁରୀ- 1 , ଚୌଦ୍ୱାର - 12

ୟୁଏଲବି ଗୁଡିକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ରୁ ଫିଟନେସ୍ ସାର୍ଟିଫିକେଟ୍ ଏବଂ ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିବା କଥା । ଉପରୋକ୍ତ ଅଭାବ ଗୁଡିକ ବିଭାଗ ମଧ୍ୟରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ର ଅନୁପସ୍ଥିତିକୁ ଦର୍ଶାଉଥିଲା ।

ସରକାର ନିଶ୍ଚିତ କଲେ (ମଇ 2022) ଯେ, ଏଲସିଭି ଗୁଡିକର ଫିଟନେସ୍ ସାର୍ଟିଫିକେଟ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯିବ । ଉତ୍ତରଟି ବର୍ଜ୍ୟ ପରିଚାଳନା ପାଇଁ ବ୍ୟବହାର ହେଉଥିବା ଅନ୍ୟ ଚୁକ୍ତି ହୋଇଥିବା ଗାଡି ଗୁଡିକର ଫିଟନେସ୍ ଏବଂ ପଲ୍ୟୁସନ ସାର୍ଟିଫିକେଟ୍ ବିଷୟରେ ନିରବ ଥିଲା ।

### 4.3.2.3 ଜିପିଏସ ମାଧ୍ୟମରେ ପରିବହନ ଯାନଗୁଡିକର ପରିଚାଳନା ନ ହେବା

ଉତ୍ପତି ସ୍ଥଳ ରୁ ପ୍ରାଧିକୃତ ଗନ୍ତବ୍ୟ ସ୍ଥଳକୁ କଠିନ ବର୍ଜବସ୍ତୁ ର ପରିବହନ ଏହାର ସଠିକ୍ ନିଷ୍କାସନ କୁ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏସଡବ୍ଲୁଏମ ମାନୁଆଲ୍ , 2016 ଦର୍ଶାଏ ଯେ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଯେପରିକି ଗ୍ଲୋବାଲ ପୋଜିସନ୍ ବ୍ୟବସ୍ଥା (ଜିପିଏସ), ଭୌଗଳିକ ସୂଚନା ବ୍ୟବସ୍ଥା (ଜିଆଇଏସ) ଏସଡବ୍ଲୁଏମ ବ୍ୟବସ୍ଥାର ପରିଚାଳନାର ଏକ ଅଂଶ ଭାବରେ ଏକୀଭୂତ ହେବା ଦରକାର । ବର୍ଜ୍ୟବସ୍ତୁ ପରିବହନ ଯାନ ଉପରେ ନଜର ରଖିବା ଏବଂ ଠାବ କରିବା ଓ ବର୍ଜ୍ୟବସ୍ତୁ ଗତିବିଧିରେ କୌଣସି ଅନିୟମିତତା ଚିହ୍ନଟ କରିବା ପାଇଁ ଜିପିଏସ୍ ଓ ଜିଆଇଏସ୍ ଏକକାଳୀନ କାର୍ଯ୍ୟକରାଇବା ଦରକାର (ଏସଡବ୍ଲୁଏମ ମାନୁଆଲ 2016 ର ଧାରା 2.3.12.1) ।

ଅଡିଟ୍ ଦେଖିଲା ଯେ, ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ୍ (ଆରଏମସି) ଏସଡବ୍ଲୁଏମ କାର୍ଯ୍ୟରେ ନିୟୋଜିତ ଥିବା 15 ଯାନର ପରିଚାଳନା ନିମନ୍ତେ ଇ-ସ୍ୱଚ୍ଛ ଭାରତ ମିଶନ (ଇ-ଏସବିଏମ୍) ପ୍ଲାଟଫର୍ମ ସେବା ଯୋଗାଇବା ପାଇଁ ବାର୍ଷିକ ₹3.11 ଲକ୍ଷ ର ବିଏସଏନଏଲ ସହିତ ଏକ ଚୁକ୍ତି (ଜାନୁଆରୀ 2017) କରିଥିଲେ । ଏହି କାର୍ଯ୍ୟର ପରିସର ଅନୁଯାୟୀ ପ୍ରତ୍ୟେକ ବର୍ଜ୍ୟବସ୍ତୁ ନିଷ୍କାସନ ଟ୍ରକରେ ସିମ୍ ଆଧାରିତ ଟ୍ରାକିଂ ଉପକରଣ ଖଞ୍ଜାଯିବ । 13 ଟି ଯାନ କୁ ଠାବ କରିବା ନିମନ୍ତେ ବିଏସଏନଏଲ୍ କୁ ମାର୍ଚ୍ଚ 2017 ସୁଦ୍ଧା ₹2.69 ଲକ୍ଷ ପ୍ରଦାନ କରାଯାଇଥିଲା । ଏହି ସେବା 2019 ମସିହାରୁ ବନ୍ଦ ଅଛି । ଏହା ଫଳରେ ଜିପିଏସ ମାଧ୍ୟମରେ ପରିବହନ ଯାନଗୁଡିକର ତଦାରଖର ଅଭାବ ଦେଖାଦେଇଥିଲା ।

ସରକାର ଅଡିଟ୍ ମନ୍ତବ୍ୟକୁ ମାନି କହିଲେ (ମଇ 2022) ଯେ, ବିଏସଏନଏଲ୍ ର କାମ ସନ୍ତୋଷଜନକ ନଥିବାରୁ ତାର ସେବା ବନ୍ଦ କରାଯାଇଛି । ପରନ୍ତୁ, ତଥ୍ୟ ଏହା ଯେ ମାର୍ଚ୍ଚ 2021 ସୁଦ୍ଧା ଆରଏମସି ଜିପିଏସ ମାଧ୍ୟମରେ ଏସଡବ୍ଲୁଏମ ପାଇଁ ବ୍ୟବହୃତ ଗାଡିକୁ ଟ୍ରାକ ଓ ତଦାରଖ କରିବାରେ ବିଫଳ ହୋଇଥିଲା ।

ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ (ବିଏମସି) ଅଗଷ୍ଟ 2021 ସୁଦ୍ଧା ଏସଡବ୍ଲୁଏମ ପାଇଁ ବ୍ୟବହୃତ 65 ଟି ଯାନ ମଧ୍ୟରୁ ତିନୋଟି (ପାଞ୍ଚ ପ୍ରତିଶତ) ପରିବହନ ଯାନରେ ଜିପିଏସ ଉପକରଣ ସ୍ଥାପନ କରିଥିଲେ । ତିନୋଟି ୟୁଏଲବି(ବ୍ରହ୍ମପୁର, ହିଞ୍ଜିଳିକଟ୍ ଏବଂ ବରଗଡ) ରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବହୃତ ଯାନଗୁଡିକର ଠାବ ପାଇଁ ଜିପିଏସ୍ ସୁବିଧା ଅଛି । 2015-20 ମଧ୍ୟରେ ଏସଡବ୍ଲୁଏମ୍ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ଯାନଗୁଡିକରେ ଟ୍ରାକିଂ ପାଇଁ ଅନ୍ୟ 16 ଟି ୟୁଏଲବି ଗୁଡିକ ଜିପିଏସ ଉପକରଣ ବ୍ୟବହାର କରିନାହାନ୍ତି । ଏସଡବ୍ଲୁଏମ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ନଥିବା ର କାରଣ ରେକର୍ଡରେ ନଥିଲା । ଜିପିଏସ ର ଅନୁପସ୍ଥିତିରେ ୟୁଏଲବି ଗୁଡିକ ଏକ ପ୍ରଭାବଶାଳୀ ଟ୍ରାକିଂ କୌଶଳ ରୁ ବଂଚିତ ହେଲେ ଫଳରେ ବର୍ଜ୍ୟବସ୍ତୁ ଅନଧିକୃତ ଭାବେ ନଦୀ କୂଳ/ ଖୋଲା ସ୍ଥାନରେ ଜମା ହେଲା ।

ସରକାର କହିଲେ (ମଇ 2022) ଯେ,ପ୍ରାଇଭେଟ୍ ଏଜେନସୀ ଙ୍କୁ ପ୍ରଜୁକ୍ତି ବିଦ୍ୟା ଭିତ୍ତିକ ମାଧ୍ୟମ ଦ୍ୱାରା ସ୍ମାର୍ଟ ସିଟୀ ଗୁଡିକରେ ଏସଡବ୍ଲୁଏମ କାମର ତଦାରଖ ଲାଗି ନିୟୋଜିତ କରିବାକୁ ବିଏମସି ଦ୍ୱାରା ଟେଣ୍ଡର କରାଯାଇଛି । ପରନ୍ତୁ, ବିଏମସି ଅଗଷ୍ଟ 2021ସୁଦ୍ଧା ଏସଡବ୍ଲୁଏମ ରେ ନିୟୋଜିତ ଥିବା 65 ଟି ଗାଡି ମଧ୍ୟରୁ କେବଳ 3 ରେ ଜିପିଏସ ବ୍ୟବସ୍ଥା ଲଗାଇଥିଲେ । ଅନ୍ୟ ୟୁଏଲବି ଗୁଡିକରେ ଜିପିଏସ ଯନ୍ତ୍ର ନ ଲଗାଇବା ଉପରେ ସରକାରଙ୍କ ଉତ୍ତରଟି ନିରବ ରହିଥିଲା ।

## 4.3.2.4 ବର୍ଜ୍ୟବସ୍ତୁ ପରିବହନରେ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

(i) ଏମଏସଡବ୍ଲୁ ନିୟମ 2000 ଏବଂ 2016 ଅନୁଯାୟୀ, ଲ୍ୟାଣ୍ଡଫିଲ୍ ପାଇଁ ଅଣାଯାଉ ଥିବା ବର୍ଜ୍ୟବସ୍ତୁ ର ନିରୀକ୍ଷଣ କରିବା ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ରେ ବର୍ଜ୍ୟବସ୍ତୁ ତଦାରଖ ବ୍ୟବସ୍ଥା ଥିବା ଦରକାର, ରେକର୍ଡର ରକ୍ଷଣାବେକ୍ଷଣ ପାଇଁ ଅଫିସ୍ ବ୍ୟବସ୍ଥା ଏବଂ ପ୍ରଦୂଷଣ ତଦାରଖ ଉପକରଣ ସହିତ ଯନ୍ତ୍ରପାତି ଓ ଉପକରଣ ଗୁଡିକର ରଖିବା ଲାଗି ଘର ରହିବା ଦରକାର।



ଫଟୋଗ୍ରାଫ୍ 9: ଜୁନ୍ 2020 ଠାରୁ ବିଏମସି ର ଭୁଆସୁଣୀ ଡମ୍ପିଂୟାର୍ଡ ଠାରେ ଚେନ୍ ଯୁକ୍ତ ଡ୍ରୋଜର

ଅଡିଟ୍ ଦେଖିଲା ଯେ, ବିଏମସି ଜୁନ୍ 2020 ପର୍ଯ୍ୟନ୍ତ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ବର୍ଜ୍ୟବସ୍ତୁ ସମତଳ କରିବା ଲାଗି ଡ୍ରୋଜର୍ ଏବଂ ଏକ୍ସାଭେଟର୍ ଭୁଆସୁଣି ଡମ୍ପିଂୟାର୍ଡରୁ ସୈନିକ ସ୍କୁଲ୍ ଠାରେ ଥିବା ଟିଟିଏସ୍ ପର୍ଯ୍ୟନ୍ତ ପରିବହନ ନିମନ୍ତେ ଦୈନିକ ନେବା ଆଣିବା ପାଇଁ ₹12,000 ହିସାବରେ ଦୁଇଟି ଟ୍ରେଲର୍ ଭଡାରେ ଆଣିଥିଲେ (ଅଗଷ୍ଟ 2016)। ଅବଶ୍ୟ, ଜୁଲାଇ 2020 ଠାରୁ ଉପରୋକ୍ତ ଦୁଇଟି ଗାଡି ଡମ୍ପିଂୟାର୍ଡ ର ଅଞ୍ଚଳ ଭିତରେ ରଖାଯାଇଥିଲା। ବିଏମସି ଅଗଷ୍ଟ 2016 ଜୁନ୍ 2020 ମଧ୍ୟରେ ₹2.83 କୋଟି[27] ଟ୍ରେଲର୍‌ର ଭଡା ବାବଦରେ ପ୍ରଦାନ କରିଥିଲା ଯାହାକି ପରିହାର୍ଯ୍ୟ ଥିଲା।

ସରକାର ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରି କହିଲେ (ମଇ 2022) ଯେ, ଡ୍ରୋଜର ଗୁଡିକୁ ଦୈନିକ ହିସାବରେ ପଠାଯାଉଥିଲା ଏବଂ ଲୋକଙ୍କ ବିରୋଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ଭଡାରେ ଆସିଥିବା ଗାଡିଗୁଡିକର ଭଙ୍ଗରୁଜା ହେବାର ସଂଭାବନା ହେତୁ ସେଗୁଡିକୁ ଫେରାଇ ଅଣାଯାଉଥିଲା। ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏସଡବ୍ଲୁଏମ ନିୟମ ଅନୁଯାୟୀ ଯନ୍ତ୍ରପାତିର ନିରାପତା ଦାୟିତ୍ୱ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ବିଏମସି ଉପରେ ନ୍ୟସ୍ତ ଥିଲା। ଅଧିକନ୍ତୁ, ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ଡ୍ରୋଜର ଗୁଡିକ ଦୈନିକ ପରିବହନ ହେଉଥିବା ଉପରେ କୌଣସି ପ୍ରାମାଣିକ ତଥ୍ୟ ଅଡିଟ୍ କୁ ଯୋଗାଇ ଦିଆଯାଇନଥିଲା।

(ii) ଏସଡବ୍ଲୁଏମ ନିୟମଅନୁଯାୟୀ, 3 ଆର ପଦ୍ଧତି ଧାର୍ଯ୍ୟକରେ ଯେ ଏସଡବ୍ଲୁଏମ ରେ ବର୍ଜ୍ୟବସ୍ତୁ କମାଇବା ଏକ ପସନ୍ଦିତ ବିକଳ୍ପ ଯେପରି ଏବଂ ବର୍ଜ୍ୟବସ୍ତୁ ର ମିଶ୍ରଣ ଓ ପରିମାଣ କୁ ସମ୍ଭାଳିବ ଏବଂ ନିଷ୍କାସନ ଉପରେ ଏହାର ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପଡିଥାଏ ଯାହା ପରିବହନ ଖର୍ଚ୍ଚ ହ୍ରାସ କରାଇଥାଏ।

ଅଡିଟ୍ ନିରୀକ୍ଷଣ କଲା ଯେ, ଏସଡବ୍ଲୁଏମ ନିୟମ 2016 ରୁ ପ୍ରଚଳନ ହୋଇଥିଲେ ମଧ୍ୟ ବିଏମସି ବର୍ଜ୍ୟବସ୍ତୁ କମାଇବା ଲାଗି 2017-20 ମଧ୍ୟରେ କୌଣସି ପଦକ୍ଷେପ ନେଇନଥିଲା। ସିପିସିବିର ନିୟମ ଅନୁଯାୟୀ ମୁଣ୍ଡପିଛା ବର୍ଜ୍ୟବସ୍ତୁ ଉତ୍ପନ୍ନ ହାର ଦୈନିକ 413 ଗ୍ରାମ୍ ରୁ 423 ଗ୍ରାମ ଥିବା ସ୍ଥଳେ 2017-18 ଏବଂ 2019-20 ବିଏମସି ର ମୁଣ୍ଡପିଛା ବର୍ଜ୍ୟବସ୍ତୁ ଉତ୍ପନ୍ନ ହାର 450 ଗ୍ରାମ୍ ରୁ 580 ଗ୍ରାମ / ପ୍ରତିଦିନ ଥିଲା। ଲ୍ୟାଣ୍ଡଫିଲ୍ ର ବୋଝକୁ କମ୍ କରିବା ଲାଗି ବର୍ଜ୍ୟ କମାଇ ଏବଂ ପରିବହନ ଖର୍ଚ୍ଚ କମାଇବା ଲାଗି 3ଆର ପଦ୍ଧତି ଅନୁସରଣ ନକରିବା ଯୋଗୁଁ ଦୈନିକ ମୁଣ୍ଡପିଛା ବର୍ଜ୍ୟଉତ୍ପାଦନ 423 ଗ୍ରାମ୍ ରୁ 580 ଗ୍ରାମ୍ କୁ ବୃଦ୍ଧି ହୋଇଥିଲା। ନିୟମ ଅନୁଯାୟୀ ପରିବହନ ହେବାକୁ ଥିବା 4.90 ଲକ୍ଷ ମ୍ୟାଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ବିରୁଦ୍ଧରେ, 6.67 ଲକ୍ଷ ମ୍ୟାଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ କୁ ପରିବହନ କରାଯାଇଥିଲା ଫଳରେ 1.86 ଲକ୍ଷ ମ୍ୟାଟ୍ରିକ୍ ଟନ୍ ***(ପରିଶିଷ୍ଟ-X)*** ର ଅଧିକ ପରିବହନ ହୋଇଥିଲା।

ସରକାର କହିଲେ (ମଇ 2022) ଯେ, ସହରରେ ବାହାରୁ ଯିବାଆସିବା ଲୋକସଂଖ୍ୟା ବେଶି ଥିବା ଯୋଗୁଁ ବର୍ଜ୍ୟର ପରିମାଣ ମାନଦଣ୍ଡ/ହାରାହାରି ଠାରୁ ଅଧିକ ଥିଲା। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏହି ସମୟ ମଧ୍ୟରେ ବିଏମସି 3 ଆର ପଦ୍ଧତି ଅନୁସରଣ କରି ପରିବହନ ଖର୍ଚ୍ଚ କମାଇବା ଏବଂ ବର୍ଜ୍ୟ କମାଇ ଲ୍ୟାଣ୍ଡଫିଲ୍ ର ଭାର କମାଇବା ଲାଗି କୌଣସି ପଦକ୍ଷେପ ନେଇନଥିଲେ।

---

27. ଦୈନିକ @12,000 ର ଦୁଇଟି ଗାଡି x 1,054 ଦିନ ତଥା 7.08.2016 ଠାରୁ 30.06.2020 = ₹ 2.53 କୋଟି + 6% + ସିଜିଏସଟି 6% = ₹2.83 କୋଟି

(iii) ଏମଏସଡବ୍ଲୁଏମ୍ ମାନୁଆଲର ବିଭାଗ 1.4.3.3.3 ଅନୁଯାୟୀ, ଆର୍ଦ୍ରତା କଠିନ ବର୍ଜ୍ୟବସ୍ତୁର ଓଜନ ବଢ଼ାଇ ଥାଏ ଏବଂ ସେଥିପାଇଁ ସଂଗ୍ରହ ଏବଂ ପରିବହନ ମୂଲ୍ୟ ବୃଦ୍ଧି ପାଇଥାଏ । ବର୍ଜ୍ୟବସ୍ତୁର ଓଜନ ବୃଦ୍ଧିକୁ ରୋକିବା ପାଇଁ, ବୃଷ୍ଟିପାତ କିମ୍ବା ଆର୍ଦ୍ରଋତୁ ରେ ଅନ୍ୟାନ୍ୟ ଜଳ ଦ୍ୱାରା ଓଦା ନ ହେବାପାଇଁ ବର୍ଜ୍ୟବସ୍ତୁ ଉପରେ ଏକ ଆବରଣ ଦେବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କଲା ଯେ, କଠିନ ବର୍ଜ୍ୟବସ୍ତୁ ର ଆର୍ଦ୍ରତା ଆର୍ଦ୍ରଋତୁ ଯାହାକି ବର୍ଷା ଏବଂ ଶୀତଋତୁ (ଜୁନ୍ ରୁ ଡିସେମ୍ବର) ମଧ୍ୟରେ ବହୁଳଭାବେ ବଢ଼ିଥାଏ, ଯେଉଁ ତଥ୍ୟକୁ ବିଏମସି ଗୁରୁତ୍ୱ ଦେଇନଥିଲା । ଅଡିଟ୍ ଚାରୋଟି ଆଉଟସୋର୍ସିଂ ପ୍ୟାକେଜ୍ ର 2015-20 ମସିହା ଅବଧି ପାଇଁ ମାସିକ ତଥ୍ୟ ବିଶ୍ଳେଷଣ କରି ଦେଖିଲା ଯେ ଆର୍ଦ୍ରଋତୁରେ ଯଥା ମୌସୁମୀ/ଶୀତ ଅବଧି ନିଷ୍କାସନ ପାଇଁ ବର୍ଜ୍ୟବସ୍ତୁ ର ହାରାହାରି ପରିମାଣ ରେ ସାଧାରଣ ସମୟ (ଜାନୁଆରୀ ରୁ ମେ) ତୁଳନାରେ 10,190 ମ୍ୟାଟ୍ରିକ୍ ଟନ୍ ଅଧିକ ଥିଲା । ଓଦା ଋତୁ ରେ ଓଜନ ବୃଦ୍ଧି ସୂଚାଉଛି ଯେ ବର୍ଜ୍ୟବସ୍ତୁକୁ ବର୍ଷା କିମ୍ବା ଅନ୍ୟାନ୍ୟ ଜଳର ଯୋଗାଯୋଗରୁ ବଞ୍ଚିତ କରିବା ପାଇଁ କୌଣସି ଆବରଣ ଦିଆଯାଇନଥିଲା । ଅଧିକ ପରିମାଣର ବର୍ଜ୍ୟବସ୍ତୁ ପରିବହନ ଲାଗି ଆଉଟସୋର୍ସିଂ ସଂସ୍ଥାଗୁଡିକୁ ଦିଆଯାଇଥିବା ₹2.52 କୋଟି ର ପରିହାର୍ଯ୍ୟ ବ୍ୟୟ କୁ ରୋକାଯାଇପାରିଥାନ୍ତା ଯଦି ବିଏମସି ଆର୍ଦ୍ରଋତୁରେ ବର୍ଜ୍ୟବସ୍ତୁ ଉପରେ କୋଣସି ଆବରଣ ର ବ୍ୟବସ୍ଥା କରିଥାନ୍ତା ।

ସରକାର ଅଡିଟ୍ ମନ୍ତବ୍ୟକୁ ମାନି କହିଲେ (ମଇ 2022) ଯେ, ବର୍ଜ୍ୟ ପରିବହନ କରୁଥିବା ଗାଡି ଗୁଡିକୁ ବର୍ଷାଦିନରେ ଆର୍ଦ୍ରତା କୁ ନିବାରଣ କରିବା ସହିତ ସବୁ ସମୟରେ ଘୋଡାଇ ରଖିବାକୁ ବିଏମସି ଏଜେନ୍ସୀ ଗୁଡିକୁ ନିର୍ଦ୍ଦେଶ ଦେଇଛି ।

# ଅଧ୍ୟାୟ - V

# ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ

# ଅଧ୍ୟାୟ – V

## ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ

### 5.1 ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ

ଏମ.ଏସ.ଡବ୍ଲୁ ନିୟମ 2000 ର ଅନୁସୂଚି II ର ଧାରା 5 ପ୍ରଦାନ କରେ ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବର୍ଜ୍ୟବସ୍ତୁ ବ୍ୟବହାର କରିବା ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା କିମ୍ବା ଏହିପରି ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ଗ୍ରହଣ କରିବେ ଯାହାଦ୍ୱାରା ଲ୍ୟାଣ୍ଡଫିଲ୍ ଉପରେ ଭାର କମ୍ ହେବ । ଏହି ସଂଯୋଗ ରେ ଜୈବ ପଚନଶୀଳ ବର୍ଜ୍ୟବସ୍ତୁ କମ୍ପୋଷ୍ଟିଂ, ଅବାବବିୟ ପାଚନ କିମ୍ବା ବର୍ଜ୍ୟବସ୍ତୁର ସ୍ଥିରତା ପାଇଁ ଅନ୍ୟ କୌଣସି ଉପଯୁକ୍ତ ପ୍ରକ୍ରିୟାକରଣ ଦ୍ୱାରା ପ୍ରକ୍ରିୟାକରଣ କରାଯିବ ଏବଂ ନିଶ୍ଚିତ ହେବ ଯେ କମ୍ପୋଷ୍ଟ କିମ୍ବା ଅନ୍ୟ କୌଣସି ଉତ୍ପାଦ ଏମଏସଡବ୍ଲୁ ନିୟମ 2000 ର ଅନୁସୂଚୀ – IV ରେ ନିର୍ଦ୍ଦିଷ୍ଟ ମାନକ ସହିତ ପାଳନ ହେଉଛି । ରାଜ୍ୟର ସମସ୍ତ ୟୁଏଲବି ଦ୍ୱାରା ଉତ୍ପାଦିତ ଏବଂ ପ୍ରକ୍ରିୟାକୃତ କଠିନ ବର୍ଜ୍ୟବସ୍ତୁ ଏବଂ 2015-20 ର ଅବଧି ପାଇଁ ଅଡିଟ୍ ହୋଇଥିବା ୟୁଏଲବି ଗୁଡିକର ବିବରଣୀ ନିମ୍ନ ସାରଣୀ ରେ ଦିଆଯାଇଛି ।

**ସାରଣୀ - 5.1: 2015-20 ମଧ୍ୟରେ ସମସ୍ତ ୟୁଏଲବି ଦ୍ୱାରା ଉତ୍ପନ୍ନ କଠିନ ବର୍ଜ୍ୟବସ୍ତୁର ବିବରଣୀ**

(ଟିପିଡି ରେ)

| ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ | 2015-16 | 2016-17 | 2017-18 | 2018-19 | 2019-20 | ମୋଟ |
|---|---|---|---|---|---|---|
| ଉତ୍ପାଦିତ ବର୍ଜ୍ୟବସ୍ତୁ | 2574.70 | 18.55* | 539.44** | 2564.43 | 2208.60 | 7905.72 |
| ସଂଗୃହିତ | 2283.90 | 14.28 | 471.58 | 2255.32 | 2123.30 | 7148.38 |
| ଅଣସଂଗୃହିତ | 290.80 | 4.27 | 67.86 | 309.11 | 85.30 | 757.34 |
| ପ୍ରକ୍ରିୟାକୃତ | 30 | 0 | 0 | 91.63 | 202.40 | 324.03 |
| ଲ୍ୟାଣ୍ଡଫିଲ୍ କୁ ଯାଉଥିବା ବର୍ଜ୍ୟବସ୍ତୁ | 2253.90 | 14.28 | 471.58 | 2163.69 | 1920.90 | 6824.35 |
| **ପ୍ରକ୍ରିୟାକରଣର ପ୍ରତିଶତ** | **1.31** | **0** | **0** | **4.06** | **9.53** | **4.53** |

*(ଉତ୍ସ : ଏସପିସିବି ଦ୍ୱାରା ପ୍ରଦତ୍ତ ଡାଟା)*

**(ବିନ୍ଦୁ: * ତିନୋଟି ୟୁଏଲବି ଦ୍ୱାରା ପ୍ରଦତ୍ତ ବାର୍ଷିକ ରିପୋର୍ଟ, ** 19 ଟି ୟୁଏଲବି ଦ୍ୱାରା ପ୍ରଦତ୍ତ ବାର୍ଷିକ ରିପୋର୍ଟ)**

**ସାରଣୀ - 5.2: 2015-16 ରୁ 2019-20 ମଧ୍ୟରେ ଯାଞ୍ଚ ହୋଇଥିବା 21ଟି ୟୁଏଲବି ଦ୍ୱାରା ଉତ୍ପନ୍ନ କଠିନ ବର୍ଜ୍ୟବସ୍ତୁର ବିବରଣୀ**

(ଟିପିଡି ରେ)

| ବିଷୟ ବସ୍ତୁ | 2015-16 | 2016-17 | 2017-18 | 2018-19 | 2019-20 |
|---|---|---|---|---|---|
| ଉତ୍ପାଦିତ | 536.26 | 583.19 | 1382.25 | 1380.34 | 1439.58 |
| ସଂଗୃହିତ | 484.16 | 543.99 | 1330.57 | 1341.04 | 1411.09 |
| ଅଣସଂଗୃହିତ | 52.10 | 39.20 | 51.68 | 39.30 | 28.50 |
| ପ୍ରକ୍ରିୟାକୃତ | 10 | 5 | 7.10 | 7 | 14 |
| ଜମା ହେବାକୁ ଥିବା ବର୍ଜ୍ୟବସ୍ତୁ | 474.16 | 538.99 | 1323.47 | 1334.04 | 1397.09 |
| **ପ୍ରକ୍ରିୟାକରଣର ପ୍ରତିଶତ** | **2.07** | **0.92** | **0.53** | **0.52** | **0.99** |

*ଉତ୍ସ :- ୟୁଏଲବି ଦ୍ୱାରା ପ୍ରଦତ୍ତ ସୂଚନା*

ଉପରୋକ୍ତ ସାରଣୀ ଗୁଡିକରୁ ଏହା ଦେଖାଯାଇପାରେ ଯେ ରାଜ୍ୟର ୟୁଏଲବି ଗୁଡିକରେ କେବଳ 10 ପ୍ରତିଶତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇଥିଲା ଏବଂ 2015-20 ମସିହାରେ ପରୀକ୍ଷା ହୋଇଥିବା ୟୁଏଲବି ଗୁଡିକ ଦ୍ୱାରା କେବଳ ଏକ ରୁ ଦୁଇ ପ୍ରତିଶତ ପ୍ରକ୍ରିୟାକରଣ କରାଯାଇଥିଲା । ଅବଶିଷ୍ଟ କଠିନ ବର୍ଜ୍ୟବସ୍ତୁ ର ଏକ ପ୍ରମୁଖ ଭାଗ ଲ୍ୟାଣ୍ଡଫିଲ୍ ରେ ପକାଯାଇଥିଲା । ଉପଯୁକ୍ତ ଭିତ୍ତିଭୂମି ର ଅଭାବ ୟୁଏଲବି ଗୁଡିକରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣର ନିମ୍ନଗାମୀ ହାରର ପ୍ରମୁଖ କାରଣ ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଛି ।

ସରକାର ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରି କହିଲେ (ମଇ 2022) ଯେ, ବର୍ଜ୍ୟ ପ୍ରକ୍ରିୟା କରଣ ଲାଗି ବିକେନ୍ଦ୍ରୀକୃତ ପ୍ଲାଣ୍ଟ ସ୍ଥାପନ ନିମନ୍ତେ 2019 ମସିହାରେ ସ୍ବୀକୃତ ହୋଇଥିଲା । ତାହା ପରେ ୟୁଏଲବି ଗୁଡିକରେ ଏମସିସି ଢାଞ୍ଚାରେ ଏମଏସଡବ୍ଲୁ ପ୍ରକ୍ରିୟାକରଣ ହୋଇଥିଲା । ପରନ୍ତୁ, ଅଡିଟ୍ ଅନୁଧାନ କରିଥିଲା ଯେ, ମାର୍ଚ୍ଚ 2020 ସୁଦ୍ଧା କେବଳ 10 ପ୍ରତିଶତ ପର୍ଯ୍ୟନ୍ତ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇଥିଲା ।

## 5.1.1 ପ୍ରକ୍ରିୟାକରଣ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ର ଅଭାବ

ଏମଏସଡବ୍ଲୁ ନିୟମ 2000 ର ଅନୁସୂଚି I ଡିସେମ୍ବର 2003 କିମ୍ବା ତା ପୂର୍ବରୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧା ସ୍ଥାପନ ପାଇଁ ଏହାର କାର୍ଯ୍ୟସୂଚୀ ପ୍ରଦାନ କରିଛି । ଏସଡବ୍ଲୁଏମ ନିୟମ 2016 ର ଧାରା 22 ଏବଂ ଏମଏସଡବ୍ଲୁ 2000 ର ଅନୁସୂଚି I ୟୁଏଲବି କର୍ତ୍ତୃପକ୍ଷଙ୍କୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧାଗୁଡିକର ଠିକ୍ ସମୟରେ ସ୍ଥାପିତ କରିବା ଏବଂ ସେମାନଙ୍କ ପର୍ଯ୍ୟବେକ୍ଷଣ, ବିଦ୍ୟମାନ ଲ୍ୟାଣ୍ଡଫିଲ୍ ଅଞ୍ଚଳ ର ଉନ୍ନତି ଓ ଭବିଷ୍ୟତ ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ଚିହ୍ନଟ ଏବଂ ସ୍ଥାନ ଗୁଡିକୁ କାର୍ଯ୍ୟକ୍ଷମ ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ କରିବା ପାଁଇ ଦାୟୀ କରେ । ଏସଡବ୍ଲୁଏମ ନିୟମ 2016 ର ଧାରା 15 (v) ଅନୁଯାୟୀ , ୟୁଏଲବି ଗୁଡିକ କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ନିମନ୍ତେ ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣକୁ ସୁଗମ କରିବା, ଏବଂ ପରିବହନ ମୂଲ୍ୟ ହ୍ରାସ ପାଇଁ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ଅଗ୍ରାଧିକାର ଦିଆଯିବା ଉଚିତ୍ ଏବଂ ପରିବେଶ ପ୍ରଭାବ ଯେପରିକି ବାୟୋ-ମିଥାନେସନ, ମାଇକ୍ରୋ କମ୍ପୋଷ୍ଟିଂ ,ଭର୍ମିନ୍ କମ୍ପୋଷ୍ଟିଂ, ଅବାୟବିୟ ପଚନ କିମ୍ବା ଜୈବ ପଚନଶୀଳ ବର୍ଜ୍ୟବସ୍ତୁର ଜୈବ ସ୍ଥିରତା ପାଇଁ ଅନ୍ୟ କୌଣସି ଉପଯୁକ୍ତ ପ୍ରକ୍ରିଆକରଣ କରିବା ଉଚିତ୍ । ଅଡିଟ୍ ରେ ନିମ୍ନଲିଖିତ ବିଷୟମାନ ଦୃଷ୍ଟିଗୋଚର ହେଲା :

### 5.1.1.1 ଶକ୍ତିପାଇଁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ

ଏସଡବ୍ଲୁଏମ ନିୟମ 2016 ର ଧାରା 21 ଅନୁଯାୟୀ, ପୁନଃ ବ୍ୟବହାର ଯୋଗ୍ୟ ନଥିବା ବର୍ଜ୍ୟବସ୍ତୁ ଯାହାର ତାପଜନକ ଶକ୍ତି[28] କିଲୋଗ୍ରାମ ପ୍ରତି 1,500 କିଲୋ କ୍ୟାଲୋରୀ (କେ/ସିଏଲ/କି.ଗ୍ରା) କିମ୍ବା ତାଠାରୁ ଅଧିକ ତାକୁ ଲ୍ୟାଣ୍ଡଫିଲ୍ ରେ ପକାଯିବ ନାହିଁ ଏବଂ କେବଳ ଉତ୍ପାଦିତ ଇନ୍ଧନ ମାଧ୍ୟମରେ ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରାଯିବ କିମ୍ବା ଇନ୍ଧନ ଲାଗି କଞ୍ଚାମାଲ ରୁପେ ବ୍ୟବହୃତ ହେବ । ଅଧିକ ତାପଜନକ ବର୍ଜ୍ୟବସ୍ତୁ[29] ଗୁଡିକୁ ସିମେଣ୍ଟ କିମ୍ବା ଥର୍ମାଲ୍ ପାୱାର ପ୍ଲାଣ୍ଟ ରେ ସହ-ପ୍ରକ୍ରିୟାକରଣ ପାଇଁ ବ୍ୟବହାର କରିବା ଦରକାର । ୟୁଏଲବି ଗୁଡିକ ପାଞ୍ଚରୁ ଅଧିକ ଟିପିଡି ର ବର୍ଜ୍ୟବସ୍ତୁରୁ ଶକ୍ତି ପ୍ରକ୍ରିୟାକରଣ କାରଖାନାରେ ସ୍ଥାପନ କରିବାକୁ ପ୍ରସ୍ତାବ ଦେବା ଉଚିତ୍ ।

ସମୀକ୍ଷାରୁ ଜଣାଗଲା ଯେ ବିଏମସିର ଭୁଆସୁଣି ଡମ୍ପିଂୟାର୍ଡ ରେ 15,84,400 ଟନ୍ ପୁରୁଣା ବର୍ଜ୍ୟବସ୍ତୁ ଅଛି । ଏକ 11.5 ମେଗାୱାଟ୍ କ୍ଷମତା ବିଶିଷ୍ଟ ବର୍ଜ୍ୟବସ୍ତୁ ରୁ ଶକ୍ତିଉତ୍ପାଦନ ପ୍ଲାଣ୍ଟ ର ସ୍ଥାପନ କରିବା ସହ ଲ୍ୟାଣ୍ଡଫିଲ୍ ଗୁଡିକୁ ବୈଜ୍ଞାନିକ ପଦ୍ଧତିରେ ପରିଚାଳିତ କରିବା ପାଇଁ ବିଏମସି ମେ/ର୍ସ ଏସେଲ ଇନଫ୍ରା ପ୍ରକଳ୍ପ ସହ ₹222 କୋଟି ପ୍ରକଳ୍ପ ମୂଲ୍ୟର ଏକ ଚୁକ୍ତି ( ମଇ 2014) କରିଥିଲା । ପ୍ରକଳ୍ପଟି ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ଯୋଗୁଁ ଆରମ୍ଭ ହୋଇପାରିନଥିଲା(ମେ 2016) । ମାର୍ଚ୍ଚ 2021 ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନଥିଲା , ଅନ୍ୟ ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କାରଖାନା ସ୍ଥାପନ ଲାଗି କୌଣସି ପଦକ୍ଷେପ ନେଇନଥିଲେ ।

ସରକାର କହିଲେ (ମଇ 2022) ଯେ, ୟୁଏଲବିର ବର୍ଜ୍ୟବସ୍ତୁ ଗୁଡିକ ବର୍ତ୍ତମାନ ଏମସିସି ଏବଂ ଏମଆରଏଫ୍ ମାଧ୍ୟମରେ ପ୍ରକ୍ରିୟାକରଣ ହେଉଛି । ଅଧିକନ୍ତୁ, ଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ବର୍ଜ୍ୟକୁ ଶକ୍ତି ପ୍ରକଳ୍ପ ଆରମ୍ଭ ନ କରିବାକୁ ଉପଦେଶ ଦେଇଛି । ପରନ୍ତୁ, ସରକାର ଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟର ଉପରୋକ୍ତ ନିର୍ଦ୍ଦେଶର କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ ।

### 5.1.1.2 ଜୈବଖଣି ପାଇଁ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ

ଏସଡବ୍ଲୁଏମ ନିୟମ 2016 ର ଧାରା (15 (zj ଏବଂ zk)) ଅନୁଯାୟୀ, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଜୈବଖଣି ଏବଂ ଜୈବ -ପୂରଣ ର ସମ୍ଭାବନା ଲାଗି ସମସ୍ତ ପୁରୁଣା ଏବଂ ଖୋଲା ଡମ୍ପିଂଅଞ୍ଚଳ ଓ ବିଦ୍ୟମାନ କାର୍ଯ୍ୟକ୍ଷମ ଡମ୍ପିଂୟାର୍ଡ ଗୁଡିକର ଅନୁସନ୍ଧାନ ଏବଂ ବିଶ୍ଳେଷଣ କରିବା ଉଚିତ୍ ଏବଂ ଯେଉଁଠାରେ ସମ୍ଭବ , ଜୈବଖଣି ଏବଂ ଜୈବ ପୂରଣ ପାଇଁ

[28] ବର୍ଜ୍ୟବସ୍ତୁ ର ତାପଜନିକ ମୂଲ୍ୟ (ସିଭି) ବର୍ଜ୍ୟର ମିଶ୍ରଣ ଉପରେ ନିର୍ଭର କରେ । ଅଧିକ ପଲିଭିନାଇଲ କ୍ଲୋରାଇଡ୍ (ପିଭିସି)ଥିବା ବର୍ଜ୍ୟର ସିଭି ଅଧିକ ଏବଂ କମ୍ ପିଭିସି ଥିବା ବର୍ଜ୍ୟର ସିଭି କମ୍

[29] ଅବ୍ୟବହୃତ ପିଭିସି ସାନିଟାରୀ ପାଇପ ଏବଂ ଫିଟିଙ୍ଗ୍ ,ବ୍ୟବହୃତ ମେଡିକାଲ ଉପକରଣ ଇତ୍ୟାଦି

ଆବଶ୍ୟକ ପଦକ୍ଷେପ ନେବା ଉଚିତ୍ । ସମୀକ୍ଷାରୁ ଜଣାଗଲା ଯେ ଭୂଆସୁଣି ଠାରେ ଥିବା 15,84,400 ଟନ୍ ବର୍ଜ୍ୟବସ୍ତୁ ର ଜୈବଖଣି ପ୍ରକଳ୍ପ ପାଇଁ ବିଏମସି ଦ୍ୱାରା ₹63 କୋଟି ପ୍ରକଳ୍ପ ମୂଲ୍ୟର ଏକ ଟେଣ୍ଡର(ସେପ୍ଟେମ୍ବର 2019) ବିଏମସି ଦ୍ୱାରା ଆହ୍ୱାନ କରାଯାଇଥିଲା ଯାହା ମାର୍ଚ୍ଚ 2021 ସୁଦ୍ଧା ନିଷ୍ପତି ହୋଇନାହିଁ । ଏହି ଟେଣ୍ଡର ର ନିଷ୍ପତି ନ ହେବାର କାରଣ ରେକର୍ଡରେ ନଥିଲା । ଅନ୍ୟ ୟୁଏଲବି ଗୁଡିକ ଜୈବ ଖଣି ପାଇଁ ଡମ୍ପିଂୟାର୍ଡରେ ଥିବା ପୁରୁଣା ବର୍ଜ୍ୟବସ୍ତୁ ର ପ୍ରକ୍ରିୟାକରଣ ଏବଂ ପୁନଃ ବ୍ୟବହାର ନିମନ୍ତେ ଫେବୃଆରୀ 2021 ସୁଦ୍ଧା କୌଣସି ପଦକ୍ଷେପ ନେଇନାହାନ୍ତି ।

ସରକାର କହିଲେ (ମଇ 2022) ଯେ, ପୁରୁଣା ବର୍ଜ୍ୟର ଜୈବ-ଖଣି ଲାଗି ପଦକ୍ଷେପ ନିଆଯାଇଅଛି । ନଅଟି ୟୁଏଲବିର ବୈଷୟିକ ସମ୍ଭାବ୍ୟତା ରିପୋର୍ଟ ଭାରତ ସରକାରଙ୍କୁ (ଡିସେମ୍ବର 2020) ବିଚାର ଲାଗି ପଠାଯାଇଅଛି । ପରନ୍ତୁ, ତଥ୍ୟ ଏହା ଥିଲା ଯେ ଏହି ନିୟମ ପ୍ରଣୟନ ର ପାଞ୍ଚବର୍ଷ ସରିବା ପରେ ମଧ ୟୁଏଲବି ଗୁଡିକ ଜୈବ-ଖଣି ସ୍ଥାପନ ରେ ବିଫଳ ହୋଇଥିଲେ ।

## 5.1.2. ଭିତ୍ତିଭୂମି ସୃଷ୍ଟି

### 5.1.2.1 ସାନିଟାରୀ ଲ୍ୟାଣ୍ଡଫିଲ୍ ପ୍ରସ୍ତୁତ ନ କରିବା

ଏମଏସଡବ୍ଲୁ ନିୟମ 2000,ଅନୁସୂଚି I ର କାର୍ଯ୍ୟସୂଚୀ ଏସଏଲଏଫ୍ ଗୁଡିକର ଉନ୍ନତି ପାଇଁ ଡିସେମ୍ବର 2001 କିମ୍ବା ଏହା ପୂର୍ବ ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ଭବିଷ୍ୟତ ଉପଯୋଗ ପାଇଁ ଚିହ୍ନଟ ଏବଂ ଅଞ୍ଚଳ ଗୁଡିକର ପ୍ରସ୍ତୁତି ପାଇଁ ଡିସେମ୍ବର 2002 କିମ୍ବା ଏହା ପୂର୍ବର କାର୍ଯ୍ୟସୂଚୀ ପ୍ରଦାନ କରେ । ଏସଡବ୍ଲୁଏମ ନିୟମ 2016 ର ଧାରା 11( f) ଏବଂ 12(a) ମଧ ପ୍ରଦାନ କରେ ଯେ ନିୟମ ବିଜ୍ଞପ୍ତି ତାରିଖ ର ଏକ ବର୍ଷ ମଧରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧା ସ୍ଥାପନ ପାଇଁ ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷ ସାନିଟାରୀ ଲ୍ୟାଣ୍ଡଫିଲ୍ ପାଇଁ ଉପଯୁକ୍ତ ଜମି ଚିହ୍ନଟ ଏବଂ ବଣ୍ଟନକୁ ସହଜ କରିବେ ।

ଏସପିସିବିର ବାର୍ଷିକ ରିପୋର୍ଟ (2015-20) ଅନୁଯାୟୀ ୟୁଏଲବି ଗୁଡିକର କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସାନିଟାରି ଲ୍ୟାଣ୍ଡଫିଲ୍ ସ୍ଥାନ ନାହିଁ । ମାର୍ଚ୍ଚ 2021 ସୁଦ୍ଧା ସମସ୍ତ ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଡମ୍ପିଂୟାର୍ଡ ବ୍ୟବହାର କରିଥିଲେ । ସାନିଟାରୀ ଲ୍ୟାଣ୍ଡଫିଲ୍ ସ୍ଥାପନ ପାଇଁ ୟୁଏଲବି ଗୁଡିକ ଏପର୍ଯ୍ୟନ୍ତ ଜମି ଚିହ୍ନଟ କରିନାହାନ୍ତି । ମିଳିତ ଯାଞ୍ଚବେଳେ ଜଣାଗଲା ଯେ, ସାନିଟାରୀ ଲ୍ୟାଣ୍ଡଫିଲ୍ ଉପଲବ୍ଧ ନହେବା ହେତୁ , ୟୁଏଲବି ଗୁଡିକ ଏଗୁଡିକୁ ରାଜପଥ ପାର୍ଶ୍ୱ, ନଦୀ କୂଳ ଏବଂ ଖୋଲା ସ୍ଥାନରେ ପକାଉଥିଲେ ଯାହା ଦ୍ୱାରା ମିଶ୍ରିତ କଠିନ ବର୍ଜ୍ୟବସ୍ତୁର ଅସ୍ୱାସ୍ଥ୍ୟକର ନିଷ୍କାସନ ହେବା ସହ ସ୍ୱାସ୍ଥ୍ୟ ଏବଂ ପରିବେଶ ର ହାନି ହେଉଥିଲା ।

ସରକାର କହିଲେ (ମଇ 2022) ଯେ, ଯେହେତୁ ୟୁଏଲବି ଗୁଡିକ ଏମସିସି /ଏମଆରଏଫ୍ ସ୍ଥାପନ କରିଛନ୍ତି ଯେଉଁଥିରେ ବର୍ଜ୍ୟ ପ୍ରକ୍ରିୟାକରଣ /ନିଷ୍କାସନ ହେଉଛି ଫଳରେ ଅଳିଆ/ବର୍ଜ୍ୟ ଆଉ ରାଜରାସ୍ତା,ନଦୀକୂଳ କିମ୍ବା ଖୋଲା ସ୍ଥାନରେ ପକାଯାଉନାହିଁ । ଏହି ଉତ୍ତରଟି ମିଳିତ ଯାଞ୍ଚ ରିପୋର୍ଟ ର ବିରୁଦ୍ଧାଚରଣ କରୁଥିଲା ଯେଉଁଥିରେ ଦେଖାଯାଇଥିଲା ଯେ ବର୍ଜ୍ୟ ରାଜରାସ୍ତା ପାର୍ଶ୍ୱ, ନଦୀକୂଳ ଏବଂ ଖୋଲା ଯାଗାରେ ପକାଯାଇଥିଲା । ଅଧିକନ୍ତୁ, ପରିକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏମସିସି/ଏମଆରଏଫ୍ ଗୁଡିକ ମାର୍ଚ୍ଚ 2020 ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିଲା । ୟୁଏଲବିଗୁଡିକ ଏମଏସଡବ୍ଲୁ ନିୟମ ପ୍ରଣୟନ ହେବାର 20 ବର୍ଷ ପରେ ମଧ ସାନିଟାରୀ ଲ୍ୟାଣ୍ଡଫିଲ୍ ସ୍ଥାପନ କରିବାରେ ବିଫଳ ହୋଇଥିଲେ ।

### 5.1.2.2 ଲ୍ୟାଣ୍ଡଫିଲ୍ /ଡମ୍ପିଂୟାର୍ଡ ର ତ୍ରୁଟିପୂର୍ଣ୍ଣ ଚୟନ ଏବଂ ପରିଚାଳନା

ଏମଏସଡବ୍ଲୁ ନିୟମ 2000 ର ଧାରା III ଏବଂ ଏସଡବ୍ଲୁଏମ ନିୟମ 2016 ର ଧାରା I(ଏ) ଲ୍ୟାଣ୍ଡଫିଲ୍ ଅଞ୍ଚଳର ଚୟନ ପାଇଁ ସର୍ତ୍ତାବଳୀ ଜାରି କରିଛି ଯେପରିକି, ଲ୍ୟାଣ୍ଡଫିଲ୍ ଅଞ୍ଚଳ ନଦୀଠାରୁ 100 ମିଟର ଦୂରରେ, ଗାଡିଆ, ରାଜରାସ୍ତା, ଜନବସତି,ଧର୍ମସ୍ଥଳୀ ଏବଂ ଜଳଯୋଗାଣ କୁଅ ଠାରୁ 200 ମିଟର ଦୂରରେ ଏବଂ ବିମାନବନ୍ଦର ଓ ବିମାନକେନ୍ଦ୍ର ଠାରୁ 20 କିମି ଦୂରରେ ରହିବା ଦରକାର । ଏସଡବ୍ଲୁଏମ ନିୟମ 2016 ଅନୁସୂଚୀ I (ix) ଅନୁଯାୟୀ, ଦୈନିକ ପାଞ୍ଚ ଟନ୍ ରୁ ଅଧିକ ସ୍ଥାପିତ କ୍ଷମତା ଥିବା କଠିନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧା ଜାଗାରେ ଏକ ବଫର ଜୋନ୍ ରହିବା ଦରକାର । ଏସପିସିବି ର ପରାମର୍ଶ ରେ ଏହା କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧାର ସଂମ୍ପୂର୍ଣ୍ଣ ଅଞ୍ଚଳ ମଧରେ ଚାଲୁ ହେବା ଦରକାର । ଏସବିଏମ ହ୍ୟାଣ୍ଡବୁକ୍ ର ପାରାଗ୍ରାଫ୍ 3.13,

ଅନୁଯାୟୀ ଦୈନିକ 50 ଟନ୍ ବର୍ଜ୍ୟବସ୍ତୁ ଧାରଣ କରୁଥିବା ସ୍ଥଳ ପାଇଁ  ବଫର ଜୋନ୍ 100 ମିଟର, ଏବଂ ବଡସ୍ଥଳ ଲାଗି 500 ମିଟର ହେବ । ଏହା ଆବଶ୍ୟକ ଯେ ବଫର ଜୋନ୍ ମଧ୍ୟରେ ଏବଂ ଚାରିପଟେ ବ୍ୟବସାୟିକ କିମ୍ବା ନୂତନ ଆବାସସ୍ଥଳୀ ର ନିର୍ମାଣକୁ ରୋକିବା ଦରକାର ।

ଏସଡବ୍ଲୁଏମ ନିୟମ 2016 ର ଧାରା 15(y) ଅନୁଯାୟୀ, ୟୁଏଲବି ମାନଙ୍କରେ ଯଦି ସାନିଟାରୀ ଲ୍ୟାଣ୍ଡଫିଲ୍ କୁ ମିଶାଇ ଦୈନିକ ମୋଟ ପାଞ୍ଚଟନ୍ ରୁ ଅଧିକ ବର୍ଜ୍ୟବସ୍ତୁ ନିଷ୍କାସନ ହେଉଛି ତା ହେଲେ ଏସପିସିବି ଠାରୁ ସମ୍ମତି ହାସଲ କରିବା ଦରକାର । ଗୁଗୁଲ୍ ଆର୍ଥ ମାଧ୍ୟମରେ ରିମୋର୍ଟ ସେନ୍‌ସିଂ ଓ ଜିଓଗ୍ରାଫିକ୍ ଇନଫରମେସନ ସିଷ୍ଟମ୍ (ଜିଆଇଏସ୍) ବ୍ୟବହାର କରି ସମସ୍ତ 21 ଟି ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବିରେ ଲ୍ୟାଣ୍ଡଫିଲ୍/ଡମ୍ପିଂୟାର୍ଡ ଚୟନ ମାନଦଣ୍ଡ ଅନୁପାଳନକୁ ଅଡିଟ୍ ବିଶ୍ଳେଷଣ କଲା । ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ସ୍ଥିତି ଚାର୍ଟ-1ରେ ଚିତ୍ରିତ ହୋଇଛି ।




ଜିଆଇଏସ ତଥ୍ୟରୁ ଅଡିଟ୍ ଦେଖିଲା ଯେ, ୟୁଏଲବି ଗୁଡିକ ଏସଡବ୍ଲୁଏମ ନିୟମକୁ ପାଳନ ନ କରି ଏସଡବ୍ଲୁଏମ ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ଚୟନ କରିଛନ୍ତି ଯାହା ନିମ୍ନରେ ଆଲୋଚନା କରାଯାଇଛି ।

- ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି (21 ଟି ୟୁଏଲବି) ଲ୍ୟାଣ୍ଡଫିଲ ର ଚର୍ତୁପାର୍ଶ୍ୱରେ ଉନ୍ନତି କାର୍ଯ୍ୟନହେବା ବଫର ଜୋନ୍ ଘୋଷଣା କରିନାହାନ୍ତି ।
- ପରୀକ୍ଷା ଯାଞ୍ଚ ହୋଇଥିବା 11ଟି ୟୁଏଲବି[30] ଗୁଡିକରେ ଲ୍ୟାଣ୍ଡଫିଲ୍ ଠାରୁ 200 ମିଟର ଦୂରତା ମଧ୍ୟରେ ଜନବସତି ଗଢିଉଠିଥିଲା ଏବଂ ଚାରୋଟି ୟୁଏଲବିରେ (ବିଏମସି,ସିଏମସି,ଆରଏମସି ଏବଂ ପୁରୀ) ଯଦିଓ ଉତ୍ପନ୍ନ ବର୍ଜ୍ୟବସ୍ତୁ 50 ଟିପିଡି ରୁ ଅଧିକ ଥିଲା ଜନବସତି 500 ମିଟର ବଫରଜୋନ୍  ମଧ୍ୟରେ ଗଢିଉଠିଥିଲା ଯଦ୍ୱାରା ଜନସାଧାରଣ ଙ୍କ ସ୍ୱାସ୍ଥ୍ୟହାନୀ ର ସମ୍ଭାବନା ଥିଲା ।
- ତିନୋଟି ୟୁଏଲବିରେ(ସୁନ୍ଦରଗଡ,ଛତ୍ରପୁର ଏବଂ ଭଦ୍ରକ) ଲ୍ୟାଣ୍ଡଫିଲ୍ ଜାତୀୟ/ରାଜ୍ୟ ରାଜପଥର 200 ମିଟର ମଧ୍ୟରେ ଥିଲା ।
- ଏଗାରଟି ୟୁଏଲବିର[31] ଲ୍ୟାଣ୍ଡଫିଲ୍ ନଦୀ/ନାଳ ଏବଂ ଜଳାଶୟ ର 200 ମିଟର ମଧ୍ୟରେ ଥିଲା ଯଦ୍ୱାରା ବର୍ଷାଦିନରେ ଅଳିଆମିଶା ପାଣି ଜଳାଶୟରେ ପଶି ଜଳପ୍ରଦୂଷଣ କରୁଥିଲା  ।
- ତିନୋଟି ୟୁଏଲବିର(ଛତ୍ରପୁର,ରଣପୁରଏବଂ ପୁରୀ) ଲ୍ୟାଣ୍ଡଫିଲ୍ ଧାର୍ମିକ ସ୍ଥଳର 200 ମିଟର ମଧ୍ୟରେ ଥିଲା ଏବଂ ରଣପୁର ୟୁଏଲବି ର ଲ୍ୟାଣ୍ଡଫିଲ୍ ବିଦ୍ୟାଳୟ ଠାରୁ 200 ମିଟର ମଧ୍ୟରେ ଥିଲା ।

30 ଭଦ୍ରକ,ବାରିପଦା,ଚାନ୍ଦବାଲି,ଚୌଦ୍ୱାର,ରାୟଗଡା,ଛତ୍ରପୁର,ବରଗଡ,ବଲାଙ୍ଗିର,ନୁଆପଡା,ଜୟପୁର ଏବଂ ରଣପୁର

31 ଭୁବନେଶ୍ୱର,କଟକ,ସମ୍ବଲପୁର,ବାରିପଦା,ଚାନ୍ଦବାଲି,ରଣପୁର,ହିଞ୍ଜିଳିକଟ୍, ବରଗଡ,ବଲାଙ୍ଗିର,ପୁରୀ ଏବଂ ସୁନ୍ଦରଗଡ

- ପାଞ୍ଚଟି ୟୁଏଲବିର(ଭୁବନେଶ୍ୱର,ରାଉରକେଲା,ଜୟପୁର,ଝାରସୁଗୁଡା ଏବଂ ସୁନ୍ଦରଗଡ) ଲ୍ୟାଣ୍ଡଫିଲ୍ ବିମାନବନ୍ଦର/ବିମାନକେନ୍ଦ୍ର ର 20 କିମି ମଧ୍ୟରେ ଅବସ୍ଥିତ ଥିଲା ।
- ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକର ଲ୍ୟାଣ୍ଡଫିଲ୍ ଏସପିସିବିର ସମ୍ମତି ବିନା ଚାଲୁଥିଲା ।
- ଜିଆଇଏସ ଡାଟା ସହ ଏସଡବ୍ଲୁଏମ ନିୟମ ର ଉଲଘଂନ କରୁଥିବା କେତେକ ଲ୍ୟାଣ୍ଡଫିଲ୍ର ଫଟୋ ନିମ୍ନ ରେ ଦିଆଗଲା ।




ଫଟୋଗ୍ରାଫ୍ -10: ଗୋଟିଏ ନଳା 100 ମିଟର ମଧ୍ୟରେ ଯାଉଛି ଏବଂ ଜନବସତି 200 ମିଟର ମଧ୍ୟରେ ଅବସ୍ଥିତ ଥିଲା ।




ଫଟୋଗ୍ରାଫ୍ 11: ଗୋଟିଏ ନଳା 100 ମିଟର ମଧ୍ୟରେ ଯାଉଛି ଏବଂ ଜନବସତି 200 ମିଟର ମଧ୍ୟରେ ଅବସ୍ଥିତ ଥିଲା ।




ଫଟୋଗ୍ରାଫ୍ 12: ବାରିପଦା ୟୁଏଲବିରେ ଗୋଟିଏ ନଳା 100 ମିଟର ମଧ୍ୟରେ ଯାଉଛି ଏବଂ ଜନବସତି 200 ମିଟର ମଧ୍ୟରେ ଅବସ୍ଥିତ ଥିଲା ।




ଫଟୋଗ୍ରାଫ୍ 13 : ଗୋଟିଏ ରାଜପଥ16 100 ମିଟର ମଧ୍ୟରେ ଏବଂ ଜନବସତି 200 ମିଟର ମଧ୍ୟରେ ଅବସ୍ଥିତ ଥିଲା ।




ଫଟୋଗ୍ରାଫ୍14: ଗୋଟିଏ ନଳା 200 ମିଟର ମଧ୍ୟରେ ଯାଉଛି,ଜନବସତି 500 ମିଟର ମଧ୍ୟରେ ଏବଂ ବିମାନବନ୍ଦର 20 କିମି ମଧ୍ୟରେ ଅବସ୍ଥିତ ଥିଲା ।




ଫଟୋଗ୍ରାଫ୍ 15: ଗୋଟିଏ ନଳା 100 ମିଟର ମଧ୍ୟରେ ଯାଉଛି ଏବଂ ଜନବସତି 200 ମିଟର ମଧ୍ୟରେ ଅବସ୍ଥିତ ଥିଲା ।

*(ଉତ୍ସ: ଡମ୍ପିଂୟାର୍ଡର ଫଟୋ ଗୁଗୁଲ୍ ଆର୍ଥ ରୁ ଜିଆଇଏସ ଡାଟା ମାଧ୍ୟମରେ ନିଆଯାଇଛି)*

ଏହିପରି, ପରିକ୍ଷାଯାଞ୍ଚ ହୋଇଥିବା ସମସ୍ତ ୟୁଏଲବି ଦ୍ୱାରା ଚିହ୍ନିତ ଏବଂ ପରିଚାଳିତ ସମସ୍ତ ଲ୍ୟାଣ୍ଡଫିଲ୍ /ଡମ୍ପିଂୟାର୍ଡ ଗୁଡିକ ପରିବେଶ ପାଇଁ ବିପଦସଂକୁଳ ରହିଛି ।

### 5.1.2.3 ଲ୍ୟାଣ୍ଡଫିଲ୍ /ଡମ୍ପିଂୟାର୍ଡ ଗୁଡିକରେ ମୌଳିକ ସୁବିଧାର ଅଭାବ

ଏମଏସଡବ୍ଲୁ ନିୟମାବଳୀ, 2000 ର ଧାରା III ଏବଂ ଏସଡବ୍ଲୁଏମ ନିୟମ 2016 ର ଧାରା I (B) ଲ୍ୟାଣ୍ଡଫିଲ୍ ଅଞ୍ଚଳ ରେ ଉପଲବ୍ଧ ହେବାକୁ ଥିବା ସୁବିଧାଗୁଡିକ ବିଷୟରେ ଦର୍ଶାଏ।

ଅଡିଟ୍ 21 ଟି ୟୁଏଲବିର ଲ୍ୟାଣ୍ଡଫିଲ୍ ରେ ଉପଲବ୍ଧ ଥିବା ମୌଳିକ ସୁବିଧା ଗୁଡିକୁ ଯାଞ୍ଚ କରି ଦେଖିଲା ଯେ

- 20 ଟି ଲ୍ୟାଣ୍ଡଫିଲ ରେ ଆସୁଥିବା ବର୍ଜ୍ୟବସ୍ତୁ ଗୁଡିକର ପରିଚାଳନା ଲାଗି ବର୍ଜ୍ୟବସ୍ତୁ ନିରୀକ୍ଷଣ ସୁବିଧା ନଥିଲା ଏବଂ ସେଗୁଡିକରେ କୌଣସି ନଥିପତ୍ର ନଥିଲା(ବିଏମସି ଛଡା) । ତେଣୁ, ସେଠାରେ ଲ୍ୟାଣ୍ଡଫିଲ୍ କୁ ଆସୁଥିବା ମିଶ୍ରିତ ବର୍ଜ୍ୟବସ୍ତୁ ର ଯାଞ୍ଚ/ପ୍ରତିରୋଧ ଲାଗି କୌଣସି ବ୍ୟବସ୍ଥା ନଥିଲା।

- କୌଣସି ବି ଲ୍ୟାଣ୍ଡଫିଲ୍ ରେ ଆବର୍ଜନା ପାଣି ପାଇଁ ନାଳର ବ୍ୟବସ୍ଥା, ୱେ ବ୍ରିଜ୍, ସଂଯୋଗ ରାସ୍ତା, ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା, ପାନୀୟ ଜଳ ଓ ଶୌଚାଳୟ ର ବ୍ୟବସ୍ଥା ନଥିଲା, ଏବଂ

- ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ମାନଙ୍କ ମଧ୍ୟରୁ କେବଳ ଦୁଇଟି ୟୁଏଲବି (ବିଏମସି ଏବଂ ଛତ୍ରପୁର) ଲ୍ୟାଣ୍ଡଫିଲ୍ର ଚାରିପଟେ ପ୍ରାଚୀର ନିର୍ମାଣ କରିଥିଲେ ।

ସରକାର କହିଲେ (ମଇ 2022) ଯେ, 76 ଟି ୟୁଏଲବି ପୁରୁଣା ବର୍ଜ୍ୟର ଜୈବିକ –ଉପଚାର ପାଇଁ ଅନୁଯୋଜନ ଯୋଜନା ପ୍ରସ୍ତୁତ କରିବା ସହ ₹130.15 କୋଟି ର ବଜେଟ୍ ଯୋଜନା କରି ଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ କୁ ପ୍ରଦାନ କରିଥିଲେ (ଫେବୃଆରୀ 2022) । ପରନ୍ତୁ, ତଥ୍ୟ ଏହା ଯେ ଏହି ନିୟମ ପ୍ରଣୟନ ହେବାର 20 ବର୍ଷ ପରେ ମଧ୍ୟ ୟୁଏଲବି ଗୁଡିକ ଲ୍ୟାଣ୍ଡଫିଲର ସଂଚାଳନ ମାନଦଣ୍ଡ ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ମୌଳିକ ସୁବିଧା ଗୁଡିକ ଯୋଗାଇବାରେ ବିଫଳ ହୋଇଥିଲେ।

### 5.1.3 କାର୍ଯ୍ୟକ୍ଷମ ନଥିବା ଜୈବ ଗ୍ୟାସ୍ ଓ ପଚନଶୀଳ କାରଖାନା

ଏସଡବ୍ଲୁଏମ ନିୟମ 2016 ର ଧାରା 15 (ଏମ୍) ଅନୁଯାୟୀ ୟୁଏଲବି ଗୁଡିକ ପ୍ରତିଦିନ ପରିବା, ଫଳ, ଫୁଲ, ମାଂସ, କୁକୁଡା ଓ ମାଛ ବଜାରରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବେ ଏବଂ ବଜାରର ଉପଯୁକ୍ତ ସ୍ଥାନରେ କିମ୍ବା ତାହାର ଆଖପାଖରେ ସ୍ୱାସ୍ଥ୍ୟକର ପରିବେଶକୁ ସୁନିଶ୍ଚିତ କରି ବିକେନ୍ଦ୍ରୀକରଣ କମ୍ପୋଷ୍ଟ କାରଖାନା କିମ୍ବା ଜୈବ –ମିଥାନେସନ୍ କାରଖାନା ସ୍ଥାପନ କରିବା ପାଇଁ ପ୍ରୋତ୍ସାହିତ କରିବେ।



ଫଟୋଗ୍ରାଫ୍ 16: ମର୍ଦ୍ଧରାଜପୁର ଠାରେ ଅଚଳ ଅବସ୍ଥାରେ ଥିବା ଜୈବ ଗ୍ୟାସ୍ କାରଖାନା

ଅଡିଟ୍ ନିରୀକ୍ଷଣ କଲା ଯେ, ମର୍ଦ୍ଧରାଜ ଭେଣ୍ଡିଂ ଜୋନ୍ ରେ ଏକ ଜୈବ ଗ୍ୟାସ୍ ଓ ଖତ ତିଆରି କାରଖାନା ର ସ୍ଥାପନ ଓ ପରିଚାଳନା ଲାଗି ବିଇଏମସି ଏବଂ ସହରାଞ୍ଚଳ ଉନ୍ନତିକରଣ ସଂପଦ କେନ୍ଦ୍ର (ୟୁଡିଆରସି) ମଧ୍ୟରେ ଜୁଲାଇ 2018 ରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଉପରୋକ୍ତ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଦିନରୁ 11 ମାସ ପର୍ଯ୍ୟନ୍ତ ବଳବତ୍ତର ଥିଲା ଯାହାକି ଜୁନ 2019 ପର୍ଯ୍ୟନ୍ତ ଅଟେ। ଯଦିଓ, ଜୈବ ଗ୍ୟାସ୍ ଓ ଖତ ତିଆରି କାରଖାନା ଟି କେବଳ ଅଗଷ୍ଟ 2018 ଠାରୁ ଏପ୍ରିଲ୍ 2020 (21 ମାସ) ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା, ୟୁଡିଆରସି କୁ 21 ମାସ ପାଇଁ ₹3.05 ଲକ୍ଷ ବୁଝାମଣା ପତ୍ରର ନବୀକରଣ ନକରି ଚୁକ୍ତି ଅବଧି ପର ସମୟ ପାଇଁ ମଧ୍ୟ ପ୍ରଦାନ କରାଯାଇଥିଲା। ଯେହେତୁ କାରଖାନାକୁ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଲାଗି ବିଇଏମସି ୟୁଡିଆରସି ସହ ବୁଝାମଣା ପତ୍ରର

ନବୀକରଣ ଲାଗି କୌଣସି ପଦକ୍ଷେପ ନେଇନଥିଲେ, ମିଳିତ ଯାଞ୍ଚ (ଅଗଷ୍ଟ 2021) ସମୟରେ ଉପରୋକ୍ତ କାରଖାନା ଟି ଅଚଳ ଅବସ୍ଥାରେ ଥିବା ଦେଖାଯାଇଥିଲା ଯାହାର ଚିତ୍ର ଦିଆଯାଇଅଛି ।

ଡେପୁଟି କମିଶନର, ବିଇଏମସି ସେପ୍ଟେମ୍ବର 2021 ସୁଦ୍ଧା ବୁଝାମଣା ପତ୍ର ନବୀକରଣ ନହେବାର କାରଣ ନ ଦର୍ଶାଇ କହିଲେ ଯେ ମର୍ଦ୍ଧରାଜପୁରରେ ଜୈବ ଗ୍ୟାସ୍ ଖତ ତିଆରି କାରଖାନା କୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯିବ।

## 5.1.4 ଭିତ୍ତିଭୂମି ଗଠନରେ ସମସ୍ୟା

### 5.1.4.1 ଏଜେନସୀଙ୍କୁ ଅହେତୁକ ଅନୁକମ୍ପା

ବ୍ରହ୍ମପୁର ମ୍ୟୁନିସିପାଲିଟି କର୍ପୋରେସନ୍ (ବିଇଏମସି) 01 ଟିପିଡି କ୍ଷମତା ସମ୍ପନ୍ନ 25 ଟି ଖତ ପ୍ରକ୍ରିୟାକରଣ ୟୁନିଟ୍ କୁ ଦୁଇ ବର୍ଷ ଚଳାଇବା ଏବଂ ରକ୍ଷଣାବେକ୍ଷଣ ପାଇଁ ମେସର୍ସ ଆଗଟା ସିଏଲଏଫ୍ (ଏଜେନସୀ) ସହ ଏକ ବୁଝାମଣା ପତ୍ର କରିଥିଲେ (ନଭେମ୍ବର 2019) । ଏଜେନସୀ ମାଧ୍ୟମରେ ଏସଏଇଚଜି ମାନଙ୍କୁ ଘର ପ୍ରତି ମାସିକ ₹25 ଦିଆଯିବ । ତଦନୁସାରେ, ଏଜେନସୀ ଫେବୃଆରୀ 2020 ଠାରୁ ତିନୋଟି ୱାର୍ଡ (ୱାର୍ଡ ନଂ 1,2 ଓ 3) ରେ ଥିବା 7,975 ଘରରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ । ବିଇଏମସି ଦ୍ୱାରା କରାଯାଇଥିବା ଏକ ସର୍ଭେ (ସେପ୍ଟେମ୍ବର 2019) ରୁ ଜଣାଗଲା ଯେ ପ୍ରତ୍ୟେକ ଘର ଦୈନିକ 1.04 କି.ଗ୍ରା ଓଦା ବର୍ଜ୍ୟବସ୍ତୁ ଉତ୍ପନ୍ନ କରୁଥିଲେ । ସମୀକ୍ଷାରୁ ଜଣାଗଲା ଯେ ସେହି ସଂସ୍ଥା ତିନୋଟି ୱାର୍ଡର 7.975 ଘରରୁ ଉତ୍ପନ୍ନ ହେଉଥିବା ଓଦା ବର୍ଜବସ୍ତୁ କୁ ସଂଗ୍ରହ ଏବଂ ପ୍ରକ୍ରିୟାକରଣ କରିବାରେ ବିଫଳ ହୋଇଥିଲା । ସଂଗ୍ରହ ପାଇଁ ଧାର୍ଯ୍ୟହୋଇଥିବା 2,272.56 ଟନ୍ ବର୍ଜ୍ୟବସ୍ତୁ ଜାଗାରେ କେବଳ 210.81 ଟନ୍ (କେବଳ ନଅ ପ୍ରତିଶତ) ବର୍ଜ୍ୟବସ୍ତୁ ସଂଗୃହିତ ହୋଇଥିଲା ଯାହା ଫେବୃଆରୀ 2020 ଏବଂ ଅକ୍ଟୋବର 2020 ମଧ୍ୟରେ ପ୍ରକ୍ରିୟାକରଣ କ୍ଷମତା 6,850 ଟନ୍ ର ତିନି ପ୍ରତିଶତ ଥିଲା । ବର୍ଜ୍ୟବସ୍ତୁ ର ସଂଗ୍ରହ ଏବଂ ପ୍ରକ୍ରିୟାକରଣ ସଂମ୍ପାଦନ ର ଲକ୍ଷ୍ୟହାସଲ ଶତପ୍ରତିଶତ ହୋଇନଥିବା ସତ୍ତ୍ୱେ ୟୁଏଲବି ପ୍ରୋତ୍ସାହନ ବାବଦରେ କମ୍ ନକରି ଏଜେନସୀକୁ ସମ୍ପୁର୍ଣ୍ଣ ₹17.94 ଲକ୍ଷ ପ୍ରଦାନ କରିଥିଲେ ଯାହା ଏଜେନ୍ସୀ ପ୍ରତି ଅହେତୁକ ଅନୁକମ୍ପା ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ଫେବୃଆରୀ 2020 ଠାରୁ ଜୁନ୍ 2021 ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ସିଏଲଏଫ୍ କୁ ପ୍ରଦାନ କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏଜେନସୀ ସର୍ଭେ ପରିମାଣ ଠାରୁ କମ୍ ପରିମାଣର ବର୍ଜ୍ୟ ସଂଗ୍ରହ କରି ସଂମ୍ପୁର୍ଣ୍ଣ ପ୍ରୋତ୍ସାହନ ରାଶି ପାଇଥିଲେ ଯାହା ଏଜେନସୀ କୁ ଅହେତୁକ ଅନୁକମ୍ପା ହୋଇଥିଲା ।

### 5.1.4.2 କାର୍ଯ୍ୟ ସଂମ୍ପାଦନ ରେ ବିଳମ୍ବ ଲାଗି ଜୋରିମାନା ଆଦାୟ ନ ହେବା

ବିଇଏମସି ପାଇଁ ଡିଜାଇନ-ବିଲ୍ଟ-ଅପରେଟ ଏବଂ ହସ୍ତାନ୍ତର ଏମଏସଡବ୍ଲୁଏମ୍ ପ୍ରକଳ୍ପ ର ଜାତୀୟ ପ୍ରତିଯୋଗିତା ମୂଳକ ବିଡିଂ ର ଧାରା 15 ଅନୁଯାୟୀ ଓ ଚୁକ୍ତିନାମାର ଧାରା 2.3.6 (2) ଅନୁଯାୟୀ କାର୍ଯ୍ୟସମାପ୍ତି ରେ ବିଳମ୍ବ ଲାଗି ଜୋରିମାନା ଡିଜାଇନ-ବିଲ୍ଟ-ଅପରେଟ ସେବାର ସର୍ବାଧିକ 10 ପ୍ରତିଶତ ହେବା ଦରକାର । ଏହା ଦେଖାଗଲା ଯେ 150 ଟିପିଡି କ୍ଷମତା ବିଶିଷ୍ଟ ପ୍ରକ୍ରିୟା କରଣ ସୁବିଧାକୁ 300 ଟିପିଡି କୁ ସଂପ୍ରସାରଣ ସହ ବଛାବଛି କରିବା ସୁବିଧାଯୁକ୍ତ ୱିଣ୍ଡୋ କମ୍ପୋଷ୍ଟ କାରଖାନା ₹42.15 କୋଟି ବ୍ୟୟରେ 18 ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଇଏମସି ହାତକୁ ନେଇଥିଲା । ଠିକାସଂସ୍ଥାଟି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମଟିକୁ ସଂମ୍ପୁର୍ଣ୍ଣ କରିପାରିନଥିଲା ଏବଂ ଜାନୁଆରୀ 2022 ମଧ୍ୟରେ କେବଳ ₹30 କୋଟି ର କାର୍ଯ୍ୟ ସଂମ୍ପାଦିତ ହୋଇଥିଲା । କାମର ପ୍ରଗତି ବହୁତ ଧୀର ଥିଲା ଏବଂ ମେ 2021 ସୁଦ୍ଧା ୟୁଏଲବି କାର୍ଯ୍ୟ ସଂମ୍ପାଦନରେ ବିଳମ୍ବ ଲାଗି ଜୋରିମାନା ବାବଦରେ ₹4.21 କୋଟି ଠିକା ସଂସ୍ଥାଠାରୁ ଆଦାୟ କରିପାରିନଥିଲା ।

ଡିସି, ବିଇଏମସି କହିଲେ ଯେ ଅଗଷ୍ଟ 2021 ସୁଦ୍ଧା ଏସଡବ୍ଲୁଏମ ପ୍ରକଳ୍ପ ସଂମ୍ପୂର୍ଣ୍ଣ ହେବ ଏବଂ ଏହାପରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଡିସିଙ୍କ ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ସଂସ୍ଥା ଟି ଜାନୁଆରୀ 2022 ସୁଧା କାର୍ଯ୍ୟ ସଂମ୍ପୁର୍ଣ୍ଣ କରିନଥିଲା । ପୁଣି, ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ ସଂମ୍ପାଦନ ରେ ବିଳମ୍ବ ଲାଗି ଜୋରିମାନା ଅନାଦେୟ ବାବଦରେ କୌଣସି ଉତ୍ତର ମିଳିନଥିଲା ।

## 5.2 ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ନିଷ୍କାସନ

### 5.2.1 ଲ୍ୟାଣ୍ଡଫିଲ୍ ମଧ୍ୟକୁ କୌଣସି ବର୍ଜ୍ୟବସ୍ତୁ ନ ଯିବା

ଏସଓପି (ଜୁଲାଇ 2019) ର ଅନୁଚ୍ଛେଦ 3.7 ଅନୁଯାୟୀ ଲ୍ୟାଣ୍ଡଫିଲ୍ ମଧ୍ୟକୁ କୌଣସି ବର୍ଜ୍ୟବସ୍ତୁ ନଯିବା ର ମୂଳ ଲକ୍ଷ୍ୟ ନେଇ ଗଳି, ଘର ସଂଖ୍ୟା, ଗାଡି ସଂଖ୍ୟା, ଆବର୍ଜନା ସଂଗ୍ରହର ସମୟ, ଏମସିସି /ଏମଆରଏଫ୍ ରେ ଆବର୍ଜନା ଜମା କରିବା ସମୟ , ମୁଦ୍ରିତ ଓ ଅଣ ମୁଦ୍ରିତ ଶୃଖିଳା ବର୍ଜ୍ୟବସ୍ତୁ ପକାଇବା ର ସମୟ ଓ ଅବସ୍ଥିତି , ପରିଚାଳନା ପ୍ରଣାଳୀ ଇତ୍ୟାଦିକୁ ଦର୍ଶାଇ ୟୁଏଲବି ଗୁଡିକ ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଦରକାର ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା କୌଣସି ବି ୟୁଏଲବି ବର୍ଜ୍ୟବସ୍ତୁ କୁ ଲ୍ୟାଣ୍ଡଫିଲ୍ ମଧ୍ୟକୁ ମୋଟେ ନ ଯିବା ଲାଗି କାର୍ଯ୍ୟଯୋଜନା କରିନଥିଲେ । ଫଳରେ ପ୍ରକ୍ରିୟାକରଣ ନହୋଇଥିବା ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ଯିବାକୁ ଦିଆଯାଉଥିଲା ।

ସରକାର କହିଲେ (ମଇ 2022) ଯେ, ଏସଡବ୍ଲୁଏମ ର ବିକେନ୍ଦ୍ରୀକରଣ ପାଇଁ ହୋଇଥିବା ଏସଓପି 2019 ଅନୁଯାୟୀ, ଲ୍ୟାଣ୍ଡଫିଲ୍ କିମ୍ବା ଡମ୍ପିଂୟାର୍ଡ ର ଆଉ ଆବଶ୍ୟକତା ନାହିଁ ଯେହେତୁ ଓଦା ବର୍ଜ୍ୟ ଏମସିସି ଠାରେ ଏବଂ ଶୁଖିଲା ବର୍ଜ୍ୟ ଏମଆରଏଫ୍ ଠାରେ ପ୍ରକ୍ରିୟାକରଣ ହେବ । ଏମସିସି ଏବଂ ଏମଆରଏଫ୍ ଗୁଡିକରେ ଉତ୍ପାଦିତ ସମସ୍ତ ବର୍ଜ୍ୟ ପ୍ରକ୍ରିୟାକରଣ ହେଉଥିବାକୁ ଉତ୍ତର ନିଶ୍ଚିତ କରିବା ସପକ୍ଷରେ କୌଣସି ତଥ୍ୟ ନଥିଲା ।

#### 5.2.1.1 ଲ୍ୟାଣ୍ଡଫିଲ୍ ମଧ୍ୟକୁ ପ୍ରକ୍ରିୟାକରଣ ହୋଇନଥିବା ବର୍ଜ୍ୟବସ୍ତୁ ର ନିଷ୍କାସନ

ଏସଡବ୍ଲୁଏମ ନିୟମ 2016 ର ଅନୁସୂଚୀ I ର ପାରା A (iii) ଅନୁଯାୟୀ ଆବର୍ଜନା ପ୍ରକ୍ରିୟାକରଣ ସୁବିଧା ଯୋଜନା ଲ୍ୟାଣ୍ଡଫିଲ୍ ଅଞ୍ଚଳର ଏକ ଅନ୍ତର୍ନିହିତ ଅଂଶ ହେବା ଉଚିତ୍ । ଅଡିଟ୍ ଦେଖିଲା ଯେ ଲ୍ୟାଣ୍ଡଫିଲ୍ ପରିବର୍ତ୍ତେ ପୁରୀ ସର୍ବୋଦୟ ନଗରରେ (ୱାର୍ଡ 28) ₹53.70 ଲକ୍ଷ ବ୍ୟୟରେ ନିର୍ମିତ ହୋଇଥିବା ଏକ ପାଞ୍ଚ ଟିପିଡି କ୍ଷମତା ସମ୍ପନ୍ନ ଏମସିସି ଦୁର୍ଗନ୍ଧ ଏବଂ ପରିବେଶ ପ୍ରଦୂଷଣ ହେତୁ ଜନସାଧାରଣ ଙ୍କ ବିରୋଧ ଯୋଗୁଁ ଅଗଷ୍ଟ 2021 ଠାରୁ ବନ୍ଦ ଅଛି,ଯଦ୍ଦ୍ୱାରା ଖର୍ଚ୍ଚ ହୋଇଥିବା ଟଙ୍କା ଅଫଳପ୍ରସୁ ହେଲା ।



ଫଟୋଗ୍ରାଫ୍ 17: ଜନତାଙ୍କ ଆନ୍ଦୋଳନ ଯୋଗୁଁ ଅଗଷ୍ଟ 2015 ଠାରୁ ପୁରୀ ର ୱାର୍ଡ ସଂଖ୍ୟା 28 ର ସର୍ବୋଦୟ ନଗର ଏମସିସ ବନ୍ଦ ଅଛି

ଅନ୍ୟ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଜୁନ୍ 2019 ସୁଦ୍ଧା ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ କଠିନ ବର୍ଜ୍ୟବସ୍ତୁକୁ ଭର୍ମି କମ୍ପୋଷ୍ଟ /ଜୈବ କମ୍ପୋଷ୍ଟ ରେ ପ୍ରକ୍ରିୟାକରଣ ପାଇଁ ଭର୍ମି କମ୍ପୋଷ୍ଟ କିମ୍ବା ଜୈବ କମ୍ପୋଷ୍ଟ କିମ୍ବା ଜୈବ-ମିଥାନେସନ କାରଖାନା କାର୍ଯ୍ୟକ୍ଷମ ଥିବା ଅଡିଟ୍ ଲକ୍ଷ୍ୟ କରିନଥିଲା । ଫଳରେ ଅଣବୈଜ୍ଞାନିକ ପ୍ରଣାଳୀରେ କଠିନ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ମଧ୍ୟରେ ନିଷ୍କାସନ ହେବାଦ୍ୱାରା ପରିବେଶ ପ୍ରଭାବିତ ହେଉଥିଲା । ଅବଶ୍ୟ, ଏସଡବ୍ଲୁଏମ ର ବିକେନ୍ଦ୍ରୀକରଣ ପାଇଁ ପ୍ରଚଳିତ ଦୁଇଟି ଏସଓପି(ଜୁଲାଇ 2019/ଡିସେମ୍ବର2020) ଲାଗୁହେବା ପରେ ୟୁଏଲବି ଗୁଡିକ ଏମସିସି ଓ ଏମଆରଏଫ୍ ଭିତ୍ତିଭୂମି ପାଇଁ ପଦକ୍ଷେପ ନେଉଛନ୍ତି । ସେପ୍ଟେମ୍ବର 2021 ସୁଦ୍ଧା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ମାଧ୍ୟମରେ 913.70 କ୍ୱିଣ୍ଟାଲ୍ ଜୈବ ସାର (ମୋ ଖତ[32]) ଉତ୍ପାଦନ କରି ₹18.27 ଲକ୍ଷ ର ରାଜସ୍ୱ ଉପାର୍ଜନ କରିଛନ୍ତି ।

ସରକାର କହିଲେ (ମଇ 2022) ଯେ, ପୁରୀ ସର୍ବୋଦୟ ନଗର ଠାରେ ଏକ ପାଞ୍ଚ ଟିପିଡି କ୍ଷମତା ବିଶିଷ୍ଟ ଏମସିସି ଜନପ୍ରତିରୋଧ ଲାଗି ଅଗଷ୍ଟ 2021 ଠାରୁ ବନ୍ଦ ଅଛି ଏବଂ ବର୍ତ୍ତମାନ ଏହା 10 ଟିପିଡି କ୍ଷମତା ସମ୍ପନ୍ନ ଏମଆରଏଫ୍ କୁ ପରିବର୍ତ୍ତିତ ହୋଇଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏମସିସି ଏବଂ ଏମଆରଏଫ୍ ଏସଓପି ଅନୁଯାୟୀ ଗୋଟିଏ ସ୍ଥାନରେ କାମ କରିବାର ଥିଲା ।

---

[32]. ୟୁଏଲବି ଗୁଡିକର ପଚାସଢା ଓଦା ବର୍ଜ୍ୟବସ୍ତୁ ରୁ ରୁପାନ୍ତର ହୋଇଥିନା ଜୈବସାର କୁ ମୋ ଖତ ନାମ ଦିଆଯାଇଛି

## 5.2.1.2. ଲ୍ୟାଣ୍ଡଫିଲ୍ ରେ ଗ୍ରହଣ ହୋଇଥିବା ମିଶ୍ରିତ ବର୍ଜ୍ୟବସ୍ତୁ

ଏମଏସଡବ୍ଲୁ ନିୟମ 2000 ର ଅନୁସୁଚୀ II(6)ଦର୍ଶାଏ ଯେ, ଲ୍ୟାଣ୍ଡଫିଲ୍ ରେ ଜମାକରିବା ପାଇଁ ଅଣ-ଜୈବପଚନଶୀଳ,ନିଷ୍କ୍ରିୟ ଏବଂ ଅନ୍ୟାନ୍ୟ ଆବର୍ଜନା ଯେଉଁଗୁଡିକ ପୁନଃପ୍ରକ୍ରିୟାକରଣ କିମ୍ବା ଜୈବିକ ପ୍ରକ୍ରିୟାକରଣ ପାଇଁ ଅନୁପଯୁକ୍ତ କେବଳ ସେଗୁଡିକ ମଧ୍ୟରେ ସୀମିତ ରହିବା ଉଚିତ୍ । ଏହା ପୁଣି ଦର୍ଶାଏ ଯେ, ମିଶ୍ରିତ ବର୍ଜ୍ୟବସ୍ତୁ ଗୁଡିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଅନୁପଯୁକ୍ତ ନ ହେବା ଯାଏଁ ଲ୍ୟାଣ୍ଡଫିଲ୍ ରେ ଜମା ହେବା କଥା ନୁହଁ ଏବଂ ଲ୍ୟାଣ୍ଡଫିଲ୍ ସ୍ଥାନ ଗୁଡିକ ଏମଏସଡବ୍ଲୁ ନିୟମର ଅନୁସୁଚୀ-III ରେ ଦିଆଯାଇଥିବା ନିର୍ଦ୍ଦିଷ୍ଟତା ପୂରଣ କରିବା ଉଚିତ୍ ।

ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଡିଟ୍ ନିରୀକ୍ଷଣ କଲା ଯେ ଉପରୋକ୍ତ ନିୟମକୁ ଉଲଂଘନ କରି ଲ୍ୟାଣ୍ଡଫିଲ୍ ସ୍ଥାନ ଗୁଡିକ ମିଶ୍ରିତ ବର୍ଜ୍ୟବସ୍ତୁ ଗ୍ରହଣ କରୁଥିଲେ । ସାନିଟାରୀ ଲ୍ୟାଣ୍ଡଫିଲ୍ ସ୍ଥାନ[33] ସ୍ଥାପନ ଯୋଜନା ରେ ଥିବା ତ୍ରୁଟି ଏବଂ ସେମାନଙ୍କ କାର୍ଯ୍ୟକାରୀତା ନିମ୍ନରେ ଦିଆଗଲା ।

## 5.2.2 ଲ୍ୟାଣ୍ଡଫିଲ୍‌ରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ର ଦହନ

ଏମଏସଡବ୍ଲୁ ମାନୁଆଲ 2000 ର ଶ୍ରେଣୀ 17.8.4.7 ଅନୁଯାୟୀ ଏକ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ପରିଚାଳକମାନେ ଅଗ୍ନି କାଣ୍ଡର ଭୟାବହତା ଓ ଅଗ୍ନି ନିର୍ବାପନ ବିଷୟରେ ସଚେତନ ହେବା ଉଚିତ୍ । ଅଞ୍ଚଳରେ ଥିବା ସମସ୍ତ ଅଗ୍ନିକୁ ଏକ ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତି ଭାବେ ନେଇ ମୁକାବିଲା କରିବା ଉଚିତ୍ । ନିୟମ 2000 ର ଅନୁସୁଚୀ II (I)(vii) ସୂଚାଏ ଯେ ବର୍ଜ୍ୟ ଆବର୍ଜନା,ଶୁଖିଲା ପତ୍ର ଗୁଡିକୁ ପୋଡାଯିବ ନାହିଁ । ଦୁର୍ଗନ୍ଧ, ମାଛି, ମଶା, ମୂଷା, ପକ୍ଷି ମଡକ ଏବଂ ଅଗ୍ନି ବିପଦକୁ ହ୍ରାସ କରିବା ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରାଯିବ । ଏସଡିଏଇଚ୍ -II ଅନୁଯାୟୀ ସ୍ଥାୟୀ ବିକଶିତ ସହର[34] ଏବଂ ସଭ୍ୟତା ଗୁଡିକରେ ଅଣସଂଗୃହିତ ବର୍ଜ୍ୟବସ୍ତୁକୁ ଖୋଲା ଜଳିବା ଦ୍ୱାରା ପ୍ରଦୂଷଣ ଉତ୍ପନ୍ନ ହୁଏ ଯାହା ସ୍ଥାନୀୟ ତଥା ବିଶ୍ୱ ପାଇଁ ଅତ୍ୟଧିକ କ୍ଷତିକାରକ ଅଟେ ।



ଫଟୋଗ୍ରାଫ୍ 18: ପୁରୀ ୟୁଏଲବିର ବଳିଆପଣ୍ଡା ଡମ୍ପିଂ ୟାର୍ଡରେ 10.12.2020 ରେ ନିଆଁ



ଫଟୋଗ୍ରାଫ୍ 19: 05.01.2021 ରେ ବିଏମସିର ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ନିଆଁ

ଅଡିଟ୍ ଲକ୍ଷ୍ୟ କଲା ଯେ ଲ୍ୟାଣ୍ଡଫିଲ୍ ସ୍ଥାନଗୁଡିକରେ ଅଗ୍ନି ପରିଚାଳନା ପାଇଁ ୟୁଏଲବି ଗୁଡିକ କୌଣସି ବ୍ୟବସ୍ଥା କରିନଥିଲେ । ତଥାପି, ମିଳିତ କ୍ଷେତ୍ର ପରିଦର୍ଶନ ସମୟରେ ସମସ୍ତ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଡିଟ୍ ଦେଖିଲା ଯେ ଲ୍ୟାଣ୍ଡଫିଲରେ କଠିନ ବର୍ଜ୍ୟବସ୍ତୁ ଜଳୁଛି । ଏହା ବର୍ଜ୍ୟବସ୍ତୁ ପରିଚାଳନାରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କର ଉଦାସୀନ ମନୋଭାବକୁ ପ୍ରତିଫଳିତ କରୁଥିଲା । ଆବର୍ଜନା ଜାଳିବା କେବଳ ଏମଏସଡବ୍ଲୁ ନିୟମର ଉଲଂଘନ ନୁହେଁ ବରଂ ଲ୍ୟାଣ୍ଡଫିଲ୍ ପାଖରେ ବାସ କରୁଥିବା ଲୋକମାନଙ୍କ କହିବା ଅନୁସାରେ ଶ୍ୱାସ,କାଶ, ମ୍ୟାଲେରିଆ ଜ୍ୱର ଏବଂ ଆଲର୍ଜି ରୋଗ ଭଳି ଭୟଙ୍କର ପରିବେଶ ତଥା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଥିଲା ।

ସରକାର କହିଲେ (ମଇ 2022) ଯେ, ପୁରୁଣା ବର୍ଜ୍ୟର ଜୈବ-ଉପଚାର ଲାଗି କାର୍ଯ୍ୟାନୁଷ୍ଠାନ ନିଆହୋଇ ସାରିଲାଣି । ପରନ୍ତୁ, ଏହି ଉତ୍ତରଟି ଲ୍ୟାଣ୍ଡଫିଲ ଅଞ୍ଚଳରେ ନିଆଁ ର ପରିଚାଳନା ଯାହା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ବିପଦର ଭୟ ସୃଷ୍ଟି କରୁଥିଲା ସେ ବିଷୟରେ ନିରବ ରହିଥିଲା ।

33 ଅଣ ଜୈବ -ପଚନଶୀଳ, ନିଷ୍କ୍ରିୟ ଏବଂ ଅନ୍ୟ ବର୍ଜ୍ୟ ଯେଉଁଗୁଡିକ ଜୈବିକ ପ୍ରକ୍ରିୟାକରଣ କିମ୍ବା ପୁନଃବ୍ୟବହାର ପାଇଁ ଉପଯୁକ୍ତ ନୁହେଁ ସେଗୁଡିକର ନିଷ୍କାସନ

34 ସୁଚକାଙ୍କ11.6.1 ହେଉଛି ଏସଡିଜି-11 ଅଧିନରେ ସହରଗୁଡିକର ଏବଂ ଗୋଷ୍ଠୀ ମାନଙ୍କ ସମ୍ପାଦନର ପ୍ରଗତି ର ମାପକ

## 5.2.3 ବର୍ଜ୍ୟବସ୍ତୁ ଉପରେ ମୃତ୍ତିକାର ସ୍ତର ଆଚ୍ଛାଦନ ଏବଂ ଏଥିରୁ ନିର୍ଗତ ତରଳ ପଦାର୍ଥର ପ୍ରକ୍ରିୟାକରଣ

ଏସଡବ୍ଲୁଏମ ନିୟମ 2016 ର ଅନୁସୂଚୀ I (ଧାରା ସି ର ii ଏବଂ iii) ଅନୁଯାୟୀ,ବର୍ଜ୍ୟବସ୍ତୁ ତୁରନ୍ତ କିମ୍ବା ପ୍ରତ୍ୟେକ କାର୍ଯ୍ୟ ଦିବସର ଶେଷରେ ସର୍ବନିମ୍ନ ଦଶ ସି.ଏମ୍ ମାଟି,ନିଷ୍କାସିତ ଆବର୍ଜନା କିମ୍ବା ନିର୍ମାଣ ସାମଗ୍ରୀ ସହ ତୁରନ୍ତ ଆବୃତ ହେବା ଉଚିତ୍ । ମୌସୁମୀ ଋତୁ ପୂର୍ବରୁ ଲ୍ୟାଣ୍ଡଫିଲ ମଧ୍ୟକୁ ଜଳର ଅନୁପ୍ରବେଶ ରୋକିବା ପାଇଁ 40-65 ସେ.ମି ମୋଟା ମାଟିର ଆସ୍ତରଣ ଉପଯୁକ୍ତ ସଂକୋଚନ ଏବଂ ଗ୍ରେଡିଂ ସହିତ ଦେବା ଉଚିତ୍ । ଆହୁରିମଧ୍ୟ ପରିବେଶର ଅଧିକ କ୍ଷତି ନହେବା ପାଇଁ ଲ୍ୟାଣ୍ଡଫିଲ୍ ର ସକ୍ରିୟ କୋଠରୀରୁ ପରିତ୍ୟକ୍ତ ଜଳ ନିର୍ଗତ ହେବା ପାଇଁ ସଠିକ୍ ଡ୍ରେନେଜ୍ ବନ୍ଧ ନିର୍ମାଣ କରାଯିବା ଉଚିତ୍ ।


ଫଟୋଗ୍ରାଫ୍ 20 : ବିଏମସିର ଭୁଆସୁଣି ଡମ୍ପିଂୟାର୍ଡ


ଫଟୋଗ୍ରାଫ୍ 21 : ପୁରୀ ମ୍ୟୁନିସିପାଲିଟିର ବଳିଆପଣ୍ଡା ଡମ୍ପିଂୟାର୍ଡ

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଅଡିଟ୍ ନିରୀକ୍ଷଣ କଲା (ଡିସେମ୍ବର 2020 ରୁ ମାର୍ଚ୍ଚ 2021 ଏବଂ ଜୁଲାଇ 2021 ଠାରୁ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ) ଯେ, ଲ୍ୟାଣ୍ଡଫିଲ୍ ସ୍ଥାନଗୁଡିକରେ ମାଟିର କ୍ଷୟ ଓ ପ୍ରଦୁଷିତ ଜଳକୁ ସଂଗ୍ରହ କରିବା ପାଇଁ ମାଟିର ଆଚ୍ଛାଦନ ଦୈନିକ କିମ୍ବା ମୌସୁମୀ ପୂର୍ବରୁ କରାଯାଉନଥିଲା ।

ସରକାର କହିଲେ (ମଇ 2022) ଯେ, ଜୈବ- ଘୋଡଣି ଠାରୁ ଜୈବ-ଖଣି ଅଧିକ ସୁବିଧା ଜନକ ତେଣୁ, ଜୈବ-ଖଣି କୁ ଚୟନ କରାଗଲା । ପରନ୍ତୁ ତଥ୍ୟ ଏହା ଯେ, ମାର୍ଚ୍ଚ 2021 ସୁଦ୍ଧା କୌଣସି ୟୁଏଲବି ରେ ଓଡିଶା ସରକାର କୌଣସି ଜୈବ-ଖଣି ପ୍ରକଳ୍ପ ଆରମ୍ଭ କରିନଥିଲେ ।

## 5.2.4 ପୁରୁଣା ଆବର୍ଜନା ଗଦାର ପୁନରୁଦ୍ଧାର / ପୁରୁଣା ଲ୍ୟାଣ୍ଡଫିଲ୍ ସ୍ଥାନଗୁଡିକ ବନ୍ଦ କରିବା

ଏସଡବ୍ଲୁଏମ ନିୟମ 2016 ର କାର୍ଯ୍ୟସୂଚୀ I (j) ନିର୍ଦ୍ଧାରିତ କରେ ଯେ,ନୂତନ ଓ ସଠିକ୍ ଲ୍ୟାଣ୍ଡଫିଲ୍ ସ୍ଥାପନ ହେଲା ପରେ ପରିବେଶ ଉପରେ ପ୍ରଭାବକୁ ହ୍ରାସ କରି ଗ୍ରହଣୀୟ ସ୍ତରରେ ରଖିବା ଲାଗି ଯେଉଁ କଠିନ ବର୍ଜ୍ୟବସ୍ତୁ ଗଦା ଗୁଡିକ ସେମାନଙ୍କ ପୂର୍ଣ୍ଣ କ୍ଷମତା ରେ ପହଞ୍ଚିସାରିଛନ୍ତି କିମ୍ବା ଆଉ ଅତିରିକ୍ତ ବର୍ଜ୍ୟବସ୍ତୁ ଗ୍ରହଣ କରିବେ ନାହିଁ ସେଗୁଡିକୁ ବନ୍ଦ କରିଦେବା ଉଚିତ୍ ଏବଂ ଅନ୍ୟ କୌଣସି ଉପଯୁକ୍ତ ଉପାୟରେ ପୁନଃ ଥଇଥାନ କରିବା ଉଚିତ୍ ।

ଏନଜିଟି ଅନୁପାଳନ (2015) ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ କାର୍ଯ୍ୟଯୋଜନା ରେ ଉଲ୍ଲେଖ କରିଥିଲା ଯେ ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ୟୁଏଲବି ଗୁଡିକ ଡମ୍ପିଂୟାର୍ଡକୁ ପୁନରୁଦ୍ଧାର କରିବେ । ଡମ୍ପିଂୟାର୍ଡର ପୁନରୁଦ୍ଧାର ଏସଡବ୍ଲୁଏମ ପ୍ରକଳ୍ପ ର ଏକ ମୁଖ୍ୟ ଉପାଦାନ ଅଟେ ଯାହାକି ନିମ୍ନରେ ସୂଚାଇ ଦିଆଯାଇଛି ।

- ସଂକୋଚିତ ପୁରୁଣା ବର୍ଜ୍ୟବସ୍ତୁ କୁ ଟ୍ରାକ୍ଟର ଲଙ୍ଗଳ ଦ୍ୱାରା ଖୋଳି ଏବଂ ସ୍ତର ସ୍ତର କରି ଖେଳାଇ ଦିଆଯାଏ ।
- ଟ୍ୟାଙ୍କର – ଟ୍ରକ ଉଚ୍ଚଚାପର ପମ୍ପ ଦ୍ୱାରା କମ୍ପୋଷ୍ଟିକ ବାୟୋକଲଚର ପକାଇବା
- ଜେସିବି ଦ୍ୱାରା ଆବର୍ଜନାକୁ ପ୍ରତି ସପ୍ତାହରେ ଓଲଟାଇ ଦିଆଯାଏ । ପ୍ରତିଥର ଓଲଟାଇବା ବେଳେ ଉତାରେ ନିୟୋଜିତ ଅଳିଆ ଗୋଟାଳି ପୋତିହୋଇ ଯାଇଥିବା ପୁନଃ ପ୍ରକ୍ରିୟାକରଣ ହୋଇପାରିବା ପଦାର୍ଥ ଗୁଡିକୁ ସଂଗ୍ରହ କରନ୍ତି ଯାହାକି ସେମାନଙ୍କ ଶ୍ରମ ମୂଲ୍ୟକୁ ଆଂଶିକ ବହନ କରେ ।
- ତିନିରୁ ଚାରି ସପ୍ତାହ ଓଲଟାଇବା ପରେ ଆବର୍ଜନା ଶୁଷ୍କ ହୋଇଯାଏ, ପରିମାଣ କମିଯାଏ ଏବଂ ଏହାକୁ ହାତ କିମ୍ବା ସାଧାରଣ ଛୋଟ ମୋଟର ଦ୍ୱାରା ଗୋଳାହେବା ଲାଗି ପ୍ରସ୍ତୁତ ହୋଇଯାଏ ।

- ପ୍ରକ୍ରିୟାକରଣ କାରଖାନା ଏବଂ ବୈଜ୍ଞାନିକ ସୁବିଧା ଥିବା ଲ୍ୟାଣ୍ଡଫିଲ୍ ରେ ପୁନରୁଦ୍ଧାର ପ୍ରକ୍ରିୟା ଏକ ବର୍ଷ ମଧ୍ୟରେ ଶେଷ ହେବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କଲା ଯେ, ମାର୍ଚ୍ଚ 2021 ସୁଦ୍ଧା ଏନଜିଟିରେ ଦାଖଲ ହୋଇଥିବା ଅନୁପାଳନ ଜବାବରେ ଯାଞ୍ଚ ହୋଇଥିବା କୌଣସି ୟୁଏଲବି ଅଧିକାରୀ ଡମ୍ପିଂୟାର୍ଡରେ ଉପରୋକ୍ତ କାର୍ଯ୍ୟକଳାପ କରିନଥିଲେ । ପୁରୁଣା ଲ୍ୟାଣ୍ଡଫିଲ୍ ଗୁଡିକୁ ବନ୍ଦ କରିବା ପାଇଁ ପର୍ଯ୍ୟାୟକ୍ରମେ କୌଣସି ସମୀକ୍ଷା ହୋଇନଥିଲା କିମ୍ବା ଏସପିସିବିକୁ ଏ ବାବଦରେ କୌଣସି ପ୍ରସ୍ତାବ ଦିଆଯାଇନଥିଲା ଯଦ୍ଦ୍ୱାରା ବହୁ ପରିମାଣର ଆବର୍ଜନା ଲ୍ୟାଣ୍ଡଫିଲ୍ ସ୍ଥାନରେ ଏକାଠି ହୋଇ ପରିବେଶ ପ୍ରଦୂଷଣ କରୁଥିଲା ।

ସରକାର କହିଲେ (ମଇ 2022) ଯେ, ପୁରୁଣା ବର୍ଜ୍ୟର ଜୈବ- ଖଣି ଲାଗି କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି । ଜୈବ-ଖଣିର ସଂଭାବ୍ୟତା ରିପୋର୍ଟ ଭାରତ ସରକାରଙ୍କୁ (ଡିସେମ୍ବର 2020) ରେ ପ୍ରଦାନ କରାଯାଇଛି । ପରନ୍ତୁ ତଥ୍ୟ ଏହା ଯେ, ମାର୍ଚ୍ଚ 2021 ସୁଦ୍ଧା କୌଣସି ୟୁଏଲବି ରେ ଓଡିଶା ସରକାର କୌଣସି ଜୈବ-ଖଣି ପ୍ରକଳ୍ପ ଆରମ୍ଭ କରିନଥିଲେ ।

# ଅଧ୍ୟାୟ – VI

# ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା

`

# ଅଧ୍ୟାୟ – VI

## ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ପରିଚାଳନା

ଏମଏସଡବ୍ଲୁ ମାନୁଆଲ,2016 ର ଧାରା 7.1 ଅନୁଯାୟୀ, ନିମ୍ନଲିଖିତ ବର୍ଜ୍ୟବସ୍ତୁ କୁ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଭାବରେ ବ୍ୟାଖ୍ୟା କରାଯାଇଛି ଯଥା (କ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ (ଖ) ଇଲେକ୍ଟ୍ରିକ ଏବଂ ଇଲେକଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟବସ୍ତୁ) (ଗ)ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ(ବିଏମଡବ୍ଲୁ)ଏବଂ (ଘ) କଂସାଇଖାନା ଆବର୍ଜନା ।

## 6.1 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା

ପରିବେଶ,ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ,ଜିଓଆଇ(ଫେବୃଆରୀ 2011) ରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା (ପରିଚାଳନା ଏବଂ ନିୟନ୍ତ୍ରଣ) ନିୟମ,2011 (ପିଡବ୍ଲୁଏମ ନିୟମ,2011) ବିଜ୍ଞପ୍ତି ଜାରି କରିଥିଲେ । ଏହାକୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016(ପିଡବ୍ଲୁଏମ ନିୟମ,2016) ଦ୍ୱାରା ବଦଳାଯାଇଥିଲା ଯାହା ଜିଓଆଇ(ମାର୍ଚ୍ଚ 2016) ଦ୍ୱାରା ସୂଚିତ କରାଯାଇଥିଲା । ଏହି ନିୟମ ପ୍ରତ୍ୟେକ ବର୍ଜ୍ୟବସ୍ତୁ ଜେନେରେଟର, ସ୍ଥାନୀୟ ସଂସ୍ଥା, ଆମଦାନୀକରୀ ଏବଂ ଉତ୍ପାଦକ ପାଇଁ ପ୍ରଯୁଜ୍ୟ ।

### 6.1.1 ୟୁଏଲବି ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ପାଳନ କରିବାର ସ୍ଥିତି

ପିଡବ୍ଲୁଏମ ନିୟମ, 2016 ର ଧାରା 5 ଏବଂ 6 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ/ସ୍ଥାନୀୟ ସଂସ୍ଥାର ଦାୟିତ୍ୱ ବର୍ଣ୍ଣନା କରେ । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏହି ବ୍ୟବସ୍ଥାଗୁଡିକର ଅନୁପାଳନର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି

**ସାରଣୀ - 6.1: ପିଡବ୍ଲୁଏମ ନିୟମ 2016 ର ଅନୁପାଳନର ସ୍ଥିତି**

| କ୍ରମିକ ସଂଖ୍ୟା | ଆବଶ୍ୟକତା | ପିଡବ୍ଲୁଏମ ନିୟମ,2016 ଅଧିନରେ ବ୍ୟବସ୍ଥା | ଅନୁକରଣ/ଟିପ୍ପଣୀ |
|---|---|---|---|
| 1 | ପୃଥକତା, ସଂଗ୍ରହ, ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ,ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ନିଷ୍କାସନ ନିଶ୍ଚିତ କରିବା | ନିୟମ 6(2)(କ) | ପରୀକ୍ଷଣ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମିଶ୍ରିତ ବର୍ଜ୍ୟବସ୍ତୁ ସଂଗ୍ରହ କରି ଲ୍ୟାଣ୍ଡଫିଲ୍ ସ୍ଥାନକୁ ପରିବହନ କରୁଥିଲେ ।<br>ଏସଓପି ଲାଗୁହେଲା ପରେ (ଜୁଲାଇ 2019/ଡିସେମ୍ବର 2020) ୟୁଏଲବିଗୁଡିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କୁ ପୃଥକ କରାଯାଉଥିବା ଏମସିସି/ଏମଆରଏଫ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛନ୍ତି । ଯେହେତୁ ସମସ୍ତ ୟୁଏଲବିରେ ଏମସିସି/ଏମଆରଏଫ୍ ପ୍ରକଳ୍ପ ସମାପ୍ତ ଏବଂ କାର୍ଯ୍ୟକ୍ଷମ ହୋଇନାହିଁ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୃଥକ କରିବା ଆଂଶିକ ଭାବରେ କରାଯାଉଛି । |
| 2 | ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା | ନିୟମ 6(2)(ଙ) | ପ୍ଲାଷ୍ଟିକ୍ ସ୍ଥାନରେ ବିକଳ୍ପ ଦ୍ରବ୍ୟର ବ୍ୟବହାର ବିଷୟରେ ସଚେତନତା ଯାଞ୍ଚ ହୋଇଥିବା ୟୁଏଲବି ଦ୍ୱାରା ପ୍ରୋତ୍ସାହିତ ହୋଇନଥିଲା । |
| 3 | ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ସହିତ ବର୍ଜ୍ୟବସ୍ତୁ ପରିଚାଳନା ରେ କାର୍ଯ୍ୟ କରୁଥିବା ନାଗରିକ ସମାଜ କିମ୍ବା ଗୋଷ୍ଠୀକୁ ନିୟୋଜିତ କରିବା | ନିୟମ 6(2)(ଚ) | ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜୁଲାଇ 2019 ରେ ଏସଓପି ଜାରି ହେବାପରେ ଏସଏଚଜି ଗୋଷ୍ଠୀର ସଙ୍ଗ ସାଥି ନିୟୋଜିତ ହୋଇଥିଲେ । ଯେହେତୁ ଏମଆରଏଫ୍ ପ୍ରକଳ୍ପ ଗୁଡିକ ୟୁଏଲବି ରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିଲା , ଅଳିଆ ଗୋଟାଳି ବ୍ୟକ୍ତିମାନେ ନିୟୋଜିତ ହୋଇନଥିଲେ । |
| 4 | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିୟମ ସ୍ଥାନୀୟ ସଂସ୍ଥା ଗୁଡିକ ଉତ୍ପାଦକଙ୍କ ବିସ୍ତାରିତ ଉତ୍ପାଦକ ଦାୟିତ୍ୱ (ଇପିଆର) ନୀତିର ସହାୟତା ଲୋଡିବା ଉଚିତ | ନିୟମ 6(3) | କୌଣସି ୟୁଏଲବି(ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା ) ଇପିଆର ଆଧାରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ପ୍ରତିଷ୍ଠା କରି ନାହାନ୍ତି । |
| 5 | ସ୍ଥାନୀୟ ସଂସ୍ଥା ଗୁଡିକ ପିଡବ୍ଲୁଏମ ନିୟମର ବ୍ୟବସ୍ଥା ଗୁଡିକୁ ଅନ୍ତର୍ଭୁକ୍ତ କରି ବାଇ- ଲ ଗଠନ କରିବା କଥା | ନିୟମ 6(4) | ବିଏମସି ବ୍ୟତିତ ଯାଞ୍ଚକରାଯାଇଥିବା କୌଣସିଟି ୟୁଏଲବି ପିଡବ୍ଲୁଏମ ନିୟମର ବ୍ୟବସ୍ଥା ଗୁଡିକୁ ଅନ୍ତର୍ଭୁକ୍ତ କରି ବାଇ-ଲ ଗଠନ କରିନାହାନ୍ତି । ମାର୍ଚ୍ଚ 2021 ସୁଦ୍ଧା ଏ ପର୍ଯ୍ୟନ୍ତ ବିଏମସିର ବାଇ-ଲ ଅନୁମୋଦନ ହୋଇନାହିଁ । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

ଏହିପରି ୟୁଏଲବି ଗୁଡିକର ପିଡବ୍ଲୁଏମ (2016) ପାଇଁ ନିୟମର ଅନୁସରଣ କରିବାରେ ବିଫଳତା ହେତୁ ପୃଥକିକରଣ ଦ୍ୱାରା କମ୍ ହୋଇଥିଲା । ଏହିପରି, ଅଣପୃଥକିକୃତ ମିଶ୍ରିତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ରେ ପହଞ୍ଚିଲା । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଜେପିଭି (ଡିସେମ୍ବର 2020 ରୁ ସେପ୍ଟେମ୍ବର 2021) ଦ୍ୱାରା ଜଣାଗଲା ଯେ ନିଷିଦ୍ଧ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ସ୍ଥାନରେ ପକାଯାଇଛି ।

ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣ ସୁବିଧା ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ , ୟୁଏଲବି ରାୟଗଡା (ମାର୍ଚ୍ଚ 2021) ରେ କହିଛନ୍ତି । ଜୟପୁର /ସମ୍ବଲପୁର ୟୁଏଲବିର କାର୍ଯ୍ୟନିବାହୀ ଅଧିକାରୀ ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି ।

## 6.1.2 ନିଷିଦ୍ଧ ପ୍ଲାଷ୍ଟିକ୍ ର ବ୍ୟବହାର

ପିଡବ୍ଲୁଏମ ନିୟମ, 2011 ର ଧାରା 5(ଗ) ଅନୁଯାୟୀ ନୂତନ କିମ୍ବା ପୁନଃ ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ରେ ନିର୍ମିତ କୌଣସି ପରିବହନ ବ୍ୟାଗ୍ର ଉତ୍ପାଦନ,ଷ୍ଟକ୍,ବଣ୍ଟନ ଏବଂ ବିକ୍ରୟକୁ ନିଷିଦ୍ଧ କରାଯାଇଅଛି, ଯାହା ର ମୋଟେଇ 40 ମାଇକ୍ରନ ଠାରୁ କମ୍ ଅଟେ । ପରବର୍ତ୍ତୀ ସମୟରେ, ପିଡବ୍ଲୁଏମ ନିୟମ,2016 ର ଧାରା 4(ଗ) ଅନୁଯାୟୀ, ନୂତନ କିମ୍ବା ପୁନଃ ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ରେ ନିର୍ମିତ ବ୍ୟାଗ୍ ର ମୋଟେଇ 50 ମାଇକ୍ରନ୍ ଠାରୁ କମ୍ ହେବନାହିଁ ।

ଓଡିଶା ସରକାର , (ସେପ୍ଟେମ୍ବର 2018) ରେ ପ୍ଲାଷ୍ଟିକ ପରିବହନ ବ୍ୟାଗ୍, ବ୍ୟାନର, ବଣ୍ଟିଂ, ଫ୍ଲେକ୍ସ, ପ୍ଲାଷ୍ଟିକ ପତାକା, ପ୍ଲାଷ୍ଟିକ୍ ପ୍ଲେଟ୍, କପ, ପ୍ଲାଷ୍ଟିକ୍ ଚାମଚ, ଅତି ପତଳା ଜରି ଏବଂ ଥର୍ମୋକଲ ଏବଂ ପ୍ଲାଷ୍ଟିକରେ ତିଆରି ପ୍ଲାଷ୍ଟିକ୍ ସିଟ୍ ଉତ୍ପାଦନ, ଯୋଗାଣ, ବିକ୍ରୟ ତଥା ବ୍ୟବହାର ଉପରେ ନିଷେଧାଦେଶ ଜାରିକରିଥିଲେ ।

ଏସପିସିବି ଦ୍ୱାରା ସିପିସିବି ରେ ଦାଖଲ ହୋଇଥିବା ବାର୍ଷିକ ରିପୋର୍ଟ (2015-20) ଅନୁଯାୟୀ,ରାଜ୍ୟରେ ହାରାହାରି 99.90 ଟିପିଡି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଛି । ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ନିଶ୍ଚିତ କରିବାକୁ , ଡିଏମଏ କହିଛି ଯେ 114 ୟୁଏଲବି 2019-20 ଏବଂ 2020-21 ମଧ୍ୟରେ 16,286 କି.ଗ୍ରା ଏବଂ 34,124 କି.ଗ୍ରା. ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ କରିଛି ଏବଂ ମଧ୍ୟରେ ଦଣ୍ଡ ପାଇଁ ଯଥାକ୍ରମେ ₹36.44 ଲକ୍ଷ ଏବଂ ₹50.59 ଲକ୍ଷ ଜୋରିମାନା ସଂଗ୍ରହ କରିଛନ୍ତି । ଯାଞ୍ଚ ହୋଇଥିବା 21 ୟୁଏଲବି ରେ 27,258 କି.ଗ୍ରା . ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ ହୋଇଛି ଏବଂ 2019-21 ମଧ୍ୟରେ ₹45.22 ଲକ୍ଷ ଜୋରିମାନା ସଂଗ୍ରହ ହୋଇଛି । ନିଷିଦ୍ଧ ପ୍ଲାଷ୍ଟିକ୍ ଗୁଡିକ ୟୁଏଲବି ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ମଧ୍ୟରେ ରଖାଯାଇଥିଲା । ନିଷିଦ୍ଧ ପ୍ଲାଷ୍ଟିକ୍ କୁ ନିଷ୍କାସନ ପାଇଁ ୟୁଏଲବି ଗୁଡିକ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନଥିଲେ କେବଳ ଦୁଇଟି ୟୁଏଲବି ପ୍ରକ୍ରିୟାକରଣ ପାଇଁ 541.38 କି.ଗ୍ରା.( ବରଗଡ 191.38,ରାଉରକେଲା 350 କି.ଗ୍ରା.) ପାଖ ସିମେଣ୍ଟ କାରଖାନାକୁ ପ୍ରକ୍ରିୟାକରଣ ପାଇଁ ପଠେଇଥିଲେ । ଅଡିଟ୍ ଦେଖିଲା ଯେ ନିଷିଦ୍ଧ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଗୁଡିକୁ ପରିବାରର ଉତ୍ସରୁ ସଂଗ୍ରହ କରାଯାଇଛି ଯାହା ସୂଚାଇ ଦେଇଛି ଯେ ପ୍ଲାଷ୍ଟିକ୍ ନିଷେଧାଦେଶ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇନାହିଁ ।

### 6.1.2.1 50 ମାଇକ୍ରନରୁ କମ୍ ପ୍ଲାଷ୍ଟିକ୍ ର ଉତ୍ପାଦନ

ପିଡବ୍ଲୁଏମ ନିୟମ,2016 ର ଧାରା 13 ଧାର୍ଯ୍ୟ କରିଛି ଯେ ଯଦି ୟୁନିଟ୍ ର ଏଚସିଇ ଗୁଡିକ ଏସପିସିବି ରେ ପଞ୍ଜୀକୃତ ହୋଇନଥିବେ କୌଣସି ବ୍ୟକ୍ତି ଏହାର ଆକାର କିମ୍ବା ଓଜନ ନିର୍ବିଶେଷରେ ବ୍ୟାଗ କିମ୍ବା ପାତ୍ର ତିଆରି କରିବା ଉଚିତ୍ ନୁହେଁ । ପିଡବ୍ଲୁଏମ ନିୟମ 2016 ର ଧାରା 4(ଖ) ଅନୁଯାୟୀ, କୌଣସି ବିକ୍ରେତା ପ୍ଲାଷ୍ଟିକ୍ ପରିବହନ ବ୍ୟାଗ୍ କିମ୍ବା ପୁନଃ ବ୍ୟବହୃତ ପ୍ଲାଷ୍ଟିକ୍ ରେ ନିର୍ମିତ ଦ୍ରବ୍ୟ, ସଂରକ୍ଷଣ, ବହନ ବିତରଣ କିମ୍ବା ଖାଇବା କିମ୍ବା ପିଇବା ପାଇଁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିମ୍ବା ପ୍ୟାକେଜିଂ ପାଇଁ ବ୍ୟବହାର କରାଯିବ ନାହିଁ ।


ଫଟୋଗ୍ରାଫ୍ 22: ଖାଦ୍ୟ ପ୍ୟାକିଂ ନିମନ୍ତେ ବ୍ୟବହୃତ ପ୍ଲାଷ୍ଟିକ୍

ମିଳିତ ଯାଞ୍ଚ (ଜେପିଭି) ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ ପ୍ଲାଷ୍ଟିକ୍ ପରିବହନ ବ୍ୟାଗ୍ କିମ୍ବା ପାତ୍ରଗୁଡିକ ଉତ୍ପାଦନ ଉପରେ ନିଷେଧାଦେଶ ଥାଇ ମଧ୍ୟ ଖାଦ୍ୟ ସାମଗ୍ରୀ , ପନିପରିବା ଇତ୍ୟାଦି ପ୍ୟାକ୍ କରିବା ପାଇଁ ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇଥିଲା । ଏସପିସିବି ରିପୋର୍ଟ ଅନୁସାରେ ମାର୍ଚ୍ଚ 2020 ସୁଦ୍ଧା ଓଡିଶାରେ 99 ଟି ଅଣପ୍ରାଧିକୃତ

ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ଥିଲା । ମାର୍ଚ୍ଚ 2020 ସୁଦ୍ଧା ଏସପିସିବି ନିୟମ ଉଲଘଂନ କରି ଅନଧିକୃତ ପ୍ଲାଷ୍ଟିକ ତିଆରି କରୁଥିବା ସଂସ୍ଥାକୁ ବନ୍ଦ କରିବା ପାଇଁ ନୋଟିସ ଜାରି କରିନଥିଲେ । ଏହା ସୂଚିତ କରେ ଯେ ପିଡବ୍ଲୁଏମ ନିୟମାବଳୀ ସଂମ୍ପୂର୍ଣ୍ଣ ରୁପେ କାର୍ଯ୍ୟକାରୀ ହେଉନାହିଁ  ଯାହା ଫଳରେ ବଜାରରେ ଆବର୍ଜନା ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ପରିବହନ ପାଇଁ ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦ ଉପଲବ୍ଧ ହେଉଛି ।

## 6.1.2.2 ପ୍ଲାଷ୍ଟିକ୍ ସାଚେଟ୍ ର ବ୍ୟବହାର

ପିଡବ୍ଲୁଏମ ନିୟମ ର ଧାରା 4(ଚ) (ଛ) ଧାର୍ଯ୍ୟ କରୁଛି ଯେ ଗୁଟଖା, ତମାଖୁ ଏବଂ ପାନ ମସଲା ସଂରକ୍ଷଣ, ପ୍ୟାକ୍ କିମ୍ବା ବିକ୍ରୟ ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ରେ ନିର୍ମିତ  ସାଚେଟ୍ ବ୍ୟବହାର କରାଯିବ ନାହିଁ ।

ଯାଞ୍ଚ ହୋଇଥିବା ସମସ୍ତ ୟୁଏଲବି ର ବଜାରରେ ମିଳିତ ଯାଞ୍ଚ ବେଳେ ଅଡିଟ୍ ଦେଖିବାକୁ ପାଇଥିଲା ଯେ ବିକ୍ରେତାମାନେ ଗୁଟ୍‌ଖା , ତମାଖୁ ଏବଂ ପାନ ମସାଲା ସଂରକ୍ଷଣ,ପ୍ୟାକ୍ କରିବା , ବିକ୍ରୟ କରିବା ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରୁଥିଲେ ଯାହା ରାଜ୍ୟ ରେ ପିଡବ୍ଲୁଏମ ନିୟମକୁ କାର୍ଯ୍ୟକାରୀ କରିବାରେ ଅଭାବକୁ ଦର୍ଶାଏ ।

ସରକାର କହିଲେ (ମଇ 2022) ଯେ, ୟୁଏଲବି ସ୍ତରରେ ଏକ କମିଟି ଗଢାଯାଇ ତାର ମାଧ୍ୟମରେ   ପ୍ଲାଷ୍ଟିକ ଉପରେ ବ୍ୟାନ୍ କୁ ସଶକ୍ତ କରାଯାଇଛି । ଆଇସି ଏବଂ ବ୍ୟବହାର ପରିବର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ବିରାଟ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କୁ ବାରଣ କରାଯାଇଥିବା ପ୍ଲାଷ୍ଟିକ୍ ବିଷୟରେ ଅବଗତ କରାଯାଉଅଛି । ପରନ୍ତୁ, ପିଡବ୍ଲୁଏମ ନିୟମ ଲାଗୁ ହେବାର ପାଞ୍ଚ ବର୍ଷ ପରେ ମଧ ପ୍ଲାଷ୍ଟିକ୍ ବାରଣ ଲାଗି ନିଆଯାଇଥିବା ପଦକ୍ଷେପ ପ୍ରଭାବହୀନ ଥିଲା ।

## 6.1.3 ବିକଳ୍ପ ବ୍ୟବହାରକରୀଙ୍କ ପାଇଁ ପ୍ଲାଷ୍ଟିକ୍ ର ବ୍ୟବହାର ନହେବା

ପିଡବ୍ଲୁଏମ ନିୟମ, 2016 ର ଧାରା 5(ଖ) ରେ ଦର୍ଶାଯାଇଛି ଯେ ମ୍ୟୁନିସିପାଲିଟି କର୍ତ୍ତୁପକ୍ଷ/ସ୍ଥାନୀୟ ସଂସ୍ଥା ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ (ଆଇଆରସି) ନିର୍ଦ୍ଦେଶାବଳୀ ଅନୁଯାୟୀ ସଡକ ନିର୍ମାଣ କିମ୍ବା ଶକ୍ତି ପୁନରୁଦ୍ଧାର କିମ୍ବା ବର୍ଜ୍ୟବସ୍ତୁ ରୁ ତେଲ ଇତ୍ୟାଦି ପାଇଁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାରକୁ (ବିଶେଷତଃ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଯାହା ପୁନଃ ବ୍ୟବହାର ହୋଇପାରିବ ନାହିଁ ) ଉତ୍ସାହିତ କରିବା କଥା । ସଡକ ନିର୍ମାଣ କାର୍ଯ୍ୟ ପାଇଁ ଓ୍ୱେରିଂ କୋର୍ସରେ (ଆରସି-ଏସପି-98-2013) ଗରମ ବିଟୁମିନସ୍ ସହ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ମିଶ୍ରଣର ବ୍ୟବହାର ପାଇଁ ଆଇଆରସି ନିର୍ଦ୍ଦେଶାବଳୀ ଜାରି କରିଛି କାରଣ ବିଟୁମିନସ ନିର୍ମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବହୁଳ ବ୍ୟବହାର ହୋଇପାରିବ । ଏହା ସ୍ଥାୟୀତ୍ୱ, ଶକ୍ତି ଏବଂ ବିଟୁମିନସ୍ ର ଅନ୍ୟାନ୍ୟ ଗୁଣବତ୍ତାକୁ ବଢାଇଥାଏ ଯାହଫଳରେ ରାସ୍ତା ଦୀର୍ଘସ୍ଥାୟୀ ହେବା ସହ ସୁଗମ୍ୟ ହୋଇଥାଏ ।

ସମୀକ୍ଷାରୁ ଦେଖାଗଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା  ୟୁଏଲବି ଗୁଡିକ ମଧ୍ୟରୁ କୌଣସି ଟି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ  ରାସ୍ତା ନିର୍ମାଣ/ଶକ୍ତି/ବର୍ଜ୍ୟ ରୁ ତେଲ ଇତ୍ୟାଦି ଲାଗି ବ୍ୟବହାର କରୁନଥିଲେ । ଅଡିଟ୍ ରେ ଏହା ମଧ ଦେଖାଗଲା ଯେ ୟୁଏଲବି ମାନଙ୍କ ଦ୍ୱାରା ଜବତ ହୋଇଥିବା ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ କୁ ରାସ୍ତା ନିର୍ମାଣରେ ବ୍ୟବହାର ଲାଗି କୌଣସି ନିର୍ମାଣକାରୀ ଙ୍କ ପାଖକୁ ପଠାଯାଇନଥିଲା ଯାହା ୟୁଏଲ୍‌ବି ମାନଙ୍କ ଦ୍ୱାରା ପଦକ୍ଷେପ ର ଅଭାବ କୁ ଦର୍ଶାଉଥିଲା ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ରେ ପ୍ଲାଷ୍ଟିକ୍ ର ସହ-ପ୍ରକ୍ରିୟାକରଣ ସିମେଣ୍ଟ କାରଖାନାରେ ଅନୁସରଣ କରାଯାଉଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ , ପରିକ୍ଷା ଯାଞ୍ଚ ହୋଇଥିବା  21 ଟି ୟୁଏଲବି ମଧ୍ୟରୁ କେବଳ ଦୁଇଟି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟ ନିକଟସ୍ଥ ସିମେଣ୍ଟ କାରଖାନାକୁ ପଠାଇଥିଲେ । ଅଧିକନ୍ତୁ, ଏହି ଉତ୍ତରଟି ପ୍ଲାଷ୍ଟିକ୍ ବର୍ଜ୍ୟକୁ ରାସ୍ତା, ଶକ୍ତି ହାସଲ, ବର୍ଜ୍ୟରୁ ତେଲ ଇତ୍ୟାଦି ଲାଗି ବ୍ୟବହାର ବିଷୟରେ ନିରବ ଥିଲା ।

## 6.1.4 ଗୋରୁଙ୍କ ଦ୍ୱାରା ପ୍ଲାଷ୍ଟିକ୍ ଭକ୍ଷଣ

ଏମଏସଡବ୍ଲୁ ନିୟମ, 2000 ର କାର୍ଯ୍ୟସୁଚୀ II(vii) ଅନୁଯାୟୀ, ବର୍ଜ୍ୟବସ୍ତୁ ସଂରକ୍ଷଣ ସୁବିଧାକୁ ଏପରି ପରିଚାଳନା କରାଯିବା ଉଚିତ୍ ଯେ ବୁଲା ପଶୁମାନେ ସେ ଅଞ୍ଚଳରେ ପ୍ରବେଶ କରିପାରିବେ ନାହିଁ । ଘର ମାନଙ୍କରୁ ଉତ୍ପନ୍ନ ହେଉଥିବା ṁବର୍ଜ୍ୟବସ୍ତୁର ନିମ୍ନମାନର ପୃଥକିକରଣ ଯୋଗୁଁ ରୋଷେଇଘରର ଆବର୍ଜନା/ପ୍ଲାଷ୍ଟିକ୍ ବ୍ୟାଗ୍ ରେ ପ୍ୟାକିଂ ହୋଇଥିବା ବଳକା ଖାଦ୍ୟ ଲ୍ୟାଣ୍ଡଫିଲ୍ ଏବଂ ଡମ୍ପିଂୟାର୍ଡରେ ସଠିକ୍ ଭାବରେ ପକାଯାଉନଥିଲା । ଗୋରୁଗାଇ ପ୍ଲାଷ୍ଟିକ୍ ପ୍ୟାକିଂ ସହ ବଳକା ଖାଦ୍ୟ କୁ ଖାଉଥିଲେ । ଓଡିଶା ସରକାର ଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏକ ଆଦେଶ ଜାରି କରିଥିଲେ (ସେପ୍ଟେମ୍ବର 2018) ଯେ ଯଦି ଗାଇଗୋରୁ ପ୍ଲାଷ୍ଟିକ୍ ଖାଆନ୍ତି ତେବେ ପାକସ୍ଥଳୀ ରେ ଅବରୋଧ ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇପାରେ ।



ଫଟୋଗ୍ରାଫ୍ 23: ବୁଲା ପଶୁ ଭୁଆସୁଣି ଡମ୍ପିଂୟାର୍ଡରେ ପ୍ଲାଷ୍ଟିକ୍ ଆବର୍ଜନା ଖାଉଛନ୍ତି



ଫଟୋଗ୍ରାଫ୍ 24: ବୁଲାଗୋରୁଗାଇ ପୁରୀ ବଳିଆପଣ୍ଡା ଡମ୍ପିଂୟାର୍ଡରେ ପ୍ଲାଷ୍ଟିକ୍ ଆବର୍ଜନା ଖାଉଛନ୍ତି

ମିଳିତ ଯାଞ୍ଚ ବେଳେ ଅଡିଟ୍ ଲକ୍ଷ୍ୟ କଲା ଯେ ବୁଲା ଗୋରୁ ଗାଇ କଠିନ ବର୍ଜ୍ୟବସ୍ତୁ ଡମ୍ପିଂ ଅଞ୍ଚଳରେ ଖାଉଥିଲେ ଏବଂ ଏହାମଧ ଦେଖାଗଲା ଯେ ପ୍ଲାଷ୍ଟିକ୍ ଥଳୀ ରେ ଥିବା ଖାଦ୍ୟର ବର୍ଜ୍ୟବସ୍ତୁ କୁ ଖୋଲାଇ ପକାଇବା ସହ ପ୍ଲାଷ୍ଟିକ୍ ପ୍ୟାକେଟ କୁ ମଧ ଖାଉଥିଲେ ଯାହା ଅପରିଚ୍ଛନ୍ନ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା । ଅଡିଟ୍ କରିଥିବା ପ୍ରଶ୍ନର ପ୍ରତିଜବାବରେ, ପୁରୀ ଜିଲ୍ଲା ମୁଖ୍ୟ ପଶୁପାଳନ ଅଧିକାରୀ କହିଲେ ଯେ 2015-21 ମଧରେ ବୁଲା ଗୋରୁଗାଇ ପ୍ଲାଷ୍ଟିକ୍ ଖାଇଥିବା 107 କେସ୍ ମଧରୁ 84 ଟି କେସ୍ ରେ ଅସ୍ତ୍ରୋପଚାର ସତ୍ତ୍ୱେ ପଶୁଗୁଡିକ ମୃତ୍ୟୁବରଣ କରିଥିଲେ ।

ସରକାର କହିଲେ (ମଇ 2022) ଯେ, ଡମ୍ପିଂୟାର୍ଡ ଗୁଡିକର ପୁନରୁଦ୍ଧାର ଲାଗି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ବୁଲା ପଶୁ /ଗାଈଗୋରୁ ବର୍ତ୍ତମାନ ସୁଦ୍ଧା ପ୍ଲାଷ୍ଟିକ୍ ବ୍ୟାଗ ରେ ଥିବା ବର୍ଜ୍ୟ ଖାଦ୍ୟ ଖାଉଛନ୍ତି ।

## 6.1.5 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଲାଗି ବ୍ୟବହାର ଶୁଳ୍କ ଆଦାୟ ନ ହେବା

ପିଡବ୍ଲୁଏମ୍ ନିୟମ 2016 ର ଧାରା 8(3) ଅନୁଯାୟୀ ସମସ୍ତ ବର୍ଜ୍ୟ ଉତ୍ପନ୍ନକାରୀ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଯେପରି କି ଆବର୍ଜନା ସଂଗ୍ରହ କିମ୍ବା ସେଠି ଥିବା ସୁବିଧା ଇତ୍ୟାଦିର ବ୍ୟବହାର ନିମନ୍ତେ ୟୁଏଲବି ର ବାଇ-ଲ ଅନୁଯାୟୀ ନିର୍ଦ୍ଧାରିତ ବ୍ୟବହାରିକ ଶୁଳ୍କ କିମ୍ବା ଦେୟ ପ୍ରଦାନ କରିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ କୌଣସି ବି ୟୁଏଲବି ପିଡବ୍ଲୁଏମ ନିମନ୍ତେ ବାଇ-ଲ ପ୍ରସ୍ତୁତ କରିନାହାନ୍ତି କିମ୍ବା ବର୍ଜ୍ୟ ଉତ୍ପନ୍ନକାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ କରିନାହାନ୍ତି । ପିଡବ୍ଲୁଏମ ନିୟମ ଗଠନ/ଲାଗୁ ନ ହେବା ଯୋଗୁଁ ୟୁଏଲବି ଗୁଡିକର ଅର୍ଥହାନି ହେଲା ।

ସରକାର କହିଲେ (ମଇ 2022) ଯେ, ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ସଂଶୋଧନ (ଅଗଷ୍ଟ 2021) ଗୁଡିକୁ ସମ୍ମୋଧନ କରି ବାଇ-ଲ ପ୍ରସ୍ତୁତ ହୋଇ ଆଇନ ବିଭାଗ ଦ୍ୱାରା ତର୍ଜମା କରାଯାଇଛି, ଯାହା ଖୁବ୍ ଶିଘ୍ର ପ୍ରକାଶିତ ହେବ । ପରନ୍ତୁ, ତଥ୍ୟ ଏହା ଯେ , ନିୟମ ପ୍ରଣୟନ ହେବାର ପାଞ୍ଚ ବର୍ଷ ପରେ ମଧ ବିଭାଗ ପ୍ଲାଷ୍ଟିକ୍ ବାଇ-ଲ ପ୍ରକାଶ କରିବାରେ ବିଫଳ ହୋଇଥିଲା ।

## 6.2 ଇ-ବର୍ଜ୍ୟବସ୍ତୁ ପରିଚାଳନା

ଇ-ବର୍ଜ୍ୟ (ପରିଚାଳନା ଏବଂ ନିୟନ୍ତ୍ରଣ ) ନିୟମ 2011 ରେ ଅଧିସୂଚିତ ହୋଇଥିଲା ଏବଂ 1 ମଇ 2012 ରୁ କାର୍ଯ୍ୟକାରୀ ହୋଇଥିଲା । ଏହି ନିୟମ ଇ-ବର୍ଜ୍ୟ ପରିଚାଳନା ନିୟମ 2016 ଦ୍ୱାରା ବଦଳା ଯାଇଥିଲା ଯାହା 1ଅକ୍ଟୋବର 2016 ରୁ କାର୍ଯ୍ୟକାରୀ ହୋଇଥିଲା । ଏହି ନିୟମ ଇ-ବର୍ଜ୍ୟ ସହ ଜଡିତ ସମସ୍ତ ନିର୍ମାତା,କ୍ରେତା/ବଡ କ୍ରେତା,ସଂଗ୍ରହ କେନ୍ଦ୍ର, ଭାଙ୍ଗିବା ଏବଂ ପୁନଃପ୍ରକ୍ରିୟାକାରୀ ଯେଉଁମାନେ ନିର୍ମାଣ,ବିକ୍ରୀ ଏବଂ ବିଦ୍ୟୁତ୍ ଓ ବୈଦ୍ୟୁତିକ ଉପକରଣ କ୍ରୟ ଏବଂ ଏହାର ଉପଯୋଗ କିମ୍ବା ସିଡ୍ୟୁଲ୍- I ରେ ଦର୍ଶାଯାଇଥିବା ଏହାର ଉପାଦାନ ଏବଂ ଯେଉଁଥିରେ ସେମାନଙ୍କ ଉପାଦାନ, ଯନ୍ତ୍ରାଂଶ ଏବଂ ଉପଯୋଗୀ ସାମଗ୍ରୀ ଅର୍ନ୍ତଭୁକ୍ତ ଯାହା ଉତ୍ପାଦକୁ କାର୍ଯ୍ୟକ୍ଷମ କରିଥାଏ ସେ ସବୁ ପାଇଁ ପ୍ରଜୁଯ୍ୟ ।

### 6.2.1 ଇ-ବର୍ଜ୍ୟବସ୍ତୁ ପରିଚାଳନା ର ସ୍ଥିତି

ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 2015-20 ମଧରେ ରାଜ୍ୟରେ ସଂଗୃହିତ 14,894 ମ୍ୟାଟ୍ରିକ୍ ଟନ୍ ଇ-ବର୍ଜ୍ୟ ପୁନଃପ୍ରକ୍ରିୟାକରଣ / ପ୍ରଣାଳିକୃତ ହୋଇନଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଇ-ବର୍ଜ୍ୟ ର ପୁନଃବ୍ୟବହାର ପାଇଁ ଲାଗି ଏସପିସିବି ବର୍ଜ୍ୟବସ୍ତୁ କୁ ଭାଙ୍ଗିବା ପାଇଁ ପାଞ୍ଚଟି, ଦୁଇଟି ସଂଗ୍ରହ କେନ୍ଦ୍ର, ଗୋଟିଏ ପ୍ରାଚୀର ଯୁକ୍ତ ସଂଗ୍ରହ କେନ୍ଦ୍ର, ଶୁନ ପୁନଃ ବ୍ୟବହାରକାରୀ/ ନବୀକରଣ ଲାଗି ସମ୍ମତି ପ୍ରଦାନ କରିଥିଲେ । ପୁନଃବ୍ୟବହାରକୀ/ନବୀକରଣକାରୀଙ୍କ ଅନୁପସ୍ଥିତିରେ ଇ-ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ଯାଇପାରିଲା ନାହିଁ ଏବଂ ପରିଶେଷରେ ଡମ୍ପିଂ ଜାଗାରେ ପକାଗଲା । ପ୍ରବେଶ ସମ୍ମିଳନୀ ରେ ଗୃହ ଓ ନଗର ଉନ୍ନୟନ ବିଭାଗର ଡିଏମଏ ନିଶ୍ଚିତ କଲେ (ଫେବୃଆରୀ 2021) ଯେ ୟୁଏଲବି ଗୁଡିକ ଇ-ବର୍ଜ୍ୟ ପରିଚାଳନା ନିୟମ ପ୍ରଣୟନ କରିନାହାନ୍ତି ।

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକ ଦୁଇଟି ସ୍ବୀକୃତ ଦିନରେ ଇ-ବର୍ଜ୍ୟ ସଂଗ୍ରହ କରିବାକୁ ପ୍ରୟାସ କରିଛନ୍ତି । ପରନ୍ତୁ , ଇ-ବର୍ଜ୍ୟ ପରିଚାଳନା ନିୟମ ର ପ୍ରଣୟନ ଉତ୍ସାହହୀନ ହୋଇଯାଇଥିଲା ।

### 6.2.2 ୟୁଏଲବି ଦ୍ୱାରା ଇ-ବର୍ଜ୍ୟବସ୍ତୁ ର ଅବଧାରଣ

ଇଡବ୍ଲୁଏମ୍ ନିୟମ,2016 ର ଧାରା 15 ଦର୍ଶାଏ ଯେ ପ୍ରତ୍ୟେକ ଉତ୍ପାଦନକାରୀ,ନିର୍ମାତା,ବଡ କ୍ରେତା,ସଂଗ୍ରହ କେନ୍ଦ୍ର, ଡିଲର, ନବୀକରଣକାରୀ , ଭଗ୍ନକାରୀ ଏବଂ ପୁନଃବ୍ୟବହାରକାରୀ ଇ-ବର୍ଜ୍ୟକୁ 180 ଦିନ ରୁ ଅଧିକ ଧରି ରଖିପାରିବେନି ଏବଂ ସଂଗୃହୀତ, ବିକ୍ରୀ, ସ୍ଥାନାନ୍ତର ଏବଂ ମହଜୁଦ ଇ-ବର୍ଜ୍ୟର ରେକର୍ଡ ପ୍ରଚଳନ କରି ଏହାକୁ ନିରୀକ୍ଷଣ ପାଇଁ ଉପଲବ୍ଧ କରିବେ । ଅତ୍ୟଧିକ ପରିମାଣ ର ବର୍ଜ୍ୟବସ୍ତୁ ମହଜୁଦ୍ କରି ରଖିବା ଦ୍ୱାରା ଏହା ୟୁଏଲବିର ଅଞ୍ଚଳରେ ଅଧିକ ଜାଗା ଅକ୍ତିଆର କରି ଅଞ୍ଚଳ ରେ ଅସ୍ୱାସ୍ଥ୍ୟକର / ଅପରିଚ୍ଛନ୍ନ ସ୍ଥିତି ସୃଷ୍ଟି କରିବ । ତେଣୁ , ୟୁଏଲବି ମାନଙ୍କ ଦ୍ୱାରା ସମୟାନୁକ୍ରମେ ଇ- ବର୍ଜ୍ୟବସ୍ତୁ ର ନିଷ୍କାସନ କରିବା ଦରକାର ।

ଅଡିଟ୍ ନିରୀକ୍ଷଣ କଲା ଯେ ୟୁଏଲବି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଚୁର ପରିମାଣର ଇ-ବର୍ଜ୍ୟ ବସ୍ତୁ ଉତ୍ପନ୍ନ କରାଯାଇଥିଲା ଯଥା, ଟ୍ୟୁବ୍ ଲାଇଟ୍,ପୁରୁଣା ମନିଟର/ଡେସ୍କଟପ୍ କଂପ୍ୟୁଟର/ବ୍ୟାଟେରୀ ଗୁଡିକ ୟୁଏଲବି ଅଞ୍ଚଳରେ ଜମା କରାଯାଇଥିଲା ଯାହା ନିମ୍ନ ଫଟୋଗ୍ରାଫ୍ ରେ ଦିଆଯାଇଛି । ଏହା ଦର୍ଶାଉଥିଲା ଯେ ଏଗୁଡିକ ବହୁ ବର୍ଷ ହେଲା ୟୁଏଲବି ଦ୍ୱାରା ନିଷ୍କାସନ କରାଯାଇ ନାହିଁ । ୟୁଏଲବି ଦ୍ୱାରା ଉତ୍ପାଦିତ ଇ-ବର୍ଜ୍ୟବସ୍ତୁ କୁ 180 ଦିନ ରୁ ଅଧିକ ମହଜୁଦ୍ କରି ରଖିବା ଏହି ନିୟମଗୁଡିକର ବିରୁଦ୍ଧାଚରଣ କରୁଥିଲା ।



ଫଟୋଗ୍ରାଫ୍ 25: ଇ-ବର୍ଜ୍ୟ ଭଦ୍ରକ ମ୍ୟୁନିସିପାଲିଟି କ୍ୟାମ୍ପସ୍ ଷ୍ଟୋର୍ ରୁମ ରେ ମହଜୁଦ୍ ହୋଇଛି



ଫଟୋଗ୍ରାଫ୍ 26: ପୁରୀ ମ୍ୟୁନିସିପାଲିଟି କ୍ୟାମ୍ପସ୍ ଷ୍ଟୋର ରୁମ ରେ ମହଜୁଦ୍ ଇ-ବର୍ଜ୍ୟ ବସ୍ତୁ

### 6.2.3 ୟୁଏଲବି ଦ୍ୱାରା ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମଗୁଡିକର ଅନୁପାଳନ ନହେବା

ଇଡବ୍ଲୁଏମ ନିୟମ, 2016 ର ସାରଣୀ IV(3) ଦର୍ଶାଏ ଯେ ଏହା ୟୁଏଲବି ମାନଙ୍କର ନିଶ୍ଚିତ କରିବା ଦାୟିତ୍ୱ ଯେ ଇ- ବର୍ଜ୍ୟବସ୍ତୁ କଠିନ ବର୍ଜ୍ୟବସ୍ତୁ ସହ ମିଶ୍ରିତ ହେବା କିମ୍ବା ଅରଫାନ୍[35] ଉତ୍ପାଦ ଉତ୍ପାଦନ ହେବା ପୂର୍ବରୁ ସଠିକ୍ ଭାବେ ପୃଥକିକୃତ,ସଂଗୃହୀତ ଏବଂ ଅଧିକୃତ ଭଗ୍ନକାରୀ କିମ୍ବା ପୁନଃବ୍ୟବହାରକାରୀ ଙ୍କ ପାଖରେ ପହଞ୍ଚିବା ଦରକାର ।

ଅଡିଟ୍ ନିରୀକ୍ଷଣ କଲା ଯେ ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟରେ ଇ-ବର୍ଜ୍ୟବସ୍ତୁର ପୁନଃ ପ୍ରକ୍ରିୟାକରଣ/ପ୍ରଣାଳୀକୃତ କରିବା ଲାଗି ଅଧିକୃତ ପୁନଃବ୍ୟବହାରକାରୀ ନ ଥିଲେ । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବିଗୁଡିକରେ ଇ-ବର୍ଜ୍ୟବସ୍ତୁ କୁ ଅଲଗା ଭାବରେ ପରିବାର ମାନଙ୍କ ଦ୍ୱାରା ଦିଆଯାଉନଥିଲା ଏବଂ ଏହା କଠିନ ବର୍ଜ୍ୟବସ୍ତୁ ସହ ମିଶୁଥିଲା ।ଅଡିଟ୍ ଜାନୁଆରୀ 2021 ରେ ମନ୍ତବ୍ୟ ଦେଲା ପରେ ବିଏମସି ଘରମାନଙ୍କରୁ ଇ-ବର୍ଜ୍ୟ ସଂଗ୍ରହ କରିବାଲାଗି ପ୍ରଚାର ପାଇଁ

[35] ଅରଫାନ୍ ଉତ୍ପାଦ ହେଉଛି ଇଡବ୍ଲୁଏମ ନିୟମ ର ଅନୁସୂଚୀ – I ଦର୍ଶାଯାଇଥିବା ଅଣ-ବ୍ରାଣ୍ଡେଡ୍ କିମ୍ବା ବିଭିନ୍ନ ବିଦ୍ୟୁତ୍ ଏବଂ ବୈଦୁତିକ ଉପକରଣ ମିଶ୍ରଣରୁ ତିଆରି ଉପକରଣ କିମ୍ବା କୌଣସି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ଯାହାର ଉତ୍ପାଦନ ବନ୍ଦ ହୋଇଛି କିମ୍ବା କମ୍ପାନୀ ଏହାର ଉତ୍ପାଦନ ପାଇଁ ସହଯୋଗ କରୁନାହିଁ

ପଦକ୍ଷେପ ନେଇଥିଲା(ଜୁଲାଇ 2021) । ଯାହାହେଉ, ଇ-ବର୍ଜ୍ୟବସ୍ତୁ ର ପ୍ରକ୍ରିୟାକରଣ କୁ ବଢ଼ାଇବା ପାଇଁ ଅଣ-ସରକାରୀ ସଂସ୍ଥା/ଏସଏଚଜି/ନୂତନ/ ବେସରକାରୀ ଉଦ୍ୟୋଗ ସହ ସହଭାଗିତା ପାଇଁ ପଦକ୍ଷେପ ନିଆଯାଇନଥିଲା ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବର୍ଜ୍ୟ ସଂଗ୍ରହ କରି ପ୍ରାଧିକୃତ ପୁନଃ ପ୍ରକ୍ରିୟାକାରୀ/ ଡିସମେଣ୍ଟଲର୍ ମାନଙ୍କୁ ଦେବେ । ପରନ୍ତୁ , ତଥ୍ୟ ଏହା ଯେ , ମାର୍ଚ୍ଚ 2021 ସୁଦ୍ଧା ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ଟି ୟୁଏଲବି ଘର ମାନଙ୍କରୁ ଇ-ବର୍ଜ୍ୟ ସଂଗ୍ରହ କରିନଥିଲେ, ଯାହା ଇ-ବର୍ଜ୍ୟ ପରିଚାଳନାର ପ୍ରତିଶୃତିବଦ୍ଧତାର ଅଭାବ କୁ ଦର୍ଶାଉଥିଲା ।

## 6.3 ମେଡିକାଲ ଜୈବ-ବର୍ଜ୍ୟବସ୍ତୁ ର ପରିଚାଳନା

ଜିଓଆଇ (ଜୁଲାଇ 1998) ରେ ନୋଟିସ ଜାରି କରିଥିଲେ ଯେ ମେଡିକାଲ ଜୈବ-ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ସମ୍ଭାଳିବା ) ନିୟମ, 1998(ବିଏମଡବ୍ଲୁ ନିୟମ) ଯାହା ଦେଶରେ ଉତ୍ପାଦିତ ହେଉଥିବା ମେଡିକାଲ ବର୍ଜ୍ୟବସ୍ତୁ ର ପରିଚାଳନା ଲାଗି ଏକ ନିୟନ୍ତ୍ରକ ଢାଞ୍ଚା ପ୍ରଦାନ କରେ । ଏହି ନିୟମକୁ ଜିଓଆଇ ନୋଟିସ୍ (ମାର୍ଚ୍ଚ 2016) ଦ୍ୱାରା ବିଏମଡବ୍ଲୁ ନିୟମ 2016 ରେ ବଦଳାଯାଇଥିଲା ।

ଏସପିସିବି ହେଉଛି ଏହି ନିୟମର ବ୍ୟବସ୍ଥା ଗୁଡିକୁ ପ୍ରଚଳନ କରିବା ଲାଗି ନାମିତ ପ୍ରାଧିକାରୀ । ପରିମାଣ ନିର୍ବିଶେଷରେ ବିଏମଡବ୍ଲୁ କୁ ପରିଚାଳିତ କରୁଥିବା ପ୍ରତ୍ୟେକ ଏଇଚସିଇ କିମ୍ବା ପରିଚାଳକ ଏସ୍‌ପିସିଭି ଠାରୁ ପ୍ରାଧିକରଣ ହାସଲ କରିବା ଦରକାର ଏବଂ ପୃଥକିକୃତ ବର୍ଜ୍ୟ ଗୋଟିଏ ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ସୁବିଧା (ସିବିଏମଡବ୍ଲୁଟିଏଫ) କୁ ଉପଚାର, ପ୍ରକ୍ରିୟାକରଣ ଏବଂ ଶେଷରେ ନିଷ୍କାସନ ପାଇଁ ଦେବା ଦରକାର । ଗ୍ରାମୀଣ କିମ୍ବା ଅପହଞ୍ଚ ଅଞ୍ଚଳରେ ଯେଉଁଠି ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ପାଖକୁ ନେବାକୁ ସୁବିଧା ନାହିଁ ସେଠାରେ ଦର୍ଶାଯାଇଥିବା ନିୟମ ଅନୁଯାୟୀ ନିର୍ଦ୍ଧାରିତ ଅଧିକାରୀଙ୍କ ଅନୁମତି ନେଇ ଗଭୀର ଖାତ ରେ ବର୍ଜ୍ୟବସ୍ତୁ ପୋତାଯାଇପାରେ ।

### 6.3.1 ଓଡିଶାରେ ମେଡିକାଲ ଜୈବ-ବର୍ଜ୍ୟବସ୍ତୁ ର ସ୍ଥିତି

ରାଜ୍ୟରେ 2015-16 ରୁ 2019-20 ମଧ୍ୟରେ ଉତ୍ପନ୍ନ ଏବଂ ନିଷ୍କାସନ ହୋଇଥିବା ବିଏମଡବ୍ଲୁ ର ପରିମାଣ ଚାର୍ଟ - 2 ରେ ଦର୍ଶାଯାଇଛି




*(ଉତ୍ସ : ଏସପିସିବି ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ଚାର୍ଟ ଦର୍ଶାଏ ଯେ ରାଜ୍ୟରେ 2015-16 ରୁ କାର୍ଯ୍ୟକରୁଥିବା ଏଇଚସିଇ ଗୁଡିକର ସଂଖ୍ୟା 2019-20 ମଧ୍ୟରେ 1,898 ରୁ 3,509 କୁ ବୃଦ୍ଧି ପାଇଥିଲା (85 ପ୍ରତିଶତ) ଏବଂ ଆବର୍ଜନା ଉତ୍ପାଦନ ଦୈନିକ 12,921 କି.ଗ୍ରା. ରୁ 17,993 କି.ଗ୍ରା. କୁ ବୃଦ୍ଧି ପାଇଥିଲା (39 ପ୍ରତିଶତ) । ଯଦିଓ ଏଇଚସିଇ ଏବଂ ବିଡବ୍ଲୁଏମ ଉତ୍ପାଦନ ବୃଦ୍ଧି ଘଟିଥିଲା, ନିଜସ୍ୱ କ୍ୟାପଟିଭ୍ ଟ୍ରିଟମେଣ୍ଟ ସୁବିଧାର ସୃଷ୍ଟି କିମ୍ବା ଗଭୀର ଖାତରେ ପୋତିବା ଏବଂ ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ସୁବିଧା ଯୋଗୁଁ ଅଣଉପଚାର ବିଏମଡବ୍ଲୁ ର ପରିମାଣ ନଅ ପ୍ରତିଶତ (2015-

16) ରୁ ଚାରି ପ୍ରତିଶତ (2019-20) କୁ ହ୍ରାସପାଇଥିଲା । ଏଇଚସିଇ ଦ୍ୱାରା ବିଏମଡବ୍ଲୁ ର ଉପଚାର ପାଇଁ ପଦକ୍ଷେପ ପ୍ରଶଂସାଯୋଗ୍ୟ ଥିଲା ।

## 6.3.2 ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ମାନଙ୍କ ପ୍ରାଧିକରଣର ସ୍ଥିତି

ଅଡିଟ୍ ନୀରିକ୍ଷଣ କଲା (ଡିସେମ୍ବର 2020) ଯେ ନଭେମ୍ବର 2020 ସୁଦ୍ଧା ଓଡିଶାରେ 3,603 ସ୍ୱାସ୍ଥ୍ୟ ଚିକିତ୍ସା ପ୍ରତିଷ୍ଠାନ (ଏଇଚସିଇ) କାର୍ଯ୍ୟ କରୁଛି, ଯେଉଁଥିରେ ଡାକ୍ତରଖାନା, ନର୍ସିଂହୋମ୍ ଏବଂ ପ୍ରାଣୀ ଚିକିତ୍ସା ପ୍ରତିଷ୍ଠାନ, ଡାଇଗ୍ନୋଷ୍ଟିକ୍ ଲାବୋରାଟୋରୀ, କ୍ଲିନିକାଲ୍ ଗବେଷଣା ଇତ୍ୟାଦି ଅର୍ନ୍ତଭୁକ୍ତ । ଶଯ୍ୟା ଏବଂ ଶଯ୍ୟାହୀନ ସରକାରୀ ଏଚସିଇ ଗୁଡିକ ଏବଂ ପ୍ରାଧିକୃତ ଅଣସରକାରୀ ଏଚସିଇ ଗୁଡିକର ବିସ୍ତୃତ ବିବରଣୀ ନିମ୍ନ ସାରଣୀ ରେ ଦିଆଯାଇଛି ।

**ସାରଣୀ - 6.2: ନଭେମ୍ବର 2020 ସୁଦ୍ଧା ରାଜ୍ୟ ସରକାରୀ ସ୍ୱାସ୍ଥ୍ୟ ସେବା ସୁବିଧା (ଏଚସିଇଏଫ) /ରାଜ୍ୟ ସରକାରଙ୍କ ଏଚସିଇଏଫ ବ୍ୟତିତ ଅନ୍ୟାନ୍ୟ ପ୍ରାଧିକରଣ ସ୍ଥିତି ।**

| ସରକାରୀ ଏଇଚସିଇ ର ବର୍ଗ | ସମୁଦାୟ ଏଇଚସିଇ ରେ ପ୍ରଶାସନ ପ୍ରାଧିକରଣ | ପ୍ରାଧିକରଣ ଥିବା ଏଇଚସିଏଫ୍ ଗୁଡିକ (ପ୍ରତିଶତ ରେ ) | ଏଇଚସିଏଫ୍ ଯାହାର ଆବେଦନ ପ୍ରକ୍ରିୟା ଚାଲିଛି | ପ୍ରାଧିକରଣ ନବୀକରଣ ପାଇଁ ଆବେଦନ କରିନଥିବା ଏଇଚସିଏଫ୍ |
|---|---|---|---|---|
| ଶଯ୍ୟା ବିଶିଷ୍ଟ | 545 | 440 (80.73) | 87 | 18 |
| ଶଯ୍ୟାହୀନ | 1,239 | 1,233 (99.52) | 06 | 0 |
| ମୋଟ(କ) | **1,784** | **1,673 (93.78)** | **93** | **18** |
| ରାଜ୍ୟ ସରକାର ବ୍ୟତୀତ ଏଇଚସିଏଫ୍ ର ପ୍ରାଧିକରଣ ସ୍ଥିତି | | | | |
| ଶଯ୍ୟା ବିଶିଷ୍ଟ | 861 | 677 (78.63) | 110 (4 ଟି ପ୍ରତ୍ୟାଖିତ) | 74 |
| ଶଯ୍ୟାହୀନ | 958 | 886 (92.48) | 42 | 30 |
| ମୋଟ(ଖ) | **1,819** | **1,563 (85.93)** | **152** | **104** |
| ମୋଟ( କ+ଖ) | **3,603** | **3,236 (89.81)** | **245** | **122** |

*(ଉତ୍ସ : ବାର୍ଷିକ ରିପୋର୍ଟ ଏବଂ ସମୀକ୍ଷା ବୈଠକରେ ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ )*

ଡିସେମ୍ବର 2020 ସୁଦ୍ଧା,ତିନି ପ୍ରତିଶତ ଏଚସିଇ ଗୁଡିକ(122) ଏସପିସିବି ର ବୈଧ ଅନୁମତି ବିନା କାମ କରୁଥିଲେ । ବୈଧ ଅନୁମତି ବିନା କାର୍ଯ୍ୟ କରିବା ପାଇଁ ଏଚସିଇ ଗୁଡିକ ବିରୁଦ୍ଧରେ ଏସପିସିବି ଦ୍ୱାରା ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଅଡିଟ୍ ହୋଇଥିବା 21 ଟି ସରକାରୀ ଡାକ୍ତରଖାନା (13[36] ଡିଏଚଏଚ, ଚାରୋଟି[37] ସିଏଚସି, ଦୁଇଟି ଏସଡିଏଚ ଏବଂ ଦୁଇଟି[38] ମେଡିକାଲ କଲେଜ) ଯାହା ପରିକ୍ଷା ଯାଞ୍ଚ ହୋଇଥିବା 21 ୟୁଏଲବିର ପରିସର ମଧରେ ଅବସ୍ଥିତ ତାର ରେକର୍ଡ ପରୀକ୍ଷାଯାଞ୍ଚ କରିଛି । ଯାଞ୍ଚ ହୋଇଥିବା 21 ଟି ଏଚସିଇ ମଧ୍ୟରୁ, ଅଡିଟ୍ 10 ଏଚସିଇ ରେ ପ୍ରାଧିକରଣର ଅଭାବ ପାଇଲା ଯାହା ନିମ୍ନରେ ଦିଆଯାଇଛି ।

**ସାରଣୀ - 6.3 : ଯାଞ୍ଚ ହୋଇଥିବା ସରକାରୀ ଏଚସିସି ଗୁଡିକର ପ୍ରାଧିକରଣ ସ୍ଥିତି**

| ଏଚସିଇ ର ନାମ | ପ୍ରାଧିକୃତ ପ୍ରାପ୍ତ କାର୍ଯ୍ୟକ୍ଷମ ଶଯ୍ୟା (ସଂଖ୍ୟାରେ) | ପ୍ରାଧିକରଣ ବୈଧତା | ଏଚସିଇରେ ବିନା ଅନୁମତି ରେ କାର୍ଯ୍ୟକ୍ଷମ ଶଯ୍ୟା ସଂଖ୍ୟା |
|---|---|---|---|
| ବରଗଡ | 91 | 31.03.2024 | 230 |
| ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ, ବାରିପଦା | 350 | 31.03.2021 | ନବୀକରଣ ହୋଇନାହିଁ |
| ଆରଜିଏ. ରାଉରକେଲା | 276 | 31.03.2023 | 400 |
| ଡିଏଚଏଚ, ପୁରୀ | 270 | 31.03.2023 | 450 |
| ଭିମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗୀର | 440 | 31.03.2023 | 550 |

[36] ଡିଏଚଏଚ ପୁରୀ,ଜୟପୁର,ସୁନ୍ଦରଗଡ,ନୂଆପଡା,ସମ୍ବଲପୁର,ଗଞ୍ଜାମ(ବ୍ରହ୍ମପୁର),ଝାରସୁଗୁଡା,ବରଗଡ,ଭଦ୍ରକ,କଟକ,ରାୟଗଡା,ରାଉରକେଲା ସରକାରୀ ହସପିଟାଲ, କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର

[37] ସିଏଚସି ଚାନ୍ଦବାଲି,ରଣପୁର,ହିଞ୍ଜିଳିକଟ୍ ଏବଂ କପିଳେଶ୍ୱର ୟୁପିଏଚସି,ଚୌଦାର,ଏସଡିଏଚ୍, ଗୁଣୁପୁର ଏବଂ ଛତ୍ରପୁର

[38] ମେଡିକାଲ କଲେଜ ଭିମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗିର,ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ, ବାରିପଦା

| ଏଚସିଇ ର ନାମ | ପ୍ରାଧିକୃତ ପ୍ରାପ୍ତ କାର୍ଯ୍ୟକ୍ଷମ ଶଯ୍ୟା (ସଂଖ୍ୟାରେ) | ପ୍ରାଧିକରଣ ବୈଧତା | ଏଚସିଇରେ ବିନା ଅନୁମତି ରେ କାର୍ଯ୍ୟକ୍ଷମ ଶଯ୍ୟା ସଂଖ୍ୟା |
|---|---|---|---|
| ଡିଏଚଏଚ ଭଦ୍ରକ | 223 | 31.03.2023 | 317 |
| କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର | 563 | 31.03.2021 | 700 |
| ଡିଏଚ ଏଚ ରାୟଗଡା | 176 | 31.03.2023 | 234 |
| ଏସଡିଏଚ ହିଞ୍ଜିଳୀକଟ୍ | 16 | 31.03.2024 | 30 |
| ଡିଏଚଏଚ ଝାରସୁଗୁଡା | 300 | 31.03.2021 | ନବୀକରଣ ହୋଇନାହିଁ |

(ଉତ୍ସ : ଯାଞ୍ଚ ହୋଇଥିବା ଏଇଚସିଇ ଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା )

ଅଡିଟ୍ ମନ୍ତବ୍ୟ ଗ୍ରହଣ କରି, ଏସପିସିବି ସଦସ୍ୟ ସଚିବ, କହିଛନ୍ତି (ଫେବୃଆରୀ 2021) ଯେ ବିନା ଅନୁମତିରେ କାର୍ଯ୍ୟ କରିବା ପାଇଁ ଏଚସିଇ ଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସିଡିଏମଓ,ଡିଏଚଏଚ, ପୁରୀ ଏବଂ ଡିଏମଓ-ଏବଂ ଅଧୀକ୍ଷକ, ଡିଏଚଏଚ ଭଦ୍ରକ କହିଛନ୍ତି ଯେ ସେମାନେ ଏସପିସିବିରେ ପ୍ରାଧିକରଣ ପାଇଁ ଆବେଦନ କରିଛନ୍ତି ଯାହା ଏପର୍ଯ୍ୟନ୍ତ ଗ୍ରହଣ ହୋଇନାହିଁ । ଏଚସିଇ ଗୁଡିକ ବିନା ଅନୁମତିରେ ଅତିରିକ୍ତ ଶଯ୍ୟା ସହିତ କାର୍ଯ୍ୟ କରୁଥିବାରୁ ଏବଂ ଅଧିକ ବିଏମଡବ୍ଲୁ ଉତ୍ପାଦନ କରୁଥିବାରୁ ସିଡିଏମଓ ଏବଂ ଏସପିସିବି ର ଉତ୍ତରଗୁଡିକ ଗ୍ରହଣୀୟ ନୁହେଁ ।

## 6.3.3 କଠିନ ବର୍ଜ୍ୟବସ୍ତୁ ସହିତ ବିଏମଡବ୍ଲୁର ମିଶ୍ରଣ

ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ -2 ଏବଂ ବିଏମଡବ୍ଲୁ ନିୟମ 2016 ର ଧାରା 4 (ଘ) (ଙ) ଏବଂ (ଚ) ପ୍ରଦାନ କରେ ଯେ ବିଏମଡବ୍ଲୁ କଠିନ ବର୍ଜ୍ୟବସ୍ତୁ ସହ ମିଶ୍ରିତ ହେବ ନାହିଁ ଏବଂ ଏହିପରି ବର୍ଜ୍ୟବସ୍ତୁର ବିସର୍ଜନ ପାଇଁ ପୃଥକ ଭାବରେ ନିର୍ଦ୍ଧିଷ୍ଟ ନିୟମ ଅନୁସରଣ କରାଯିବ । ବିଏମଡବ୍ଲୁ ନିୟମ 2016 ର ପାରାଗ୍ରାଫ୍ 8 (7) ଅନୁଯାୟୀ , ଚିକିତ୍ସା ହୋଇନଥିବା ବିଏମଡବ୍ଲୁ ଅଠଚାଳିଶ ଘଣ୍ଟା ପରେ ଗଚ୍ଛିତ ରହିବ ନାହିଁ ।



ଫଟୋଗ୍ରାଫ୍ 27: ଜୟପୁର ର ପୁରୁଣା ଡମ୍ପିଂୟାର୍ଡ ଠାରେ

(i) ଚାରୋଟି[39] ଏଚସିଇ ର ମିଳିତ ଯାଞ୍ଚ ସମୟରେ ଏହା ଦେଖାଗଲା ଯେ ବିଏମଡବ୍ଲୁ କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରିତ ହୋଇ ଖୋଲା ସ୍ଥାନରେ ରଖାଯାଇଥିଲା ଏବଂ ଶେଷରେ ଲ୍ୟାଣ୍ଡଫିଲରେ ପକାଗଲା । ଡିଏଚଏଚ ଜୟପୁର ରେ ଏହା ମଧ ଲକ୍ଷ୍ୟ କରାଯାଇଥିଲା , ବିଏମଡବ୍ଲୁ  କୁ କଠିନ ବର୍ଜ୍ୟ ସହ ବିଭିନ୍ନ ରଙ୍ଗର ପାତ୍ରରେ[40] ନିଷ୍କାସନ ପାଇଁ ରଖାଯାଇଥିଲା । ଭୀମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗୀର ର ମିଳିତ ଯାଞ୍ଚ ବେଳେ ଏହା ଦେଖାଗଲା ଯେ ନିୟମ ଅନୁଯାୟୀ  ଷ୍ଟୋରେଜ୍ ଅଞ୍ଚଳ ରୁ ନିର୍ଦ୍ଧିଷ୍ଟ ସମୟ ମଧରେ ବର୍ଜ୍ୟବସ୍ତୁ ନିଷ୍କାସନ ହୋଇନଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା 21 ଏଚସିଇ[41] ମଧରୁ ପାଞ୍ଚଟି ଟି ରେ ବିଏମଡବ୍ଲୁ ତିନି ରୁ ଦଶ ଦିନ ମଧରେ ଉଠାଯାଇଥିଲା । କ୍ୟାମ୍ପସ୍ ଭିତରେ ଜମା ଡମ୍ପିଂ ଅଞ୍ଚଳ ରେ ହୋଇଥିବା ବର୍ଜ୍ୟବସ୍ତୁ ଏବଂ ସେଥିରୁ ନିର୍ଗତ ବର୍ଜ୍ୟ ଦୁର୍ଗନ୍ଧ ଉତ୍ପନ୍ନ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା  । ଏହା କେବଳ ବିଏମଡବ୍ଲୁ ନିୟମ କୁ ଉଲଂଘନ କରୁନଥିଲା ତାହାଛଡା ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ସଂକ୍ରମଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲା ।

[39] ଏଚ ସି ଇ ବରଗଡ,ଜୟପୁର,ସିଏଚସି.ଚାନ୍ଦବାଲି,ଏନଂ ଭିମଭୋଇ ମେଡିକାଲ କଲେଜ ଓ ହସପିଟାଲ,ବଲାଙ୍ଗିର

[40] ହଳଦିଆ ରଙ୍ଗ କଣ୍ଟେନର ମନୁଷ୍ୟ ଶରୀର ଜାତ ବର୍ଜ୍ୟ,ନାଲି ରଙ୍ଗ କଣ୍ଟେନର ସଂକ୍ରମିତ ବର୍ଜ୍ୟ, ଧଳା କଣ୍ଟେନର ଧାତବ ଏବଂ ଧାରୁଆ ବର୍ଜ୍ୟ, ନିଳ କଣ୍ଟେନର କାଚ ବର୍ଜ୍ୟ ଏବଂ କଳା କଣ୍ଟେନର କଠିନ ବର୍ଜ୍ୟବସ୍ତୁ ଲାଗି

[41] ବିଏମଡବ୍ଲୁଏମ ଉଠାଇବାର ବାରମ୍ବାରତା ଆରଜିଏଚ,ଡିଏଚଏଚ(ଦୁଇ ରୁ ପାଞ୍ଚ ଦିନ) କଟକ(ତିନି ରୁ ଚାରି ଦିନ),ଏସଡିଏଚ ଗୁଣପୁର(ସପ୍ତାହକ ଦୁଇ ଦିନ) ,ବଲାଙ୍ଗିର ମେଡିକାଲ କଲେଜ(ସାତଦିନ), ଏବଂ ଏସଡିଏଚ ଚାନ୍ଦବାଲି(ଦଶ ଦିନ)



ଫଟୋଗ୍ରାଫ୍ 28 : ବିବିଏମସି ଏବଂ ଏଇଚ,ବଲାଙ୍ଗୀର କ୍ୟାମ୍ପସ୍ ମଧ୍ୟରେ ମିଶ୍ରିତ ବର୍ଜ୍ୟବସ୍ତୁ



ଫଟୋଗ୍ରାଫ୍ 29 : ଏସଡିଏଇଚ ଗୁଣପୁର କ୍ୟାମ୍ପସ୍ ମଧ୍ୟରେ ମିଶ୍ରିତ ବିଏମଡବ୍ଲୁ

ଡିସି, ସାନିଟେସନ, ସିଏମସି ଏବଂ କାର୍ଯ୍ୟନିବାହୀ ଅଧିକାରୀ ସମ୍ବଲପୁର ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି (ଜାନୁଆରୀ/ଏପ୍ରିଲ 2021) । ସୁପରିନଟେନଡେଣ୍ଟ, ଏସଡିଏଚ ଗୁଣପୁର କହିଲେ ଯେ ପୂର୍ବରୁ ଏକ ସୁରକ୍ଷା ପ୍ରାଚୀର ଥିଲା ଯାହା ଯେସିବି ମେସିନ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ଜମାକଲା ବେଳେ ଭାଙ୍ଗି ଯାଇଛି । ଜୟପୁର ଠାରେ ଡିଏମଓ(ଏମଏସ)-କମ୍-ସୁପରିନଟେନଡେଣ୍ଟ, ଡିଏଚଏଚ କୋରାପୁଟ କହିଲେ ଯେ ଆଉଟସୋର୍ସିଂ ସଂସ୍ଥା କୁ କଠିନ ବର୍ଜ୍ୟବସ୍ତୁ ନିମନ୍ତେ କଳା କଣ୍ଟେନର ବ୍ୟତିତ ଅନ୍ୟ ରଙ୍ଗର କଣ୍ଟେନର ବ୍ୟବହାର ନକରିବା ଲାଗି ନୋଟିସ କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଖାଲି ସାଲାଇନ ବୋତଲ, ମେଡିସିନ ଷ୍ଟ୍ରିପ୍ ଭଳି ବିଏମଡବ୍ଲୁ ଡମ୍ପିଂ ୟାର୍ଡରେ କଠିନ ବର୍ଜ୍ୟ ସହ ମିଶି ଲ୍ୟାଣ୍ଡଫିଲ କୁ ପରିବହନ ପାଇଁ ରଖାଯାଉଥିଲା ।

(ii) ଏଗାରଟି[42] ଏଚସିଇ ଗୁଡିକରେ ମିଳିତ ଯାଞ୍ଚ ବେଳେ ଦେଖାଗଲା ଯେ କଣ୍ଟେନର ଗୁଡିକ ବିଭିନ୍ନ ୱାର୍ଡ ରେ ଅବୈଜ୍ଞାନିକ ରୁପେ ଏବଂ ଖୋଲା ରେ ରଖାଯାଇଥିଲା । ବିଏମଡବ୍ଲୁ କୁ ଖୋଲାରେ ରଖିବା ବିଏମଡବ୍ଲୁ ନିୟମ 2016 କୁ ଉଲଘଂନ କରେ ଏବଂ ଏହାଦ୍ୱାରା ଅନ୍ୟମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିପାରେ । ଏହା ପୁଣି ଦେଖାଗଲା ଯେ ବିଭିନ୍ନ ୱାର୍ଡ ରୁ ସଂଗୃହିତ ହୋଇଥିବା ବିଏମଡବ୍ଲୁ ବ୍ୟାଗ୍ କିମ୍ବା କଣ୍ଟେନର ରେ ନ ପୁରାଇ ହସପିଟାଲ ର ଖୋଲା ଛାତ ଉପରେ ରଖାଯାଇଥିଲା (ସିଏଚସି ଚାନ୍ଦବାଲି) । ହସପିଟାଲର ଆଖପାଖ (ସିଏଚସି ଚାନ୍ଦବାଲି) ମାସମାସ ଧରି ସଫା ହେଉନଥିଲା ଏବଂ ମେଡିସିନ କଭର ଓ ଅନ୍ୟ ହସପିଟାଲ ବର୍ଜ୍ୟବସ୍ତୁ ଡ୍ରେନ୍ ଭିତରକୁ ପକାଯାଉଥିଲା ଯଦ୍ୱାରା ଡ୍ରେନ ଚୋକିଂ, ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷଣ କରୁଥିଲା । ଏସଡିଏଚ ,ହିଞ୍ଜିଳିକଟ୍ ରେ ମିଳିତ ଯାଞ୍ଚରୁ ଏହା ଅବଶ୍ୟ ପୁଣି ଦେଖାଗଲା ଯେ ଦୈନିକ ସଂଗୃହିତ ହେଉଥିବା ମେଡିକାଲ ବର୍ଜ୍ୟବସ୍ତୁ ହସପିଟାଲ୍ ପଛ ପାଖରେ ରଖାଯାଉଥିଲା ।



ଫଟୋଗ୍ରାଫ 30: ବିଏମଡବ୍ଲୁ ଡିଏଚଏଚ ସମ୍ବଲପୁର ରେ ଖୋଲାରେ ରଖାଯାଇଛି



ଫଟୋଗ୍ରାଫ 31: ଚାନ୍ଦବାଲି ସିଏଚସି ର ଛାତରେ ବିଡବ୍ଲୁଏମ ଖୋଲାରେ ରଖାଯାଇଛି

[42] ଡିଏଇଚଏଇଚ ନୁଆପଡା,ସମ୍ବଲପୁ.ପୁରୀ,କଟକ,ଭଦ୍ରକ,ଗଞ୍ଜାମ(ବ୍ରହ୍ମପୁର),ଏସଡିଏଇଚ ଗୁଣପୁର,ହିଞ୍ଜିଳିକଟ୍, ଚାନ୍ଦବାଲବି ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ,ବାରିପଦା

ସୁପରିନଟେନଡେଣ୍ଟ ଏସଡିଏଚ, ଗୁଣପୁର  କହିଲେ  ଯେ ଖୋଲା କଣ୍ଟେନରକୁ ସଙ୍ଗେସଙ୍ଗେ ବାହାର କରି ବନ୍ଦ କଣ୍ଟେନର ରଖାଯାଇଅଛି । ଡିଏମଓ,ଡିଏଚଏଚ ଭଦ୍ରକ କହିଲେ ଯେ ବିଡବ୍ଲୁଏମ ନିୟମ ପାଳନ ଲାଗି ପଦକ୍ଷେପ ନିଆଯିବ । ସିଡିଏମଓ,ଡିଏଚଏଚ  ପୁରୀ କହିଲେ ଯେ ହସପିଟାଲ ବର୍ଜ୍ୟବସ୍ତୁ ଗୁଡିକୁ ପୃଥକିକରଣ ଲାଗି ଯତ୍ନ ନିଆଯାଇଛି ଏବଂ ୱାର୍ଡରେ ଅତ୍ୟଧିକ କାମ ଓ ନର୍ସିଂ ଏବଂ ଅନ୍ୟାନ୍ୟ ସହଯୋଗି ଷ୍ଟାଫ୍‌ଙ୍କ ଅଭାବ ଲାଗି ଶତ ପ୍ରତିଶତ ପୃଥକିକରଣ ସଂଭବ ନୁହେଁ । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଏହା ହସପିଟାଲ ଅଧିକାରୀଙ୍କ ନୀରିକ୍ଷଣ  ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସଚେତନତାର ଅଭାବକୁ ଦର୍ଶାଉଥିଲା ।

## 6.3.4 ରାଜ୍ୟରେ ଅପର୍ଯ୍ୟାପ୍ତ ସାଧାରଣ ବିଏମଡବ୍ଲୁ ଉପଚାର ସୁବିଧା

ବିଏମଡବ୍ଲୁ ନିୟମ 2016 ର ଧାରା 7(i) ଦର୍ଶାଏ ଯେ ବିଏମଡବ୍ଲୁ ଅନୁସୂଚୀ I ଅନୁଯାୟୀ ଓ ଏବଂ ଅନୁସୂଚୀ II ମାନଦଣ୍ଡ ଅନୁସାରେ ଉପଚାର ଏବଂ ନିଷ୍କାସିତ ହେବା ଦରକାର । ଅନୁସୂଚୀ I ଅନୁସାରେ ଏଚସିଇ ପୃଥକିକୃତ ବର୍ଜ୍ୟବସ୍ତୁ ଗୁଡିକୁ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ନିକଟକୁ ଉପଚାର,ପ୍ରକ୍ରିୟାକରଣ ଏବଂ ଅନ୍ତିମ ନିଷ୍କାସନ ଲାଗି ପଠାଇବା ଦରକାର । ଏହା ଆହୁରି ମଧ ଦର୍ଶାଯାଇଛି ଯେ ଏଇଚସିଇ ଗୁଡିକ ଧିରେ ଧିରେ କ୍ୟାପଟିଭ୍ ସୁବିଧା ଗୁଡିକୁ ବନ୍ଦ କରି ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ର ମେମ୍ବର ହେବା ଦରକାର ।

ଅଡିଟ୍ ନୀରିକ୍ଷଣ କଲା ଯେ ମାର୍ଚ୍ଚ 2020 ସୁଦ୍ଧା ରାଜ୍ୟରେ କେବଳ ପାଞ୍ଚଟି[43] ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ ହୋଇଅଛି । ରାଜ୍ୟରେ ଥିବା ସମସ୍ତ 3,509 ଏଚସିଇ ଗୁଡିକ ମଧ୍ୟରୁ 694 ଏଚସିଇ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ର ସେବା ପାଉଛନ୍ତି, 2,705 ଏଚସିଇ ରେ ସେମାନଙ୍କ ନିଜସ୍ୱ କ୍ୟାପଟିଭ୍ ଉପଚାର ଏବଂ ନିଷ୍କାସନ ସୁବିଧା ଅଛି ଏବଂ ବଳକା 110 ଏଚସିଇ ଗଭୀର ଖାତ ଉପଚାର ନିମନ୍ତେ ବ୍ୟବହାର କରୁଛନ୍ତି । ସମସ୍ତ ଏଚସିଇ ଗୁଡିକୁ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ମଧରେ ଅନ୍ତର୍ଭୁକ୍ତ କରିବା ଲାଗି କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ ଯଦ୍ୱାରା କ୍ୟାପଟିଭ୍/ଗଭୀର ଖାତ ବ୍ୟବହାର କମିଯାଆନ୍ତା ।

ଏସପିସିବି ମେମ୍ବର ସଚିବ କହିଲେ(ଫେବୃଆରୀ 2021)ଯେ ବୋର୍ଡ ଦ୍ୱାରା ନିରନ୍ତର ପ୍ରବର୍ତ୍ତାଇବା ପରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ରାଜ୍ୟ ସାରା ପର୍ଯ୍ୟାପ୍ତ ସଂଖ୍ୟାରେ ନୂତନ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ  କରିବା ଲାଗି ପଦକ୍ଷେପ ନେଇଥିଲେ ଯଦ୍ୱାରା ସମସ୍ତ ଏଚସିଇ ଗୁଡିକ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ହାସଲ କରି କ୍ୟାପଟିଭ୍ ସୁବିଧାକୁ କମ୍ ବ୍ୟବହାର କରିବେ । ବିଏମଡବ୍ଲୁ ନିୟମ ପ୍ରଣୟନ ହେବାର ପାଞ୍ଚ ବର୍ଷ ପରେ ମଧ ଯଥେଷ୍ଟ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ କରିବାରେ ବିଭାଗର ଢିଲାପଣକୁ ଏହା ଦର୍ଶାଉଥିଲା ।

### 6.3.4.1 ଶ୍ରେଡରର୍ ଏବଂ ଅଟୋକ୍ଲେଭ୍ ମେସିନ ବିନା ବିଏମଡବ୍ଲୁ ର ଉତ୍ପନ୍ନସ୍ଥଳ ଉପଚାର

ଡିଏଚଏଚ ଭଦ୍ରକ ଠାରେ ମିଳିତ ଯାଞ୍ଚ ବେଳେ ଅଡିଟ୍ ନୀରିକ୍ଷଣ କଲା ଯେ ବର୍ଜ୍ୟ ଶ୍ରେଡରର୍ ଏବଂ ଅଟୋକ୍ଲେଭ୍ ମେସିନ ଜୁନ୍ 2016 ଠାରୁ କାର୍ଯ୍ୟ କରୁନଥିଲା । ଗୋଟିଏ ନୂତନ ବର୍ଜ୍ୟ ଅଟୋକ୍ଲେଭ୍ ମେସିନ ଯାହା ଅଗଷ୍ଟ 2020 ଗ୍ରହଣ ହୋଇଥିଲା ତାହା ବିନା ଶ୍ରେଡରର୍ ରେ ସେପ୍ଟେମ୍ବର 2020 ରେ ସ୍ଥାପନ ହୋଇଥିଲା । ତେଣୁ ବିଏମଡବ୍ଲୁର ଉତ୍ପନ୍ନସ୍ଥଳ ଉପଚାର ହୋଇ ପାରିନଥିଲା ।



ଫଟୋଗ୍ରାଫ୍ 32: କାର୍ଯ୍ୟ କରୁନଥିବା ଅଟୋକ୍ଲେଭ୍ ମେସିନ ଡିଏଚଏଚ ଭଦ୍ରକ ଠାରେ

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି  ଡିଏମଓ, ଡିଏଚଏଚ ଭଦ୍ରକ କହିଲେ ଯେ ଶ୍ରେଡରର୍ ମେସିନ ମିଳିସାରିଛି ଏବଂ ଖୁବ୍ ଶୀଘ୍ର ଏହାର ସ୍ଥାପନ ହେବ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଶ୍ରେଡରର୍ ବିନା, ଉପଚାର ନହୋଇଥିବା ବିଏମଡବ୍ଲୁ ଅନ୍ୟ ବର୍ଜ୍ୟ ସହ ମିଶ୍ରିତ ହୋଇ ପୁନଃପ୍ରକ୍ରିୟାକାରୀଙ୍କୁ ହସ୍ତାନ୍ତର ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

[43] ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା (i)ମେ/ର୍ସ ସାନି କ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା (ii)ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ଏସସିବି ମେଡିକାଲ କଲେଜ ଏବଂ ହସପିଟାଲ,କଟକ ଠାରେ (iii) ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ରାଉରକେଲା ସରକାରୀ ହସପିଟାଲ,ରାଉରକେଲା ଠାରେ (iv) ମେ/ର୍ସ ବାୟୋଟେକ୍ ସଲ୍ୟୁସନ ଭିଏସଏସ ମେଡିକାଲ କଲେଜ ଏବଂ ହସପିଟାଲ,ବୁର୍ଲା,ସମ୍ବଲପୁର ଏବଂ (v) ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ଏମକେସିଜି ମେଡିକାଲ କଲେଜ ଏବଂ ହସପିଟାଲ,ବ୍ରହ୍ମପୁର ଠାରେ

## 6.3.4.2 ତରଳ ରାସାୟନିକ ବର୍ଜ୍ୟ ଉପଚାର ବ୍ୟବସ୍ଥା ର ଅଭାବ

ବିଏମଡବ୍ଲୁ ନିୟମ 2016 ର ଧାରା 4(ଯେ) ଏବଂ (କେ) ଅନୁଯାୟୀ ଯେ ଉତ୍ସରୁ ତରଳ ରାସାୟନିକ ବର୍ଜ୍ୟ କୁ ପୃଥକ କରିବା ଏବଂ ଏଚସିଇରୁ ଉତ୍ପନ୍ନ ଅନ୍ୟାନ୍ୟ ପ୍ରବାହ ସହିତ ମିଶ୍ରଣ ପୂର୍ବରୁ ପ୍ରଥମେ ଉପଚାର କିମ୍ବା ନିରପେକ୍ଷତା ନିଶ୍ଚିତ କରିବା ଏବଂ ଜଳ(ପ୍ରଦୂଷଣ ର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974 ଅନୁଯାୟୀ ତରଳ ବର୍ଜ୍ୟବସ୍ତୁର ଉପଚାର ଏବଂ ନିଷ୍କାସନ ନିଶ୍ଚିତ କରିବା ଏଚସିଇ ଗୁଡିକର କର୍ତ୍ତବ୍ୟ ହେବ ।

ଅଡିଟ୍ ନୀରିକ୍ଷଣ କଲା ଯେ 3,509 ଏଇଚସିଇ ମଧ୍ୟରୁ କେବଳ 70 ଟି ଏଚସିଇ ଡ୍ରେନ୍ ରେ ପକାଇବା ପୂର୍ବରୁ ତରଳ ବର୍ଜ୍ୟବସ୍ତୁର ଉପଚାର ସୁବିଧା ସ୍ଥାପନ କରିଛନ୍ତି ଯଥା ଇଫ୍ଲୁଏଣ୍ଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି)[44] ଏବଂ 1,426 ଏଚସିଇ ଲାବୋରେଟୋରୀ ଉତ୍ପାଦିତ ବିଏମଡବ୍ଲୁ ପାଇଁ ପ୍ରି-ଟ୍ରିଟମେଣ୍ଟ କରୁଥିଲେ । ଅନ୍ୟମାନେ ସିଧାସଳଖ ଭାବରେ ଦୂଷିତ ତରଳ ବର୍ଜ୍ୟବସ୍ତୁ କୁ ବିନା ଟ୍ରିଟମେଣ୍ଟ କରି ଡ୍ରେନରେ ପକାଉଥିଲେ ଯାହା ଜନସାସ୍ଥ୍ୟ ଏବଂ ପଶୁ ସ୍ୱାସ୍ଥ୍ୟ କୁ ଅନିଷ୍ଟ କିମ୍ବା କ୍ଷତି ର କାରଣଥିଲା । ଏହା ମଧ ଦେଖାଯାଇଥିଲା ଯେ 34 ଟି ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସଟିପି) ଗୁଡିକ ମଧ୍ୟରୁ କେବଳ ତିନୋଟି ଏସଟିପି, କ୍ୟାପିଟାଲ ହସପିଟାଲ ,ଭୁବନେଶ୍ୱର,ଡିଏଚଏଚ ସମ୍ବଲପୁରଏବଂ ଆଇଡିଏଚ୍ (ପୁରୀ ସହରରଏସଟିପି ସହିତ ସଂଯୁକ୍ତ) ପ୍ରତ୍ୟେକରେ ଗୋଟିଏ ଲେଖାଏଁ କାର୍ଯ୍ୟକ୍ଷମ ଥିଲା (ମାର୍ଚ୍ଚ 2021) ।

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି ସରକାରଙ୍କ ଉପସଚିବ,ସାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, କହିଲେ,(ଏପ୍ରିଲ 2021) ଯେ ଓଡବ୍ଲୁଏସଏସବି ଏସଟିପି ପ୍ରତିଷ୍ଠା ପାଇଁ ଡିପିଆର ଗୁଡିକ ଦାଖଲ କରିଛି ଯେଉଁଥିପାଇଁ ଖୁବ୍ ଶୀଘ୍ର ପାଣ୍ଠି ଯୋଗାଇ ଦିଆଯିବ । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏସଟିପି ସ୍ଥାପନରେ ବିଳମ୍ବ ଫଳରେ ସ୍ଥାୟୀ ସହର ଗୁଡିକର ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଳମ୍ବ ହୋଇଥିଲା ।

## 6.3.5 ମେଡିକାଲ ଜୈବ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ

ମେଡିକାଲ ଜୈବ ବର୍ଜ୍ୟବସ୍ତୁ ପରିଚାଳନା ରେ ଅଡିଟ୍ ନିମ୍ନଲିଖିତ ତ୍ରୁଟି ଦେଖିଲା

## 6.3.5.1 ପ୍ରତିରକ୍ଷା ଉପକରଣ ବିନା ମେଡିକାଲ ଜୈବବର୍ଜ୍ୟବସ୍ତୁ ନିୟନ୍ତ୍ରଣ

ବିଏମଡବ୍ଲୁ ନିୟମ 2016 ର ଧାରା 4(L) ଅନୁଯାୟୀ,ଏହାର ସମସ୍ତ ସାସ୍ଥ୍ୟ ସେବା କର୍ମଚାରୀ ତଥା ବିଏମଡବ୍ଲୁର ପରିଚାଳନାରେ ଜଡିତ କର୍ମଚାରୀ ମାନଙ୍କୁ ଉପଯୁକ୍ତ ତଥା ପର୍ଯ୍ୟାପ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇ ସେମାନଙ୍କର ବୃତ୍ତିଗତ ସୁରକ୍ଷା ନିଶ୍ଚିତ କରିବା ପ୍ରତ୍ୟେକ ଏଚସିଇ ର କର୍ତ୍ତବ୍ୟ । ପର୍ଯ୍ୟାପ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବିନା ବିଏମଡବ୍ଲୁକୁ ନିୟନ୍ତ୍ରଣ କରିବା ଦ୍ୱାରା ନିୟନ୍ତ୍ରକମାନଙ୍କ ପାଇଁ ସଂକ୍ରମଣ ଏବଂ ସାସ୍ଥ୍ୟ ସମସ୍ୟା ହୋଇପାରେ ।

ମିଳିତ ଯାଞ୍ଚ ହୋଇଥିବା 21 ଟି ଏଚସିଇ ମଧ୍ୟରୁ ପାଞ୍ଚଟି[45] ଏଚସିଇ ରେ ଦେଖାଗଲା ଯେ ଅଧିକାରୀମାନେ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ନ ପିନ୍ଧି ବିଏମଡବ୍ଲୁ କୁ ନିୟନ୍ତ୍ରଣ କରୁଥିଲେ ।

ଜୟପୁରରେ ଥିବା ଡିଏମଓ (ଏମଏସ) –କମ୍-ସୁପରିନ୍‌ଟେନଡେଣ୍ଟ,ଡିଏଚଏଚ,କୋରାପୁଟ କହିଛନ୍ତି ଯେ ବିଏମଡବ୍ଲୁ ପରିଚାଳନା ସମୟରେ ଅଧିକାରୀଙ୍କୁ ପିପିଇ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କର୍ତ୍ତବ୍ୟର ଅବହେଳା ପାଇଁ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଡିଟ୍ ମନ୍ତବ୍ୟ କୁ ଗ୍ରହଣ କରି ସିଡିଏମଓ ପୁରୀ ସ୍ୱୀକାର କରିଛନ୍ତି ଯେ ସଚେତନତା ଅଭାବରୁ କର୍ମଚାରୀମାନେ ବିଏମଡବ୍ଲୁ କୁ ନିୟନ୍ତ୍ରଣ କଲାବେଳେ ପିପିଇ ବ୍ୟବାହାର କରୁନଥିଲେ । ବିଏମଡବ୍ଲୁ ର ସଠିକ୍ ପରିଚାଳନା ପାଇଁ ସଚେତନତା ତାଲିମ ଏଚସିଇ ଗୁଡିକର ପରିଚାଳନାବର୍ଗଙ୍କ ଦାୟିତ୍ୱ ହୋଇଥିବାରୁ ଏହି ଉତ୍ତର ଗୁଡିକ ଗ୍ରହଣଯୋଗ୍ୟ ନୁହେଁ ।

---

44 ନାମୀ ଔଷଧ ଏବଂ ରାସାୟନିକ କମ୍ପାନୀ ଗୁଡିକ ଦ୍ୱାରା ଜଳକୁ ପ୍ୟୁରିଫାଇ କରି ସେଥିରୁ ବିଷାକ୍ତ ଏବଂ ବିଷହୀନ ପଦାର୍ଥ ବାହାର କରିବା ଲାଗି ଇଟିପି ବ୍ୟବହୃତ କରାଯାଏ । ସମସ୍ତ କମ୍ପାନୀ ଦ୍ୱାରା ପରିବେଶ ସୁରକ୍ଷା ଲାଗି ଏହି ପ୍ଲାଣ୍ଟ ବ୍ୟବହାର କରାଯାଏ ।

45 ଡିଏଚଏଚ ଜୟପୁର,ପୁରୀ,ଛତ୍ରପୁର,ହିଞ୍ଜିଳିକଟ୍ ଏବଂ ରାଉରକେଲା ସରକାରୀ ହସପିଟାଲ,ରାଉରକେଲା

### 6.3.5.2 ବିଏମଡବ୍ଲୁ ପରିଚାଳନା ପାଇଁ ସିରିଞ୍ଜର ବ୍ୟବହାର

ବିଏମଡବ୍ଲୁ ନିୟମ 2016 ର ଭାଗ-୨ (ଅନୁସୁଚୀ-2) ର ଧାରା 11 ଅନୁଯାୟୀ ସିରିଞ୍ଜଗୁଡିକୁ ଖଣ୍ଡ ଖଣ୍ଡ କରିବା ଦରକାର କିମ୍ବା ଛୁଞ୍ଚିଗୁଡିକୁ କାଟି ଧାରୁଆ ବସ୍ତୁ ଷ୍ଟୋର କରିବା ପାଇଁ ଟ୍ୟାମ୍ପର ପ୍ରୁଫ୍ ,ଲିକ୍ ପ୍ରୁଫ୍ ଏବଂ ପଙ୍କଚର୍ ପ୍ରୁଫ୍ କଣ୍ଟେନର ରେ ରଖିବା ଦରକାର । ଯେତେବେଳେ କୌଣସି ଏଚସିଇ ନିଷ୍କାସନ ପ୍ରକ୍ରିୟା ସୁବିଧା ସହ ଯୋଡି ହୋଇନଥିବ ଏହା ସେହି ଏଚସିର ଦାୟୀତ୍ୱ ଯେ ନିର୍ଦ୍ଦେଶିତ ନିୟମ ଅନୁଯାୟୀ ସିରିଞ୍ଜକୁ ଷ୍ଟେରିଲାଇଜ୍ ଏବଂ ନିଷ୍କାସନ କରିବ ।



ଫଟୋଗ୍ରାଫ୍ 33: ଡିଏଚଏଚ, ଜୟପୁର ଷ୍ଟୋର ରୁମ୍ ଠାରେ

ମିଳିତ ଯାଞ୍ଚ ହୋଇଥିବା 21 ଟି ପରୀକ୍ଷା ଯାଞ୍ଚ ଏଚସିଇ ମଧ୍ୟରୁ ପାଞ୍ଚଟି[46] ରେ ଦେଖାଗଲା ଯେ ବିଏମଡବ୍ଲୁ ନିୟମକୁ ଉଲଂଘନ କରି ବ୍ୟବହୃତ ସିରିଞ୍ଜ ଗୁଡିକ ଲିକ୍ ପ୍ରୁଫ୍ କଣ୍ଟେନର ରେ ରଖାଯାଇନଥିଲା ଏବଂ ଷ୍ଟୋର ରୁମ୍ ରେ ଖୋଲାଇ ହୋଇ ପଡିଥିଲା ଯାହା ବିଏମଡବ୍ଲୁର ନିୟମରେ ଥିବା ବ୍ୟବସ୍ଥାକୁ ଉଲଘଂନ କରୁଥିଲା ।

ଜୟପୁର ରେ ଥିବା ଡିଏମଓ (ଏମଏସ)–କମ୍-ସୁପରିନଟେନଡେଣ୍ଟ, ଡି .ଏଚ .ଏଚ,କୋରାପୁଟ କହିଛନ୍ତି ଯେ ଷ୍ଟୋର ରୁମରେ ପଙ୍କଚର ପ୍ରୁଫ୍ କଣ୍ଟେନର ରେ ସିରିଞ୍ଜ ରଖିବା ପାଇଁ ଆଉଟସୋର୍ସିଂ ଏଜେନସୀ କୁ ନିର୍ଦ୍ଦେଶ ଦିଆଯାଇଛି । ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ସିଡିଏମଓ, ପୁରୀ ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି ।ସିଡିଏମଓ , ସମ୍ବଲପୁର କହିଲେ ଯେ ସମସ୍ତ ଷ୍ଟାଫ୍ ନର୍ସଙ୍କୁ ବିଏମଡବ୍ଲୁ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### 6.3.5.3 ବାର କୋଡିଂ ବିନା ବିଏମଡବ୍ଲୁ ର ପରିବହନ

ବିଏମଡବ୍ଲୁ ନିୟମ 2016 ର ଧାରା 4(i) ଏବଂ 8(4 ଏବଂ 5) ଅନୁଯାୟୀ ବିଏମଡବ୍ଲୁ ପରିବହନ ପାଇଁ ବ୍ୟବହୃତ ଯାନ ଏବଂ କଣ୍ଟେନର ରେ ବାର୍ କୋର୍ଡ ଏବଂ ଜିପିଏସ ବ୍ୟବସ୍ଥା ରହିବା ଉଚିତ ।




ଫଟୋଗ୍ରାଫ୍ 34: କ୍ୟାପିଟାଲ ହସପିଟାଲରେ ବାରକୋଡିଂ ବିନା ବିଏମଡବ୍ଲୁ ପାତ୍ର



ଫଟୋଗ୍ରାଫ୍ 35: କଟକ ଡିଏଇଚଏଇଚରେ ବିନା ବାରକୋଡିଂରେ ବିଏମଡବ୍ଲୁ ବହନ କରୁଥିବା ଗାଡି

ଯାଞ୍ଚ ହୋଇଥିବା ସମସ୍ତ 21 ଟି ଏଚସିଇ ରେ ଦେଖାଗଲା ଯେ ସେବା ପ୍ରଦାନକାରୀଙ୍କ ଦ୍ୱାରା ବିଏମଡବ୍ଲୁ ଗୁଡିକ ଗାଡି/ବ୍ୟାଗ/କଣ୍ଟେନର ରେ ବିନା ବାର୍ କୋଡିଂ ରେ ପରିବହନ କରାଯାଉଥିଲା ଯାହା ଫଟୋଗ୍ରାଫ ଗୁଡିକରେ ଦେଖାଯାଇଛି । ବିଏମଡବ୍ଲୁ ପରିବହନ କରୁଥିବା ଯାନରେ ଜିପିଏସ ଲାଗିଥିବା କୌଣସି ରେକର୍ଡ ଅଡିଟ୍କୁ ଦିଆଯାଇନଥିଲା ।ନିୟମ ଲାଗୁ ହେବାର ପାଞ୍ଚ ବର୍ଷର ସମାପ୍ତି ପରେ ମଧ ବାର-କୋର୍ଡିଂ ଏବଂ ଜିପିଏସ୍ ଟ୍ରାକିଂ ସିଷ୍ଟମ ଆରମ୍ଭ ହୋଇନଥିଲା ।

ସରକାରଙ୍କ ଉପ-ସଚିବ,ସାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କହିଛନ୍ତି (ଏପ୍ରିଲ 2021) ଯେ, 2019-20 ମଧ୍ୟରେ ବାର କୋଡିଂ ଏବଂ ଜିପିଏସ ସିଷ୍ଟମ ସ୍ଥାପନ ପାଇଁ ବାଇଶି ଜିଲ୍ଲାକୁ ପାଣ୍ଠି ଯୋଗାଇ ଦିଆଯାଇଛି ।

[46] ଡିଏଚଏଚ ସମ୍ବଲପୁର,ଜୟପୁର,ପୁରୀ ଏବଂ ଏସଡିଏଇଚ ଗୁଣପୁର ଏବଂ ହିଞ୍ଜିଳିକଟ୍

## 6.3.5.4 ଗଭୀର ଖାତର ଜରାଜୀର୍ଣ୍ଣ ଅବସ୍ଥା

ବିଏମଡବ୍ଲୁ ନିୟମ 2016 ର ଅନୁସୁଚୀ-II ର ଧାରା 5(5) କାର୍ଯ୍ୟସୂଚୀ ଗଭୀର ଖାତ ପାଇଁ ମାନଦଣ୍ଡ ଦର୍ଶାଏ । ନିୟମ ଅନୁଯାୟୀ, ଗଭୀର ଖାତ ସ୍ଥାନ ଅପେକ୍ଷାକୃତ ଅଭେଦ୍ୟ ହେବା ଉଚିତ ଏବଂ ଅସ୍ଥାୟୀ କୂଅ ନିକଟରେ ରହିବା ଉଚିତ । ଅନୁଷ୍ଠାନ ଗଭୀର ଖାତ ପାଇଁ ସମସ୍ତ ଗର୍ତ୍ତର ଏକ ରେକର୍ଡ ବଜାୟ ରଖିବା ଉଚିତ ।

ମିଳିତ ଯାଞ୍ଚ ସମୟରେ ଏହା ଦେଖାଗଲା ଯେ ବିଏମଡବ୍ଲୁ ପାଇଁ ଏସଡିଏଚ ଗୁଣୁପୁର ରେ ଏକ ଗଭୀର ଖାତ ବ୍ୟବସ୍ଥା ଅଛି । ଗଭୀର ଖାତ ଗୁଡିକର ଗର୍ତ୍ତଗୁଡିକର ଆବରଣ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା ଯାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏହା ମଧ ଦେଖାଗଲା ଯେ ସିଏଚସି ଚାନ୍ଦବାଲିରେ ଗଭୀର ଖାତର ଗର୍ତ୍ତଗୁଡିକ ଖୋଲା ଅବସ୍ଥାରେ ଥିଲା ।



ଫଟୋଗ୍ରାଫ୍ 36 : ଏସଡିଏଚ୍ ଗୁଣୁପୁର ଠାରେ ବର୍ଜ୍ୟବସ୍ତୁ ପାଇଁ ଗଭୀର ଖାତ



ଫଟୋଗ୍ରାଫ୍ 37 : ସିଏଚ୍ସି ଚାନ୍ଦବାଲି ଠାରେ ବର୍ଜ୍ୟବସ୍ତୁ ପାଇଁ ଗଭୀର ଖାତ

ଏସଡିଏଚ,ଅଧକ୍ଷ,ଗୁଣପୁର କହିଛନ୍ତି ଯେ ଡାକ୍ତରଖାନା ପରିସରରେ ନୂତନ ହସପିଟାଲ କୋଠା ନିର୍ମାଣ କରାଯାଉଛି । ନୂତନ କୋଠା ନିର୍ମାଣ ପରେ ପୁରୁଣା ଗଭୀର ଖାତ ଗୁଡିକ ବନ୍ଦ ହୋଇଯିବ । ବିଏମଡବ୍ଲୁ ନିୟମ 2016 ଅନୁଯାୟୀ ପୁରୁଣା ଗଭୀର ଖାତ ର ରକ୍ଷଣା ବେକ୍ଷଣ କରାଯାଇ ନଥିବାରୁ ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ ।

## 6.3.6 ସର୍ବସାଧାରଣ ଉପଚାର ପ୍ଲାଣ୍ଟ ଗୁଡିକରେ ଅନ୍ ଲାଇନ୍ ନିର୍ଗମନ ବ୍ୟବସ୍ଥା

ବିଏମଡବ୍ଲୁ ନିୟମ 2016 ର ଅନୁସୂଚୀ- II ର ଧାରା C (i) ରେ ଦର୍ଶାଯାଇଛି ଯେ ଏଚସିଇ ଗୁଡିକ କିମ୍ବା ସିବିଏମଡବ୍ଲୁଟିଏଫ୍ ର ଅପରେଟର ଏସପିସିବି ଦ୍ୱାରା ଧାର୍ଯ୍ୟ ହୋଇଥିବା ପରିମାପ ଗୁଡିକ ପାଇଁ ନିରନ୍ତର ନିର୍ଗମନ ନୀରିକ୍ଷଣ ବ୍ୟବସ୍ଥା ସ୍ଥାପନ କରିବେ ଏବଂ ନିୟମିତ ପର୍ଯ୍ୟବେକ୍ଷଣ ପାଇଁ ପ୍ରକୃତ ସମୟ ତଥ୍ୟ ଏସପିସିବି ଏବଂ ସିପିସିବି ରେ ଥିବା ସର୍ଭର କୁ ପଠାଇବେ ।

ଅଡିଟ୍ ଦେଖିଲେ ଯେ ପାଞ୍ଚଟି ସିବିଏମଡବ୍ଲୁଟିଏଫ ମଧ୍ୟରୁ କେବଳ ଗୋଟିଏ ସିବିଏମଡବ୍ଲୁଟିଏଫ (ମେ/ର୍ସ ସାନି କ୍ଲିନ୍) ରେ ଅନ୍ ଲାଇନ କ୍ରମାଗତ ନିର୍ଗମନ ନୀରିକ୍ଷଣ ବ୍ୟବସ୍ଥା ଥିଲା । ଅଡିଟ୍ ମନ୍ତବ୍ୟ କୁ ଗ୍ରହଣ କରି ଏସପିସିବି ସଦସ୍ୟ ସଚିବ, କହିଛନ୍ତି (ଫେବୃଆରୀ 2021) ରେ ଯେ ବିଏମଡବ୍ଲୁ ନିୟମ ଉଲଘଂନ ପାଇଁ ଖବର କାଗଜ ମାଧ୍ୟମରେ ଅନ୍ୟମାନଙ୍କୁ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏସପିସିବି ଏହି ନିୟମର ଉଲଘଂନ କୁ ଜଗି ନଥିଲା ଏବଂ ତଦ୍ୱାରା ନିୟମିତ ନିର୍ଗମନ ଉପରେ ନୀରିକ୍ଷଣ ଏବଂ ପ୍ରକୃତ ସମୟ ତଥ୍ୟ ପଠାଇବାରେ ବିଫଳ ହୋଇଥିଲା ।

## 6.4 ଓଡିଶାରେ ସ୍ୱରେଜ୍ ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ

ଜଳ ନିରାକଣର,ନିୟନ୍ତ୍ରଣ ଏବଂ ପ୍ରଦୂଷଣ ଅଧିନିୟମ 1974 (ଡବ୍ଲୁପିସିପି) ର ଧାରା 25 ଏବଂ 26 ଅନୁଯାୟୀ, କୌଣସି ବ୍ୟକ୍ତି , ରାଜ୍ୟ ବୋର୍ଡର ପୂର୍ବ ସମ୍ମତି ବିନା କୌଣସି ଶିଳ୍ପ କାର୍ଯ୍ୟ କିମ୍ବା ପ୍ରକ୍ରିୟା, କିମ୍ବା କୌଣସି ଉପଚାର ଏବଂ ନିଷ୍କାସନ ବ୍ୟବସ୍ଥା କିମ୍ବା ଏଥିରେ କୌଣସି ବିସ୍ତାର କିମ୍ବା ନୂତନ ନିର୍ମାଣ ସ୍ଥାପନ କରିବେ ନାହିଁ, ଯାହା ସମ୍ଭବତଃ ଝରଣା କିମ୍ବା କୂଅ ମଧ୍ୟକୁ ସ୍ୱରେଜ୍ କିମ୍ବା ଭୂମି ଉପରେ ଶିଳ୍ପ ର ମଇଳା ପାଣି ଛାଡିବାର ସମ୍ଭାବନା ଅଛି ।

## 6.4.1 ସ୍ୱରେଜ୍ ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ ଗୁଡିକର ସ୍ଥିତି

ଅଡିଟ୍ ନୀରିକ୍ଷଣ କଲା ଯେ ଏଚ ଏଣ୍ଡ ୟୁଡି ବିଭାଗ ମାର୍ଚ୍ଚ 2006 ରୁ ଫେବୃଆରୀ 2020 ମଧ୍ୟରେ ₹1,740.83 କୋଟି ବ୍ୟୟରେ ଚାରୋଟି କର୍ପୋରେସନ[47] ଏବଂ ଦୁଇଟି ପୌରସଂସ୍ଥାରେ 12[48] ଏସଟିପି ପ୍ରତିଷ୍ଠା ପାଇଁ ନିଷ୍ପତି

[47] କର୍ପୋରେସନ ଗୁଡିକ:ଭୁବନେଶ୍ୱର, କଟକ,ସମ୍ବଲପୁର ଏବଂ ରାଉରକେଲା, ମ୍ୟୁନିସିପାଲିଟି: ପୁରୀ ଏବଂ ତାଳଚେର

ନେଇଥିଲା ଯାହାର ନିର୍ମାଣ ସମ୍ପୂର୍ଣ୍ଣ ଅବଧି ମାର୍ଚ୍ଚ 2007 ରୁ ଡିସେମ୍ବର 2021 ଭିତରେ ଥିଲା । ଏଥିମଧ୍ୟରୁ ଫେବୃଆରୀ 2018 ରୁ ଡିସେମ୍ବର 2021 ମଧ୍ୟରେ ପାଞ୍ଚଟି ଏସଟିପି (ଦୁଇଟି ପୁରୀରେ (15+5 ଏମଏଲଡି[49]), କଟକ (16+36 ଏମଏଲଡି ର ଦୁଇଟି ଏସଟିପି) ଏବଂ ତାଳଚେର (2 ଏମଏଲଡି ର ଗୋଟିଏ ଏସଟିପି) ବସାଯାଇଥିଲା ଏବଂ ଅନ୍ୟ ସାତୋଟି ଏସଟିପି ର କାମ ମାର୍ଚ୍ଚ 2021 ସୁଦ୍ଧା ₹1,831.78 କୋଟି ବ୍ୟୟ ହୋଇ ଚାଲୁ ରହିଥିଲା ।

ଆହୁରି ମଧ୍ୟ ମାର୍ଚ୍ଚ 2021 ସୁଦ୍ଧା 4,54,133 ପରିବାରକୁ ଅନ୍ତର୍ଭୁକ୍ତ କରୁଥିବା 1,308.883 କି.ମି.ର ନିର୍ଦ୍ଧାରିତ ସେରେଜ୍ ନେଟ୍ ୱାର୍କ ମଧ୍ୟରୁ କେବଳ 965.037 କି.ମି.ର (74 ପ୍ରତିଶତ) ଏବଂ 64,222 ପରିବାର (14 ପ୍ରତିଶତ) ସଂଯୋଗ ହୋଇପାରିଥିଲା ।

ଏହା ଦେଖାଗଲା ଯେ ଏସଟିପି କାର୍ଯ୍ୟର ଅଗ୍ରଗତି ଏବଂ ସେରେଜ୍ ନେଟ୍ ୱାର୍କ ର ସଂଯୋଗଗୁଡିକ ଅତ୍ୟନ୍ତ ମନ୍ଥର ଥିଲା ଯେଉଁଥିପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥା (ୱାଟ୍ କୋ ଏବଂ ଓଡବ୍ଲୁଏସ ଏଣ୍ଡ ଏସବି) ଗୁଡିକ ପାଣ୍ଠି ବ୍ୟବହାର କରିପାରିଲେ ନାହିଁ । ଯାହାଦ୍ୱାରା ଅଗଷ୍ଟ 2021 ସୁଦ୍ଧା ₹582.03 କୋଟି[50] ଅବରୋଧ ହୋଇ ରହିଥିଲା ।

ଏସଟିପି ଏବଂ ସେରେଜ୍ ନେଟ୍ ୱାର୍କର ସମାପ୍ତ ନହେବା ହେତୁ ଘରଗୁଡିକରୁ ନିର୍ଗତ ବର୍ଜ୍ୟଜଳ ନିକଟସ୍ଥ ଜଳରାଶିକୁ ଯିବାକୁ ଦିଆଯାଇଥିଲା ଯାହା ଜଳ ପ୍ରଦୂଷଣ କରୁଥିଲା । ଏହାମଧ୍ୟ ଏସପିସିବିର ବାର୍ଷିକ ରିପୋର୍ଟରେ କୁହାଯାଇଥିଲା ଯେ ଘର ମାନଙ୍କରୁ / ସହରାଞ୍ଚଳ ରୁ ନିର୍ଗତ ହେଉଥିବ ବର୍ଜ୍ୟଜଳ ବିନା ଉପଚାରରେ ଜଳରାଶିକୁ ଛଡ଼ାଯାଉଥିବାରୁ ଜଳପ୍ରଦୂଷଣ ହେଉଥିଲା ।

ଏହା ଜଣାଇବା ପରେ ପରିଚାଳନା ନିର୍ଦ୍ଦେଶକ, ୱାଟ୍ କୋ ଏବଂ ପ୍ରୋଜେକ୍ଟ ଇଞ୍ଜିନିୟର,ଓଡବ୍ଲୁଏସଏଣ୍ଡଏସବି କହିଲେ (ମାର୍ଚ୍ଚ 2021) ଯେ କୋଭିଡ୍ ମହାମାରୀ ସମୟରେ ଦେଶବ୍ୟାପି ବାରମ୍ବାର ଲକଡାଉନ୍/କର୍ଫ୍ୟୁ ଏବଂ ଫନି, ଫାଇଲିନ୍, ହୁଦ୍‌ହୁଦ୍ ଭଳି ବାତ୍ୟା ବାରମ୍ବାର ହେବା ଯୋଗୁଁ ପ୍ରକଳ୍ପ ସମାପ୍ତ ହେବାରେ ବିଳମ୍ବ ହେଲା । ଏହି କାରଣ ଗୁଡିକ ଗ୍ରହଣୀୟ ନୁହେଁ ଯେହେତୁ ଏସଟିପି ଗୁଡିକର ନିର୍ମାଣ 2006 ରୁ ଆରମ୍ଭ ହୋଇଥିଲା ।

### 6.4.2 ଜଳରାଶି ରେ ପ୍ରବେଶ କରୁଥିବା ମଇଳା

ଅଡିଟ୍ ପୁନର୍ବାର ଲକ୍ଷ୍ୟ କଲା ଯେ ପୁରୀର ବାଙ୍କିମୂହାଣ ନିକଟରେ ଏସଟିପି(5 ଏମଏଲଡି) ଯାହା 1.73 କୋଟି ବ୍ୟୟରେ (ଫେବୃଆରୀ 2018) ରେ ସ୍ଥାପନ ହୋଇଥିଲା ତାହା କାର୍ଯ୍ୟକ୍ଷମ ନଥିଲା ଏବଂ ବିଶୋଧିତ ହୋଇନଥିବା ବର୍ଜ୍ୟଜଳ ଏବଂ ଫେଣ ପୁରୀ ସମୁଦ୍ରର ନିଳାଦ୍ରି ବେଳାଭୂମି ନିକଟସ୍ଥ ବଙ୍ଗୋପସାଗର ରେ ପ୍ରବାହିତ ହେବା ଛଡା ଦୁର୍ଗନ୍ଧ ହେଉଥିଲା ଯାହା ଫଟୋଗ୍ରାଫ୍ -38 ରେ ଦର୍ଶାଯାଇଛି, ଫଳରେ ସମସ୍ତ ଖର୍ଚ୍ଚ ଅଫଳପ୍ରସୁ ହୋଇଥିଲା । ସମ୍ବଲପୁର ୟୁଏଲବିରେ ଏସଟିପିର ଅଭାବ ହେତୁ ମିଶ୍ରିତ କଠିନ ବର୍ଜ୍ୟବସ୍ତୁ ଅଶୋଧିତ ସେରେଜ୍ ସହ ମହାନଦୀ ମଧ୍ୟକୁ ଛଡାଯାଉଥିଲା ଯାହା ଫଟୋଗ୍ରାଫ୍ 39 ରେ ଦେଖାଯାଇଅଛି ।



ଫଟୋଗ୍ରାଫ୍ 38: ପୁରୀ ସହରର ସେରେଜ୍ ମାଇଳାପାଣି ବାଙ୍କୀ ମୂହାଣ ନିକଟସ୍ଥ ନିଳାଦ୍ରୀ ସମୁଦ୍ରକୂଳ ଠାରେ ଛଡାଯାଉଛି



ଫଟୋଗ୍ରାଫ୍ 39:ସମ୍ବଲପୁର ୱାର୍ଡ ସଂଖ୍ୟା 32 ଠାରେ ସେରେଜ୍ ମଇଳା ସହ କଠିନ ବର୍ଜ୍ୟ ମିଶି ମହାନଦୀ ମଧ୍ୟକୁ ଛଡାଯାଉଛି

[48] 12 ଟି ଏସଟିପି: ଭୁବନେଶ୍ୱର – 5, କଟକ- 2,ସମ୍ବଲପୁର-1,ରାଉରକେଲା -1,ପୁରୀ- 2 ଏବଂ ତାଳଚେର -1

[49] ଏମଏଲଡି : ମିଲିୟନ ଲିଟରସ୍ ଦୈନିକ

[50] କଟକ ଏବଂ ଭୁବନେଶ୍ୱର ରେ ପାଞ୍ଚଟି ପ୍ରକଳ୍ପ ପାଇଁ ₹398.54 କୋଟି ୱାଟ୍ କୋ ରେ ଏବଂ ରାଉରକେଲା ଓ ସମ୍ବଲପୁର ରେ ଦୁଇଟି ପ୍ରକଳ୍ପ ପାଇଁ ₹183.49 କୋଟି ଓଡବ୍ଲୁଏସଏଣ୍ଡଏସବି ରେ

ଯାଞ୍ଚ ହୋଇଥିବା ଅନ୍ୟ ୟୁଏଲବି ଗୁଡିକରେ ଯେଉଁଥିରେ ମଇଳାପାଣି ବିଶୋଧନ ପାଇଁ ଏସଟିପି ସୁବିଧା ନାହିଁ ମଇଳାପାଣି ସିଧାସଳଖ ନିକଟସ୍ଥ ଜଳସ୍ରୋତକୁ ନିଷ୍କାସନ ହେବାଦ୍ୱାରା ଜଳ ପ୍ରଦୂଷଣ ହେଉଥିଲା ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ ରାୟଗଡା ୟୁଏଲବି କହିଲେ(ମାର୍ଚ୍ଚ 2021) ଯେ ଏସଟିପିର ନିର୍ମାଣ ସରକାରଙ୍କ ବିଚାରାଧିନ ଅଛି । ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର କହିଲେ (ମାର୍ଚ୍ଚ 2021) ଯେ ସେ୍ୱରେଜ୍ ବିଶୋଧନାଗାର ପାଇଁ ପ୍ରସ୍ତାବ ସରକାରଙ୍କ ନିକଟରେ ଦାଖଲ ହେବ । ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ମନ୍ତବ୍ୟ ଗୁଡିକୁ ଡିସି,ସାନିଟେସନ ସିଏମସି ଲିପିବଦ୍ଧ କରିଲେ ।

## 6.5 କଂସେଇଖାନା ଗୁଡିକର ପରିଚାଳନା

କଂସେଇଖାନାରେ ଉତ୍ପାଦିତ ବର୍ଜ୍ୟବସ୍ତୁ ତିନି ପ୍ରକାରର କଠିନ,ତରଳ ଏବଂ ଗ୍ୟାସ୍ । କଠିନ ବର୍ଜ୍ୟବସ୍ତୁ ଖତ, ଅନ୍ତନଳୀ ବିଷୟବସ୍ତୁ,କେଶ,ଶିଙ୍ଗ,ଖୁରା,ଛେଦନ,ଆଭ୍ୟନ୍ତରୀଣ ଅଙ୍ଗ, ନଷ୍ଟ ହୋଇଥିବା ପଶୁର ମୃତ ଶରୀର କିମ୍ବା ଶରୀରର ଅଂଶ ଗୁଡିକ,କାଗଜ ପେଟି ଏବଂ ପ୍ଲାଷ୍ଟିକରୁ ଉତ୍ପନ୍ନ ହୁଏ । କଂସେଇଖାନାର ତରଳ ବର୍ଜ୍ୟବସ୍ତୁ ପରିସ୍ରା, ରକ୍ତ ଏବଂ ବଧ ପ୍ରକ୍ରିୟାରୁ ମଇଳା ପାଣି ଆସିଥାଏ । ବଧ ପ୍ରକ୍ରିୟାରେ ବାଷ୍ପ ବର୍ଜ୍ୟବସ୍ତୁ (ଦୁର୍ଗନ୍ଧ ଏବଂ ନିର୍ଗମନ) ମଧ ଉତ୍ପାଦିତ ହୁଏ । ଏହି ବର୍ଜ୍ୟବସ୍ତୁଗୁଡିକୁ ଯଦି ସଠିକ୍ ଭାବରେ ପରିଚାଳନା ନ ହୁଏ ତେବେ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ । କଂସେଇଖାନାରୁ ଅଧିକ ମାତ୍ରା ରେ ବାହାରୁଥିବା ପଶୁରକ୍ତ ଓ ଚର୍ବି,ମଇଳା ଏବଂ ଅନ୍ୟାନ୍ୟ ପ୍ରଦୂଷକ ପଦାର୍ଥ ଏହାକୁ ଅତ୍ୟଧିକ ବିଷାକ୍ତ କରିଥାଏ ଏବଂ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିଥାଏ ।

### 6.5.1 ବିନାନୁମତିରେ କଂସେଇଖାନା ଚଳାଇବା

ଜଳ ନିରାକଣର,ନିୟନ୍ତ୍ରଣ ଏବଂ ପ୍ରଦୂଷଣ ଅଧିନିୟମ 1974 (ଡବ୍ଲୁସିପି) ର ଧାରା 25 ଏବଂ 26 ନିର୍ଦ୍ଧାରିତ କରେ ଯେ କୌଣସି ଶିଳ୍ପ କାର୍ଯ୍ୟ କିମ୍ବା ପ୍ରକ୍ରିୟା, କିମ୍ବା କୌଣସି ଉପଚାର ଏବଂ ନିଷ୍କାସନ ବ୍ୟବସ୍ଥା କିମ୍ବା ଏହାର କୌଣସି ବିସ୍ତାର କିମ୍ବା ନୂତନ ନିର୍ମାଣ ସ୍ଥାପନ କରିବେ ନାହିଁ, ଯାହା ସମ୍ଭବତଃ ଝରଣା,କୂଅ କିମ୍ବା ଭୂପୃଷ୍ଠକୁ ସ୍ୱରେଜ୍ କିମ୍ବା ଶିଳ୍ପ ର ମଇଳା ପାଣି ଛାଡିବାର ସମ୍ଭାବନା ଅଛି ତାକୁ ସ୍ଥାପନ କରିବାର ସମ୍ମତି (ସିଏଫଇ) ଏବଂ ଚାଲୁ କରିବାର ସମ୍ମତି(ସିଏଫଓ) ଓଏସପିସିବି ଠାରୁ ହାସଲ କରିବା ଦରକାର । ତଦନୁସାରେ, କଂସେଇଖାନା ଗୁଡିକ ବି କାର୍ଯ୍ୟକ୍ଷମ କରିବା ପାଇଁ ଓଏସପିସିବି ଠାରୁ ସମ୍ମତି ଆଣିବା ଦରକାର ।

ଅଡିଟ୍ ନୀରିକ୍ଷଣ କଲା ଯେ ଯଦିଓ ସିଏମସିରେ କଂସେଇଖାନା କାର୍ଯ୍ୟକ୍ଷମ ଅଛି ସିଏମସି ଏସପିସିବି ଠାରୁ ସିଏଫ୍ଇ ଏବଂ ସିଏଫଓ ହାସଲ କରିନଥିଲା । ଏସପିସିବି ର ଅନୁମତି ବିନା ସହରାଞ୍ଚଳରେ କଂସେଇଖାନା ଚାଲୁରହିବା ପଶୁମାନଙ୍କୁ ବେଆଇନ ବଧ ସହ ସମାନ । ଏହା ସୂଚିତ କରେ ଯେ ମାନଦଣ୍ଡ ପାଳନ ହେଉନଥିଲା, ଯାହା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ସହ ପରିବେଶକୁ ଦୁଷିତ କରିବା ସମ୍ଭାବନା ଥିଲା ।

### 6.5.2 କଂସେଇଖାନା ର ପରିଚାଳନା ବ୍ୟବସ୍ଥାକୁ ପାଳନ ନକରିବା

କଂସେଇଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁରୁ ଉପଯୋଗୀ ଅଂଶ ଗୁଡିକୁ ବାହାର କରିବା ଏବଂ ଜୀବାଣୁ ଜନିତ ବର୍ଜ୍ୟବସ୍ତୁର ବଳକା ଅଂଶଗୁଡିକର ନିରାପଦ ନିଷ୍କାସନ ପାଇଁ ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ବିସର୍ଜନ ଏକାନ୍ତ ଆବଶ୍ୟକ । କଂସେଇଖାନା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କିମ୍ବା ବିସର୍ଜନ ସୁବିଧାର ଅନୁପସ୍ଥିତିରେ ମୃତ ପଶୁ ଏବଂ ଦୁର୍ଘଟଣା ରେ ପ୍ରାଣହରାଇଥିବା ପଶୁ ମାନଙ୍କ ଶରୀରକୁ ୟୁଏଲବି ଗୁଡିକ ଯଥେଷ୍ଟ ସତର୍କତାର ସହ ଗଭୀର ଖାତରେ ପୋତିବା ଦରକାର(ଅନୁଭାଗ 7.6 ଏମଏସଡବ୍ଲୁ ମାନୁଆଲ,2016) ।

ଅଡିଟ୍ ଦେଖିଲା ଯେ କୌଣସି ବି କଂସେଇଖାନାରେ ବର୍ଜ୍ୟ ପ୍ରକ୍ରିୟାକରଣ ଏବଂ ବିସର୍ଜନ ସୁବିଧା ନଥିଲା । ଉତ୍ପନ୍ନ ହେଉଥିବା ତରଳ ବର୍ଜ୍ୟବସ୍ତୁ ଡ୍ରେନେଜ୍ ବ୍ୟବସ୍ଥା ମଧକୁ ସିଧାସଳଖ ଛଡାଯାଉଥିଲା । କଂସେଇଖାନାରେ ଉତ୍ପନ୍ନ କଠିନ ବର୍ଜ୍ୟବସ୍ତୁ ଏବଂ ଖୁଚୁରା ମଟନ୍/ଚିକେନ/ମାଛ ଦୋକାନର ବର୍ଜ୍ୟବସ୍ତୁ କଠିନ ବର୍ଜ୍ୟବସ୍ତୁ ସହ ମିଶି ଲ୍ୟାଣ୍ଡଫିଲ୍ କୁ ପରିବାହିତ ହେଉଥିଲା । ପଶୁମାନଙ୍କ ମୃତ ଶରୀର ଏବଂ ଗୁଡିକୁ ୟୁଏଲବି ଦ୍ୱାରା ଗଭୀର ଖାତରେ ନ ପୋତି ସେଗୁଡିକୁ ଲ୍ୟାଣ୍ଡଫିଲ୍ ରେ ପକାଯାଉଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ସମସ୍ତ କଂସେଇଖାନାଗୁଡିକରେ ଦୁର୍ଗନ୍ଧ ବାୟୁ ନିର୍ଗମନ ନିୟନ୍ତ୍ରଣ ପାଇଁ ଉପକରଣ ଯୋଗାଇ ଦିଆଯାଇନଥିଲା । ଏହିପରି କଂସେଇଖାନାଗୁଡିକ ପ୍ରଭାବଶାଳୀ ଭାବେ କଂସେଇଖାନା ବର୍ଜ୍ୟବସ୍ତୁ ପରିଚାଳନା କରିପାରିନଥିଲେ, ଯଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ଏବଂ ପରିବେଶର ଦୁଷିତ ହେବାଛଡା ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟିର ସଂଭାବନା ଥିଲା ।

ଅଡିଟ୍ ମନ୍ତବ୍ୟକୁ ଗ୍ରହଣକରି ଡିସି ସାନିଟେସନ ସିଏମସି, କହିଲେ (ଜାନୁଆରୀ 2021) ଯେ କଂସେଇଖାନା ଗୁଡିକର ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ।

## 6.5.3 କଂସେଇଖାନା ଗୁଡିକର ନିର୍ମାଣରେ ନିଷ୍କ୍ରିୟ ବ୍ୟୟ

ପଶୁମାନଙ୍କ ପ୍ରତି କ୍ରୁରତା ରୋକିବା ପାଇଁ (କଂସେଇଖାନା) ନିୟମ,2001 ର ନିୟମ 3(1) ରେ ଧାର୍ଯ୍ୟ କରାଯାଇଛି ଯେ କୌଣସି ବ୍ୟକ୍ତି ଚିହ୍ନିତ କଂସେଇଖାନା କିମ୍ବା ଆଇନ ଦ୍ୱାରା କ୍ଷମତା ପ୍ରାପ୍ତ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ପଶୁବଧ ପାଇଁ ଲାଇସେନ୍ସ ପ୍ରାପ୍ତ କଂସେଇଖାନା ବ୍ୟତିତ ମ୍ୟୁନିସିପାଲିଟି ଅଞ୍ଚଳରେ କୌଣସି ପ୍ରାଣୀକୁ ବଧ କରିବେ ନାହିଁ । ପୁଣି ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ 2003 ର ଅନୁଭାଗ 562 ସୂଚାଏ ଯେ କର୍ପୋରେସନ ଅଞ୍ଚଳରେ କୌଣସି ପଶୁର ରାସ୍ତାକଡରେ ବଧ ସଂମ୍ପୂର୍ଣ୍ଣ ଭାବେ ନିଷେଧ ଅଟେ ।

ଅଡିଟ୍ ଦେଖିଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଛଅଟି (କଟକ-05,ଭୁବନେଶ୍ୱର-01) କଂସେଇଖାନା ଅଛି । ବିଏମସି ଗାଡକଣ ରେ (ଅଗଷ୍ଟ 2017) ₹7.02 କୋଟି ବ୍ୟୟରେ ଏକ କଂସେଇଖାନା ନିର୍ମାଣ କରିଥିଲା ଯାହା ଜାନୁଆରି 2021 ସୁଦ୍ଧା ପରିଚାଳନା ଏବଂ କାର୍ଯ୍ୟକାରୀ କରିବା ପାଇଁ ଟେଣ୍ଡରର ଚୁଡାନ୍ତ ନହେବା ଯୋଗୁଁ ନିଷ୍କ୍ରିୟ ରହିଥିଲା, ଫଳରେ ପାଣ୍ଠି ଅବରୋଧ ହେବା ସହ ସହରାଞ୍ଚଳରେ ବେଆଇନ ଭାବରେ ପଶୁବଧ ପାଇଁ ବାଟ ଖୋଲିଯାଇଥିଲା ।


ଫଟୋଗ୍ରାଫ୍ 40:ସିଏମସି ର ଖାନ୍ ନଗର ଠାରେ ଭଙ୍ଗାରୁଜା ଅବସ୍ଥାରେ କଂସାଇଖାନା

ସିଏମସି ଦ୍ୱାରା ନିର୍ମିତ (1990) ଅନ୍ୟ ପାଞ୍ଚଟି କଂସେଇଖାନା ସିଏମସି ଅଧିକାରୀଙ୍କ ଦ୍ୱାରା ସଠିକ୍ ରକ୍ଷଣାବେକ୍ଷଣ ନହେବା ଯୋଗୁଁ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା ଏବଂ ଏହାର ଚାରିପାଖରେ ଦୁର୍ଗନ୍ଧ ସୃଷ୍ଟି ହେବା ସହ ପରିବେଶକୁ ଦୁଷିତ କରୁଥିଲା । ବିଏମସି ଏବଂ ସିଏମସି ପ୍ରାଧିକାରୀଙ୍କ କଂସେଇଖାନା ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଲାଗି ଟେଣ୍ଡର ଚୁଡାନ୍ତରେ ଅନିଶ୍ଚିତତା ଯୋଗୁଁ କଂସେଇଖାନା ପରିସର ଗୁଡିକ ଅସାସ୍ଥ୍ୟକର ହେଉଥିବା ଏବଂ ବେଆଇନ ପଶୁବଧ ହେଉଥିଲା ।

## 6.6 ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ (ସି ଏବଂ ଡି) ର ପରିଚାଳନା

ଏମଏସଡବ୍ଲୁଏସ ନିୟମ 2000 ର ଧାରା 4.6 ରେ ଦର୍ଶାଯାଇଛି ଯେ ସି ଏବଂ ଡି ବର୍ଜ୍ୟବସ୍ତୁ, ମୁଖ୍ୟତଃ ନିଷ୍କ୍ରିୟ ପ୍ରକୃତିର ହୋଇଥିବା ଯୋଗୁଁ ରାସାୟନିକ କିମ୍ବା ଜୈବ ରାସାୟନିକ ପ୍ରଦୂଷଣ ସୃଷ୍ଟି କରେ ନାହିଁ । ତେଣୁ ସେଗୁଡିକର ପୁନରାବର୍ତ୍ତନ ଏବଂ ପୁନଃ ବ୍ୟବହାର ସାପେକ୍ଷ ପାଇଁ ସର୍ବାଧିକ ପ୍ରୟାସ କରାଯିବା ଉଚିତ୍ । କେବଳ 2016 ରେ ହିଁ ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅଲଗା ନିୟମଗୁଡିକ ହେଲା, ଯଥା ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ପରିଚାଳନା ନିୟମ,2016 ଜିଓଆଇ ଦ୍ୱାରା ସୂଚିତ କରାଯାଇଥିଲା । ଇତି ମଧ୍ୟରେ, ଗୃହ ଏବଂ ନଗର ନିର୍ମାଣ ବିଭାଗ, ଜିଓଓ ସି ଏବଂ ଡି ବର୍ଜ୍ୟବସ୍ତୁ ରଣନୀତି ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ଜାରି କଲେ (ଜାନୁଆରୀ 2021) ।

ଯାଞ୍ଚ ପାଇଁ 2015-17 ମଧ୍ୟରେ ରାଜ୍ୟରେ ଉତ୍ପାଦିତ ଏବଂ ପ୍ରକ୍ରିୟାକୃତ ସି ଏବଂ ଡି ବର୍ଜ୍ୟବସ୍ତୁର ବିବରଣୀ ପ୍ରଦାନ କରିବାକୁ ଏସପିସିବି ସକ୍ଷମ ହୋଇନଥିଲା । ତଥାପି, ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 2017-20 ମଧ୍ୟରେ 24,191ଏମ.ଟି ସି ଏବଂ ଡି ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥିଲା ।

ଯେହେତୁ ୟୁଏଲବି ଗୁଡିକ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଏ ପର୍ଯ୍ୟନ୍ତ ସୁବିଧା ପ୍ରତିଷ୍ଠା କରିନାହାନ୍ତି ଉତ୍ପାଦିତ/ସଂଗୃହିତ ସି ଏବଂ ଡି ଆବର୍ଜନା ଗୁଡିକର ପୁନରାବର୍ତ୍ତନ ଏବଂ ପୁନଃ ବ୍ୟବହାର ସାପେକ୍ଷ କରାଯାଇନଥିଲା ଏବଂ 2017-20 ମଧ୍ୟରେ ଲ୍ୟାଣ୍ଡଫିଲରେ ପକାଯାଇଥିଲା । ଏକ୍ଜିଟ୍ କନଫରେନ୍ସରେ, ଡିଏମଏ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିଶ୍ଚିତ କରିଛନ୍ତି ଯେ ଗୃହ ଏବଂ ନଗର ଉନ୍ନୟନ କେବଳ ଜାନୁଆରୀ 2021 ରୁ ସି ଏବଂ ଡି ପରିଚାଳନା ଆରମ୍ଭ କରିଛି ।

## 6.6.1 ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ନିମନ୍ତେ ରାଜ୍ୟ ନୀତି

ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 9(1) ଅନୁଯାୟୀ, ବିଭାଗର ଦାୟିତ୍ୱରେ ଥିବା ସଚିବ ବିଜ୍ଞପ୍ତି ତାରିଖ ରୁ ଏକ ବର୍ଷ[51] ଯଥା ଫେବୃଆରୀ 2017 ମଧ୍ୟରେ ନିୟମାବଳୀ ଅନୁଯାୟୀ ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ସହିତ ସେମାନଙ୍କ ନୀତିଗତ ଦଲିଲ ପ୍ରସ୍ତୁତ କରିବେ ।

ଅଡିଟ୍ ନୀରିକ୍ଷଣ କଲା ଯେ ପ୍ରଧାନ ସଚିବ, ଗୃହ ଓ ନଗର ନିର୍ମାଣ ବିଭାଗ ଡିସେମ୍ବର 2020 ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ନୀତି ସୂଚିତ କରି ନାହାନ୍ତି । ରାଜ୍ୟ ନୀତିର ଅନୁପସ୍ଥିତିରେ, ନିୟମ 2016 ଲାଗୁ ହେବାର ପାଞ୍ଚ ବର୍ଷ ପରେ ମଧ ବିଭାଗ ଦ୍ୱାରା କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ନାହିଁ ଏବଂ ଉତ୍ପାଦିତ ସି ଏବଂ ଡି ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପାଇଁ ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ସ୍ଥାନକୁ ପଠାଯାଇଥିଲା ।

ଅବଶ୍ୟ, ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ରଣନୈତିକ ପରିଚାଳନା ପାଇଁ ଜିଓଓ (ଜାନୁଆରୀ 2021) ରେ ନିର୍ଦ୍ଦେଶାବଳୀ ଜାରି କରିଛି ଯାହାକି ୟୁଏଲବି ଦ୍ୱାରା (ମାର୍ଚ୍ଚ 2021) ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

## 6.6.2 ସି ଏବଂ ଡି ବର୍ଜ୍ୟବସ୍ତୁ ପାଇଁ ପ୍ରକ୍ରିୟାକରଣ ୟୁନିଟ୍

ସି ଏବଂ ଡି ବର୍ଜ୍ୟବସ୍ତୁର ଧାରା 6(5) ଏବଂ 6(11) ସୂଚାଏ ଯେ ସ୍ଥାନୀୟ କର୍ତ୍ତୃପକ୍ଷ ସଂଗୃହିତ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ/ନିଷ୍କାସନ ପାଇଁ ଉପଯୁକ୍ତ ସ୍ଥାନକୁ ପରିବହନ କରିବେ ଏବଂ ନିର୍ମାଣ କାର୍ଯ୍ୟରେ ସି ଏବଂ ଡି ବର୍ଜ୍ୟବସ୍ତୁରୁ ନିର୍ମିତ ସାମଗ୍ରୀର ବ୍ୟବହାର ପାଇଁ ପ୍ରୋତ୍ସାହନ ପ୍ରଦାନ କରିବେ ।

ଅଡିଟ୍ ନୀରିକ୍ଷଣ କଲା ଯେ, ୟୁଏଲବି ଗୁଡିକ ସି ଏବଂ ଡି ବର୍ଜ୍ୟବସ୍ତୁର ବ୍ୟବହାର, ପୁନଃ ବ୍ୟବହାର ଏବଂ ପ୍ରକ୍ରିୟାକରଣ ସୁବିଧା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିନାହାନ୍ତି ।

ସରକାର କହିଲେ (ମଇ 2022) ଯେ, ରାଜ୍ୟ ସି ଏବଂ ଡି ବର୍ଜ୍ୟ ପ୍ରଣୟନର ପ୍ରାରମ୍ଭିକ ସ୍ତରରେ ଅଛି । ୱାର୍ଡ ଗୁଡିକରୁ ସି ଏବଂ ଡି ବର୍ଜ୍ୟ ସଂଗ୍ରହ କଲା ପରେ ତାକୁ ଏକ ନିର୍ଦ୍ଦିଷ୍ଟ ଯାଗାରେ ପ୍ରକ୍ରିୟାକରଣ ପାଇଁ ରଖାଯାଏ ଏବଂ ତା ପରେ ପ୍ରକ୍ରିୟାକରଣ କରାଯାଏ । ପରନ୍ତୁ, ତଥ୍ୟ ଏହା ଯେ , ସି ଏବଂ ଡି ବର୍ଜ୍ୟର ବ୍ୟବହାର ପାଇଁ ୟୁଏଲ୍‌ବି ଗୁଡିକ ଯୋଜନା ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲେ ଏବଂ ସି ଏବଂ ଡି ନିୟମ 2016 ର କାର୍ଯ୍ୟକାରୀ ହେବାର 5 ବର୍ଷ ପରେ ମଧ୍ୟ ପ୍ରକ୍ରିୟାକରଣ ସୁବିଧା କରିବାରେ ବିଫଳ ହୋଇଥିଲେ ।

## 6.6.3 ସହର ଗୁଡିକରେ ସି ଏବଂ ଡି ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପ୍ରାଧିକରଣ

ସି ଏବଂ ଡି ପରିଚାଳନା ନିୟମ 2016 ର ଧାରା 8(2) ଅନୁଯାୟୀ, ଫର୍ମ -1 ରେ ଗ୍ରହଣ କରାଯାଇଥିବା ଆବେଦନକୁ ଯାଞ୍ଚ କରିବା ପରେ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ଫର୍ମ- III ରେ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ ଏସପିସିବି ଅନୁମତି ପ୍ରଦାନ କରିବ ।

ଅଡିଟ୍ ନୀରିକ୍ଷଣ କଲା ଯେ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ କୌଣସି ବି ୟୁଏଲବି ସ୍ୱୀକୃତି ପାଇଁ ଆବେଦନ କରିନାହାନ୍ତି ଯାହା ଦ୍ୱାରା କୌଣସି ପ୍ରକ୍ରିୟାକରଣ କିମ୍ବା ପୁନଃ ବ୍ୟବହାର ନକରି ସି ଏବଂ ଡି ଆବର୍ଜନା ଖୋଲା ସ୍ଥାନରେ ପକାଯାଉଛି ଏବଂ ପରିବେଶ ପ୍ରଦୂଷଣ ହେଉଛି ।

ସରକାର କହିଲେ (ମଇ 2022) ଯେ, ସି ଏବଂ ଡି ବର୍ଜ୍ୟ ଠିକ୍ ସମୟରେ ପ୍ରକ୍ରିୟାକରଣ ଲାଗି ଅଧିକୃତ ନିମନ୍ତେ ଆବେଦନ କରିବା ଲାଗି ପଦକ୍ଷେପ ନିଆଯିବ ।

[51] ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାର୍ଚ୍ଚ 2016 ରୁ ଲାଗୁ ହୋଇଛି

### 6.6.4 ନିର୍ମାଣ କାର୍ଯ୍ୟପାଇଁ ସିଏବଂ ଡି ବର୍ଜ୍ୟବସ୍ତୁ ବ୍ୟବହାର ନହେବା

ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 11 ରେ କୁହାଯାଇଛି ଯେ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ଏବଂ ଇଣ୍ଡିଆନ ରୋଡ କଂଗ୍ରେସ (ଆଇଆର୍‌ସି) ପୁନଃ ବ୍ୟବହୃତ ସାମଗ୍ରୀ ଏବଂ ନିର୍ମାଣ ଏବଂ ଏହାର ଭଗ୍ନ ବର୍ଜ୍ୟବସ୍ତୁ କୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ପାଇଁ ନିୟମ ଏବଂ ମାନକ ପ୍ରସ୍ତୁତ ପାଇଁ ଦାୟୀ ରହିବେ ଏବଂ ଆଇଆର୍‌ସି ମୁଖ୍ୟତଃ ରାସ୍ତା ନିର୍ମାଣ ନିମନ୍ତେ ମାନକ ଏବଂ ଅଭ୍ୟାସ ରୀତି ପାଇଁ ଉତ୍ତରଦାୟୀ ରହିବ । ଆଇଆର୍‌ସି - 121-2017 ସି ଏବଂ ଡି ବର୍ଜ୍ୟକୁ ରାସ୍ତା କାମରେ ବ୍ୟବହାର ଲାଗି ନିୟମ ପ୍ରଦାନ କରିଥିଲା ।



ଫଟୋଗ୍ରାଫ୍ 41:ରାଉରକେଲା ବିପିୟୁଟି ଠାରେ ସି ଏବଂ ଡି ବର୍ଜ୍ୟବସ୍ତୁ ର ଜମାସ୍ଥଳ

ଅଡିଟ୍ ନୀରିକ୍ଷଣ କଲା ଯେ କୌଣସି ବି ୟୁଏଲବି ସି ଏବଂ ଡି ବର୍ଜ୍ୟ କୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିନଥିଲେ ଏବଂ ଏହା ଖୋଲା ଜାଗା ରେ ଜମିରହି ପରିବେଶ ପ୍ରଦୂଷଣ କରୁଥିଲା ।

ସରକାର କହିଲେ (ମଇ 2022) ଯେ, ସଂଗୃହିତ ବର୍ଜ୍ୟର ପରିମାଣ ଲାଭଜନକ ପ୍ରକଳ୍ପ ନିମନ୍ତେ ଯଥେଷ୍ଟ ନଥିଲା । ତେଣୁ ସି ଏବଂ ଡି ବର୍ଜ୍ୟକୁ ରାସ୍ତା ନିର୍ମାଣର ସବ-ଗ୍ରେଡ୍, ସବ୍-ବେସ୍, ଖାଲ ଯାଗାକୁ ଉଚ୍ଚା କରିବା ଲାଗି ବ୍ୟବହାର କରାଯାଉଅଛି । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି ସିଏବଂ ଡି ବର୍ଜ୍ୟକୁ ରାସ୍ତା ନିର୍ମାଣ ପାଇଁ ବ୍ୟବହାର କରିନଥିଲେ ଏବଂ ଏହା ଖୋଲା ଯାଗାରେ ଜମା କରାଯାଇଥିଲା ଯାହା ପରିବେଶ ଦୂଷିତ କରୁଥିଲା ।

### 6.6.5 ଧୂଳି ହ୍ରାସ ନିମନ୍ତେ ପଦକ୍ଷେପ ର ଅଣ କାର୍ଯ୍ୟକାରୀତା

ଗେଜେଟ୍ ବିଜ୍ଞପ୍ତି 25 ଜାନୁଆରୀ 2018 (ଧାରା 106 ଏବଂ 107) ଅନୁଯାୟୀ, ଖୋଲା ଅଞ୍ଚଳରେ ନିର୍ମାଣ ସାମଗ୍ରୀକୁ ଗୁଣ୍ଡ କରିବା , କାଟିବା ଏବଂ ରାସ୍ତା ପାର୍ଶ୍ୱରେ ସଂରକ୍ଷଣ କରିବା ନିଷେଧ । ନିର୍ମାଣ ସାମଗ୍ରୀ ଏବଂ ବର୍ଜ୍ୟବସ୍ତୁ ବହନ କରୁଥିବା କୌଣସି ଯାନକୁ ବିନା ଆବରଣରେ ପରିବହନ ପାଇଁ ଅନୁମତି ଦିଆଯିବ ନାହିଁ । ଅଡିଟ୍ ନୀରିକ୍ଷଣ କଲା ଯେ ଜନସାଧାରଣ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ ସାମଗ୍ରୀ ବିନା ଆବରଣରେ ପରିବହନ ହେଉଥିଲା ଯାହା ଫଟୋଗ୍ରାଫ୍ 42 ରେ ଦେଖାଯାଇଛି । ୟୁଏଲବି ଗୁଡିକ ପରିବେଶ ପ୍ରଦୂଷଣ କରୁଥିବା ଲାଗି ନିୟମର ଉଲଙ୍ଘନ ନିମନ୍ତେ କୌଣସି ଦଣ୍ଡବିଧାନ କରିନାହାନ୍ତି ।



ଫଟୋଗ୍ରାଫ୍ 42: ରାଉରକେଲା ୟୁଏଲବିରେ ନିର୍ମାଣ ସାମଗ୍ରୀ ଖୋଲା ଗାଡିରେ ପରିବହନ ହେଉଛି

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଲାଗି ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇଛି ।

### 6.6.6 ନିର୍ମାଣ ଓ ଏହାର ଧ୍ୱଂସାବଶେଷ ବର୍ଜ୍ୟବସ୍ତୁ ର ବହୁଳ ଉତ୍ପାଦକ ଙ୍କ ଉପରେ ବ୍ୟବହାର ଶୁଳ୍କ ଲାଗୁ ନହେବା

ସି ଏଣ୍ଡ ଡି ବର୍ଜ୍ୟ ପରିଚାଳନା ନିୟମ 2016, ର ଧାରା 4(5) ଅନୁଯାୟୀ ପ୍ରତ୍ୟେକ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ ସ୍ଥିର କରିଥିବା ଦେୟ ପ୍ରଦାନ କରିବେ । ଅଡିଟ୍ ନୀରିକ୍ଷଣ କଲା ଯେ କୌଣସି ବି ୟୁଏଲବି ଦେୟ ଦର ଏବଂ ସି ଏଣ୍ଡ ଡି ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀଙ୍କ ଠାରୁ ଦେୟ ସଂଗ୍ରହର ନିୟମ ସ୍ଥିର କରିନଥିଲେ ।

ସରକାର କହିଲେ (ମଇ 2022) ଯେ, ସି ଏବଂ ଡି ବର୍ଜ୍ୟ ଉତ୍ପନ୍ନ କାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ ଲାଗି ୟୁଏଲବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରନ୍ତୁ, ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ବ୍ୟବହାର ଶୁଳ୍କ ସଂଗ୍ରହ କରିବାରେ ବିଫଳ ହୋଇଥିଲେ ଯାହା ସୂଚିତ କରୁଥିଲା ଯେ ୟୁଏଲବି ଗୁଡିକ ନିଜ ରାଜସ୍ୱ ଆଦାୟ ଲାଗି ସକ୍ରିୟ ନଥିଲେ ଏବଂ ଉଲଘଂନକାରୀ ଙ୍କ ପ୍ରତି କଠୋର ନଥିଲେ ।

# ଅଧ୍ୟାୟ – VII

# ସ୍ମାର୍ଟ ସିଟି ଦ୍ଵାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା

# ଅଧ୍ୟାୟ – VII

## ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ର ପରିଚାଳନା

### 7.1 ସ୍ମାର୍ଟ ସିଟି ର ଉଦ୍ଦେଶ୍ୟ

ଭାରତ ସରକାର ସ୍ମାର୍ଟ ସିଟି ମିଶନ୍ ଦେଶର 100 ଟି ସହରକୁ ଅନ୍ତର୍ଭୁକ୍ତ କରିଥିଲେ (ଜୁନ୍ 2015) । ଦେଶର 100 ଟି ସହର ମଧ୍ୟରୁ ଓଡିଶାର ଦୁଇଟି ସହର କୁ ସ୍ମାର୍ଟ ସିଟି ଭାବରେ ଚିହ୍ନଟ କରାଯାଇଥିଲା ।

ସ୍ମାର୍ଟ ସିଟି ମିଶନର ଉଦ୍ଦେଶ୍ୟ ହେଉଛି ସହରଗୁଡିକୁ ପ୍ରୋତ୍ସାହିତ କରିବା ଯାହାକି ମୂଳ ଭିତ୍ତିଭୂମି ଯୋଗାଇବ ଏବଂ ଏହାର ନାଗରିକ ମାନଙ୍କୁ ଏକ ସ୍ୱଚ୍ଛ ଏବଂ ନିରନ୍ତର ବିକାଶ ସହିତ ଏକ ଗୁଣାତ୍ମକ ଜୀବନ ପ୍ରଦାନ କରିବ । ଧାରଣା ଥିଲା ଯେ ଆବଦ୍ଧ କ୍ଷେତ୍ର ଗୁଡିକର ବିକାଶ, ଏକ ଅବିକଳ ମଡେଲ ସୃଷ୍ଟି କରିବ ଯାହାକି ଅନ୍ୟ ଆଶାୟୀ ସହର ଗୁଡିକ ପାଇଁ ଏକ ସହଜ ପରିକଳ୍ପନା ପରି କାର୍ଯ୍ୟ କରିବ । ସ୍ମାର୍ଟ ସିଟି ମିଶନ୍ ନିର୍ଦ୍ଦେଶାବଳୀ ଦଶଟି[52] ମୂଳ ଭିତ୍ତିଭୂମି ଉପାଦାନ ଯୋଗାଇଦେଇଥିଲା ଯାହାକି ପାଞ୍ଚବର୍ଷର (2015-20) ମିଶନ୍ ଅବଧି ମଧ୍ୟରେ ସମାପ୍ତ ହେବା କଥା । କଠିନ ବର୍ଜ୍ୟବସ୍ତୁ ପରିଚାଳନା ହେଉଛି ଦଶଟି ମୌଳିକ ଭିତ୍ତୀଭୂମି ଉପାଦାନ ମଧ୍ୟରୁ ଗୋଟିଏ ।

### 7.2 ସ୍ମାର୍ଟ ସିଟି ପାଇଁ ପରିକଳ୍ପିତ ସଂସ୍ଥାଗତ ତନ୍ତ୍ର

ନିର୍ଦ୍ଦେଶାବଳୀ ଅନୁଯାୟୀ, ସହର ସ୍ତରରେ ମିଶନର କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟ ପୂରଣ ପାଇଁ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସପିଭି) ସିଟି ସ୍ତରରେ ସୃଷ୍ଟି କରାଯାଏ । ଏସପିଭି ସ୍ମାର୍ଟ ସିଟି ବିକାଶ ପ୍ରକଳ୍ପର ଯୋଜନା,ମୂଲ୍ୟାଙ୍କନ, ଅନୁମୋଦନ, ପାଣ୍ଠିଛାଡିବା, ବିକାଶର କାର୍ଯ୍ୟକାରୀ, ପରିଚାଳନା, ମନିଟରିଂ ଏବଂ ମୂଲ୍ୟାୟନ କରିବ । ପ୍ରତ୍ୟେକ ସ୍ମାର୍ଟ ସିଟିରେ ଏକ ଏସପିଭି ରହିବ ଯାହାକି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ଏହି ପ୍ରକଳ୍ପ କାର୍ଯକାରୀ କରିବା ପାଇଁ ବୋର୍ଡରେ କେନ୍ଦ୍ର/ରାଜ୍ୟ ସରକାର ଏବଂ ୟୁଏଲବି ର ମନୋନୀତ ବ୍ୟକ୍ତି ମାନେ ରହିବେ । ବୋର୍ଡର ନିର୍ଦ୍ଦେଶନାମା ଅନୁଯାୟୀ ଏସ୍‌ପିଭି କାର୍ଯ୍ୟ ନଜର ରଖିବା ପାଇଁ ପାଞ୍ଚଜଣ ସ୍ୱାଧୀନ ନିର୍ଦ୍ଦେଶକ ସହିତ ଓଡିଶା ସରକାରଙ୍କ ଠାରୁ 13 ଜଣ ନିର୍ଦ୍ଦେଶକ ରହିବେ, ସେମାନଙ୍କ ମଧ୍ୟରୁ ସାତ ଜଣ ମହିଳା ନିର୍ଦ୍ଦେଶକ ଅର୍ନ୍ତଭୁକ୍ତ ହେବେ । ସ୍ମାର୍ଟ ସିଟି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ମେୟରଙ୍କ ନେତୃତ୍ୱରେ ଏକ ସହର ସ୍ତରୀୟ ପରାମର୍ଶଦାତା କମିଟି ଏବଂ ସହରର ନେତା ମାନଙ୍କ ମଧ୍ୟରୁ ଅନ୍ୟ ସଦସ୍ୟ ଏସ୍‌ପିଭି କୁ ପରାମର୍ଶ ଦେବାର ବ୍ୟବସ୍ଥା ରହିଛି।

ବୋର୍ଡର ଜଣେ ଅଧକ୍ଷ ଙ୍କ ନେତୃତ୍ୱରେ ପରିଚାଳିତ ହେବ ଯିଏ କି ପଦ ଅନୁସାରେ ଓଡିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ର ଉନ୍ନୟନ କମିଶନର-ଓ-ଅତିରିକ୍ତ ମୁଖ୍ୟ ସଚିବ ଅଟନ୍ତି । ସ୍ମାର୍ଟ ସିଟିର ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ପୂର୍ଣ୍ଣକାଳୀନ ମୁଖ୍ୟ କାର୍ଯ୍ୟକାରି ଅଧିକାରୀ ରହିବେ ଏବଂ ମୁଖ୍ୟ ପ୍ରବନ୍ଧ ନିର୍ଦ୍ଦେଶକ ହିସାବରେ ମ୍ୟୁନିସିପାଲ କର୍ପୋରେସନ କମିଶରଙ୍କ ଦ୍ୱାରା ଏସ୍‌ପିଭି ପରିଚାଳିତ ହେବ ।

### 7.3 ରଣନୀତିକ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ପ୍ରସ୍ତାବ (ଏସସିପି) ତିନୋଟି ପ୍ରକାର ଟାଇପୋଲୋଜି ,(କ) କ୍ଷେତ୍ରର ଉନ୍ନତି (ଖ) ସହରର ନବୀକରଣ ଏବଂ (ଗ) ସହରର ସମ୍ପ୍ରସାରଣ ଏବଂ ଅତି କମ୍ ରେ ସହର ଅନୁଯାୟୀ ଏକ (ପାନ୍ ସିଟି) ଉପରେ ଆଧାର କରି କ୍ଷେତ୍ର ବିକାଶ ପାଇଁ ରଣନୀତିକ କାର୍ଯ୍ୟ ଯୋଜନା ଧାରଣ କରିବ ଯାହା ଭୌତିକ,ଆର୍ଥିକ,ସାମାଜିକ ଏବଂ ଆନୁଷ୍ଠାନିକ ଭିତ୍ତିଭୂମିର ସ୍ମାର୍ଟ ସମାଧାନ ପାଇଁ ପଦକ୍ଷେପ ନେବ ।

ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା ସହରଗୁଡିକରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱାରା ସେପରି କୌଣସି ରଣନୀତି ଭିତ୍ତିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇନାହିଁ ।

---

[52] ସ୍ମାର୍ଟ ସିଟି ମିଶନ ର ଦଶଟି ଉପାଦାନ (i) ପର୍ଯ୍ୟାପ୍ତ ଜଳ ଯୋଗାଣ (ii)ସୁନିଶ୍ଚିତ ବିଦ୍ୟୁତ ଯୋଗାଣ (iii)ସ୍ୱଚ୍ଛତା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା (iv) ସରକାରୀ ପରିବହନ ଏବଂ ଦକ୍ଷ ସହରୀ ଯାତାୟାତ (v)ବିଶେଷତଃ ଗରିବଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ଗୃହ (vi) ସୂଚନା ଓ ପ୍ରଜୁକ୍ତି ବିଦ୍ୟାର ଯୋଗାଯୋଗ ଏବଂ ଡିଜିଟାଲାଇଜେସନର ସୁଦୃଢିକରଣ (vii) ଭଲ ଶାସନ ରୀତି , ବିଶେଷକରି ଇ-ଶାସନ, ଜନସାଧାରଣଙ୍କ ଯୋଗଦାନ (viii) ସହନୀୟ ପରିବେଶ (ix) ନିରାପଦ ଏବଂ ସହରବାସୀଙ୍କ ସୁରକ୍ଷା ,ବିଶେଷକରି ମହିଳା,ଶିଶୁ ଓ ବୟସ୍କ ଏବଂ (x) ସ୍ୱାସ୍ଥ୍ୟ ଏବଂ ଶିକ୍ଷା

## 7.4 ଆର୍ଥିକ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକ୍ରିୟା ସ୍ମାର୍ଟସିଟି ପ୍ରସ୍ତାବରେ ପ୍ରସ୍ତାବର ସମ୍ପୂର୍ଣ୍ଣ ଜୀବନ ଚକ୍ରର ଆର୍ଥିକ ଯୋଜନା ଅନ୍ତର୍ଭୁକ୍ତ କରାଯିବ । ଏହି ଆର୍ଥିକ ଯୋଜନାରେ ପୁଞ୍ଜି ବିନିଯୋଗ ଏବଂ ପ୍ରକଳ୍ପର ଅବଧି ଉପରେ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ସଂଗ୍ରହର ଆଭ୍ୟନ୍ତରୀଣ (ଟିକସ,ଭଡା,ଲାଇସେନ୍ସ ଏବଂ ଉପଭୋକ୍ତା ଦେୟ)ଏବଂ ବାହ୍ୟ (ଅନୁଦାନ,ନିର୍ଦ୍ଦିଷ୍ଟ ରାଜସ୍ୱ,ଋଣ ଏବଂ କରଜ) ଉତ୍ସଗୁଡିକ ଚିହ୍ନଟ ହେବ । ଆର୍ଥିକ ଯୋଜନା 8-10 ବର୍ଷ କିମ୍ବା ତାଠାରୁ ଅଧିକ ସମୟ ମଧ୍ୟରେ ପ୍ରକଳ୍ପ ମୂଲ୍ୟର ପରିଶୋଧ ଏବଂ ଓ ଆଣ୍ଡ୍ ଏମ୍ ମୂଲ୍ୟ ପାଇଁ ଉତ୍ସ ପ୍ରଦାନ କରିବ, ଆହୁରି ମଧ୍ୟ ୟୁଏଲବି ଗୁଡିକର ଆର୍ଥିକ ସୁଦୃଢ଼ୀକରଣ ନିମନ୍ତେ ଉତ୍ସ ଉନ୍ନତିକରଣର ଖସଡା ଅନ୍ତର୍ଭୁକ୍ତ କରିବ ।

ଏହା ଦେଖାଯାଇଥିଲା ଯେ, ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଭୟ ସ୍ମାର୍ଟସିଟି ଦ୍ୱାରା ସେପରି କୌଣସି ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।

## 7.5 ନାଗରିକ ପରିଚାଳିତ କାର୍ଯ୍ୟ ଯୋଜନା

ନିର୍ଦ୍ଦେଶାବଳୀ ଅନୁଯାୟୀ,ଏସସିପି ସ୍ମାର୍ଟ ନାଗରିକତ୍ୱ ସୃଷ୍ଟି କରିବ । ଏହି ପ୍ରସ୍ତାବ ଆରମ୍ଭରୁ ନାଗରିକଙ୍କ ଦ୍ୱାରା ପରିଚାଳିତ ହେବ, ଯେପରିକି ବାସିନ୍ଦା କଲ୍ୟାଣ ସଙ୍ଗଠନ, ଟିକସଦାତା ସଂଘ,ବରିଷ୍ଠ ନାଗରିକ ଏବଂ ବସ୍ତି ବସିନ୍ଦା ସଙ୍ଗଠନ ଇତ୍ୟାଦି, ପ୍ରତ୍ୟକ୍ଷ ଭାବେ ଲୋକସମୁହଙ୍କୁ ଅର୍ନ୍ତଭୁକ୍ତ କରି ନାଗରିକ ମାନଙ୍କ ପରାମର୍ଶକ୍ରମେ ହାସଲ କରାଯିବ । ପରାମର୍ଶ ସମୟରେ ନାଗରିକ ଏବଂ ଗୋଷ୍ଠୀର ସମସ୍ୟା,ଆବଶ୍ୟକତା ଏବଂ ପ୍ରାଥମିକତା ଚିହ୍ନଟ ହେବ ଏବଂ ନାଗରିକ ପରିଚାଳିତ ସମାଧାନ ଗୁଡିକ ସୃଷ୍ଟି ହେବ ।

ଅଡିଟ୍ ରେ ଏହା ଦେଖାଗଲା ଯେ ବର୍ଜ୍ୟବସ୍ତୁ ପରିଚାଳନାରେ ନାଗରିକଙ୍କ ଅଂଶଗ୍ରହଣ ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱାରା କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ନାହିଁ । ଏହିପରି, ସ୍ମାର୍ଟ ସିଟିରେ ବର୍ଜ୍ୟବସ୍ତୁ ପରିଚାଳନାରେ ନାଗରିକଙ୍କ ଅଂଶଗ୍ରହଣ ଦ୍ୱାରା ତଳ ସ୍ତରରୁ ସୂଚନା ଗୁଡିକ ମିଳିପାରିଲା ନାହିଁ ।

## 7.6 ବର୍ଜ୍ୟବସ୍ତୁ ପରିଚାଳନା ଉପାଦାନର କାର୍ଯ୍ୟକାରିତା

ସହର ସ୍ତରରେ ସ୍ମାର୍ଟ ସିଟି ମିଶନର ଏସଡବ୍ଲୁଏମ ଉପାଦାନର କାର୍ଯ୍ୟକାରିତା ଏସପିଭି ଦ୍ୱାରା କରାଯିବ । ରାଜ୍ୟ/ୟୁଏଲବି ଗୁଡିକ ନିଶ୍ଚିତ କରିବେ ଯେ (କ) ଏକ ଉତ୍ସର୍ଗୀକୃତ ଏବଂ ମହତ୍ୱପୂର୍ଣ୍ଣ ରାଜସ୍ୱ ଷ୍ଟ୍ରିମ୍ ଏସପିଭି ପାଇଁ ଉପଲବ୍ଧ ହୋଇଛି ଯେପରି ଦ୍ୱାରା ଏହା ସ୍ୱୟଂ ସ୍ଥାୟୀ ହୋଇପାରିବ ଏବଂ ବଜାରରୁ ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ନିଜର କ୍ରେଡିଟ୍ ମୂଲ୍ୟବୋଧକୁ ବିକଶିତ କରିପାରିବ ଏବଂ (ଖ) ସ୍ମାର୍ଟ ସିଟି ପାଇଁ ସରକାରୀ ଅବଦାନ କେବଳ ଯାହା ଭିତ୍ତିଭୂମି ସୃଷ୍ଟିକରି ଜନସାଧାରଣ ପାଇଁ ଲାଭଦାୟକ ଫଳାଫଳ ଉତ୍ପନ୍ନ କରିବାକୁ ବ୍ୟବହୃତ ହେବ । ଏହି ପାଣ୍ଠିକୁ ନଗର ଉନ୍ନୟନ ମନ୍ତ୍ରାଳୟର ସର୍ତ୍ତ ଅନୁଯାୟୀ କାର୍ଯ୍ୟକରାଯିବ । କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ଉଚିତ୍ ଯେଉଁଥିପାଇଁ ଅନୁଦାନ ପ୍ରଦାନ କରାଯାଇଛି ।

ସେହି ଅନୁଯାୟୀ 08 ମାର୍ଚ୍ଚ 2016 ରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଏବଂ 03 ଅକ୍ଟୋବର 2016 ରୁ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆରଏସସିଏଲ) ପ୍ରତିଷ୍ଠା କରାଯାଇଥିଲା । ଏସପିଭି ପ୍ରତିଷ୍ଠା ପୂର୍ବରୁ ଏହି ସ୍ମାର୍ଟ ସହରଗୁଡିକରେ କଠିନ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ର ସ୍ଥିତି ନିମ୍ନ ସାରଣୀ ରେ ଦର୍ଶାଯାଇଛି ।

### ସାରଣୀ 7.1 2011-12 ରୁ 2014-15 ମଧ୍ୟରେ ଉତ୍ପାଦିତ ବର୍ଜ୍ୟବସ୍ତୁର ସ୍ଥିତି

(ପରିମାଣ ଟନ୍ ରେ)

| | ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ | | | ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ | | |
|---|---|---|---|---|---|---|
| ବର୍ଷ | କଠିନ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | ନିର୍ମାଣ ଏବଂ ଏହା ଭଗ୍ନାବଶେଷ ବର୍ଜ୍ୟବସ୍ତୁ | କଠିନ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | ନିର୍ମାଣ ଏବଂ ଏହା ଭଗ୍ନାବଶେଷ ବର୍ଜ୍ୟବସ୍ତୁ |
| 2011-12 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 80 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2012-13 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2013-14 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |
| 2014-15 | 450 | ତଥ୍ୟ ନାହିଁ | ତଥ୍ୟ ନାହିଁ | 125 | ତଥ୍ୟ ନାହିଁ | ତଥ୍ୟ ନାହିଁ |

(ଉତ୍ସ: ଏସପିସିବିର ବାର୍ଷିକ ରିପୋର୍ଟ ଅନୁସାରେ )

ଅଡିଟ୍ ରେ ଏହା ଦେଖାଗଲା ଯେ ଉଭୟ ସ୍ମାର୍ଟ ସିଟିରେ ବଜ୍ୟବସ୍ତୁ ପରିଚାଳନା ପାଇଁ ଏସପିଭି ଗୁଡିକ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ନଥିଲେ । ଫଳସ୍ୱରୂପ , ଉଭୟ ସହରେ ଉତ୍ପାଦିତ ଏବଂ ସଂଗୃହିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହୋପାରିଲା ନାହିଁ ଏବଂ ଶେଷରେ ଲ୍ୟାଣ୍ଡଫିଲ୍ ରେ ପକାଗଲା ଯାହା ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ - 7.2: 2015-16 ରୁ 2019-20 ପର୍ଯ୍ୟନ୍ତ ସ୍ମାର୍ଟସିଟିରେ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ଉତ୍ପାଦନ,ସଂଗ୍ରହ ଏବଂ ପ୍ରକ୍ରିୟାକରଣ ର ସ୍ଥିତି**

| ବିଶେଷ | 2015-16 | 2016-17 | 2017-18 | 2018-19 | 2019-20 |
|---|---|---|---|---|---|
| **କଠିନ ବର୍ଜ୍ୟବସ୍ତୁ ର ଦୈନିକ(ଟନ୍ ରେ )** | | | | | |
| ଉତ୍ପାଦିତ କଠିନ ବର୍ଜ୍ୟବସ୍ତୁ | 575 | 575 | 640 | 640 | 640 |
| ସଂଗୃହୀତ କଠିନ ବର୍ଜ୍ୟବସ୍ତୁ | 545 | 545 | 622 | 622 | 622 |
| ପ୍ରକ୍ରିୟାକୃତ କଠିନ ବର୍ଜ୍ୟବସ୍ତୁ | 0 | 0 | 0 | 0 | 0 |
| ଲ୍ୟାଣ୍ଡଫିଲ୍ କଠିନ ବର୍ଜ୍ୟବସ୍ତୁ | 545 | 545 | 622 | 622 | 622 |
| **ପ୍ଲାଷ୍ଟିକ୍ ଆବର୍ଜନା ବାର୍ଷିକ ଟନ୍ ରେ** | | | | | |
| ଉତ୍ପାଦିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85* | ତଥ୍ୟ ନାହିଁ | 2160* | 15292 | 17520 |
| ସଂଗୃହୀତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85 | ତଥ୍ୟ ନାହିଁ | 2160 | 15292 | 17520 |
| ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 0 | ତଥ୍ୟ ନାହିଁ | 0 | 0 | 0 |
| ଲ୍ୟାଣ୍ଡଫିଲ୍ କୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ | 85 | ତଥ୍ୟ ନାହିଁ | 2160 | 15292 | 17520 |
| **ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ବାର୍ଷିକ୍ ଟନ୍ ରେ** | | | | | |
| ଉତ୍ପାଦିତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |
| ସଂଗୃହୀତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |
| ପ୍ରକ୍ରିୟାକୃତ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 0 | 0 |
| ଲ୍ୟାଣ୍ଡଫିଲ୍ ନିମନ୍ତେ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ | ତଥ୍ୟ ନାହିଁ | ତଥ୍ୟ ନାହିଁ | ତଥ୍ୟ ନାହିଁ | 67 | 67 |

ଏହା ଉପରୋକ୍ତ ସାରଣୀରୁ ଦେଖାଯାଇ ପାରେ ଯେ, 2,956 ଟିପିଡି କ ଠିନ ବର୍ଜ୍ୟବସ୍ତୁ ଏବଂ 35,057 ଟିପିଡି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ 2015-20 ମସିହାରେ ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ରେ ପକାଯାଇଥିଲା । ସେଇଭଳି 2018-2020 ମଧରେ ସଂଗୃହୀତ 134 ଟିପିଏ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ , ୟୁଏଲବି ଏବଂ ସ୍ମାର୍ଟ ସିଟିରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଅଭାବର ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ରେ ପକାଯାଇଥିଲା । ଉଭୟ ସ୍ମାର୍ଟସିଟି ମାର୍ଚ୍ଚ 2021 ସୁଦ୍ଧା ପ୍ରକ୍ରିୟାକରଣ ପାଇଁ କୌଣସି ଏସଡବ୍ଲୁଏମ ପ୍ରକଳ୍ପ କାର୍ଯ୍ୟକାରି କରିନାହାନ୍ତି । ଆବର୍ଜନା ମୁକ୍ତ ସ୍ମାର୍ଟସିଟିର ଉଦ୍ଦେଶ୍ୟ ପୂରଣ ନହେବା ଏହି ଏସପିଭି ମାନଙ୍କର ଉତ୍ତରଦାୟୀତ୍ୱହିନତା କୁ ସୂଚିତ କରୁଛି ।

ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଗ୍ରହଣ କରାଯିବାକୁ ଥିବା ନୀତି ହେଉଛି 3 ଆର ପଦାନୁକ୍ରମ ଯାହା ଅନାବଶ୍ୟକ ବର୍ଜ୍ୟ କମାଇବା, ପୁନଃ ବ୍ୟବହାର କରିବା ଏବଂ ଅନାବଶ୍ୟକ ଜିନିଷକୁ ବଜାର ଉପଯୋଗି କରିବାକୁ ପୁନଃ ବ୍ୟବହାରିତ ପଦାର୍ଥରେ ରୂପାନ୍ତରିତ କରିବା ପାଇଁ , ପୁନଃ ପ୍ରକ୍ରିୟାକରଣ କରିବା ଏହା 3 ଆର ନୀତି ର ଆଭିମୁଖ୍ୟ ସହିତ ଘନିଷ୍ଠ ଭାବେ ଜଡିତ, ଯାହା ବର୍ଜ୍ୟବସ୍ତୁର ପରିମାଣ, ଏହାର ପରିଚାଳନା ସହିତ ଜଡିତ ମୂଲ୍ୟ ଏବଂ ପରିବେଶ ଉପରେ ପ୍ରଭାବ କମାଇବାରେ ସାହାଯ୍ୟ କରେ । ଏସଡବ୍ଲୁଏମ ମାନୁଆଲ ଦର୍ଶାଏ ଯେ, ବର୍ଜ୍ୟବସ୍ତୁ କମ୍ କରିବା, ରଣନୀତି ଜାତୀୟ, ରାଜ୍ୟ ତଥା ସହର ସ୍ତରରେ ନୀତିଗତ ହସ୍ତକ୍ଷେପ ଦରକାର କରେ ।

ଅଡିଟ ନୀରିକ୍ଷଣ କରି ଦେଖିଲେ ଯେ ସ୍ମାର୍ଟସିଟି ସହରଗୁଡିକ ମାର୍ଚ୍ଚ 2021 ସୁଦ୍ଧା ବର୍ଜ୍ୟବସ୍ତୁ କୁ ରୋକିବା, କମ କରିବା, ପୁନଃ ବ୍ୟବହାର ପାଇଁ କୌଣସି ରଣନୀତି/ ନୀତି ଆରମ୍ଭ କରିନଥିଲେ ଯାହା ଫଳରେ ଶତପ୍ରତିଶତ ବର୍ଜ୍ୟବସ୍ତୁ କୌଣସି ପ୍ରକିୟାକରଣ ହୋଇନପାରି ଲ୍ୟାଣ୍ଡଫିଲ/ ଡମ୍ପିଂ ଅଞ୍ଚଳରେ ଜମା ହୋଇଥିଲା ।

## 7.6.1 ପାଣିର ଅନ୍ୟତ୍ର ବିନିଯୋଗ

ସ୍ମାର୍ଟ ସିଟି ମିଶନ ନିୟମାବଳୀ ସହରଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ଯେପରି ବର୍ଜ୍ୟରୁ ଶକ୍ତି ଏବଂ ଇନ୍ଧନ ଦ୍ରବ୍ୟକୁ କମ୍ପୋଷ୍ଟରେ ପରିଣତ, ବର୍ଜ୍ୟଜଳ ବିଶୋଧନ ହେବା ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ପୁନଃ ବ୍ୟବହାର ଏବଂ ହ୍ରାସ କରିବାକୁ ସୁପାରିଶ କରେ ।

ଅଡିଟ୍ ଦେଖିଲା (ଡିସେମ୍ବର 2020) ଯେ ଏକ ଏସଡବ୍ଲୁଏମ ପ୍ରକଳ୍ପ "ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ" (ଯଥା ବର୍ଜ୍ୟବସ୍ତୁରୁ ଶକ୍ତି ଏବଂ ଇନ୍ଧନ, ବର୍ଜ୍ୟରୁ କମ୍ପୋଷ୍ଟ,ବର୍ଜ୍ୟଜଳ ବିଶୋଧନ ଏବଂ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ) କାର୍ଯ୍ୟକାରୀ କରିବା ପାଇଁ ବିଏସସିଏଲ ଭୁବନେଶ୍ୱର ମହାନଗର ନିଗମକୁ । ଦୁଇଟି ପର୍ଯ୍ୟାୟରେ (ମାର୍ଚ୍ଚ

2017/ମାର୍ଚ୍ଚ 2018) ₹25 କୋଟି[53] ପାଣ୍ଠି ପ୍ରଦାନ କରିଥିଲା । ପରନ୍ତୁ ବିଏମସି ଖନନକାରୀ, ପାଣିଟାଙ୍କି, ଯାନବାହାନ, ମିନି ଟ୍ରକ୍, କଠିନ ବର୍ଜ୍ୟବସ୍ତୁ ପରିବହନ, ବ୍ଲିଚିଂ ପାଉଡର ଯୋଗାଣ, ଡଷ୍ଟବିନ୍ କ୍ରୟ, ବାବଦରେ ପାଣ୍ଠି ଅନ୍ୟତ୍ର ଖର୍ଚ୍ଚ କରି ବର୍ଜ୍ୟ ପୁନଃ ପ୍ରକ୍ରିୟାକରଣ ପ୍ରକଳ୍ପ ର ଉଦ୍ଦେଶ୍ୟକୁ ସମ୍ପନ୍ନ ନ କରି ₹25 କୋଟି ର ବିନିଯୋଗ ପତ୍ର ମାର୍ଚ୍ଚ 2017/ମାର୍ଚ୍ଚ 2018) ଦାଖଲ କଲେ । ମିଶନ ଅବଧି ସମାପ୍ତ ହେବାସତ୍ତ୍ୱେ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ ପରିଣତ କରିବା ପାଇଁ ବିଏସସିଏଲ ଦ୍ୱାରା କୌଣସି ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଗ୍ରହଣ କରାଯାଇ ନାହିଁ । ବୋଧହୁଏ ବିଏସସିଏଲର ଅଭାବନୀୟ ମନୋଭାବ ଏହା ପ୍ରମାଣ କରେ ଯେ ଏବଂ ସ୍ୱଚ୍ଛ ସହର ଏବଂ ସ୍ଥାୟୀ ସଂପ୍ରଦାୟର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ନକରି ଏସଡବ୍ଲୁଏମ ଉପାଦାନ ଅଧିନରେ ଅର୍ଥ ପାଇବା ହେଉଛି ଏସପିସିଭିର ଉଦ୍ଦେଶ୍ୟ । ସ୍ମାର୍ଟ ସିଟି ରାଉରକେଲା ମାର୍ଚ୍ଚ 2021 ସୁଦ୍ଧା କୌଣସି ଏସଡବ୍ଲୁଏମ ପ୍ରକଳ୍ପ ନେଇ ନଥିଲେ । ଏହାଦ୍ୱାରା, 3 ଆଉ ନୀତି ସ୍ମାର୍ଟ ସିଟି ଗୁଡିକରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ହୋଇ ପାରିଲା ନାହିଁ ।

ସରକାର କହିଲେ (ମଇ 2022) ଯେ, ଅଡିଟ୍ ର ବିରୋଧ ଯୋଗୁଁ ସେହି ସମୟର ମୁଖ୍ୟ ଆର୍ଥିକ ଅଫିସରଙ୍କ ଦ୍ୱାରା ଜାରୀ କରାଯାଇଥିବା ଉପଯୋଗ ସାର୍ଟିଫିକେଟ୍ ବିଚାର କରାଗଲା ନାହିଁ ଏବଂ ବିଏମସି ପାଣ୍ଠିର ଉପଯୋଗ ଲାଗି ବିଏସସିଏଲ ସହ ଏକ ଚୁକ୍ତି କଲା । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ , ବିଏମସି ଏହି ପାଣ୍ଠିକୁ ବର୍ଜ୍ୟ- ପୁନଃ - ପ୍ରକ୍ରିୟାକରଣ ଲାଗି ବ୍ୟବହାର ନ କରି ଅନ୍ୟ କାମରେ ଉପଯୋଗ କରିଥିଲା ।

### 7.6.2 ଉପଭୋକ୍ତା ଦେୟର ଅଣ ସଂଗ୍ରହ

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ନିର୍ଦ୍ଧାରିତ ଭାବରେ ୟୁଏଲବି ଦ୍ୱାରା ଅନୁମୋଦିତ ଉପଭୋକ୍ତା ଦେୟ ସଂଗ୍ରହ କରିବ ।

ଅଡିଟ୍ ନୀରିକ୍ଷଣ କଲା ଯେ ମାର୍ଚ୍ଚ 2021 ସୁଦ୍ଧା ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ଦ୍ୱାରା କୌଣସି ଉପଭୋକ୍ତା ଦେୟ ସଂଗ୍ରହ କରାଯାଇନଥିଲା । ଭୁବନେଶ୍ୱର ପୌର ନିଗମ ମଧ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାର୍ଚ୍ଚ 2021 ସୁଦ୍ଧା ଉପଭୋକ୍ତା ଦେୟ ଆଦାୟ କରିନଥିଲେ । ରାଉଲକେଲା ମୁନିସିପାଲିଟି ଉପଭୋକ୍ତା ଦେୟ ସଂଗ୍ରହ ମେ 2020 ଠାରୁ ଆରମ୍ଭ କରିଛନ୍ତି ଏବଂ ମାର୍ଚ୍ଚ 2021 ସୁଦ୍ଧା ନିଗମ ଦ୍ୱାରା ₹32 ଲକ୍ଷ ଆଦାୟ ହୋଇଥିଲା ।

## 7.7 ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ର୍ୟାଙ୍କିଙ୍ଗ୍ ରେ ପତନ

ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ବର୍ଗ ଯଥା: ସ୍ୱଚ୍ଛତା,ପରିମଳ,ଆବର୍ଜନା ମୁକ୍ତ ସହର ଇତ୍ୟାଦି ଅଧିନରେ ସ୍ମାର୍ଟ ସିଟି ମାନଙ୍କର ଏକ ବାର୍ଷିକ ମୂଲ୍ୟାଙ୍କନ ହେଉଛି ସ୍ୱଚ୍ଛ ସର୍ଭେକ୍ଷଣ । ସହରାଞ୍ଚଳର ଆହ୍ୱାନର ସମାଧାନ ତଥା ନାଗରିକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ଟେକ୍ନୋଲୋଜି ଉପରେ ଆଧାର କରି ଭୁବନେଶ୍ୱର ସହର 2016 ରେ ଦେଶର ଏକ ନମ୍ବର ସ୍ମାର୍ଟ ସିଟି ଥିଲା । ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ଅନୁସାରେ ଭୁବନେଶ୍ୱର 2016 ରେ 24 ତମ ସ୍ଥାନରେ ଥଲା । ଏହା 2019 ରେ 274 ତମ ସ୍ଥାନକୁ ଖସି ଆସିଲା ଏବଂ 2021 ମସିହାରେ ପୁନର୍ବାର 144 ତମ ମାନ୍ୟତାକୁ ବୃଦ୍ଧି ପାଇଲା । ପରିଷ୍କାର ପରିଛନ୍ନତା, ସ୍ୱଚ୍ଛତା ଏବଂ ପରିମଳ ପାଇଁ ବାର୍ଷିକ ଏହା 130 ତମ ସ୍ଥାନକୁ ଉନ୍ନୀତ ହୋଇଛି । ଯେତେବେଳେ କି ରାଉରକେଲା ୱାନ୍ ଷ୍ଟାର ର୍ୟାଙ୍କିଙ୍ଗ୍[54] ପାଇବାରେ ଏକମାତ୍ର ସହର ଥିଲା । 1-10 ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଆବର୍ଜନା ମୁକ୍ତ ସହର ବର୍ଗରେ ଏହା 57 ତମ ସ୍ଥାନରେ ରହିଛି ।

ଅଡିଟ୍ ଜାଣିବାକୁ ପାଇଲା ଯେ , ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ସର୍ଭେ ଏବଂ ରାଙ୍କିଙ୍ଗ୍ର ସତ୍ୟତା କେତେଦୁର ଠିକ୍ ଏହା ବୁଝାପଡୁଥିଲା ଯେହେତୁ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ପରି ଏହି ସ୍ମାର୍ଟ ସହର ଗୁଡିକରେ ଏସଡବ୍ଲୁଏମ ର ଅବସ୍ଥା ଅତ୍ୟନ୍ତ ସନ୍ତୋଷଜନକ ଥିଲା ।

---

53 ମିଶନ ଅଧିନରେ ଥିବା ପ୍ରକଳ୍ପ ପାଇଁ ଭାରତ ସରକାର ଏବଂ ଓଡିଶା ସରକାର ପ୍ରତ୍ୟେକ ଅଂଶର 50 ପ୍ରତିଶତ ପାଣ୍ଠି ମୁକ୍ତ କରିଛନ୍ତି

54 ଗୋଟିଏ ତାରକା ପାଇଁ ନ(i) ବାଧତାମୂଳକ ଅତିକମ୍ ରେ 40 ପ୍ରତିଶତ (ଦ୍ୱାରରୁ ଦ୍ୱାର ସଂଗ୍ରହ,ୱାର୍ଡ ସ୍ତରରେ ପୃଥକତା,ସୁଇପିଂ, ଲିଟର ବିନ୍,ଷ୍ଟୋରେଜ୍ ବିନ୍, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ,(ଓଦା ଆବର୍ଜନା),ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କ୍ଷମତା,ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ(ଶୁଖିଲା ବର୍ଜ୍ୟବସ୍ତୁ) (ii)ଅତିକମ୍ ରେ 30 ପ୍ରତିଶତ ଜରୁରୀ (ପେନାଲ୍ଟି , ସ୍ପଟ୍ ଜୋରିମାନା,ସହର ସ୍ତରରେ ପୃଥକତା, ଉପଭୋକ୍ତା ଚାର୍ଜ, ପ୍ଲାଷ୍ଟିକ୍ ,ନିଷେଧ ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ସଂଗ୍ରହ, ବୈଜ୍ଞାନିକ ଲ୍ୟାଣ୍ଡଫିଲ୍ ଉପଲବ୍ଧତା ଏବଂ ବ୍ୟବହାର,ବୈଜ୍ଞାନିକ ଲ୍ୟାଣ୍ଡଫିଲ୍ ବର୍ଜ୍ୟବସ୍ତୁ ନିଷ୍କାସନ,ଜଳରେ ଦୃଶ୍ୟମାନ ନଥିବା କଠିନ ବର୍ଜ୍ୟବସ୍ତୁ ଏବଂ ବର୍ଷା ଜଳ ନିଷ୍କାସନର ସ୍କ୍ରିନିଂ

## 7.7.1 ରାଜ୍ୟ ସ୍ତରରେ ସ୍ମାର୍ଟ ସିଟି ମିଶନର ପର୍ଯ୍ୟାଲୋଚନା

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିଅରିଂ କମିଟି (ଏଚ୍‌ପିସି) ରହିବ, ଯାହାକି ମିଶନ କାର୍ଯ୍ୟକ୍ରମକୁ ସଂମ୍ପୂର୍ଣ୍ଣ ରୁପେ ପରିଚାଳନା କରିବ । ଏଚପିଏସସି ରେ ରାଜ୍ୟ ସରକାରୀ ବିଭାଗର[55] ପ୍ରତିନିଧି ରହିବେ । ସ୍ମାର୍ଟ ସିଟି ସହ ଜଡିତ ୟୁଏଲବିର ମେୟର ଏବଂ ମ୍ୟୁନିସିପାଲିଟି କମିଶନରଙ୍କୁ ଏଚପଏସସିରେ ପ୍ରତିନିଧିତ୍ୱ ରହିବ । ସେଠାରେ ଜଣେ ରାଜ୍ୟ ମିଶନ ନିର୍ଦ୍ଦେଶକ ମଧ ରହିବେ ଯିଏକି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ରାଜ୍ୟ ସରକାରଙ୍କ ସଚିବ ପଦବୀରୁ କମ୍ ନୁହନ୍ତି । ରାଜ୍ୟ ମିଶନ ନିର୍ଦ୍ଦେଶକ ରାଜ୍ୟ ଏଚପିଏସସିର ସହସ୍ୟ ସଚିବ ଭାବେ କାର୍ଯ୍ୟ କରିବେ । ଏଚପିଏସସି ର ମୁଖ୍ୟ ଦାୟିତ୍ୱ ଗୁଡିକ ହେଉଛି (i) ମିଶନକୁ ମାର୍ଗ ଦର୍ଶନ ଦେବା ଏବଂ ସ୍ମାର୍ଟ ସିଟିର ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଆଦାନ ପ୍ରଦାନ ପାଇଁ ରାଜ୍ୟସ୍ତରୀୟ ପ୍ଲାଟଫର୍ମ ଯୋଗାଇବା ଏବଂ (ii) ସ୍ମାର୍ଟ ସିଟି ପ୍ରସ୍ତାବ ଗୁଡିକର ସମୀକ୍ଷା କରିବା ଏବଂ ଚାଲେଞ୍ଜରେ ଅଂଶଗ୍ରହଣ ପାଇଁ ଏମଓୟୁଡିକୁ ପଠାଇବା ।

ଅଡିଟ୍ ଦେଖିଲେ ଯେ ତୃତୀୟ ଏବଂ ଚତୁର୍ଥ ଏଚପିଏସସି ବୈଠକରେ ବିଏସସଏଲ ଏବଂ ଆରଏସସିଏଲ ପାଇଁ ସ୍ମାର୍ଟ ସିଟି ପ୍ରସ୍ତାବ ଯଥାକ୍ରମେ ଡିସେମ୍ବର 2015 ଏବଂ ଜୁନ୍ 2016 ରେ ଦାଖଲ କରାଯାଇଥିଲା । ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ମାର୍ଟ ସିଟି ମିଶନ ଅଧିନରେ ସ୍ମାର୍ଟସିଟି ପ୍ରକଳ୍ପ ଦକ୍ଷତାର ସହିତ କାର୍ଯ୍ୟକାରି କରିବା ଏବଂ କାର୍ଯ୍ୟକାରିତା ପାଇଁ ଉଭୟ ସ୍ମାର୍ଟ ସିଟିର ଏସଭିପିକୁ କ୍ଷମତା ପ୍ରଦାନ କରିଥିଲେ (ନଭେମ୍ବର 2017) । ପରନ୍ତୁ, ଏହି ସ୍ମାର୍ଟ ସିଟି ଦ୍ୱାରା କାର୍ଯ୍ୟକାରି ହୋଇଥିବା ପ୍ରକଳ୍ପ ଗୁଡିକ ପାଇଁ ଏଚପିଏସସି କୌଣସି ସମୀକ୍ଷା ବୈଠକ ହୋଇନଥିଲା । ଏହା ସ୍ମାର୍ଟସିଟି ପ୍ରକଳ୍ପର ଦକ୍ଷତାର ସହ କାର୍ଯ୍ୟକାରିତା ପାଇଁ ଖରାପ ସମର୍ଥନ ବୋଲି ସୂଚିତ କରେ ।

## 7.7.2 ସିଟି ସ୍ତରରେ ସ୍ମାର୍ଟ ସିଟି ମିଶନର ତ୍ରୁଟିଯୁକ୍ତ ପର୍ଯ୍ୟାଲୋଚନା

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟିର ବିକାଶ ପାଇଁ ବିଭିନ୍ନ ହିତାଧିକାରୀଙ୍କ[56] ମଧରେ ସହଯୋଗ ଏବଂ ପରାମର୍ଶ ଦେବା ପାଇଁ ସମସ୍ତ ସ୍ମାର୍ଟ ସିଟି ପାଇଁ ସହର ସ୍ତରରେ ଏକ ସ୍ମାର୍ଟ ସିଟି ପରାମର୍ଶଦାତା ଫୋରମ୍ ପ୍ରତିଷ୍ଠା କରାଯିବ । ମେୟରଙ୍କ ନେତୃତ୍ୱରେ ସହର ସ୍ତରୀୟ ଫୋରମ୍ ଏବଂ ସ୍ମାର୍ଟ ସିଟି ପ୍ରକଳ୍ପ ଉପରେ ନଜର ରଖିବା ପାଇଁ ସହରର ଅନ୍ୟ ସଦସ୍ୟ ମାନଙ୍କଦ୍ୱାରା ଏସପିଭିକୁ ପରାମର୍ଶ ଦିଆଯାଏ ।

ଅଡିଟ୍ ଦେଖିଲା ଯେ ୟୁଏଲବି ନିର୍ବାଚନ ବିନା ଜାନୁଆରୀ 2019 (ବିଏମସି)/ନଭେମ୍ବର 2014(ଆରଏସସିଏଲ) ରୁ ମାର୍ଚ୍ଚ 2021 ପର୍ଯ୍ୟନ୍ତ ଏହି ନିଗମରେ କୌଣସି ମେୟର ନଥିବାରୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ନଜର ରଖିବା ପାଇଁ ଉଭୟ ସ୍ମାର୍ଟ ସିଟି ଦ୍ୱୟରେ କୌଣସି ସହର ସ୍ତରୀୟ ଫୋରମ୍ ଗଠନ ହୋଇନଥିଲା । ଏହିପରି, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ମାର୍ଟସିଟି ବିକାଶ କାର୍ଯ୍ୟକ୍ରମରେ ସମ୍ପ୍ରଦାୟର ଅଂଶଗ୍ରହଣର ଅଭାବ ଦେଖାଯାଇଥିଲା ।

---

55 ଉଚ୍ଚ ଶକ୍ତି ପରିଚାଳନା କମିଟିର ଗଠନ(i)ମୁଖ୍ୟ ସଚିବ, ଅର୍ଥ(ii)ମୁଖ୍ୟ ସଚିବ,ଯୋଜନା(iii)ମୁଖ୍ୟ ସଚିବ/ନିର୍ଦ୍ଦେଶକ, ସହର ଏବଂ ଦେଶ ଯୋଜନା ବିଭାଗ(iv)ଏମଓୟୁଡି ର ପ୍ରତିନିଧିମାନେ(v)ରାଜ୍ୟରେ ଏସପିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (vi)ମେୟର ଏବଂ ମ୍ୟୁନିସିପାଲିଟି କମିଶନର/ୟୁଏଲବି ର ମୁଖ୍ୟ କାର୍ଯ୍ୟନିର୍ବାହୀ (vii)ସଚିବ/ଇଞ୍ଜିନିୟର-ମୁଖ୍ୟ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ଏବଂ (viii)ମୁଖ୍ୟ ସଚିବ, ସହରୀ ବିକାଶ ସଦସ୍ୟ ସଚିବ

56 ହୀତାଧିକାରୀରେ ଅର୍ନ୍ତଭୁକ୍ତ ଅଟନ୍ତି: ଜିଲ୍ଲା କଲେକ୍ଟର,ସାଂସଦ,ବିଧାୟକ,ମେୟର,ସତନ୍ତ୍ର ଉଦ୍ଦେଶ୍ୟମୂଳକ ଯାନ(ଏସପିଭି) ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ), ସ୍ଥାନୀୟ ଯୁବକ,ବୈଷୟିକ ବିଶେଷଜ୍ଞ, ଏବଂ ସେହି ଅଞ୍ଚଳର ଅତି କମ୍ ରେ ଜଣେ ସଦସ୍ୟ ଯିଏ (i) ପଞ୍ଜିକୃତ ବାସିନ୍ଦା ସଂଙ୍ଗଠନର ସଦସ୍ୟ (ii) ପଞ୍ଜିକୃତ ଟିକସଦାତା ସଂଘ/କରଦାତା ପ୍ରଦାନ ସଙ୍ଗଠନର ସଦସ୍ୟ (iii) ବସ୍ତି ସ୍ତରୀୟ ଫେଡେରେଶନର ସଭାପତି/ ସଚିବ ଏବଂ (iv) ଏକ ଅଣ ସରକାରୀ ସଂଗଠନର ସଦସ୍ୟ କିମ୍ବା ମହିଳା ମଣ୍ଡଳୀ/ ଚାମ୍ବର ଅଫ୍ କମର୍ସ/ଯୁବ ସଙ୍ଗଠନର ସଦସ୍ୟ

# ଅଧ୍ୟାୟ – VIII

# ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ

# ଅଧ୍ୟାୟ – VIII

## ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ

### 8.1 ବର୍ଜ୍ୟବସ୍ତୁ ପରିଚାଳନା ର ତଦାରଖ କରିବା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା

### 8.1.1 ରାଜ୍ୟସ୍ତରୀୟ ପରାମର୍ଶଦାତା ସଂସ୍ଥାଙ୍କ ଦ୍ୱାରା ଏସଡବ୍ଲୁଏମ ତଦାରଖର ଅଭାବ

ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ମାନୁଆଲ 2016 ର ଉପଭାଗ 1.4.5.4 ଧାର୍ଯ୍ୟ କରିଛି ଯେ, ଏକ ଦକ୍ଷ ଏବଂ ଉନ୍ନତ ଏମଏସଡବ୍ଲୁଏମ ବ୍ୟବସ୍ଥା ପାଇଁ, ପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଯନ୍ତ୍ରପାତି ବ୍ୟତିତ ଏକ ଦକ୍ଷ ଆନୁଷ୍ଠାନିକ ସଂରଚନା ରହିବା ଏକାନ୍ତ ଆବଶ୍ୟକ, ସେହି ଅନୁଯାୟୀ, ଏସଡବ୍ଲୁଏମ୍ ଅଭ୍ୟାସ ଏବଂ ଏସଡବ୍ଲୁଏମ୍ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଜିଓଓ (ଏପ୍ରିଲ୍ 2017) ରାଜ୍ୟ ସ୍ତରୀୟ ପରାମର୍ଶଦାତା ସଂସ୍ଥା (ଏସଏଲଏବି) ଗଠନ କଲେ । ଏସଡବ୍ଲୁଏମ 2016 ର ଧାରା 23 (2) ଧାର୍ଯ୍ୟ କରିଛି ଯେ ଏସଡବ୍ଲୁଏମ୍ ନିୟମ, 2016 ର କାର୍ଯ୍ୟାନ୍ୱୟନ ସହିତ ଜଡିତ ସମସ୍ତ ବିଷୟ ସମୀକ୍ଷା କରିବାକୁ ଏସଏଲଏବିର ଅତି କମରେ ଛଅ ମାସରେ ଥରେ ବୈଠକ କରାଯିବ ଏବଂ ଏସଡବ୍ଲୁଏମ୍ ଉପରେ ରାଜ୍ୟ ନୀତି ଏବଂ ରଣନୀତିର କାର୍ଯ୍ୟକାରିତା, ଏବଂ ଏହି ନିୟମ ଗୁଡିକର ଶୀଘ୍ର ଏବଂ ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯିବ । ତଥାପି ଦେଖାଗଲା ଯେ 2017-21 ମଧ୍ୟରେ ଏସଏଲଏବି ର ଆଠ ଥର ବଦଳରେ କେବଳ ଚାରିଟି[57] ବୈଠକ ଅନୁଷ୍ଠିତ ହୋଇଥିଲା । ଏସଡବ୍ଲୁଏମ କାର୍ଯ୍ୟପଦ୍ଧତିରେ ଉନ୍ନତି ଆଣିବା ପାଇଁ ଏବଂ ଏସଡବ୍ଲୁଏମ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ 2017-20 ମଧ୍ୟରେ ଏସଏଲଏବି ଦ୍ୱାରା ନିଆଯାଇଥିବା ପଦକ୍ଷେପ[58] ଗୁଡିକର ସମୀକ୍ଷା ପାଇଁ ସହରାଞ୍ଚଳ ବିକାଶ ବିଭାଗ ଦ୍ୱାରା କୌଣସି ବି ସଭା ଅନୁଷ୍ଠିତ ହୋଇନଥିଲା ।

ଅଡିଟ୍ ନିରୀକ୍ଷଣ କଲା ଯେ, ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି) ଦ୍ୱାରା ପର୍ଯ୍ୟାପ୍ତ ତଦାରଖ ହୋଇ ନଥିଲା ଯାହା ନିମ୍ନସାରଣୀରେ ଦିଆଯାଇଛି ।

**ସାରଣୀ- 8.1; ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପାଇଁ ଏସଏଲଏସି ର ତଦାରଖ**

| ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ | ମାନଦଣ୍ଡ | ସମୀକ୍ଷା ଅନୁସନ୍ଧାନ |
|---|---|---|
| ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 16 ଅନୁଯାୟୀ, ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି) ବୈଠକ ଅତି କମ୍ ରେ ଛଅ ମାସ ରେ ଥରେ ଆୟୋଜନ କରିବା କଥା ଏବଂ ଯଦି ଆବଶ୍ୟକ ମନେ ହୁଏ ତେବେ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ କରାଯାଇପାରିବ । | ଅଡିଟ୍ ଦେଖିଲା ଯେ 2015-21 ମଧ୍ୟରେ ଏସଏଲଏସି କେବଳ ତିନିଥର[59] ଅନୁଷ୍ଠିତ ହୋଇଥିଲା, ଯାହା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ନିୟମର କାର୍ଯ୍ୟକାରିତା ଉପରେ ଅଭାବକୁ ସୂଚିତ କରେ । |
| ଜୈବ ଚିକିତ୍ସା ଗତ ବର୍ଜ୍ୟବସ୍ତୁ | ବିଏମଡବ୍ଲୁ ନିୟମ 2016 ର ଧାରା 11 ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ସରକାର ରାଜ୍ୟରେ ନିୟମର କାର୍ଯ୍ୟକାରିତାକୁ ତଦାରଖ କରିବା ଏବଂ କୌଣସି ଉନ୍ନତି ନିମନ୍ତେ ପରାମର୍ଶ ଦେବା ପାଇଁ ଏକ ରାଜ୍ୟ ସ୍ତରୀୟ ପରାମର୍ଶଦାତା କମିଟି (ଏସଏଲଏସି)[60] ଗଠନ କରିବେ । ଗଠିତ ଏସଏଲଏସି ଅତି କମ୍ ରେ ଛଅ ମାସରେ ଥରେ ବୈଠକ କରିବ ଏବଂ ରାଜ୍ୟରେ ବିଏମଡବ୍ଲୁ ନିୟମର କାର୍ଯ୍ୟକାରିତା ସହ ଜଡିତ ସମସ୍ତ ବିଷୟର ସମୀକ୍ଷା କରିବେ । | ଅଡିଟ୍ ଦେଖିଲା କରିଛି ଯେ ରାଜ୍ୟରେ ବିଏମଡବ୍ଲୁ ନିୟମର କାର୍ଯ୍ୟକାରିତା ଉପରେ ନଜର ରଖିବା ପାଇଁ ଜୁନ୍ 2015 ରେ ଜିଓଓ ଦ୍ୱାରା ରାଜ୍ୟରେ ଏସଏଲଏସି ଗଠନ କରାଯାଇଥିଲା । ଏହା ମଧ୍ୟ ଦେଖାଗଲା ଯେ 2015-21 ମଧ୍ୟ ରେ ଏସଏଲଏସି ଦ୍ୱାରା ଆବଶ୍ୟକ ବାରଥର ବଦଳରେ କେବଳ ଚାରିଥର[61] ବୈଠକ କରାଯାଇଥିଲା । ଯାହା ବିଏମଡବ୍ଲୁ ର ସୁ- ପରିଚାଳନା କୁ ଖରାପ ସମର୍ଥନ ପ୍ରତି ଇଙ୍ଗିତ କରୁଛି । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

57 ପ୍ରଥମ ବୈଠକ 16.02.2018, ଦ୍ୱିତୀୟ ମିଟିଙ୍ଗ୍ 31.10.2018,ତୃତୀୟ ମିଟିଙ୍ଗ୍ 29.06.2019 ଏବଂ ଚତୁର୍ଥ 27.11.2020

58 (i)ଏସଡବ୍ଲୁଏମ ଯୋଜନା ଲାଗି ଯାଗାର ବ୍ୟବସ୍ଥା (ii) ଏସଡବ୍ଲୁଏମ ପାଇଁ ଯୋଜନା (iii) ବିକେନ୍ଦ୍ରୀକୃତ ଖତ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକଳ୍ପ ପରିଚାଳନା ପରାମର୍ଶଦାତା ନିଯୁକ୍ତି (iv) ଏସଡବ୍ଲୁଏମ ର ପ୍ରକାଶନ ପାଇଁ ନିୟମ

59 ପ୍ରଥମ ସ୍ଲାବ 25.9.2017, ଦ୍ୱିତୀୟ ସ୍ଲାବ 26.9.2019 ଏବଂ ତୃତୀୟ ସ୍ଲାବ 24.11.2020

60 ଏସଏଲଏସି ସାସ୍ଥ୍ୟ ବିଭାଗ,ଜଙ୍ଗଲ ଓ ପରିବେଶ, ସହର ଉନ୍ନତିକରଣ,ପଶୁସମ୍ପଦ ଏବଂ ପଶୁଚିକିତ୍ସା ବିଜ୍ଞାନ,ଏସପିସିବି, ୟୁଏଲବି,ଭାରତୀୟ ମେଡିକାଲ ସଂଘ ର ପ୍ରତିନିଧି,ସିବିଡବ୍ଲୁଟିଏଫ୍ ଏବଂ ସରକାରୀ ସଂସ୍ଥା ମାନଙ୍କର ପ୍ରତିନିଧି ମାନଙ୍କୁ ଅର୍ନ୍ତଭୁକ୍ତ କରିବା ଦରକାର ।

61 ଏସଏଲଏସି ମିଟିଙ୍ଗ୍ 14.02.2017, 11.03.2019, 7.09.2019 ଏବଂ 05.11.2020 ରେ ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ରାଜ୍ୟରେ ଏସଡବ୍ଲୁଏମ ର ତଦାରଖ ଲାଗି ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯାଇଛି । ଓଡିଶାରେ ପ୍ରଚଳିତ କରାଯାଇଥିବା ମଡେଲ୍ କୁ ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ ପ୍ରଶଂସା କରିଛି । ପରନ୍ତୁ, ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପାଇଁ କରାଯାଇଥିବା ବୈଠକ ର ସଂଖ୍ୟା କମ୍ ଥିଲା, ଯାହାକି ନିୟମକୁ ପାଳନ କରାନଯିବାର ଦର୍ଶାଉଥିଲା ।

## 8.1.2 ଜିଲ୍ଲା ଏବଂ ୟୁଏଲବି ସ୍ତରରେ ପର୍ଯ୍ୟାଲୋଚନାର ଅଭାବ

ଏସଡବ୍ଲୁଏମ ନିୟମ, 2016 ର ଧାରା 12 ଅନୁଯାୟୀ, ଜିଲ୍ଲା ସ୍ତରରେ, ଜିଲ୍ଲା କଲେକ୍ଟର ବର୍ଜ୍ୟବସ୍ତୁ ପୃଥକିକରଣ, ପ୍ରକ୍ରିୟାକରଣ,ଉପଚାର ଏବଂ ନିଷ୍କାସନ ଉପରେ ୟୁଏଲବି ର କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିବା ଉଚିତ ଏବଂ ଡିଏମଏ ସହିତ ପରାମର୍ଶ କରି ସଂଶୋଧିତ ପଦକ୍ଷେପ ଗ୍ରହଣ କରିବା ଉଚିତ । ଅଡିଟ ଦେଖିଲା ଯେ ଯଦିଓ ଜିଲ୍ଲାପାଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବୈଠକ କରିଥିଲେ, ପୂର୍ବବର୍ତ୍ତୀ ବୈଠକ ମାନଙ୍କରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୁ ଅନୁକରଣ କରାଯାଇ ନଥିଲା ।

ଏମଏସଡବ୍ଲୁ ମାନୁଆଲ 2016 ର ଧାରା 6.1 ଅନୁଯାୟୀ , ପୃଥକିକରଣ,ସଂଗ୍ରହ,ପରିବହନ,ରାସ୍ତାଘାଟ ସଫା କରିବା, ଡ୍ରେନ୍ ସଫା କରିବା ଏବଂ ଆବର୍ଜନା ନିଷେଧ ସହିତ ଏସଡବ୍ଲୁଏମ ସେବାକୁ ସୁନିଶ୍ଚିତ ତଥା ତଦାରଖ କରିବା ପାଇଁ ୱାର୍ଡ ସ୍ତରୀୟ କମିଟି ଗଠନ କରାଯିବା ଉଚିତ୍ । ପରନ୍ତୁ, ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ଓ ପରିଚାଳନା ର ତ୍ରୁଟି ଉପରେ ନଜର ରଖିବା ପାଇଁ ୱାର୍ଡ ସ୍ତରୀୟ କମିଟି ଗଠନ କରାଯାଇନଥିଲା ଯାହା ଏକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକଳାପର ପର୍ଯ୍ୟାଲୋଚନା ତ୍ରୁଟିକୁ ଇଙ୍ଗିତ କରୁଥିଲା । କମିଟି ଅନୁଯାୟୀ ବିସ୍ତୃତ ବିବରଣୀ ***(ପରିଶିଷ୍ଟ –XI)*** ରେ ଦିଆଯାଇଛି ।

ସରକାର କହିଲେ (ମଇ 2022) ଯେ, ଏସବିଏମ(ସହରାଞ୍ଚଳ) ଅଧିନରେ , ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା କମିଟି ଗଠିତ ହୋଇଛି ଯାହା ଯୋଜନା ଗୁଡିକର ତଦାରଖ କରିବ ଯେଉଁଥିରେ ଏସଡବ୍ଲୁଏମ ଏକ ଉପାଦାନ । ଉତ୍ତରଟି ଗ୍ରହଣୀୟ ନଥିଲା, ଯଦିଓ ଜିଲ୍ଲା କଲେକ୍ଟର ମାନେ ଏସଡବ୍ଲୁଏମ ଉପରେ ବୈଠକ କରିଥିଲେ, ପୂର୍ବ ସଭାଗୁଡିକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୁ ଅନୁସରଣ କରାଯାଇନଥିଲା, ଏହା ଦର୍ଶାଉଥିଲା ଯେ ଜିଲ୍ଲା ସ୍ତରରେ ଠିକ୍ ଭାବରେ ତଦାରଖ ହେଉନଥିଲା । ଅଧିକନ୍ତୁ, ୱାର୍ଡ ସ୍ତରରେ ଏସଡବ୍ଲୁଏମ ପାଇଁ କମିଟି ଗଠନ ଉପରେ ସରକାରଙ୍କ ଉତ୍ତର ନୀରବ ରହିଥିଲା ।

## 8.1.3 ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପର୍ଯ୍ୟାଲୋଚନା

ଏସଡବ୍ଲୁଏମ 2016 ର ଧାରା 16(1) ଅନୁଯାୟୀ, ଏସପିସିବି ୟୁଏଲବି ମାଧମରେ ରାଜ୍ୟରେ ନିୟମାବଳୀକୁ କାର୍ଯ୍ୟକାରୀ କରିବା ଉଚିତ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟ କିମ୍ବା ମ୍ୟୁନିସିପାଲିଟି ଆଡ୍‌ମିନିଷ୍ଟ୍ରେସନ (ଡିଏମଏ) କିମ୍ବା ରାଜ୍ୟ ସହରୀ ବିକାଶ ବିଭାଗ ଦାୟିତ୍ୱରେ ଥିବା ସଚିବଙ୍କ ସହ ସମନ୍ୱୟ ରକ୍ଷା କରି ବର୍ଷକୁ ଅତି କମରେ ଦୁଇଥର ଏହି ନିୟମର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଉଚିତ ।

ଅଡିଟ୍ ଦେଖିଲା ଯେ ଏସଡବ୍ଲୁଏମ ନିୟମର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ପାଇଁ 2015-20 ମଧ୍ୟରେ ଏସପିସିବି ଦ୍ୱାରା କୌଣସି ସଭା ଅନୁଷ୍ଠିତ ହୋଇନଥିଲା ଯାହା ଫଳରେ ୟୁଏଲବି ମାନଙ୍କ ଦ୍ୱାରା ଏହି ନିୟମ ଉଲଂଘନ ହୋଇଥିଲା ।

### 8.1.3.1 ପ୍ରାଧିକରଣ ଏବଂ ପରିବେଶ ମଞ୍ଜୁରୀ ବିନା ସୁବିଧା

ଏମଏସଡବ୍ଲୁ ନିୟମ 2000 ର ଧାରା 4(2) ପ୍ରଦାନ କରେ ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କିମ୍ବା ଏକ ପ୍ରକ୍ରିୟାକରଣର କିମ୍ବା ନିଷ୍କାସନ ସୁବିଧାର ପରିଚାଳକ ଲ୍ୟାଣ୍ଡଫିଲ ସହ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସୁବିଧା ପାଇଁ ଏସପିସିବି ଠାରେ ପ୍ରାଧିକରଣ ପ୍ରଦାନ ପାଇଁ ଏକ ଆବେଦନ କରିବେ । ଜିଓଆଇ ବିଜ୍ଞପ୍ତି (ସେପ୍ଟେମ୍ବର 2006) ଏବଂ ସିଏମଏସଡବ୍ଲୁଏମଏଫ୍ ମାନୁଆଲରେ ସର୍ତ୍ତ ରଖିଛି ଯେ, ପ୍ରକ୍ରିୟାକରଣ ସୁବିଧା ପ୍ରତିଷ୍ଠା ପୂର୍ବରୁ ଏସପିସିବି ରୁ ପରିବେଶ ମଞ୍ଜୁରୀ ଆଣିବା ଦରକାର ।

ଅଡିଟ୍ ନିରୀକ୍ଷଣ କରିଛି ଯେ 114 ୟୁଏଲବି ମଧ୍ୟରୁ, 2015-20 ଅବଧି ମଧ୍ୟରେ ୟୁଏଲବି ଦ୍ୱାରା ନିଷ୍କାସନ ସୁବିଧା ପାଇଁ ଏସପିସିବି ରୁ ଶତକଡା 25 ପ୍ରତିଶତ ପ୍ରାଧିକରଣ ପ୍ରାପ୍ତ ଥିଲା । ଉପରୋକ୍ତ ବୈଧ ପ୍ରାଧିକରଣ ମଧ୍ୟରୁ , ମାର୍ଚ୍ଚ 2020 ରୁ 15 ଟି ୟୁଏଲବି,ମାର୍ଚ୍ଚ 2019 ରୁ 14 ଟି ୟୁଏଲବି ଏବଂ ମାର୍ଚ୍ଚ 2018 ର ରୁ ବିଏମସି ନବୀକରଣ କରିନାହିଁ । ଅଧିକନ୍ତୁ, ଏମସିସି/ଏମଆରଏଫ ପ୍ରକଳ୍ପ ଏବଂ ଲ୍ୟାଣ୍ଡଫିଲ୍ ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ କୌଣସି

ୟୁଏଲବି ଆବେଦନ କରିନଥିଲେ । ୟୁଏଲବି ମାନଙ୍କ ଦ୍ୱାରା ଏସପିସିବିରୁ ପ୍ରାଧିକରଣ ଏବଂ ନବୀକରଣ ନ ପାଇବାର କାରଣ ଗୁଡିକ ନଥିଭୁକ୍ତ ନଥିଲା ।

ସରକାର କହିଲେ (ମଇ 2022) ଯେ, ଏସପିସିବି ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ , ପାଞ୍ଚ ଟିପିଡି ଠାରୁ କମ୍ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ପରିବେଶ ମଞ୍ଜୁରୀ ର ଆବଶ୍ୟକ ନାହିଁ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ 67 ଟି ୟୁଏଲବିରେ ନିର୍ମାଣ କରାଯାଇଥିବା ପ୍ରକ୍ରିୟାକରଣ ୟୁନିଟ୍ ପ୍ରତ୍ୟେକ ପାଞ୍ଚ ଟିପିଡି କ୍ଷମତା ବିଶିଷ୍ଟ ଥିଲା ଏବଂ ସରକାର ପାଞ୍ଚ ଟିପିଡି ଠାରୁ କମ୍ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ପରିବେଶ ମଞ୍ଜୁରୀ ର ଆବଶ୍ୟକତା ନଥିବା ବିଷୟରେ କୌଣସି ଦସ୍ତାବିଜ ସାକ୍ଷ୍ୟ ପ୍ରଦାନ କରିନଥିଲେ । ଅଧିକନ୍ତୁ , ନିଷ୍କାସନ ସୁବିଧା ଲାଗି ପ୍ରାଧିକରଣର ନବିକରଣ ନହେବା ବିଷୟରେ ଉତ୍ତରଟି ନିରବ ଥିଲା ।

### 8.1.3.2 ପ୍ରଦୂଷଣ ସ୍ତରର ତଦାରଖ

ଏସପିସିବି ଦ୍ୱାରା ପ୍ରଦୂଷଣ ସ୍ତରର ତଦାରଖ ରେ ଢିଲାପଣ ଅଡିଟ୍ ନିରୀକ୍ଷଣ କଲା ଯାହା ବିସ୍ତୃତ ଭାବରେ ନିମ୍ନ ସାରଣୀ ରେ ଦର୍ଶାଯାଇଛି।

**ସାରଣୀ- 8.2: ଏସପିସିବି ଦ୍ୱାରା ପ୍ରଦୂଷଣ ସ୍ତରର ତଦାରଖ ରେ ଢିଲାପଣ**

| ପ୍ରଦୂଷଣ ର ପ୍ରକୃତି | ମାନଦଣ୍ଡ | ଅଡିଟ୍ ଅନୁସନ୍ଧାନ |
|---|---|---|
| ପରିବେଶର ବାୟୁ ଗୁଣବତ୍ତା | ଏସଡବ୍ଲୁଏମ୍ ନିୟମ 2000 ର ଅନୁସୂଚୀ III ନିୟମ 29 ଅନୁଯାୟୀ, ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିବେଶ ବାୟୁ ଗୁଣବତ୍ତା ନିରୀକ୍ଷଣ କରାଯିବ, ଯଥା :<br>• ପଚାଶ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରଗୁଡିକ ପାଇଁ ବର୍ଷରେ ଛଅ ଥର<br>• ଦଶରୁ ପଚାଶ ଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ସହର ଗୁଡିକ ପାଇଁ ବର୍ଷରେ ଚାରିଥର<br>• ଏକରୁ ଦଶଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ସହରରେ ବର୍ଷକୁ ଦୁଇଥର | ଅଡିଟ୍ ନିରୀକ୍ଷଣ କଲା ଯେ , କରୁଥିବା ୟୁଏଲବି ର ପ୍ରକ୍ରିୟାକରଣ କାରଖାନ / ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ସୀମାରେ ପରିବେଶର ବାୟୁ ଗୁଣବତ୍ତା ତଦାରଖ କରବା ପାଇଁ ଏସପିସିବି ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସି ପାଳନ କରୁନାହିଁ ଯାହା ବାୟୁ ପ୍ରଦୂଷଣ ର କାରଣ ହେଇଛି । ଏସପିସିବି(2019-20) ରେ 17 ଟି ୟୁଏଲବି ର 38 ଟି ବିଭିନ୍ନ ସ୍ଥାନରେ ପରିବେଶର ବାୟୁ ଗୁଣବତ୍ତା ତଦାରଖ କରିଥିଲେ । ସମସ୍ତ କ୍ଷେତ୍ରରେ, ଶ୍ୱାସକ୍ରିୟା ନିଲମ୍ବିତ କଣିକା ଦ୍ରବ୍ୟ (ଆରଏସପିଏମ କିମ୍ବା ପିଏମ 10[62]) ର ବାର୍ଷିକ ହାରାହାରି ଏକାଗ୍ରତା 60 ୟୁଜି/ଏମ$^3$ ର ନିର୍ଦ୍ଧାରିତ ସୀମାଠାରୁ ଅଧିକ ରହିଲା । ଯେତେବେଳେ କି ପିଏମ 2.5[63] ର ବାର୍ଷିକ ହାରାହାରି ମୂଲ୍ୟ 14 ଟି ସ୍ଥାନରେ 40ୟୁଜି/ଏମ$^3$ ର ସୀମା ମଧ୍ୟରେ ରହିଲା , ଯାହା ବାସସ୍ଥାନରେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନାକୁ ସୂଚାଇଥାଏ । ଏହା ବ୍ୟତିତ, ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ଦୁର୍ଗନ୍ଧ ଉତ୍ପାଦନ କମ୍ କରିବା, ଗ୍ୟାସର ଅଫ୍ ସାଇଟ୍ ସ୍ଥାନାନ୍ତରଣ କୁ ରୋକିବା ପାଇଁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକରେ ଗ୍ୟାସ କଣ୍ଟ୍ରୋଲ୍ ସିଷ୍ଟମ୍ ସ୍ଥାପନ କରିନଥିଲେ । |
| ଜଳର ଗୁଣବତ୍ତା | ଏସଡବ୍ଲୁଏମ ନିୟମ 2016 ରେ ସିଡ୍ୟୁଲ 1 ର ଧାରା ଇ ଅନୁଯାୟୀ, କୌଣସି ଲ୍ୟାଣ୍ଡଫିଲ/ଡମ୍ପିଂ ଅଞ୍ଚଳ ପ୍ରତିଷ୍ଠା କରିବା ପୂର୍ବରୁ, ସେହି ଅଞ୍ଚଳରେ ଜଳ ଗୁଣବତ୍ତାର ମୂଳ | ଅଡିଟ୍ ନିରୀକ୍ଷଣ କଲା ଯେ ୟୁଏଲବି ଗୁଡିକ ଏସଡବ୍ଲୁଏମ ନିୟମର ଉପରୋକ୍ତ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ଲ୍ୟାଣ୍ଡଫିଲ୍ ଅଞ୍ଚଳର |

[62] ପିଏମ10 ନିଶ୍ୱାସରେ ଯାତାୟାତ କଲା ଭଳି କଣିକା ତତ୍ତ୍ୱ । କଣିକା ତତ୍ତ୍ୱ କାର୍ବନ ମିଶା କଳା ଧୁଳି,ଧୂଆଁ,ଧାତବ,ନାଇଟ୍ରେଟ୍,ସଲଫର,ଧୂଳି ମିଶା ପାଣି ଏବଂ ରବର ଇତ୍ୟାଦିର ଏକ ଜଟିଳ ମିଶ୍ରଣ । ପିଏମ10 କଣିକା ଗୁଡିକର ଆକାର ଏତେ ଛୋଟ ଯେ ତଣ୍ଟି ଏବଂ ଫୁସ୍ ଫୁସ୍ ମଧ୍ୟରେ ପ୍ରବେଶ କରିପାରନ୍ତି । ମାତ୍ରାଧିକ ପିଏମ10 କାଶ, ଥଣ୍ଡା ଏବଂ ଆଖିରେ ଥକା ପଣ ସୃଷ୍ଟି କରିପାରିବ ।

[63] ପିଏମ2.5 ହେଉଛି ଏକ ବାୟୁ ପ୍ରଦୂଷଣ କାରକ ଯାହା ମାତ୍ରାଧିକ ହେଲେ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ର କାରଣ ହୁଏ । ପିଏମ2.5 ଗୁଡିକ ବାୟୁରେ ଥିବା ଛୋଟ କଣିକା ଯାହା ବଢିଗଲେ ବାୟୁକୁ ଧୂଆଁଳିଆ କରିବା ସହ ଦୃଷ୍ଟିଗୋଚର ହେବା କମିଯାଏ । ସୁକ୍ଷ୍ମ କଣିକା (ପିଏମ2.5) ସ୍ୱାସ୍ଥ୍ୟପ୍ରତି ଅଧିକ ବିପଦକାରୀ । ଏହି ସୁକ୍ଷ୍ମ କଣିକା ଫୁସ୍ ଫୁସ୍ ର ବହୁତ ଭିତରକୁ ପ୍ରବେଶ କରେ ଏବଂ କିଛିକିଛି ରକ୍ତନଳୀରେ ମଧ ପ୍ରବେଶ କରିପାରେ । ଏହି କଣିକାର ସଂସ୍ପର୍ଶ ରେ ଆସିଲେ ବ୍ୟକ୍ତିର ହାର୍ଟ ଏବଂ ଫୁସ୍ ଫୁସ୍ ପ୍ରଭାବିତ ହେବାର ସଂଭାବନା ଅଛି ।

| | | |
|---|---|---|
| | ତଥ୍ୟ ସଂଗ୍ରହ କରାଯାଇ ଭବିଷ୍ୟତର ସନ୍ଦର୍ଭ ପାଇଁ ରେକର୍ଡରେ ରଖାଯିବ । ଲ୍ୟାଣ୍ଡଫିଲ୍ ଅଞ୍ଚଳର ପାରିପାର୍ଶ୍ୱର 50 ମିଟର ମଧ୍ୟରେ ଭୂତଳ ଜଳର ଗୁଣବତ୍ତା ସମୟାନୁଯାୟୀ ତଦାରଖ କରିବା କଥା, ଏକ ବର୍ଷରେ ବିଭିନ୍ନ ଋତୁ ଅନୁଯାୟୀ ଯଥା ଗ୍ରୀଷ୍ମ, ମୌସମୀ ଏବଂ ମୌସମୀ ପର ସମୟ ମଧ୍ୟରେ ଭୂତଳ ଜଳ ଦୂଷିତ ହୋଇଛି କି ନାହିଁ ସୁନିଶ୍ଚିତ କରିବା ଦରକାର ।ଲ୍ୟାଣ୍ଡଫିଲ ଅଞ୍ଚଳ ଭିତରେ କିମ୍ବା ଏହାର ଚାରିପାଖରେ ଥିବା ଭୂତଳ ଜଳକୁ ଏହାର ଗୁଣବତ୍ତା ପରୀକ୍ଷା କଲାପରେ ଏହାକୁ ଯେ କୌଣସି ଉଦ୍ଦେଶ୍ୟରେ (ପାନୀୟ ଏବଂ ଜଳସେଚନ ସହିତ) ବ୍ୟବହାର ପାଇଁ ବିଚାର କରାଯିବ । | ପାରିପାର୍ଶ୍ୱିକ ଅଞ୍ଚଳ ଜଳର ଗୁଣବତ୍ତା ଆକଳନ କରିନାହାଁନ୍ତି, ଯାହା ଦ୍ୱାରା ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ଭୂତଳ ଜଳ ଦୂଷିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

### 8.1.4 ପରିଚାଳନା ସୂଚନା ପ୍ରଣାଳୀ

ଏସଡବ୍ଲୁଏମ ମାନୁଆଲ୍ 2016 ର ଧାରା 1.3 ଏବଂ 6.1.1 ଅନୁଯାୟୀ, ଏମଏସଡବ୍ଲୁଏମ ରେ ସମସ୍ତ ସୂଚନା କିମ୍ବା ତଥ୍ୟକୁ ରେକର୍ଡ ଏବଂ ତଦାରଖ କରିବା ପାଇଁ ଏକ ପରିଚାଳନା ସୂଚନା ବ୍ୟବସ୍ଥା (ଏମଆଇଏସ) ସ୍ଥାପିତ ହେବା ଉଚିତ ଏବଂ ଏହା ଏକ କମ୍ପ୍ୟୁଟରୀକରଣ ଏମଆଇଏସ ମାଧ୍ୟମରେ ଲକ୍ଷ୍ୟ ହାସଲ କରିବା ପାଇଁ ସର୍ବୋତ୍ତମ ଉପାୟ ଅଟେ । ଅଡିଟ୍ ଦେଖିଲା ଯେ ୟୁଏଲବି ଦ୍ୱାରା ଏପରି କୌଣସି ଏମଆଇଏସ ବିକଶିତ ହୋଇନାହିଁ ।ଏମଆଇଏସର ଅନୁପସ୍ଥିତିରେ ୟୁଏଲବି ଦ୍ୱାରା ଏସଡବ୍ଲୁଏମ କାର୍ଯ୍ୟକଳାପର ଅନଲାଇନ୍ ତଦାରଖ ସମ୍ଭବ ନୁହେଁ ।

ସରକାର କହିଲେ (ମଇ 2022) ଯେ, ରାଜ୍ୟ ସ୍ତରରେ ଅନ ଲାଇନ ଡାଟା / ସୂଚନା ପାଇଁ *ଆମ ସହର* ମୋବାଇଲ ଆପ୍ଲିକେସନ ପ୍ରସ୍ତୁତ କରାଯାଇଛି ଯାହା ୟୁଏଲବି ସ୍ତରରେ ବ୍ୟବହାର ହେଉଅଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ *ଆମ ସହର* ମୋବାଇଲ ଆପ୍ଲିକେସନ ଅଗଷ୍ଟ 2020 ରେ ଆରମ୍ଭ ହେଲା ଯାହା ବର୍ଜ୍ୟ ପରିଚାଳନା ର ସମ୍ପୂର୍ଣ୍ଣ ସୂଚନା ଯୋଗାଉନାହିଁ । ଏହା କେବଳ ଏକ ବର୍ଜ୍ୟ ପରିଚାଳନା ସେବା ବିଷୟରେ ଅଭିଯୋଗ କରିବା ଲାଗି ଜନକେନ୍ଦ୍ରିକ ଆପ୍ଲିକେସନ ।

#### 8.1.4.1 ଏସଡବ୍ଲୁଏମ ତଦାରଖ ସଫ୍ଟୱେର୍ ଉପରେ ଅପବ୍ୟୟ

ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ(ବିଏମସି) ଫେବୃଆରୀ 2015 ରେ ଇ-ଗଭର୍ନାନ୍ସ ପଦକ୍ଷେପର ଏକ ଅଂଶ ଭାବରେ ଏସଡବ୍ଲୁଏମ ପାଇଁ ୱେବ୍-ଆଧାରିତ ତଦାରଖ ବ୍ୟବସ୍ଥା ପ୍ରସ୍ତାବ ପାଇଁ ଏକ ଅନୁରୋଧ (ଆରଏଫପି) କରିଥିଲେ ଏବଂ ଓଡିଶା କମ୍ପୁଟର ଆପ୍ଲିକେସନ କେନ୍ଦ୍ର (ଓସିଏସି) କୁ ଜିଓଓ ଯାନ୍ତ୍ରିକ ନିର୍ଦ୍ଦେଶାଳୟ ଭାବରେ ନଭେମ୍ବର 2014 ରେ ମତାମତ ଦେବା ପାଇଁ ଅନୁରୋଧ କରିଥିଲେ । ସେହି ଅନୁଯାୟୀ, ଓସିଏସି(ଫେବୃଆରୀ 2015) ରେ ବିକାଶ, କାର୍ଯ୍ୟକାରିତା ଏବଂ ଏସଡବ୍ଲୁଏମ ପାଇଁ ୱେବ୍ ଆଧାରିତ ମନିଟରିଂ ସିଷ୍ଟମର ସମର୍ଥନ ନିମନ୍ତେ ଚାରୋଟି ମଡ୍ୟୁଲ୍[64] ପାଇଁ ପ୍ରସ୍ତାବ କରାଯାଇଥିଲା ।

ଗୋଟିଏ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ (ମାର୍ଚ୍ଚ 2016) ସମାପନ କରିବା ପାଇଁ ମେସର୍ସ ସିଏମଏସ ପ୍ରାଇଭେଟ୍ ଲିମିଟେଡ୍ କୁ ₹56.93 ଲକ୍ଷ ରେ ପ୍ରଦାନ କରାଯାଇଥିଲା । କିନ୍ତୁ ଏହି ସମୟ ମଧ୍ୟରେ (ମାର୍ଚ୍ଚ 2016) ଭୁବନେଶ୍ୱରରେ ସ୍ମାର୍ଟ ସିଟି ପ୍ରୋଗ୍ରାମ୍ ଆରମ୍ଭ ହୋଇଥିଲା ଏବଂ ଏସଡବ୍ଲୁଏମ ସ୍ମାର୍ଟ ସିଟି ପ୍ରୋଗ୍ରାମର ଏକ ଅଂଶ ହେଲା । ଯେହେତୁ ଏହି ପ୍ରକଳ୍ପଟି ସ୍ମାର୍ଟ ସିଟି ପ୍ରୋଗ୍ରାମର ଏସଡବ୍ଲୁଏମ ସିଷ୍ଟମ୍ ସହିତ ସମାନ ନଥିଲା, ଯାହା ଫଳରେ ଏହାକୁ ସ୍ଥଗିତ କରିବାର ଥିଲା । ପ୍ରକାଶ ଥାଉକି କମିଶନର ବିଏମସି (ମାର୍ଚ୍ଚ 2016) ରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ₹56.93 ଲକ୍ଷ ରେ ମେସର୍ସ/ ସିଏମସି ପ୍ରାଇଭେଟ୍ ଲିମିଟେଡ୍ କୁ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ ଏବଂ 22 ଜୁନ୍ 2016 ରେ ଏକ ଚୁକ୍ତିନାମା ହୋଇଥିଲା । ସଫ୍ଟୱେର ର ଆଂଶିକ ବିକାଶ ପାଇଁ ଏଜେନ୍ସି କୁ (ଜାନୁଆରୀ 2017) ₹13.89 ଲକ୍ଷ ପ୍ରଦାନ କରାଯାଇଥିଲା । ଶେଷରେ, ବିଏମସି ଉପରୋକ୍ତ ପ୍ରକଳ୍ପ (ଏପ୍ରିଲ 2018) ରଦ୍ଦ କରିବାକୁ

[64] (i)ନିର୍ମାଣ ବର୍ଜ୍ୟ ପରିଚାଳନା(ପଞ୍ଜୀକରଣ, ନିର୍ମାଣ (ବର୍ଜ୍ୟ) ଅନୁମତି, ଫେରାଦ ଏବଂ ଅଭିଯୋଗ ପରିଚାଳନା,ବର୍ଜ୍ୟ ପରିଚାଳନା ସୁବିଧା ଏବଂ ବିଲ୍ କରିବା ଏବଂ ଆଦାୟ (ii)ମେଡିକାଲ-ଜୈବ ବର୍ଜ୍ୟବସ୍ତୁର ପରିଚାଳନା - ପଞ୍ଜୀକରଣ) ହସପିଟାଲ, ମେଡିକାଲ ଅନୁଷ୍ଠାନ, କ୍ଲିନିକ୍ ଏବଂ ନିଦାନ-ପରୀକ୍ଷାଗାର; ମେଡିକାଲ-ଜୈବ (ବର୍ଜ୍ୟ) ଅନୁମତି; ଫେରାଦ ଏବଂ ଅଭିଯୋଗ ପରିଚାଳନା; ଗମନାଗମନ ପରିଚାଳନା;ବିଏମଡବ୍ଲୁ ସୁବିଧା ଏବଂ ବିଲ୍ କରିବା ଓ ଆଦାୟ (iii)ପଶୁ ବର୍ଜ୍ୟ ପରିଚାଳନା(ସେବା ପାଇଁ ଅନୁରୋଧ,ଦାବି ହୋଇନଥିବା ରିପୋର୍ଟ, ଦାହସ୍ଥଳ ପରିଚାଳନା) ଏବଂ (iv) ପରିଚାଳନା ଯନ୍ତ୍ରପାତି(ସ୍ୱଚ୍ଛତା ପୋର୍ଟାଲ,ୱେବ୍ ଜିଆଇଏସ,ଜିପିଏସ ଟ୍ରାକିଂ ଏବଂ ମୋବାଇଲ ଆପ୍ଲିକେସନ)

ନିଷ୍ପତ୍ତି ନେଲେ । ଏହାଦ୍ୱାରା ଏସଡବ୍ଲୁଏମ ମନିଟରିଂ ସଫ୍ଟୱେର ନିମନ୍ତେ ₹13.89 ଲକ୍ଷ ର ବ୍ୟୟବହୁଳ ଖର୍ଚ୍ଚ ହୋଇଥିଲା ।

ସରକାର କହିଲେ (ମଇ 2022) ଯେ, ଭୁବନେଶ୍ୱର ସ୍ମାର୍ଟ ସିଟି ଗଠିତ ହେଲା ପରେ , ବହୁତ ପ୍ରଜୁକ୍ତିବିଦ୍ୟା ଭିତ୍ତିକ ହସ୍ତକ୍ଷେପ ସ୍ମାର୍ଟ ସିଟୀ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ର ପରିସର ମଧ୍ୟରେ ଆସୁଥିଲେ । ଯେହେତୁ ଚୟନ ହୋଇଥିବା ସଂସ୍ଥା ଗୁଡିକ ଚୁକ୍ତିରେ ଦର୍ଶାଯାଇଥିବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିଥିଲେ, ବିଏମସି ପ୍ରାପ୍ୟ ଦେବାଲାଗି ଦାୟୀ । ତଥ୍ୟ ଏହା ଯେ, ନଭେମ୍ବର 2015 ରେ ବିଏମସି ସାନିଟେସନର ଡେପୁଟୀ କମିଶନର ଏହି ପ୍ରକଳ୍ପର ଆରପିଏଫ୍ ର ବାତିଲ ପାଇଁ ପ୍ରସ୍ତାବ ଦେଇଥିଲେ ଯେହେତୁ ଏହା ସ୍ମାର୍ଟ ସିଟି କାର୍ଯ୍ୟକ୍ରମର ଏସଡବ୍ଲୁଏମ ସହିତ ଐକ୍ୟ ନଥିଲା । ପରନ୍ତୁ, ଡେପୁଟୀ କମିଶନରଙ୍କ ପ୍ରସ୍ତାବ ସତ୍ତ୍ୱେ, ବିଏମସି କମିଶନର ଏକ ଚୁକ୍ତିନାମା କରିଥିଲା ଯାହା ଫଳରେ ଅପଚୟ ଖର୍ଚ୍ଚ ହେଲା ।

## 8.1.5 ବର୍ଜବସ୍ତୁ ପରିଚାଳନା ରିପୋର୍ଟର ତଦାରଖ

ନିମ୍ନ ସାରଣୀ ରେ ଅଡିଟ୍ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ଅଧିନରେ ରିପୋର୍ଟ କରିବା ଉପରେ ଯନ୍ତ୍ରର ନୀରିକ୍ଷଣ ନିୟନ୍ତ୍ରଣ ରେ ବିଫଳତାକୁ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ- 8.3: ବର୍ଜ୍ୟ ପରିଚାଳନାର ବାର୍ଷିକ ରିପୋର୍ଟ ଦାଖଲ ନ କରିବା**

| ମାନଦଣ୍ଡ | ଅଡିଟ୍ ପର୍ଯ୍ୟବେକ୍ଷଣ | ପ୍ରତିକ୍ରିୟା |
|---|---|---|
| ଏସଡବ୍ଲୁଏମ ନିୟମ 2016 ର ଧାରା 24(2) ରେ ଦର୍ଶାଯାଇଛି ଯେ ୟୁଏଲବି ଗୁଡିକ ଫର୍ମ-IV ରେ ବାର୍ଷିକ ରିପୋର୍ଟ (ଏଆର) କୁ ଏସପିସିବି କିମ୍ବା ପ୍ରଦୂଷଣ କମିଟି ଏବଂ ବିଭାଗର ସଚିବଙ୍କୁ ପ୍ରତିବର୍ଷ 30 ଜୁନ୍ ମଧ୍ୟରେ ଦାଖଲ କରିବେ ।<br>ପ୍ରତିବଦଳରେ, ଏସପିସିବି ପ୍ରତିବର୍ଷ 31 ଜୁଲାଇ ସୁଦ୍ଧା ଏସଡବ୍ଲୁଏମ୍ ନିୟମର କାର୍ଯ୍ୟକାରୀତା ସମ୍ବନ୍ଧରେ ଏହାର ବାର୍ଷିକ ରିପୋର୍ଟ କୁ ପ୍ରଦତ୍ତ କରି ସିପିସିବି ରେ ଦାଖଲ କରିବ । | ଅଡିଟ୍ ନିରୀକ୍ଷଣ କଲା ଯେ 111 ୟୁଏଲବି ମଧ୍ୟରୁ କେବଳ ତିନୋଟି ୟୁଏଲବି 2016-17 ମଧ୍ୟରେ ବାର୍ଷିକ ରିପୋର୍ଟ ଦାଖଲ କରିଛି ଏବଂ 19 ଟି ୟୁଏଲବି (114 ମଧ୍ୟରୁ ) 2017-18 ମଧ୍ୟରେ ଏସପିସିବି କୁ ବାର୍ଷିକ ରିପୋର୍ଟ ଦାଖଲ କରିଛନ୍ତି । ଏହା ସୂଚିତ କରେ ଯେ ଏସପିସିବି ୟୁଏଲବି ଦ୍ୱାରା କରାଯାଇଥିବା ଏସଡବ୍ଲୁଏମ କର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିନାହିଁ । | କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର ୟୁଏଲବି ରେ କହିଛନ୍ତି (ମାର୍ଚ୍ଚ 2021) ଯେ କର୍ମଚାରୀଙ୍କ ଅଭାବ ହେତୁ ସମସ୍ତ ରେକର୍ଡ ରକ୍ଷଣାବେକ୍ଷଣ ହୋଇପାରିଲା ନାହିଁ ଏବଂ ବାର୍ଷିକ ରିପୋର୍ଟ ଦାଖଲ ହୋଇପାରିଲା ନାହିଁ । ରାୟଗଡା,ଭଦ୍ରକ, ସମ୍ବଲପୁର, ପୁରୀ ଏବଂ କଟକ ୟୁଏଲବି ର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରିଛନ୍ତି । |
| ବିଏମଡବ୍ଲୁ ନିୟମ 2016 ର ଧାରା 13(1) ଏବଂ (4) ଅନୁଯାୟୀ, ପ୍ରତ୍ୟେକ ଏଚସିଇ କିମ୍ବା ସିବିଏମଡବ୍ଲୁଟିଏଫ୍ ର ଅପରେଟର ପ୍ରତ୍ୟେକ ବର୍ଷର 30 ଜୁନ୍ କିମ୍ବା ପୂର୍ବରୁ ଫର୍ମ IV ରେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କୁ ବାର୍ଷିକ ରିପୋର୍ଟ ଦାଖଲ କରିବା ଉଚିତ୍ । ବାର୍ଷିକ ରିପୋର୍ଟ ଗୁଡିକ ମଧ୍ୟ ଅନଲାଇନ୍ ରେ ଏଚସିଇ, ଏସପିସିବି ଏବଂ ସିପିସିବି ୱେବସାଇଟ୍ ରେ ଉପଲବ୍ଧ ହେବ । | ବିଏମଡ୍ବୁ ର ବାର୍ଷିକ ବିବରଣୀ ବର୍ଷ 2015-20 ର ସମୀକ୍ଷା ସମୟରେ, ଦେଖାଗଲା ଯେ ଏଚସିଇ ମାନେ କିମ୍ବା ସିବିଏମଡବ୍ଲୁଟିଏଫ୍ ର ପରିଚାଳକ ଦ୍ୱାରା ବାର୍ଷିକ ବିବରଣୀ ର ଦାଖଲ ନହେବା 0.61 ରୁ 3.27 ପ୍ରତିଶତ ମଧ୍ୟରେ ଥିଲା । ଏସପିସିବି, ତଥାପି, ବାର୍ଷିକ ବିବରଣୀ ଦାଖଲ ନକରିବା ଏବଂ 2020-21 ମଧ୍ୟରେ ବିଏମଡ୍ବୁ ନିୟମକୁ ପାଳନ ନକରିବା ପାଇଁ 125 (3,509 ମଧ୍ୟରୁ) ଏଚସିଇ ଗୁଡିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି । | |
| ଇଡବ୍ଲୁଏମ ନିୟମ, 2016 ର ଧାରା 9(4) ଅନୁଯାୟୀ, ବୈଦ୍ୟୁତିକ ଏବଂ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିବା ଗ୍ରାହକ ସଂପୃକ୍ତ ଏସପିସିବି କୁ ଫର୍ମ-3 ରେ ବାର୍ଷିକ ରିଟର୍ଣ୍ଣ ଯେଉଁ ଆର୍ଥିକ ବର୍ଷକୁ ସମ୍ବନ୍ଧିତ ଥିବ ତାର ପରବର୍ତ୍ତୀ ଆର୍ଥିକ ବର୍ଷ ର ଜୁନ୍ 30 ତାରିଖ ପୁର୍ବରୁ ଦାଖଲ କରିବେ । | ଅଡିଟ୍ ନିରୀକ୍ଷଣ କଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମଧ୍ୟରୁ କୌଣସି ୟୁଏଲବି 2016-17 ରୁ 2019-20 ପର୍ଯ୍ୟନ୍ତ ଏସପିସିବି କୁ ବାର୍ଷିକ ରିଟର୍ଣ୍ଣ ଦାଖଲ କରିନାହାନ୍ତି । ଏହିପରି, ୟୁଏଲବି ଗୁଡିକ ଆବଶ୍ୟକୀୟ ଯାନ୍ତ୍ରିକ ପ୍ରଣାଳୀ ରଖିବା ପାଇଁ ପଦକ୍ଷେପ ଗ୍ରହଣ କଲେ ନାହିଁ ଯାହା ଦ୍ୱାରା ଇ ବର୍ଜ୍ୟବସ୍ତୁର ଅଭାବ/ଅନୁପଯୁକ୍ତ ପରିଚାଳନା ହେଲା । | ରାୟଗଡା,ଜୟପୁର,କଟକ,ଭଦ୍ରକ,ସମ୍ବଲପୁର,ଛତ୍ରପୁର ୟୁଏଲବି ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀମାନେ କହିଛନ୍ତି (ମାର୍ଚ୍ଚ 2021)ଯେ, ବର୍ତ୍ତମାନଠାରୁ ଇଡବ୍ଲୁଏମ ନିୟମ, 2016 ର ମନିଟରିଂ ଲାଗୁ ହେବ । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

## 8.1.6 ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଭାବ ନିର୍ଦ୍ଧାରଣ

ଏସଡବ୍ଲୁଏମ ମାନୁଆଲ୍ 2000 ର ଧାରା 22 ଧାର୍ଯ୍ୟ କରେ ଯେ କଠିନ ବର୍ଜ୍ୟବସ୍ତୁକୁ ଭୁଲ୍ ପରିଚାଳନା କରିବା ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ସମ୍ଭାବ୍ୟ ବିପଦ ସୃଷ୍ଟି କାରକ । ଏହାର ଅଧିକ ଗମ୍ଭୀର ପ୍ରଭାବ ହେଉଛି ପ୍ରଦୂଷଣ ଜଳ,ଭୂତଳ ଜଳ ଏବଂ ବାୟୁକୁ ସ୍ଥାନାନ୍ତର । ବାୟୁ ପ୍ରଦୂଷଣ ବର୍ଜ୍ୟବସ୍ତୁ ଖୋଲା ଆକାଶରେ, କିମ୍ବା ପ୍ଲାଣ୍ଟ ଯେଉଁଠି ଗ୍ୟାସ୍ ପ୍ରବାହରୁ ପ୍ରଭାବଶାଳୀ ଉପଚାର ସୁବିଧା ଅଭାବ ଥାଏ ସେଗୁଡିକରେ ଜଳିବା ଦ୍ୱାରା ହୋଇଥାଏ ।

ଅଡିଟରୁ ଜଣାପଡିଲା ଯେ ମାର୍ଚ୍ଚ 2021 ସୁଦ୍ଧା ୟୁଏଲବି ଦ୍ୱାରା କୋଣସି ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରଭାବ ଆକଳନ କରାଯାଇ ନାହିଁ କାରଣ ସମସ୍ତ ୟୁଏଲବି ଗୁଡିକ ଲ୍ୟାଣ୍ଡଫିଲ୍ ସ୍ଥାନରେ ବର୍ଜ୍ୟବସ୍ତୁ ପୋଡୁଥିଲେ ଏବଂ ଲ୍ୟାଣ୍ଡଫିଲ୍ ଅଞ୍ଚଳ ନିକଟରେ ରହୁଥିବା ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇଥିଲା । ଯାହା ପୂର୍ବ ପାରାଗ୍ରାଫ୍ ରେ ଆଲୋଚନା କରାଯାଇଛି ।

ସରକାର କହିଲେ (ମଇ 2022) ଯେ, ଉପଲବ୍ଧ ଥିବା ଡମ୍ପିଂୟାର୍ଡ ଗୁଡିକର ଜୈବ-ଉପଚାର ଲାଗି ପଦକ୍ଷେପ ନିଆଯାଇଅଛି । ତଥ୍ୟ ଏହା ଯେ, ୟୁଏଲବି ଗୁଡିକ କଠିନ ବର୍ଜ୍ୟର ସୁଚାରୁ ପରିଚାଳନା କରିବାରେ ବିଫଳ ହୋଇଥିଲେ ଏବଂ ପରିବେଶ ଏବଂ ସ୍ୱାସ୍ଥ୍ୟ ର ପ୍ରଭାବ ବିଷୟରେ ନିର୍ଦ୍ଧାରଣ କରିନଥିଲେ ।

## 8.1.7 ଏସଡବ୍ଲୁଏମ୍ ପାଇଁ ମାନବ ସମ୍ବଳ/ କର୍ମଚାରୀ ପ୍ରତିବନ୍ଧକ

ଏସଡବ୍ଲୁଏମ ମାନୁଆଲ୍ 2016 ର ବିଭାଗ 1.4.5.4 ରେ ଉଲ୍ଲେଖ କରାଯାଇଛି ଯେ ୟୁଏଲବି ର ଏକ ଏସଡବ୍ଲୁଏମ ସେଲ୍ କିମ୍ବା ଏସଡବ୍ଲୁଏମ ପାଇଁ ଏସଡବ୍ଲୁଏମ ବିଭାଗର ବୈଷୟିକ ଏବଂ ପରିଚାଳନାଗତ ଦକ୍ଷତା ସହିତ ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ,ସାନିଟାରୀ ଅଫିସର ,ଜୁନିଅର ଇଂଜିନିୟର, ସାନିଟାରୀ ସବ୍ ଇନ୍ସପେକ୍ଟର, ଏସଡବ୍ଲୁଏମ ଏବଂ ପରିମଳ କାର୍ଯ୍ୟକଳାପ ପାଇଁ ପରିବେଶ ଇଂଜିନିୟର ରହିବା ଆବଶ୍ୟକ ।

ଅଡିଟ୍ ଦେଖିଲା ଯେ ଏସଡବ୍ଲୁଏମ ନିୟମ 2016 ର ବିଜ୍ଞପ୍ତି ପ୍ରକାଶ ପାଇବାର ଚାରି ବର୍ଷରୁ ଅଧିକ ସମୟ ଅତିକ୍ରମ ପରେ ଏକ ଏସଡବ୍ଲୁଏମ ସେଲ(ଅକ୍ଟୋବର 2020) ସୃଷ୍ଟି ହୋଇଥିଲା । ତଥାପି, ସମସ୍ତ କ୍ୟାଡରମାନଙ୍କରେ ମାନବସମ୍ବଳର ଅଭାବ ଦେଖାଦେଇଥିଲା ଯଥା, ପରିବେଶ ଇଂଜିନିୟର (25 ପ୍ରତିଶତ ) , ସ୍ୱାସ୍ଥ୍ୟ ନିରୀକ୍ଷକ (20 ପ୍ରତିଶତ) ଏବଂ ଝାଡୁଦାର (ଆଠଟି ୟୁଏଲବି ରେ 29.52 ପ୍ରତିଶତ) ।

ରାୟଗଡା,ସମ୍ବଲପୁର,ଛତ୍ରପୁର,ଭଦ୍ରକ ୟୁଏଲବି ର କାର୍ଯ୍ୟକାରୀ ଅଧିକାରୀ କହିଲେ (ମାର୍ଚ୍ଚ 2021) ଯେ ପରିମଳ ସେଲରେ ଆବଶ୍ୟକୀୟ କର୍ମଚାରୀ ପାଇବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ । କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର କହିଲେ(ମାର୍ଚ୍ଚ 2021) ଯେ, ପଦବୀ ପୂରଣ ପାଇଁ କର୍ମଚାରୀଙ୍କ ଅଭାବ ସରକାରଙ୍କୁ ଅବଗତ କରାହେବ । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏସଡବ୍ଲୁଏମ ଏବଂ ପରିମଳ କାର୍ଯ୍ୟକଳାପ ପାଇଁ କର୍ମଚାରୀଙ୍କ ସ୍ଥିତି ***(ପରିଶିଷ୍ଟ XII)*** ରେ ଦିଆଯାଇଛି ।

# ଅଧ୍ୟାୟ – IX

# ଉପସଂହାର

# ଏବଂ

# ସୁପାରିଶ

# ଅଧ୍ୟାୟ – IX

## ଉପସଂହାର ଏବଂ ସୁପାରିଶ

### 9.1 ଉପସଂହାର

ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନାର କାର୍ଯ୍ୟଦକ୍ଷତା ଉପରେ ଅଡିଟ୍ ପ୍ରକାଶ କରିଛି ଯେ (ଏସଡବ୍ଲୁଏମ୍) ପାଇଁ ଆବଶ୍ୟକ ପୁଞ୍ଜି ବିନିଯୋଗ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ରଣନୀତି ପ୍ରସ୍ତୁତ କରିନଥିଲେ । ପରୀକ୍ଷାଯାଞ୍ଚ ହୋଇଥିବା (ୟୁଏଲବି) ଗୁଡିକ 2017-18 ରୁ ଉପଭୋକ୍ତା ଦେୟ ସଂଗ୍ରହ କରିନଥିଲେ ଯାହାଦ୍ୱାରା ₹160.71 କୋଟି ଉପଭୋକ୍ତା ଦେୟର ସ୍ୱଳ୍ପ ଆଦାୟ ହେଲା । ସେବା ସ୍ତରର ମାନଦଣ୍ଡ ହାସଲ ନ କରିବା ହେତୁ, (ୟୁଏଲବି) ଗୁଡିକ ₹333.58 କୋଟି ର କେନ୍ଦ୍ରୀୟ ସହାୟତା ହରାଇଥିଲେ । ଏହା ବ୍ୟତୀତ, ବିଏସ୍‌ସିଏଲ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପାଇଁ ବିଏମସି ରେ ₹25 କୋଟି ଜମା କରିଥିଲେ ମଧ୍ୟ ଏହା ବିଏମସିର ନିୟମିତ ଖର୍ଚ୍ଚ ପାଇଁ ଅନ୍ୟତ୍ର ବ୍ୟବହାର ହୋଇଥିଲା ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ 2015-20 ଅବଧି ମଧ୍ୟରେ ବର୍ଜ୍ୟବସ୍ତୁ ଉତ୍ପାଦନ ଉପରେ କୈଣସି ସର୍ଭେ କରିନଥିଲେ କିନ୍ତୁ ମୁଣ୍ଡପିଛା ଆକଳନ ଗ୍ରହଣ କରିଥିଲେ ଯେଉଁଥିରେ ନିମ୍ନ ସ୍ତରର ବିଶ୍ୱସନୀୟତା ରହିଥିଲା । ସମାଜର ବିଭିନ୍ନ ବିଭାଗ ଦ୍ୱାରା ଉତ୍ପାଦିତ ବର୍ଜ୍ୟବସ୍ତୁ ର ପରିମାଣ ଏବଂ ପ୍ରକାର ଜାଣିବା ପାଇଁ ସର୍ଭେ ନ କରିବା ସଠିକ୍ ଯୋଜନା ଏବଂ ରଣନୀତି ଚୟନ ଏବ ଏସଡିଏମ୍ ର କାର୍ଯ୍ୟକାରିତାକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି । ଯେହେତୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁଏଲବି ଗୁଡିଜ ସ୍ୱଳ୍ପ ମିଆଦି କିମ୍ବା ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ , ୟୁଏଲବି ଗୁଡିକରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଏବଂ ଚୟନ, ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ଅପେକ୍ଷା ପାଣ୍ଠିର ଉପଲବ୍ଧତା ଦେଖି ପରିଚାଳିତ କରାଯାଇଥିଲା । ରାଜ୍ୟ ସରକାରଙ୍କ ବର୍ଜ୍ୟବସ୍ତୁ କମାଇବା କୌଶଳର ଅନୁପସ୍ଥିତିରେ, ୟୁଏଲବି ଗୁଡିକ 2015-20 ମଧ୍ୟରେ ବର୍ଜ୍ୟବସ୍ତୁ କମାଇବା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇନଥିଲେ ।

**ବିଭିନ୍ନ ସ୍ତରରେ ବର୍ଜ୍ୟବସ୍ତୁ ଗୁଡିକର ପୃଥକତା ଯାଞ୍ଚ ହୋଇଥିବା ସମସ୍ତ ୟୁଏଲ୍‌ବିରେ ଅନୁପସ୍ଥିତ କିମ୍ବା ଆଂଶିକ ଥିଲା । ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁ ବିଷୟରେ ବିଜ୍ଞପ୍ତି ପ୍ରକାଶ ନ କରିବା ଏବଂ ମିଶ୍ରିତ ବର୍ଜ୍ୟବସ୍ତୁକୁ ଲ୍ୟାଣ୍ଡଫିଲରେ ଜମା କରିବା ଦ୍ୱାରା ବିଷାକ୍ତ ବର୍ଜ୍ୟବସ୍ତୁର ଅବଶିଷ୍ଟାଂଶ ସଂଭବତଃ ଭୂତଳଭାଗରେ ପ୍ରବେଶ କରିପାରେ ଏବଂ ବାୟୁ ଓ ମୃତ୍ତିକା ପ୍ରଦୂଷଣ ବ୍ୟତୀତ ଭୂତଳ ଜଳ ଦୁଷିତ କରିପାରେ । ଅଡିଟ୍ ଏବଂ ୟୁଏଲବି ଅଧିକାରୀଙ୍କ ମିଳିତ ସର୍ଭେ ସମୟରେ ଲ୍ୟାଣ୍ଡଫିଲ୍ ନିକଟରେ ରହୁଥିବା ବାସିନ୍ଦା ଜଣାଇଥିଲେ ଯେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇଛି ।**

**ଖୋଲା ଯାନଗୁଡିକ ବର୍ଜ୍ୟବସ୍ତୁକୁ ପରିବହନରେ ବ୍ୟବହାର ହେବା ସମୟରେ ସେଗୁଡିକୁ ରାସ୍ତାରେ ପକାଉଥିଲେ ଯଦ୍ୱାରା ଦୁର୍ଗନ୍ଧ ହେଉଥିଲା । ବର୍ଜ୍ୟବସ୍ତୁ ପରିବହନ କରୁଥିବା ଯାନଗୁଡିକରେ ଜିପିଏସ ଏବଂ ଟ୍ରାକିଙ୍ଗ୍ ସିଷ୍ଟମର ଅନୁପସ୍ଥିତି ଯୋଗୁଁ ନଦୀକୁଳରେ ବର୍ଜ୍ୟବସ୍ତୁକୁ ଅନଧିକୃତ ଭାବରେ ପକାଯାଉଥିଲା ।**

**ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ 2015-16 ରୁ 2019-20 ମଧ୍ୟରେ 7905.72 ଟିପିଡି କଠିନ ବର୍ଜ୍ୟବସ୍ତୁ ସୃଷ୍ଟି କରିଥିଲେ ଯେଉଁଥିରୁ 7148.38 ଟିପିଡି (90 ପ୍ରତିଶତ) ସଂଗ୍ରହ କରାଯାଇଥିଲା । ଉପରୋକ୍ତ ସଂଗୃହିତ କଠିନ ବର୍ଜ୍ୟବସ୍ତୁ ମଧ୍ୟରୁ 324.03 ଟିପିଡି (4.53 ପ୍ରତିଶତ) ପ୍ରକ୍ରିୟାକରଣ କରାଯାଇଥିଲା । ଅଡିଟ୍ ଦେଖିଲା ଯେ ବଜେଟର ଏକ ବଡ ଅଂଶ କେବଳ ଅଳିଆ ସଂଗ୍ରହ ,ପରିବହନ ଏବଂ ନିଷ୍କାସନ ପାଇଁ ଖର୍ଚ୍ଚ ହୋଇଥିଲା । ତଥାପି, ସହର ଏବଂ ସିଟି ଗୁଡିକର ପରିସ୍ଥିତି ସନ୍ତୋଷଜନକ ନୁହେଁ ଯେହେତୁ କଠିନ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପାଇଁ 2015-20 ମଧ୍ୟରେ ଉପଯୁକ୍ତ ଧ୍ୟାନ ଦିଆଯାଇନଥିଲା । 2015-20 ମଧ୍ୟରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ନହେବା କାରଣରୁ ଏପରି ଘଟିଥିଲା ।**

ୟୁଏଲବି ଗୁଡିକ ଏସପିସିବିର ବୈଧ ଅନୁମତି ଏବଂ ଆବଶ୍ୟକୀୟ ପରିବେଶ ମଞ୍ଜୁରୀ ବିନା ନିଷ୍କାସନ ବ୍ୟବସ୍ଥା ପରିଚାଳନା କରୁଥିଲେ । ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକର ଚାରିପାଖରେ ଆବଶ୍ୟକ ବଫର୍ ଜୋନ୍ ରକ୍ଷଣାବେକ୍ଷଣ କରାଯାଇନଥିଲା । ଯେଉଁ କାର୍ଯ୍ୟକଳାପ ଗୁଡିକ ଏମଏସଡବ୍ଲୁ/ଏସଡବ୍ଲୁଏମ ନିୟମର ନିୟମାବଳୀ ସହିତ ମେଳ ଖାଉ ନାହିଁ, ତାହା ଲ୍ୟାଣ୍ଡଫିଲ୍ ଅଞ୍ଚଳ ଗୁଡିକରେ ନିଆଯାଇଥିଲା । ଯାଞ୍ଚ ହୋଇଥିବା ଅନେକ ଲ୍ୟାଣ୍ଡଫିଲ୍ ରେ ମୌଳିକ ଭିତ୍ତିଭୂମି ଯଥା ବର୍ଜ୍ୟବସ୍ତୁ ଯାଞ୍ଚ ସୁବିଧା, ଓଜନ ବ୍ରିଜ୍ , ଅଗ୍ନି ନିର୍ବାପକ ଉପକରଣ, ଶୌଚାଳୟ ଇତ୍ୟାଦିର ଅଭାବ ଥିଲା । ଲ୍ୟାଣ୍ଡଫିଲ୍ ରେ ମିଶ୍ରିତ ବର୍ଜ୍ୟବସ୍ତୁ ଅବୈଜ୍ଞାନିକ ଭାବରେ ଠୁଳ କରିବା ଏବଂ ଜଳିବା ଦ୍ୱାରା ପରିବେଶ ପ୍ରଦୂଷଣ ହେବାର ପ୍ରମାଣ ଥିଲା ।

ବର୍ଜ୍ୟବସ୍ତୁର ସଠିକ ପୃଥକତା ଅଭାବରୁ କଠିନ ବର୍ଜ୍ୟବସ୍ତୁ ଗୁଡିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ , ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ , ଇ-ଆବର୍ଜନା ଏବଂ କଂସାଇଖାନାର ବର୍ଜ୍ୟବସ୍ତୁ ସହିତ ମିଶ୍ରଣ ହୋଇ ପକାଯାଉଥିଲା । ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ଯଦିଓ ସଡକ ଏବଂ ସିମେଣ୍ଟ ଭାଟିରେ ବ୍ୟବହାର ପାଇଁ ସମ୍ଭବ, ଏହା ବ୍ୟବହୃତ ହୋଇନଥିଲା, ଏହା ୟୁଏଲବି ଦ୍ୱାରା ପଦକ୍ଷେପର ଅଭାବକୁ ଦର୍ଶାଉଛି । ଏତଦ୍ ବ୍ୟତିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ର ଭୁଲ ପରିଚାଳନା ଫଳରେ ଏହାକୁ ଖାଇବା ଯୋଗୁଁ ଏପରିକି ଗୋରୁଗାଈମାନଙ୍କର ମୃତ୍ୟୁ ଘଟିଥିଲା ।

ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ଇ-ଆବର୍ଜନାକୁ ସଂଗ୍ରହ କରିନଥିଲେ ଏବଂ ପ୍ରାଧିକୃତ ବିସର୍ଜନକାରୀ/ ପୁନଃ ବ୍ୟବହାରକାରୀଙ୍କ ନିକଟରେ ପହଞ୍ଚାଇ ନଥିଲେ ଏବଂ ଇ-ଆବର୍ଜନା କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରିତ ହୋଇଥିବାର ଦେଖିବାକୁ ମିଳିଥିଲା । ସ୍ୱାସ୍ଥ୍ୟ ଚିକିତ୍ସା ସଂସ୍ଥାଗୁଡିକ ବିନା ଅନୁମତିରେ କାର୍ଯ୍ୟ କରୁଥିଲେ ଏବଂ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁକୁ ଅନଧିକୃତ ନିଷ୍କାସନ ର ସାହାରା ନେଇଥିଲେ । ଗୋଟିଏ ପଟେ ନିର୍ମିତ ଏକ କଂସେଇଖାନା ଗୃହକୁ ବ୍ୟବହାର କରାଯାଉନଥିବା ବେଳେ ଅନ୍ୟ ପଟେ ଏହାର ବ୍ୟବହାର ତଥା ରକ୍ଷଣାବେକ୍ଷଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟାରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଫଳତା ପାଇଁ କଂସେଇଖାନା ପରିସର ଅପରିଷ୍କାର ହୋଇଥିଲା ଏବଂ ପଶୁମାନଙ୍କୁ ବେଆଇନ ଭାବେ ବଧ କରାଯାଉଥିଲା ।

ସ୍ମାର୍ଟ ସିଟି ମିଶନ ଅଧିନରେ ଗଠିତ ଏସପିଭି, ମିଶନର ମୂଳ ଉପାଦାନ ଭାବରେ ଏସଡବ୍ଲୁଏମ ର କାର୍ଯ୍ୟକାରିତାକୁ ବିବେଚନା କରିନଥିଲେ । ଫଳସ୍ୱରୁପ ଏକ ଆବର୍ଜନା ମୁକ୍ତ ସ୍ମାର୍ଟ ସିଟି ଲକ୍ଷ୍ୟ ହାସଲ କରିବାରେ ଏହି ଏସପିଭି ଗୁଡିକର ଉତ୍ତରଦାୟିତ୍ୱ ର ଅଭାବ ପରିଲକ୍ଷିତ ହୋଇଥିଲା ।

ଯଦିଓ ରାଜ୍ୟ ସ୍ତରରେ ଆବଶ୍ୟକୀୟ କମିଟି ଗଠନ କରାଯାଇଥିଲା, ତଥାପି ଏସଡବ୍ଲୁଏମ ଯୋଜନାଗୁଡିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା କୌଣସି ଜିଲ୍ଲାରେ , ଜିଲ୍ଲା ଏବଂ ୟୁଏଲବି ସ୍ତରୀୟ କମିଟି ଗଠନ କରାଯାଇନଥିଲା ଫଳରେ ଏସଡବ୍ଲୁଏମ ନୀତି ପ୍ରଣୟନକୁ ସହାୟତା କରିବାରେ ଅଭାବ ପରିଲକ୍ଷିତ ହୋଇଥିଲା । ସମସ୍ତ କ୍ୟାଡର ର ପଦବୀରେ ମାନବସମ୍ବଳର ଅଭାବ ରହିଥିଲା ବିଶେଷ କରି ପରିବେଶ ଇଞ୍ଜିନିୟର୍ସ (25 ପ୍ରତିଶତ); ସ୍ୱାସ୍ଥ୍ୟ ନିରିକ୍ଷକ (20 ପ୍ରତିଶତ) ଏବଂ ଝାଡୁଦାର (29 ପ୍ରତିଶତ) ଯେଉଁମାନେ ବର୍ଜ୍ୟବସ୍ତୁ ପରିଚାଳନାରେ ସିଧାସଳଖ ଉତ୍ତରଦାୟୀ ଅଟନ୍ତି ।

ଅଡିଟ୍ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି, ଅଡିଟ୍ ମତ ଗୁଡିକୁ ଭବିଷ୍ୟତରେ ବିଚାରକୁ ନିଆଯିବ ବୋଲି ପ୍ରତିଶୃତି ଦେବା. କାର୍ଯ୍ୟାନୋୟନ ଅଧିକାରୀ ମାନଙ୍କର ଖାମଖିଆଲ ମନୋଭାବନାକୁ ଦର୍ଶାଉଥିଲା, ଯାହାକୁ ଅଡିଟ୍ ଗ୍ରହଣ କରିବାକୁ ବାଧ ହେଲା ।

ଉପରୋକ୍ତ ତୃଟିଗୁଡିକ ୟୁଏଲବି ମାନଙ୍କର ଏବଂ ଜିଲ୍ଲା/ରାଜ୍ୟ ସ୍ତରୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବୈଧାନିକ ଆବଶ୍ୟକତାକୁ ପାଳନ କରିବା ପାଇଁ ମୌଳିକ ତଦାରଖ ର ଅଭାବକୁ ସୂଚାଇଥାଏ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ବ୍ୟତୀତ ପରିବେଶ ପାଇଁ ଏକ ଗୁରୁତର ବିପଦ ଅଟେ ।

## 9.2 ସୁପାରିଶ ଗୁଡିକ

- ରାଜ୍ୟ ସରକାର ଏସଡବ୍ଲୁଏମ ଉପଭୋକ୍ତା ଦେୟ ସଂଗ୍ରହ ପାଇଁ ଏକ ଉପଯୁକ୍ତ କୌଶଳ ପ୍ରସ୍ତୁତ କରିପାରନ୍ତି ଏବଂ ସମ୍ବଳର ପାର୍ଥ୍ୟକ୍ୟକୁ ଦୁର କରିବା ପାଇଁ ବର୍ଜ୍ୟବସ୍ତୁରୁ ପୁନରାବର୍ତ୍ତନ ଯୋଗ୍ୟ ସାମଗ୍ରୀ ବଜାରକୁ ଆଣିବା ଏବଂ ଆତ୍ମନିର୍ଭରଶୀଳ ପାଇଁ ଉଦ୍ୟମ କରିପାରନ୍ତି ।
- ୟୁଏଲବି କୁ ଭିତ୍ତିଭୂମି ସୃଷ୍ଟି ପାଇଁ ସକ୍ଷମ କରିବା ପାଇଁ ଏସଡବ୍ଲୁଏମ ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ରଣନୀତି ଆରମ୍ଭ କରିବା ଉଚିତ୍ ।
- ବର୍ଜ୍ୟବସ୍ତୁ ହ୍ରାସ ଏବଂ ଏହାର ପରିଚାଳନା ପାଇଁ ରାଜ୍ୟ ସରକାର ଏକ ରାଜ୍ୟ ନୀତିର ଘୋଷଣାକୁ ତ୍ୱରାନ୍ୱିତ କରିପାରନ୍ତି ।
- ରାଜ୍ୟ ସରକାରଙ୍କୁ ଏହା ସୁନିଶ୍ଚିତ କରିବା ଦରକାର ଯେ ସମସ୍ତ ୟୁଏଲବି ଗୁଡିକ କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ବ୍ୟାପକ ଯୋଜନାର ଡିପିଆର ପ୍ରସ୍ତୁତ କରୁଛନ୍ତି ।
- ବର୍ଜ୍ୟବସ୍ତୁ ଉତ୍ପାଦନକୁ ଆକଳନ କରିବା ପାଇଁ ସର୍ଭେ କରାଯିବା ଆବଶ୍ୟକ ଯାହା ଦ୍ୱାରା ଉପଯୁକ୍ତ ନୀତିଗତ ପଦକ୍ଷେପ ନିଆଯାଇ ପାରିବ ।
- ବର୍ଜ୍ୟବସ୍ତୁ ପରିଚାଳନାରେ ଅର୍ନ୍ତଭୁକ୍ତ ହେବା ପାଇଁ ଗୋଷ୍ଠୀ ଯୋଗଦାନ ଏବଂ ଆଇସି ଗୁଡିକର କାର୍ଯ୍ୟଗୁଡିକୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହିତ କରିବା ଦରକାର ।
- ବର୍ଜ୍ୟବସ୍ତୁ ଗୁଡିକର ସହଜ ପୃଥକିକରଣ ଏବଂ ତା ପର ପ୍ରକ୍ରିୟାକରଣ ଲାଗି ରାଜ୍ୟସରକାର ଘରମାନଙ୍କୁ ଯଥେଷ୍ଟ ଡଷ୍ଟବିନ୍ ଯୋଗାଇଦେବା ଉଚିତ୍

- ବର୍ଜ୍ୟବସ୍ତୁ ର ପୁନଃବ୍ୟବହାର ଏବଂ ପୁନରାବର୍ତ୍ତନକୁ ସୁଗମ କରିବା ପାଇଁ ୟୁଏଲବିଗୁଡିକୁ ସଂରକ୍ଷଣ କେନ୍ଦ୍ରରେ ବର୍ଜ୍ୟବସ୍ତୁର ପୃଥକିକରଣ କୁ ନିଶ୍ଚିତ କରିବା ଦରକାର ।
- ବର୍ଜ୍ୟବସ୍ତୁର ଅନିୟମିତ ପରିବହନ ଏବଂ ଏହା ଯୋଗୁଁ ହୋଇଥିବା ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ପାଇଁ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ଦରକାର ।
- ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣକୁ ବଢାଇବା ପାଇଁ ଓ ପୁନରାବର୍ତ୍ତନ ଯୋଗ୍ୟ ନୂତନ ବଜାର ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର/ ୟୁଏଲବି ଗୁଡିକ ଅଣ-ସରକାରୀ ସଂଗଠନ/ସଂସ୍ଥ ସହାୟକ ଗୋଷ୍ଠି/ଷ୍ଟାର୍ଟ୍ ଅପ୍ /ବେସରକାରୀ ଉଦ୍ୟୋଗୀମାନଙ୍କ ସହ ହାତ ମିଳାଇବା ଉଚିତ୍ ।
- ସ୍ଥାୟୀ ବିକଶିତ ସହର ଏବଂ ବସତି ଗୁଡିକରେ ଲ୍ୟାଣ୍ଡଫିଲ୍ ଏବଂ ଆବର୍ଜନା ନିଷ୍କାସନ କୁ ନିଶ୍ଚିତ କରିବା ପାଇଁ ୟୁଏଲବି ମାନେ ଏମଏସଡବ୍ଲୁ ନିୟମର କଡାକଡି ଭାବେ ପାଳନକୁ ଲାଗୁ କରିବା ଉଚିତ୍ ।
- ରାଜ୍ୟ ସରକାର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ରାସ୍ତା ବିଛାଇବା, ସିମେଣ୍ଟ ଫ୍ରାକ୍ଟି ଇତ୍ୟାଦିରେ ବ୍ୟବହାର ରେ ଲାଗୁ କରିପାରନ୍ତି, କାରଣ ଏହା ଲ୍ୟାଣ୍ଡଫିଲରେ ପହଞ୍ଚୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଯଥେଷ୍ଟ ହ୍ରାସ କରିବାକୁ ସକ୍ଷମ ହେବ ।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ନିଶ୍ଚିତ କରିବା ଦରକାର ଯେ ପଡିବ ଯେ ସମସ୍ତ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ କଂସେଇଖାନା,ପୁନରାବର୍ତ୍ତନକାରୀ ଇତ୍ୟାଦି, ସେମାନଙ୍କ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ପ୍ରାଧିକରଣ ହାସଲ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ କରନ୍ତୁ ।
- ବିଏମଡବ୍ଲୁର ଉପଚାର ପାଇଁ ସମସ୍ତ ଏଚସିଇ ଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ସିବିଏମଡବ୍ଲୁଟିଏଫ୍ ଗଠନକୁ ତ୍ୱରାନ୍ୱିତ କରିପାରନ୍ତି ।
- କଠିନ ବର୍ଜ୍ୟବସ୍ତୁ/ତରଳ ବର୍ଜ୍ୟବସ୍ତୁ ର ନଦୀ/ଜଳାଶୟ ମଧରେ ପ୍ରବେଶ ଯାହା ଜଳପ୍ରଦୂଷଣ ଏବଂ ସ୍ୱାସ୍ଥ୍ୟହାନି ଘଟାଇଥାଏ ତାକୁ ରୋକିବା ଲାଗି ରାଜ୍ୟ ସରକାର ଟ୍ରିଟମେଣ୍ଟ ପ୍ଲାଣ୍ଟ ଗୁଡିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଦରକାର ।
- ସାମଗ୍ରିକ କ୍ଷେତ୍ର ବିକାଶ ଏବଂ ବର୍ଜ୍ୟବସ୍ତୁ ମୁକ୍ତ ସହର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏସପିଭି ମାଧମରେ ରାଜ୍ୟ ସରକାର ଏସଡବ୍ଲୁଏମ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ।
- ରାଜ୍ୟ ସରକାର ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସମ୍ବନ୍ଧିତ ନିୟମରେ ଧାର୍ଯ୍ୟ କରାଯାଇଥିବା ତଦାରଖ କମିଟି ଏବଂ ନିୟନ୍ତ୍ରଣ ପ୍ରଣାଳି କୁ ମଜବୁତ କରିବା ଉଚିତ୍ ଏବଂ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ପ୍ରଣାଳି ପାଳନ ନ କରିବା ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ଉଚିତ୍ ।

**ଭୁବନେଶ୍ୱର** | **(ବିଶ୍ୱନାଥ ସିଂହ ଜାଦୋନ୍)**
**ତାରିଖ : 02 SEP 2022** | **ମହାଲେଖାକାର (ଲେଖା ପରୀକ୍ଷା-II)**

**ପ୍ରତିହସ୍ତାକ୍ଷରିତ**

**ନୂଆ ଦିଲ୍ଲୀ** | **(ଗିରୀଶ ଚନ୍ଦ୍ର ମୁର୍ମୁ)**
**ତାରିଖ : 06 SEP 2022** | **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ-I
### (ଅନୁଚ୍ଛେଦ 1.3 ପୃଷ୍ଠା 4)

**ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ରାଜ୍ୟର ୟୁଏଲବି ଗୁଡିକର କାର୍ଯ୍ୟକଳାପ ଆଧାରରେ ସଂସ୍ଥାଗତ ଢାଞ୍ଚା**



# ପରିଶିଷ୍ଟ-II
## (ଅନୁଚ୍ଛେଦ 1.5 ପୃଷ୍ଠା 5)

### ବିଭିନ୍ନ ପ୍ରକାରର ବର୍ଜ୍ୟର ପରିଚାଳନା ନିମନ୍ତେ ନିୟନ୍ତ୍ରିତ ଢାଞ୍ଚା

**ମ୍ୟୁନିସିପାଲ କଠିନ ବର୍ଜ୍ୟ**

- ଏମ୍ଏସଡବ୍ଲୁ (ପରିଚାଳନା ଏବଂ ଚଳାଇବା) ନିୟମ, 2000
- ଏମ୍ଏସଡବ୍ଲୁ (ପରିଚାଳନା ଏବଂ ଚଳାଇବା) ନିୟମ ମାନୁଆଲ, 2000
- ଏମ୍ଏସଡବ୍ଲୁ (ପରିଚାଳନା ଏବଂ ଚଳାଇବା) ନିୟମ ମାନୁଆଲ,2016
- କଠିନ ବର୍ଜ୍ୟ ପରିଚାଳନା ନିୟମ, 2016

**ମେଡିକାଲ ଜୈବ-ବର୍ଜ୍ୟ**

- ମେଡିକାଲ ଜୈବ-ବର୍ଜ୍ୟ (ପରିଚାଳନା ଏବଂ ଚଳାଇବା) ନିୟମ, 1998
- ମେଡିକାଲ ଜୈବ-ବର୍ଜ୍ୟ (ପରିଚାଳନା ଏବଂ ଚଳାଇବା) ନିୟମ, 2016

**ପ୍ଲାଷ୍ଟିକ୍ ବର୍ଜ୍ୟ**

- ପ୍ଲାଷ୍ଟିକ୍ -ବର୍ଜ୍ୟ (ପରିଚାଳନା ଏବଂ ଚଳାଇବା ନିୟମ), 2011
- ପ୍ଲାଷ୍ଟିକ୍ -ବର୍ଜ୍ୟ (ପରିଚାଳନା ନିୟମ), 2016

**ଇ-ବର୍ଜ୍ୟ**

- ଇ-ବର୍ଜ୍ୟ (ପରିଚାଳନା ଏବଂ ଚଳାଇବା ନିୟମ), 2011
- ଇ-ବର୍ଜ୍ୟ ପରିଚାଳନା ନିୟମ, 2016

**ନିର୍ମାଣ ଏବଂ ନିର୍ମାଣ ଭଗ୍ନାବଶେଷ ବର୍ଜ୍ୟ**

- ନିର୍ମାଣ ଏବଂ ନିର୍ମାଣ ଭଗ୍ନାବଶେଷ ବର୍ଜ୍ୟ ପରିଚାଳନା ନିୟମ, 2016

# ପରିଶିଷ୍ଟ-III

## (ଅନୁଚ୍ଛେଦ 2.2 ପୃଷ୍ଠା 8)

## ପରୀକ୍ଷାଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ 2015-16 ରୁ 2019-20 ମଧ୍ୟରେ ବିନିଯୋଗ ହୋଇଥିବା ପାଣ୍ଠିର ବିସ୍ତୃତ ବିବରଣୀ

(₹ କୋଟିରେ)

| କ୍ରମିକ ସଂଖ୍ୟା | ୟୁଏଲବି ଗୁଡିକର ନାମ | ତ୍ରୟୋଦଶ ଅର୍ଥ କମିଶନ | | | | ଚତୁର୍ଦ୍ଦଶ ଅର୍ଥ କମିଶନ | | | | ଏସବିଏମ | | | |
|---|---|---|---|---|---|---|---|---|---|---|---|---|---|
| | | ପ୍ରାରମ୍ଭିକ ଅବଶେଷ | ପ୍ରାପ୍ତି | ଖର୍ଚ୍ଚ | ଅନ୍ତିମ ଅବଶେଷ | ପ୍ରାରମ୍ଭିକ ଅବଶେଷ | ପ୍ରାପ୍ତି | ଖର୍ଚ୍ଚ | ଅନ୍ତିମ ଅବଶେଷ | ପ୍ରାରମ୍ଭିକ ଅବଶେଷ | ପ୍ରାପ୍ତି | ଖର୍ଚ୍ଚ | ଅନ୍ତିମ ଅବଶେଷ |
